୫୧ ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୨୪ (୧୪ ପୃଷ୍ଠା) | Bhubaneswar, Thursday, December 26/2024 | Page 14 | ₹ 7.00
୫୧ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 33 | ମୂଲ୍ୟ ₹୭/-

# ବିମାନ ଦୁର୍ଘଟଣା: ୩୫ ମୃତ

ଆଜରବୈଜାନ ରାଜଧାନୀ ବାକୁରୁ ୬୭ ଯାତ୍ରୀଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିବା ଏକ ବିମାନ ବୁଧବାର କାସ୍ପିଆନ୍ ସାଗର ଉପକୂଳ କାଜାଖସ୍ତାନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଆହତ ହୋଇଛନ୍ତି। କେତେଜଣ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଉଡ଼ାଣ ବେଳେ ବିମାନକୁ ପକ୍ଷୀ ଧକ୍କାଦେବାରୁ ଏପରି ଘଟିଥିବା ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଉକ୍ତ ଏୟାରକ୍ରାଫ୍ଟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାର୍ଯ୍ୟ ନ କରିବା ଭଳି ନାଭିଗେଶନ୍ ସମସ୍ୟା ରହିଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ମଧ୍ୟ କୁହାଯାଉଛି।



ଦୁର୍ଘଟଣାଗ୍ରସ୍ତ ବିମାନ

**ମସ୍କୋ,୨୫।୧୨**

ଆଜରବୈଜାନରୁ ୬୭ ଜଣଙ୍କୁ ନେଇ ରୁଷିଆ ଯାଉଥିବା ଏକ ବିମାନ ବୁଧବାର କାଜାଖସ୍ତାନର ଅକାଟଉ ସହରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ଅନ୍ୟୂନ ୩୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଜଣ ବର୍ତ୍ତିଯାଇଛନ୍ତି। ଆହତମାନଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କାଜାଖସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଟେଲିଗ୍ରାମରେ ସୂଚନା ଦିଆଯାଇଛି।

ଆଜରବୈଜାନ ଏୟାରଲାଇନ୍ସ ପରିଚାଳିତ ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ବୁଧବାର ସକାଳେ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିଲା। ଗ୍ରୋଜ୍ନି ଆକାଶରେ ଘନ କୁହୁଡ଼ି ଆଚ୍ଛାଦିତ ☞ପୃଷ୍ଠା-୪

# ନବୀନଙ୍କୁ ଭାରତରତ୍ନ ଦିଅ କହିଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ

**ନୂଆଦିଲ୍ଲୀ/ ଭୁବନେଶ୍ୱର(ସୁନୀତ୍ ମିଶ୍ର),୨୫।୧୨**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭାରତରତ୍ନ ଦେବା ପାଇଁ ବୁଧବାର ବିହାରର ଏମ୍‌ପି ତଥା କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଦାବି କରିଛନ୍ତି। ଏହି ମନ୍ତବ୍ୟ ପରେ ଓଡ଼ିଶାରେ ବିଜେଡିକୁ ତଳିତଳାନ୍ତ କରି ଭାଜପାକୁ ଶକ୍ତିଶାଳୀ କରିବା ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୋସିଆଲ ମିଡିଆରେ ପୁଣିଥରେ ଚର୍ଚ୍ଚା ହେଉଛି। ବିଜେଡି ରାଜ୍ୟ ଶାସନରୁ ଗାଦିଚ୍ୟୁତ ହେବା ପଛରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ହୋଇଥିବା ନେଇ ଅନେକ ଚର୍ଚ୍ଚା ହୋଇଆସୁଥିବାବେଳେ ଗିରିରାଜଙ୍କ ମନ୍ତବ୍ୟ ଏହାକୁ ଅଧିକ ସରଗରମ କରିଛି।



ଗିରିରାଜ ସିଂ

ଭାଜପାରେ ବିଜେଡିକୁ ଲୀନ କରିଦେବା ପାଇଁ ଉଭୟ ଦଳର କେତେଜଣ ନେତା ଭିତିରିଆ ପ୍ରୟାସ କରୁଛନ୍ତି ବୋଲି ଅନେକେ ବିଗତ ଦିନର କେତେକ ଘଟଣାରେ ସୋସିଆଲ ମିଡିଆରେ ମତ ଦେଇଥିବାବେଳେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହିନ୍ଦୁଙ୍କ ସାଦା ଖାଦ୍ୟ

No. T-

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୩୦।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୫।୧୨।୨୦୨୪ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ** (https://janasunani.odisha.gov.in/) ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତିସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
OIPR-09014/11/0040/2425

# ବିଲରେ ଭାସୁଛି ପାଚିଲା ଧାନ

## ଫସଲ ହାନି ପାଇଁ କ୍ଷତିପୂରଣ ମିଳିବ: ସମବାୟ ମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ବିଲରେ ଭାସୁଛି ପାଚିଲା ଧାନ, ମଣ୍ଡିରେ ଭିଜୁଛି ଅମଳ ଧାନ। ଅଦିନିଆ ବର୍ଷା ଚାଷୀଙ୍କୁ ସମ୍ବାଭୂତ କରି ଦେଇଛି। ଧାନଗଣ୍ଡାକର ମୂଲ କେମିତି ମିଳିବ ସେ ନେଇ ସାରା ରାଜ୍ୟରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଗତ ୪ ଦିନ ଧରି ରାଜ୍ୟରେ ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ଝାଳବୁହା ଧନକୁ ଏକପ୍ରକାର ବରବାଦ କରିଦେଇଛି। ବର୍ଷା କମିବାର ନାଁ ଧରୁନି। ବିଲରୁ ଅମଳ ହୋଇ ପାରୁନି ପାଚିଲା ଧାନ। ପାଣିରେ ଭିଜି ନଷ୍ଟ ହେବା ସହ ଗଜା ହେବା ଆଶଙ୍କା ବହୁଗୁଣା ବଢ଼ିଗଲାଣି। ରଣକରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆହୁରି ୨୪ ଘଣ୍ଟା ବର୍ଷାର ପ୍ରକୋପ ରହିବ। ଦକ୍ଷିଣ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଉପକୂଳ ଦକ୍ଷିଣ ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଧୀରେ ଧୀରେ ଏହା ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବରେ ଗୁରୁବାର ଦକ୍ଷିଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ☞ପୃଷ୍ଠା-୪






## ସଂକ୍ଷେପରେ

### ଆଫଗାନିସ୍ତାନରେ ପାକିସ୍ତାନର ବୋମାମାଡ଼: ୪୬ ମୃତ

କାବୁଲ, ୨୫।୧୨

ଆଫଗାନିସ୍ତାନର ପୂର୍ବ ପକ୍ତିକା ରାଜ୍ୟର ବରମଲ ଜିଲାରେ ବୁଧବାର ପାକିସ୍ତାନୀ ସେନା ଦ୍ୱାରା ଏୟାରଷ୍ଟ୍ରାଇକ କରାଯାଇ ୪୬ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ୬ ଜଣ ଆହତ ହୋଇଥିବାନେଇ ତାଲିବାନ୍ ସରକାରଙ୍କ ଉପ ମୁଖପାତ୍ର ହମଦୁଲ୍ଲା ଫିତରତ କହିଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ ଓ ମହିଳା ରହିଛନ୍ତି। ବରମଲ ଜିଲାରେ ୪ଟି ସ୍ଥାନରେ ବୋମା ମାଡ଼ କରାଯାଇଥିବା ନେଇ ଫିତରତ କହିଛନ୍ତି। ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଇନାୟତୁଲ୍ଲାହ ଖୌରାଜମି କହିଛନ୍ତି, ପାକିସ୍ତାନର ଏହି ନିଷ୍ଠୁର କାର୍ଯ୍ୟ ସମସ୍ତ ଅନ୍ତର୍ଜାତୀୟ ନୀତିକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଛି। ପଡ଼ୋଶୀ ପାକିସ୍ତାନକୁ ଏହି ଏୟାର ଷ୍ଟ୍ରାଇକ୍‌ର ଜବାବ ଦିଆଯିବ। ତେବେ ତାଲିବାନ୍‌ର ଅଭିଯୋଗ ଉପରେ ପାକିସ୍ତାନୀ ସେନା ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଖାଇରେ ଖସିଲା ବସ୍: ୪ ମୃତ, ୨୪ ଆହତ

ଡେରାଡୁନ୍, ୨୫।୧୨

ଉତ୍ତରାଖଣ୍ଡର ଆଲମୋରାରୁ ହଲଦ୍ୱାନୀ ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ବୁଧବାର ଭାରସାମ୍ୟ ହରାଇ ଭୀମତଲ ସହରର ୧୫୦୦ ଫୁଟ ଗଭୀର ଏକ ଖାଇରେ ଖସିଯିବାରୁ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ମହିଳା, ଜଣେ ପୁରୁଷ ଏବଂ ଜଣେ ଶିଶୁ ରହିଛନ୍ତି। ବସ୍ ମଧ୍ୟରୁ ୨୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଦୁର୍ଘଟଣା ଘଟିବା ମାତ୍ରେ ଘଟଣାସ୍ଥଳରେ ପୋଲିସ, ଅଗ୍ନିଶମ ବାହିନୀ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ(ଏସ୍‌ଡିଆର୍‌ଏଫ୍) ଟିମ୍, ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ସେହିପରି ଘଟଣାସ୍ଥଳରେ ୧୫ଟି ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତରାଖଣ୍ଡ ସରକାର ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି।

# କ୍ରିସ୍‌ମସ୍‌ରେ ବି ଛାଡ଼ିଲାନି ରୁଷିଆ



ୟୁକ୍ରେନ୍‌ର ଖାର୍କିଭ୍‌ରେ ବିଧ୍ୱସ୍ତ ଏକ ଶକ୍ତିପ୍ରକଳ୍ପର ନିଆଁ ଲିଭାଉଛନ୍ତି ଅଗ୍ନିଶମବାହିନୀ।

କିଭ୍, ୨୫।୧୨

### ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିକୁ ମିଶାଇଲ, ଡ୍ରୋନ୍ ଆକ୍ରମଣ

ଧରାପୃଷ୍ଠରେ ଯୀଶୁଙ୍କ ଅବତରଣକୁ ନେଇ ବୁଧବାର ବିଶ୍ୱବାସୀ କ୍ରିସ୍‌ମସ ପାଳନରେ ମସ୍‌ଗୁଲ ଥିବାବେଳେ ୟୁକ୍ରେନ୍ ଉପରେ ଘନ ଘନ ଆକ୍ରମଣ କରିଛି ରୁଷିଆ। ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମି ଉପରେ ରୁଷୀୟ ସୈନ୍ୟ ତୁହାକୁ ତୁହା ମିଶାଇଲ ଓ ଡ୍ରୋନ୍ ମାଡ଼ କରିଛନ୍ତି। ଏଥିରେ ଏକ ତାପଜ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଫଳରେ ଅନେକ ୟୁକ୍ରେନୀୟ ଏକ ମେଟ୍ରୋ ଷ୍ଟେଶନରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି। ୟୁକ୍ରେନୀୟ ତୈଳ ଓ ଶକ୍ତି ଉତ୍ସଗୁଡ଼ିକ ଉପରେ ରୁଷିଆ ଜଳ, ସ୍ଥଳ ଓ ଆକାଶମାର୍ଗରୁ ୭୮ ମିଶାଇଲ୍ ଛାଡ଼ିଛି। ଏତିକି ନୁହେଁ, ୧୦୬ ଡ୍ରୋନ୍ ଆକ୍ରମଣ ମଧ୍ୟ କରିଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେଥିରୁ ୫୯ ମିଶାଇଲ ଓ ୫୪ ଡ୍ରୋନ୍‌କୁ ୟୁକ୍ରେନ୍ ଖସାଇ ଦେଇଥିବା କିଭ୍ ପକ୍ଷରୁ ସୂଚନା ଦିଆଯାଇଛି। ଇତିମଧ୍ୟରେ ଖସିପଡ଼ିଥିବା ଏକ ଡ୍ରୋନ୍ ଯୋଗୁ ରୁଷିଆର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା କହିଛନ୍ତି, ରୁଷିଆର ଏକ ମିଶାଇଲ୍ ମୋଲଡୋଭାନ୍ ଓ ରୋମାନୀୟ ବାୟୁସୀମା ଦେଇ ଗତି କରିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଡିମିର ଜେଲେନ୍‌ସ୍କି କହିଛନ୍ତି, ପୁଟିନ୍ ଜାଣିଶୁଣି ଆକ୍ରମଣ ପାଇଁ କ୍ରିସ୍‌ମାସକୁ ବାଛିଛନ୍ତି। ଏହାଠୁ ବଳି ଅମାନବୀୟ କାର୍ଯ୍ୟ କ'ଣ ହୋଇପାରେ ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି।

ପ୍ରକାଶଯେ, ୨୦୨୨ ଫେବୃଆରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ରୁଷିଆର ମୋଟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମୃତାହତ ହୋଇଥିବାବେଳେ ୟୁକ୍ରେନ୍‌ର ୮୦ ହଜାର ସୈନ୍ୟ ନିହତ ଓ ୪ ଲକ୍ଷ ଆହତ ହୋଇଛନ୍ତି। ଆଉ କେତେଜଣ ପର୍ଯ୍ୟବେକ୍ଷକଙ୍କ ମତରେ ଉଭୟ ରୁଷିଆ ଓ ୟୁକ୍ରେନ୍‌ର ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ। ଗତ ୨୧ରେ ୟୁକ୍ରେନ୍ ରୁଷିଆର କାଜାନ ସହରରେ ୯/୧୧ ଶୈଳରେ ୨ଟି ସୁଉଚ୍ଚ ଅଟ୍ଟାଳିକାକୁ ଡ୍ରୋନ୍ ଆକ୍ରମଣ କରିଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ରୁଷିଆ ସୈନ୍ୟ ଏଭଳି ଆକମ୍ରଣ କରିଥିବା କୁହାଯାଇଛି।

### କ୍ରିସ୍‌ମସ୍‌ରେ ପୋପ୍‌ଙ୍କ ଶାନ୍ତି ଆହ୍ୱାନ

କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ବୁଧବାର ଭାଟିକାନ୍ ସିଟିରେ କ୍ରିସ୍‌ମସ ପାଳନ ଅବସରରେ ଶାନ୍ତି ପ୍ରତିଷ୍ଠାର ଆହ୍ୱାନ ଦେଇଛନ୍ତି। ଅସ୍ତ୍ରଶସ୍ତ୍ର ବ୍ୟବହାର ବନ୍ଦକରି ବିଭାଜନ ଏଡ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି। ବିଶ୍ୱରେ ଶାନ୍ତି ଓ ଏକତା ପ୍ରତିଷ୍ଠା ନିମନ୍ତେ ସାମୁହିକ ଉଦ୍ୟମ ଲୋଡ଼ା ବୋଲି ପୋପ୍ କହିଛନ୍ତି।



### ସଂସଦ ଭବନ ନିକଟରେ ନିଜକୁ ନିଆଁ ଲଗାଇଦେଲେ



ନୂଆଦିଲ୍ଲୀ, ୨୫।୧୨

ସଂସଦ ଭବନ ନିକଟରେ ଜଣେ ବ୍ୟକ୍ତି ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ଉଦ୍ଧାରକରି ସ୍ଥାନୀୟ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରିଛି। ଘଟଣାସ୍ଥଳରେ ଫୋରେନ୍ସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଯାଞ୍ଚରୁ ବ୍ୟକ୍ତି ଜଣକ ଉତ୍ତରପ୍ରଦେଶର ବାଗ୍‌ପତ ନିବାସୀ ଜିତେନ୍ଦ୍ର ହୋଇଥିବା ଜଣାପଡ଼ିଛି। ଜିତେନ୍ଦ୍ର ରେଳ ଭବନ ନିକଟସ୍ଥ ଏକ ପାର୍କରେ ନିଜ ଶରୀରରେ ନିଆଁ ଲଗାଇ ସଂସଦ ଭବନ ଆଡ଼କୁ ଦୌଡ଼ି ଆସୁଥିଲେ। ଜିତେନ୍ଦ୍ରଙ୍କ ଶରୀରର ୯୫% ପୋଡ଼ିଯାଇଥିବା ନେଇ ଡାକ୍ତର କହିଛନ୍ତି। ତେବେ ସେ ନିଜକୁ କ'ଣ ପାଇଁ ନିଆଁ ଲଗାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ଅଧା ପୋଡ଼ିଯାଇଥିବା ଏକ ୨ ପୃଷ୍ଠାର ନୋଟ୍ ପୋଲିସକୁ ହସ୍ତଗତ ହୋଇଛି। ବାଗ୍‌ପତର କୌଣସି ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଜିତେନ୍ଦ୍ର ଏପରି ଘଟାଇଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## 'ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆତିଶୀ ଗିରଫ ହେବେ'

ନୂଆଦିଲ୍ଲୀ, ୨୫।୧୨

### ଭାଜପା ଷଡ଼ଯନ୍ତ୍ର ରଚୁଥିବା ନେଇ ଅଭିଯୋଗ ଆଣିଲେ କେଜ୍‌ରିୱାଲ

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଉପଦେଷ୍ଟା ଅରବିନ୍ଦ କେଜରିୱାଲ ଭାଜପା ଉପରେ ନୂଆ ଅଭିଯୋଗ ଆଣିଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀ କରି ସେ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ଗିରଫ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ ଇନ୍‌କମ ଟାକ୍ସକୁ କୁହାଯାଇଛି। ଭାଜପା ପ୍ରରୋଚନାରେ ପରିବହନ ବିଭାଗରେ ଏକ ନକଲି ମାମଲା ରୁଜୁ କରାଯାଇ ଆତିଶୀଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସେ ତାଙ୍କ ନିଜସ୍ୱ ସୂତ୍ରରୁ ଖବର ପାଇଥିବା କେଜ୍‌ରିୱାଲ କହିଛନ୍ତି। ସେହିପରି ଆତିଶୀଙ୍କୁ ଗିରଫ କରିବା ପୂର୍ବରୁ ତାଙ୍କ ସମେତ ଆପ୍‌ର ଅନେକ ବରିଷ୍ଠ ନେତାଙ୍କ ଘରେ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ରେଡ୍ କରାଯିବ। ଦିଲ୍ଲୀ ନିର୍ବାଚନ ପୂର୍ବରୁ ଆପ୍‌ର ବଢ଼ୁଥିବା ଲୋକପ୍ରିୟତାରେ ଭୟଭୀତ ହୋଇ ଦଳର ନିର୍ବାଚନ ପ୍ରସ୍ତୁତିକୁ ବ୍ୟାହତ କରିବା ନିମନ୍ତେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯିବ ବୋଲି କେଜ୍‌ରିୱାଲ ଅଭିଯୋଗ ଆଣିଛନ୍ତି।

## ଦଳାଚକଟାରେ ମୃତ ମହିଳାଙ୍କ ପରିବାରକୁ ୨ କୋଟି ସହାୟତା

ହାଇଦ୍ରାବାଦ, ୨୫।୧୨

ଗତ ୪ ତାରିଖରେ 'ପୁଷ୍ପା ୨'ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳଚକଟା ଘଟି ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ୮ ବର୍ଷର ପୁଅ ଗୁରୁତର ଆହତ ହୋଇଥିଲେ। ବୁଧବାର ଏହି ଦଳାଚକଟା ପୀଡ଼ିତଙ୍କ ପରିବାରକୁ ଅଭିନେତା ଅଲ୍ଲୁ ଅର୍ଜୁନ ଓ 'ପୁଷ୍ପା ୨' ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ୨ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବା ନେଇ ଘୋଷଣା କରାଯାଇଛି। ଏନେଇ ଅଲ୍ଲୁ ଅର୍ଜୁନଙ୍କ ବାପା ତଥା ଫିଲ୍ମ ନିର୍ମାତା ଅଲ୍ଲୁ ଅରବିନ୍ଦ ସୂଚନା ଦେଇଛନ୍ତି। ଅଲ୍ଲୁ ଅର୍ଜୁନଙ୍କ ପକ୍ଷରୁ ୧ କୋଟି, 'ପୁଷ୍ପା ୨' ପ୍ରଡକ୍ସନ କମ୍ପାନୀ ମାଇତ୍ରୀ ମୁଭି ମେକର୍ସ ପକ୍ଷରୁ ୫୦ ଲକ୍ଷ ଏବଂ



ଅଲ୍ଲୁ ଅର୍ଜୁନ

ନିର୍ଦ୍ଦେଶକ ସୁକୁମାରଙ୍କ ପକ୍ଷରୁ ପୀଡ଼ିତ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ସେ କହିଛନ୍ତି। ବୁଧବାର ଅଲ୍ଲୁ ଅରବିନ୍ଦ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲକୁ ଯାଇ ଗୁରୁତର ଆହତ ଥିବା ପୀଡ଼ିତ ବାଳକଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି ବୋଲି ଅଲ୍ଲୁ ଅରବିନ୍ଦ କହିଛନ୍ତି।

### ବିଭ୍ରାନ୍ତିକର ଭିଡିଓ ଶେୟାର ନ କରିବାକୁ ହାଇଦ୍ରାବାଦ ପୋଲିସର ଚେତାବନୀ

ସନ୍ଧ୍ୟା ଥିଏଟର ଦଳାଚକଟା ଘଟଣାରେ ଭୁଲ୍ ସୂଚନା କିମ୍ବା ବିଭ୍ରାନ୍ତିକର ଭିଡିଓଗୁଡ଼ିକୁ ସୋସିଆଲ ମିଡିଆରେ ପ୍ରଚାରପ୍ରସାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୁଧବାର ହାଇଦ୍ରାବାଦ ପୋଲିସ ଚେତାବନୀ ଦେଇଛି। ଏକ୍ସ'ରେ ଏକ ପୋଷ୍ଟ କରି ହାଇଦ୍ରାବାଦ ପୋଲିସ ପକ୍ଷରୁ କୁହାଯାଇଛି, ଅଲ୍ଲୁ ଅର୍ଜୁନ ସନ୍ଧ୍ୟା ଥିଏଟରରେ ପହଞ୍ଚିବା ପୂର୍ବରୁ ଦଳଚକଟା ଘଟିଥିବା ନେଇ ଏକ ମିଥ୍ୟା ଭିଡିଓକୁ କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଭାଇରାଲ କରୁଥିବା ନେଇ ଜଣାପଡ଼ିଛି। ମାମଲାର ଏବେ ତଦନ୍ତ ଚାଲିଛି। ତେଣୁ ମିଥ୍ୟା ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହାଇଦ୍ରାବାଦ ପୋଲିସ କହିଛି।

## ଫୁରସତ୍




ସନି ଦେଓଲ

### 'ବର୍ଡର ୨' ଶୁଟିଂ ଆରମ୍ଭ

ମୁମ୍ବାଇ

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ଟିସିରିଜ୍ ପ୍ରଡକ୍ସନ ହାଉସ୍ ପକ୍ଷରୁ 'ବର୍ଡର ୨' ଶୁଟିଂ ସେଟ୍‌ର ଏକ ଝଲକକୁ ଶେୟାର କରାଯାଇଛି, ଯାହା ଫିଲ୍ମକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଛି। 'ବର୍ଡର' ଫିଲ୍ମର ନାୟକ ଅଭିନେତା ସନି ଦେଓଲ 'ବର୍ଡର ୨'ରେ ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହାସହ 'ବର୍ଡର ୨'ରେ ଅଭିନେତା ବରୁଣ ଧାୱନ, ଦିଲ୍‌ଜିତ ଦୋସାଞ୍ଜ ଏବଂ ଅହାନ ସେଟ୍ଟିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତେବେ ଫିଲ୍ମରେ କେଉଁ ଅଭିନେତ୍ରୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ସେନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏଯାଏ ସ୍ପଷ୍ଟ ହୋଇନାହିଁ। 'ବର୍ଡର ୨' ରେ ଅନେକ ଆକ୍ସନ ଦୃଶ୍ୟ ରହିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣା ପଡ଼ିଛି। ରିପୋର୍ଟ ଅନୁଯାୟୀ, ଜଣାଶୁଣା ହଲିଉଡ୍ ଆକ୍ସନ୍ କୋରିଓଗ୍ରାଫର୍ ନିକ୍ ପାୱେଲ 'ବର୍ଡର ୨'ର ସମସ୍ତ ଆକ୍ସନ ଦୃଶ୍ୟଗୁଡ଼ିକୁ ଡିଜାଇନ କରିବେ। ୧୯୯୭ରେ ମୁକ୍ତିଲାଭ କରିଥିବା 'ବର୍ଡର' ଚଳଚ୍ଚିତ୍ର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ତେବେ ୨୯ ବର୍ଷ ପରେ ଅର୍ଥାତ୍ ୨୦୨୬ ଜାନୁଆରୀ ୨୩ରେ ଏହାର ସିକ୍ୱେଲ 'ବର୍ଡର ୨' ମୁକ୍ତିଲାଭ କରିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ଜଣାପଡ଼ିଛି।

### ବାମ ହାତରେ ହ୍ୟାଣ୍ଡକଫ, ଡାହାଣ ହାତରେ ପରୀକ୍ଷା ଦେଲେ

ଭୋପାଳ

ମଧ୍ୟପ୍ରଦେଶର ବୁର୍‌ହାନ୍‌ପୁର ଜିଲା ଶିକରପୁରା ଥାନା ଅଞ୍ଚଳରେ ୨ ଜଣ ଅଭିଯୁକ୍ତ ହାତକଡ଼ି ଲଗାଇ ପରୀକ୍ଷା ଦେବା ପାଇଁ ପହଞ୍ଚିଥିବାର କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟ ଅଭିଯୁକ୍ତ ୨ ଭାଇ ହୋଇଥିବା ଜଣାପଡ଼ିଛି। ପରୀକ୍ଷା କେନ୍ଦ୍ରରେ ଅନ୍ୟ ଛାତ୍ରୀଛାତ୍ରମାନେ ୨ ଅଭିଯୁକ୍ତଙ୍କୁ ହାତକଡ଼ି ଲଗାଇ ପୋଲିସ ସହ ଠିଆ ହୋଇଥିବାର ଦେଖି ସେମାନଙ୍କୁ ଆଶ୍ଚର୍ଯ୍ୟର ସହ ଚାହିଁ ରହିଥିବାର ଦେଖିବାକୁ ମିଳିଛି। ତେବେ ଏହି ୨ ଭାଇଙ୍କୁ ଏକ ହତ୍ୟା ମାମଲାରେ ଗିରଫ କରାଯାଇଛି। ଗତ ୩ ମାସ ହେବ ଉଭୟେ ଜେଲରେ ରହୁଛନ୍ତି। ପୂର୍ବରୁ ଦ୍ୱାଦଶ ପରୀକ୍ଷା ପାଇଁ ଏହି ୨ ଭାଇ ଫର୍ମ ପୂରଣ କରିଥିବାରୁ ସେମାନଙ୍କୁ ପରୀକ୍ଷା ଦେବା ଲାଗି କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଶନିବାର ଉଭୟେ ହାତକଡ଼ି ପିନ୍ଧି ୨ ଜଣ ପୋଲିସ କର୍ମୀଙ୍କ ସହ ପରୀକ୍ଷା ଦେବାକୁ ଆସି ପହଞ୍ଚିଥିଲେ। ଉଭୟ ଅଭିଯୁକ୍ତଙ୍କ ମା' କହିଛନ୍ତି, ଗଣେଶ ପୂଜା ସମୟରେ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକଙ୍କ ହତ୍ୟା ହୋଇଥିଲା। ଉକ୍ତ ହତ୍ୟାକାଣ୍ଡରେ ତାଙ୍କ ୨ ପୁଅଙ୍କ ନାଁ ସାମ୍‌ନାକୁ ଆସିଥିଲା। ସେବେଠାରୁ ଉଭୟେ ଜେଲରେ ଅଛନ୍ତି। ତେବେ ତାଙ୍କ ୨ ପୁଅଙ୍କୁ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯାଉ ବୋଲି ସେ କୋର୍ଟଙ୍କୁ ନିବେଦନ କରିଥିଲେ। ମହିଳାଙ୍କର ଏହି ନିବେଦନକୁ କୋର୍ଟ ଗ୍ରହଣ କରିଥିଲେ।

### କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ



ନୂଆଦିଲ୍ଲୀ

ସୋସିଆଲ ମିଡିଆରେ ଚର୍ଚ୍ଚିତ ରହୁଥିବା ବିୟୁଟି ଇନ୍‌ଫ୍ଲୁଏନ୍ସର ତାନିଆ ସିଂ ବୁଧବାର ନିଜର କେଶକୁ କ୍ରିସ୍‌ମସ୍ ଟ୍ରି ରୂପେ ସଜାଇ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଭିଡିଓରେ ପ୍ରଥମେ ତାନିଆ ତାଙ୍କ ମୁଣ୍ଡରେ ଏକ ଖାଲି ଥଣ୍ଡା ପାନୀୟ ବୋତଲ ରଖି ଏହାକୁ ଯତ୍ନର ସହ ନିଜ କେଶ ଦ୍ୱାରା ଘୋଡ଼ାଇ ଦେଉଛନ୍ତି। ଏହାପରେ ସେ କେଶକୁ ବିଭିନ୍ନ ଲାଇଟିଂ, ଷ୍ଟାର ଏବଂ ଅନ୍ୟାନ୍ୟ କ୍ରିସ୍‌ମସ୍ ଉପକରଣ ଦ୍ୱାରା ସଜ୍ଜିତ କରୁଛନ୍ତି। ଏହାପରେ ତାନିଆଙ୍କ କେଶ ଏକଦମ ଅବିକଳ କ୍ରିସ୍‌ମସ୍ ଟ୍ରି ପରି ଦେଖାଯାଉଛି। କ୍ୟାପ୍‌ଶନ୍‌ରେ ତାନିଆ ଲେଖିଛନ୍ତି, ସମସ୍ତଙ୍କୁ ମେରି କ୍ରିସ୍‌ମସ୍। ମୋର କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ କିପରି ଲାଗୁଛି। ଏହି ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ତାନିଆଙ୍କ ଏହି ନୂତନ ହେୟାରଷ୍ଟାଇଲକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି।






# ୧୫୪୨ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି ଶୁଭାରମ୍ଭ

- ପ୍ରଥମ ପର୍ଯ୍ୟାୟରେ ୭୭ ଆଦର୍ଶ ପ୍ୟାକ୍ସ ପ୍ରତିଷ୍ଠା ହେବ
- ସମବାୟ ସମିତି ଖାତାପତ୍ର ଅଡିଟ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଭୁବନେଶ୍ୱର ସମବାୟ ବ୍ୟାଙ୍କ ଜମାକାରୀ ଜମା ରାଶି ଫେରସ୍ତ ପାଇବେ

ଭୁବନେଶ୍ୱର, ୨୫।୧୨(ଅନିଲ ଦାସ)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏହି ସମବାୟ ସମିତିଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୨୭୧୧ଟି ପାକ୍ସ ଥିବାବେଳେ ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପାକ୍ସ ଗଠନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ପାକ୍ସ ସଂଖ୍ୟା ୪୨୫୩କୁ ବୃଦ୍ଧି ପାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପାକ୍ସକୁ ମଡେଲ୍ ପାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ମଡେଲ ପାକ୍ସଗୁଡ଼ିକ ଗୋଟିଏ ଗୋଟିଏ ୱାନ୍ ଷ୍ଟପ୍ ଶପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଡେଲ ପାକ୍ସ ଓ ଲାମ୍ପସଗୁଡ଼ିକ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି, ୨୦୧୫ରୁ ବନ୍ଦ ହୋଇ ପଡ଼ିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଛନ୍ତି। ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ପ୍ରାଥମିକ ସମବାୟ ସମିତିର ଖାତାପତ୍ର ଅଡିଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରରେ ସମବାୟ ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଓଡ଼ିଶା ବୋଧହୁଏ ଏକମାତ୍ର ରାଜ୍ୟ ଯେଉଁଠି ମୋଟ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥାଏ ଏବଂ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ପ୍ରାୟ ୩୦ ପ୍ରତିଶତ ପ୍ରଦାନ କରିଥାନ୍ତି। କୃଷକମାନଙ୍କୁ ଠିକ୍ ସମୟରେ ଋଣ ଦେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ କିଛି ବର୍ଷ ହେବ ଋଣ ନାଁରେ ଏଭର ଗ୍ରୀନ୍ ରୀତି ଚାଲିଥିଲା। ବର୍ତ୍ତମାନ ଏହା ଆଉ ହେଉନାହିଁ। ଚାଷୀମାନେ ଋଣ ପାଉଛନ୍ତି।

ରାଜ୍ୟର ଶତକଡ଼ା ନବେ ଭାଗରୁ ଅଧିକ କୃଷି ପରିବାରର ସଭ୍ୟମାନଙ୍କୁ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ମାଧ୍ୟମରେ କୃଷି କାର୍ଯ୍ୟ ନିମନ୍ତେ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଉଛି। ଓଡ଼ିଶାର ଚାଷୀମାନେ ଏକ ଲକ୍ଷ ଟଙ୍କା ବିନା ସୁଧରେ ଫସଲ ଋଣ ପାଉଛନ୍ତି।

ଦୁଗ୍ଧ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ କ୍ୟାବିନେଟରେ କାମଧେନୁ ସହିତ ଗୋ-ମାତା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଗୋପାଳପୁର ସମବାୟ ତାଲିମ କେନ୍ଦ୍ରର ବିକାଶ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ମୁଖ୍ୟମନ୍ତ୍ରୀ କେତେକ ସମବାୟ ସଂସ୍ଥାର ସଦସ୍ୟଙ୍କୁ ମାଇକ୍ରୋ ଏଟିଏମ ଓ ରୁପେ କାର୍ଡ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମବାୟ କ୍ଷେତ୍ରର ଉନ୍ନତି ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ନାବାର୍ଡ ଉପ ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ କୁମାର ସୁଦ୍ କହିଥିଲେ ଯେ, ୧୮୯୮ରେ ଦେଶର ପ୍ରଥମ ସମବାୟ ସଂସ୍ଥା ଓଡ଼ିଶାରେ ଗଠିତ ହୋଇଥିଲା। ସମବାୟର ବିକାଶ ପାଇଁ ଉତ୍ତମ ପ୍ରଶାସନିକ ଦକ୍ଷତା, ଆର୍ଥିକ ସମ୍ବଳ ଓ ଟେକ୍ନୋଲୋଜିର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ। ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାଶ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ; ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ସଚିବ ଗୁହା ପୁନମ୍ ତାପସ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଲୋକ ଅଭିବ୍ୟକ୍ତିର ପ୍ରତୀକ ଥିଲେ ବାଜପେୟୀ: ଧର୍ମେନ୍ଦ୍ର

## ବୁର୍ଲାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ସମ୍ବଲପୁର, ୨୫।୧୨(ବି.ଶଙ୍କର)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ବିଚାରଧାରା ସହ ଲୋକ ଅଭିବ୍ୟକ୍ତିର ବଡ ପ୍ରତୀକ ଥିଲେ। ତାଙ୍କ ନେତୃତ୍ୱ ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ପ୍ରତିଷ୍ଠିତ କରିଥିଲା। ଓଡ଼ିଶାରେ ଭାଜପା ସରକାରକୁ ଆସିବାର ବଡ ଭୂମିକା ଅଟଳଜୀଙ୍କର ରହିଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ ମରୁଡ଼ି ପଡିଥିବା ବେଳେ ସେ କଳାହାଣ୍ଡି ଓ ବଲାଙ୍ଗୀର ଜିଲାକୁ ଟ୍ରେନ୍‌ରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ବୁଧବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଟଳ ଉଦ୍ୟାନର ଉଦ୍‌ଘାଟନ ସହ ଗୋଲଗୁଣ୍ଡା ଛକକୁ ଅଟଳ ଛକ ନାମକରଣର ଶୁଭାରମ୍ଭ କରିଥିଲେ।


ବୁଧବାର ବୁର୍ଲାଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

ଜିଲା ପ୍ରଶାସନ ଓ ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି ଆୟୋଜିତ କାର୍ଯ୍ୟକମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ପୂର୍ବତନ ବିଧାୟକ ନାଉରୀ ନାଏକ ଯୋଗଦେଇଥିଲେ। ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି ସଭାପତି ପ୍ରସନ୍ନ କୁମାର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାନୁଆରୀରୁ ଚାଷୀ ପଞ୍ଜୀକରଣ, ଚିହ୍ନଟ ହେବେ ଅଣଚାଷୀ

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)

ରାଜ୍ୟର ଯେଉଁ ଅଣଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଉଛନ୍ତି ସେମାନଙ୍କୁ ବାଦ୍ ଦିଆଯିବ। ରାଜ୍ୟ ସରକାର ଏବେ ଉପଯୁକ୍ତ ଚାଷୀଙ୍କୁ ଚିହ୍ନଟକରିବା ପ୍ରକ୍ରିୟା ଆରମ୍ଭ କରିବେ। ଜାନୁଆରୀରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଯିବ। ଚାଷୀମାନଙ୍କୁ ୧୪ ଡିଜିଟ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି ମିଳିବ। ଡିଜିଟାଲ କୃଷକ କାର୍ଡ ମଧ୍ୟ ସରକାର ଯୋଗାଇ ଦିଆଯିବ। ଏଥିପାଇଁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ ସବୁ ଜିଲାପାଳଙ୍କୁ କୃଷି ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ଏବଂ ଏସ୍‌ଓପି ପଠାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ସବୁ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଖୋଲାଯିବ। ଏହି ଶିବିରରେ ୨ ଜଣ ଲେଖାଏ ଗ୍ରାମ୍ୟ କୃଷି ସେବକ ଓ ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ। ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ୍ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ। ଚାଷୀମାନେ ନିଜର ଆଧାର କାର୍ଡ, ଆଧାର ଲିଙ୍କ୍ ଥିବା ମୋବାଇଲ ଫୋନ୍, ଜମିପଟ୍ଟା ଦାଖଲକରି ପଞ୍ଜୀକରଣ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସାର୍ଥା ଫାଣ୍ଡି ଅଧିକାରୀ ନିଲମ୍ବିତ

## ଚୋରି ସନ୍ଦେହରେ ଯୁବକଙ୍କୁ ପିଟି ହତ୍ୟା ମାମଲା

ବାଲେଶ୍ୱର, ୨୫।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟି ହତ୍ୟା ଘଟଣାରେ ଏସ୍‌ପି ରାଜପ୍ରସାଦ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଫାଣ୍ଡି ଅଧିକାରୀ ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତିଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବନ ପରେ ତାଙ୍କୁ ବସ୍ତା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି।

ସୂଚନା ମୁତାବକ, କିଛିଦିନ ପୂର୍ବରୁ ସିଂଲା ଥାନା ସାର୍ଥା ଫାଣ୍ଡି ଅଧୀନ ଓଡ଼ିଶାଳ ବଜାର ଛକରେ ଥିବା ଅଜୟ ଦାସଙ୍କ ଲୁଗା ଦୋକାନରୁ ଚୋରି ହୋଇଥିଲା। ଚୋରିରେ ସମ୍ପୃକ୍ତି ଥିବା ସନ୍ଦେହରେ ଗତ ୨୨ ତାରିଖରେ ୪ଜଣ ଯୁବକଙ୍କୁ କାବୁ କରି ଦୋକାନୀ ଓ ତାଙ୍କର ଦୁଇ ପୁଅ ଏବଂ ଅନ୍ୟ ସହଯୋଗୀ ଏକ ବିଦ୍ୟୁତ୍ ଖୁଣ୍ଟିରେ ବାନ୍ଧି ଠେଙ୍ଗା ଓ ରଡ୍‌ରେ ନିର୍ଦ୍ଦୟ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସାର୍ଥା ଅଞ୍ଚଳର ଯୁବକ ତ୍ରିଲୋଚନ ପ୍ରଧାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ଯୁବକଙ୍କୁ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସାର୍ଥା ଫାଣ୍ଡିଠାରୁ ମାତ୍ର ୨ରୁ ୩ଶହ ମିଟର ଦୂରରେ ଏହି ଜଘନ୍ୟ ଘଟଣା ଘଟିଥିଲେ ହେଁ ସେଠାରେ ଫାଣ୍ଡି ଅଧିକାରୀ ପହଞ୍ଚି ନ ଥିଲେ। ପରେ ସିଂଲା ଥାନା ଓଆଇସି ଭୁବନମୋହନ ସେଠୀ ସଦଳବଳେ ସେଠାରେ ପହଞ୍ଚି ବୁଝାଶୁଝା କରିଥିଲେ। ଗତ ୨୩ ତାରିଖରେ ଏସ୍‌ପି ରାଜପ୍ରସାଦ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଫାଣ୍ଡି ଅଧିକାରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଏସ୍‌ପି ତାଙ୍କୁ ନିଲମ୍ବନ କରିଛନ୍ତି।


ଫାଣ୍ଡି ଅଧିକାରୀ ଚନ୍ଦ୍ର ଶେଖର ମହାନ୍ତି।

# ମିସ୍ ୟୁନିଭର୍ସରେ ଦାମନଯୋଡ଼ିର ଅନୁଶ୍ରୀ

କୋରାପୁଟ, ୨୫।୧୨ (ଅମିତାଭ ବେହେରା)

ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ହୋଇଥିବା ମିସ୍ ୟୁନିଭର୍ସ ବିୟୁଟି ପ୍ରତିଯୋଗିତାରେ ଦାମନଯୋଡ଼ିର ଅନୁଶ୍ରୀ ପାତ୍ର ଅନ୍ତର୍ଜାତୀୟସ୍ତରକୁ ମନୋନୀତ ହୋଇ ଭାରତର ପ୍ରତିନିଧିତ୍ୱ କରିବେ। ଦାମନଯୋଡିର ଅର୍ଦ୍ଧେନ୍ଦୁ କୁମାର ପାତ୍ର ଓ ଶ୍ରୀଦେବୀଙ୍କ କନ୍ୟା ଅନୁଶ୍ରୀ ଛୋଟ ବେଳୁ ପାଠପଢ଼ା ସହ ମଡେଲିଂରେ ରୁଚି ରଖିଥିଲେ। ରାଜସ୍ଥାନ ଜୟପୁରର ଜି ଷ୍ଟୁଡିଓରେ ଜାତୀୟସ୍ତରୀୟ ମିସ୍ ୟୁନିଭର୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଅନ୍ତର୍ଜାତୀୟସ୍ତରକୁ ୪ଜଣ ମନୋନୀତ ହୋଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରୁ ଅନୁଶ୍ରୀ ରହିଛନ୍ତି। ଆଗକୁ ଅନ୍ତର୍ଜାତୀୟସ୍ତରରେ ହେବାକୁ ଥିବା ମିଷ୍ଟି ୟୁନିଭର୍ସରେ ସେ ଭାରତର ପ୍ରତିନିଧିତ୍ୱ କରିବେ। କୋରାପୁଟ ଭଳି ଏକ ଆଦିବାସୀ ବହୁଳ ପଛୁଆ ଜିଲାରୁ ଯାଇ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବାରୁ ପରିବାର ଓ ସାଙ୍ଗମାନେ ତାଙ୍କୁ ଫୁଲତୋଡ଼ା ଓ ମିଠା ଖୁଆଇ ସ୍ୱାଗତ କରିଥିଲେ। ଇଚ୍ଛା ଶକ୍ତି ଥିଲେ ଜଣେ ଆଗକୁ ଯାଇପାରିବ, ପଛୁଆ ଜିଲା ହେଲେ ମଧ୍ୟ ନିଜର ଆତ୍ମବିଶ୍ୱାସ ଉପରେ ସର୍ବଦା ବିଶ୍ୱାସ ରଖି ଆଗକୁ ଗଲେ ସଫଳତା ମିଳିବ ବୋଲି ଅନୁଶ୍ରୀ କହିଛନ୍ତି।



ଅନୁଶ୍ରୀ ପାତ୍ର

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ପରଲୋକ

ଭବାନୀପାଟଣା, ୨୫।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀଙ୍କ ବୁଧବାର ସକାଳ ୮ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ୬୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ଦିନ ତଳେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ମଧ୍ୟ ହୋଇଥିବା ଜଣାପଡିଥିଲା। ଦେହ ଅସୁସ୍ଥ ଥିବାରୁ ଗତ ଅକ୍ଟୋବର ୧ରୁ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଥିଲେ।

ଗତ ୨୦୨୧ ଏପ୍ରିଲ ୧୬ରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ୧୯୮୪ରେ ସେ ପ୍ରଥମେ ଅଧ୍ୟାପକ ଭାବେ କଟକ କଲେଜରେ ଯୋଗଦାନ କରିଥିଲେ। ଏହାସହ ରାଜ୍ୟର ବିଭିନ୍ନ ବଡ଼ ବଡ଼ କଲେଜରେ ଅଧ୍ୟାପକ ସମେତ ପ୍ରାଧ୍ୟାପକ ଭାବେ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। କୁଳପତି ଦାୟିତ୍ୱ ସମୟରେ ସେ ମା’ ମାଣିକେଶରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସଫେଇ ଅଭିଯାନ କରିଥିଲେ। ଏଥିରେ ତାଙ୍କର ପ୍ରକୃତିପ୍ରେମୀ ମନୋଭାବ ପ୍ରତିଫଳିତ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଥିଲେ। ସେ ୨୬ରୁ ଊର୍ଦ୍ଧ୍ୱ ପୁସ୍ତକ ଲେଖିଛନ୍ତି। ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।


ପ୍ରଫେସର ସଞ୍ଜୟ ଶତପଥୀ।

ଜଗତସିଂହପୁର ଜିଲା ବୋରିକିନାର ମୂଳ ବାସିନ୍ଦା ଶତପଥୀ ପରିବାର ସହିତ ଭୁବନେଶ୍ୱର ସିଆର୍‌ପି ଛକ ଅଞ୍ଚଳରେ ରହୁଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ, ଜଣେ ପୁଅ ଓ ଝିଅ ଅଛନ୍ତି। ପୁଅ ଆୟୁର୍ବେଦିକ ପଢୁଥିବାବେଳେ ଝିଅର ବିବାହ ସରିଛି।

ତାଙ୍କ ବିୟୋଗରେ ସମଗ୍ର କଳାହାଣ୍ଡି ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଶୋକ ପ୍ରକାଶ କରିଛନ୍ତି। ନିଜ ଫେସ୍‌ବୁକ୍ ପେଜ୍ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସିପିଆଇର ୧୦୦ତମ ପ୍ରତିଷ୍ଠା ବାର୍ଷିକୀରେ ପତାକା ଉତ୍ତୋଳନ ଦିବସ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ଆଡେଡ୍ କଲେଜ ଟିଚର୍ସ ଆଣ୍ଡ ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୪୯ତମ ରାଜ୍ୟ ଅଧିବେଶନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ ପରିସର, କଟକ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ସତ୍ୟବାଦୀ ସେବା ଟ୍ରଷ୍ଟ ଓ ମୂଳ ଅଳସା ଯୁବ ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ମୂଳ ଅଳଶା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା
- ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମା'ଉତ୍ତରାୟଣୀ କ୍ଲବ ପ୍ରେକ୍ଷାଳୟ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ହରିଭାଇନା ଛକ, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଦେୱାନୀ ଅଦାଲତ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗ ସେବାଶ୍ରମ, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୪ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ନଈଗୋପାଳପୁର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ, ସ୍ଥାନ: ଦୁର୍ଗା ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଚନ୍ଦନେଶ୍ୱର ବସ୍‌ଷ୍ଟାଣ୍ଡ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଓରାଳୀ, ଛେନାପଦି, ସମୟ: ସକାଳ ୭ ଓ ସନ୍ଧ୍ୟା ୬ ଟା।
- ଟିବି ମୁକ୍ତ ଭାରତ ଅଭିଯାନ, ସ୍ଥାନ: କେନ୍ଦୁଝରସ୍ଥିତ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ ଟା।

## ଭଦ୍ରକ
- ଭାଜପା ପକ୍ଷରୁ ବୀର ବାଳ ଦିବସ ପାଳନ, ସ୍ଥାନ: ଚାନ୍ଦବାଲି କାଇର୍ଭ ହୋଟେଲ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ୧୨ଟା।
- ବିଜେଡ଼ିର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ କଳାପ୍ରଦର୍ଶନୀ,ସ୍ଥାନ:ଶ୍ରୀରାମଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: କପ୍ତିପଦା ଓ ଉଦଳା କଲେଜ, ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ପାରମ୍ପରିକ ଲୋକନୃତ୍ୟ ପ୍ରତିଯୋଗିତା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ଧୁମୁସା ମହୋତ୍ସବ ଉଦ୍‌ଘାଟନ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।
- ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର
- ସିପିଆଇର ଶତବାର୍ଷିକ ପାଳନ, ସ୍ଥାନ: ପାର୍କ ସାହିସ୍ଥିତ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ଗଞ୍ଜାମ
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ, ସ୍ଥାନ: ଆସିକା ବ୍ଲକ ଦେବଭୂମି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବୁଗୁଡା ପିପୁଲ୍ସ ହାଇସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବିଜେଡ଼ିର ପ୍ରତିଷ୍ଠା ଦିବସ, ସ୍ଥାନ: ଦାରିଙ୍ଗବାଡି ମିଶ୍ର କଲ୍ୟାଣ ମଣ୍ଡପ, ସମୟ: ସକାଳ ୧୧ଟା।

## ଢେଙ୍କାନାଳ
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସ୍ଥଳ ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଉତ୍ସବ ସ୍ଥାନ: ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସର, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା
- ମା'ତାରିଣୀଙ୍କ ମେଳା ଓ ମହୋତ୍ସବ, ସ୍ଥାନ: ବଣିଆମାଳ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଟାଇଗର୍ସ ବନାମ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ୍ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୯ଟା।
- ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ:ମ୍ୟୁନିସିପାଲିଟି ହଲ, କେନ୍ଦ୍ରାପଡ଼ା ସହର, ବିଜେଡି କାର୍ଯ୍ୟାଳୟ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ:ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୪,ସ୍ଥାନ : ଯାଜପୁର କୁସୁମା ସମ୍ମୁଖ ପଡ଼ିଆ। ସମୟ : ଅପରାହ୍ନ ୩ଟା।
- ଧର୍ମଶାଳା ମହୋତ୍ସବ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ। ସମୟ : ଅପରାହ୍ନ ୫ଟା।
- ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ, ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ରକ୍ତଦାନ ଶିବିର, ସ୍ଥାନ : ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁର ନେହରୁ ଯୁବକେନ୍ଦ୍ର ପକ୍ଷରୁ ଯୁବ ଉତ୍ସବ, ସ୍ଥାନ : ଯାଜପୁର ଏନ୍‌ସି କଲେଜ, ସମୟ : ପୂର୍ବାହ୍ନ ୧୦ଟା।
- କୁଆଖିଆ ମହୋତ୍ସବ ସାଂସ୍କୃତିକ ମଞ୍ଚର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ଡ୍ୟାନ୍ସ, ସ୍ଥାନ: କୁଆଖିଆ ସାରଙ୍ଗପୁର ମେଲଣ ପଡ଼ିଆ, ସନ୍ଧ୍ୟା: ୭ଟା।

## ନୟାଗଡ଼
- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରହ୍ନ ୫ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ବିଜେଡି କାର୍ଯ୍ୟାଳୟ ନୟାଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ରଣପୁରର ମା'ମଣିନାଗ ପୀଠସ୍ଥ କଲ୍ୟାଣ ମଣ୍ଡପ, ସମୟ:ଅପରାହ୍ନ ୨ଟା।
- ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ:ଦଶପଲ୍ଲା ଦୁର୍ଗାବଜାର ନିକଟସ୍ଥ ଶ୍ରୀକ୍ରିଷ୍ଣା ମଣ୍ଡପ, ସମୟ:ପୂର୍ବାହ୍ନ ୯ଟା।
- ବିଜେଡି ପ୍ରତିଷ୍ଠା ଦିବସ, ସ୍ଥାନ:ଭାପୁର ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ୧୦ଟା ।
- ଭାପୁର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:ଭାପୁର, ସମୟ: ପୂର୍ବାହ୍ନ ୧୦ଟା ।

## ରାୟଗଡ଼ା
- ରାୟଗଡ଼ା ଲୋକ ମହୋତ୍ସବ ଚଇତି ଶୋଭାଯାତ୍ରା, ସ୍ଥାନ: ମଝିଘରିଆଣି ମନ୍ଦିରରୁ ଜିସିଡ଼ି ଖେଳ ପଡିଆ, ସମୟ: ସକାଳ ୯ ଟା ।
- ଜିଲାସ୍ତରୀୟ ଚଇତି ଉତ୍ସବ ଉଦଘାଟନ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୮ଟା।
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ସମଲେଇ ମନ୍ଦିରରୁ ଆଜ୍ଞାମାଳ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଭୂମିପୂଜନ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବରଗଡ ସମର୍ପଣ ପକ୍ଷରୁ ଥିଲା-ଅଛେ-ହେବା, ସ୍ଥାନ:ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା: ୬ଟା୧୫।
- ମଞ୍ଚନାୟକ ପକ୍ଷରୁ ହେପି ଏନିଭରସରୀ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।
- ବରଗଡ ଢୋଲବନ୍ଦର ସଚେତନତା ପକ୍ଷରୁ ଏ ରୋବୋ ନାଟକ, ସ୍ଥାନ: ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ: ରାତି: ୮ଟା୪୫।

## ସୁବର୍ଣ୍ଣପୁର
- ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ରେ ସୋନପୁର ବନାମ କୋଲକତା ମ୍ୟାଚ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ।
- ଭାଗବତ ପାରାୟଣ, ସ୍ଥାନ: ଅମର ପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଦଶମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଳିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- କନକ ଦୁର୍ଗା ଦେବୀ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ମର୍ହାଟିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ପୂର୍ବାହ୍ନ ୯ଟା ୫୯।
- ରକ୍ତଦାନ ଶିବିର, ସ୍ଥାନ: ମହିମା ନଗର, ସୋହେଲା, ସମୟ: ସକାଳ ୯ଟା।
- ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ମର୍ହାଟିକ୍ରା, ଜହ୍ନାପଡ଼ା, ଅତାବିରା, ସମୟ: ସନ୍ଧ୍ୟା ୬ଟା।
- ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ସାଉଥଖଣ୍ଡି, ଗାଇସିଲେଟ୍, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ରାଉରକେଲା ବିଜେଡ଼ି ପକ୍ଷରୁ ବିଜୁବାବୁଙ୍କୁ ମାଲ୍ୟାର୍ପଣ, ସ୍ଥାନ: ଛେଣ୍ଡ କଲୋନୀ, ସମୟ: ସକାଳ ୯ଟା।
- ଫଳବଣ୍ଟନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ସକାଳ ୯ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡ଼ି କର୍ମୀ ସମାବେଶ, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ ପକ୍ଷରୁ ଶତବାର୍ଷିକୀ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ରା ରୋଡ୍, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ପୂଲର ପ୍ରଥମ ଦିନ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଦେବଗଡ, ସମୟ: ମଧ୍ୟାହ୍ନ ୧୨ଟା।

## ନୂଆପଡ଼ା
- କୋଶଲୀ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ନୂଆପଡା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- କେସିଏସଏ କପ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ରାଜାଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ ଟା।
- ଯୋଗ ବେଦାନ୍ତ ସେବା ସମିତି ଜାମିଳି ନୂଆପଡା ପକ୍ଷରୁ ତୁଳସୀ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡା ଏକତା ଛକ, ସମୟ: ପୂର୍ବାହ୍ନ ୧୧ ଟା।

## ବୌଦ୍ଧ
- ବୌଦ୍ଧ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସୁଖଭାବାଧିପତି ମଙ୍ଗଳ ଦୃଷ୍ଟ ଯୋଗୁ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ଯୁକ୍ତିତର୍କରୁ ଅନର୍ଥ ଘଟିବାର ସମ୍ଭାବନା ରହିଛି। ତଥାପି ସାମ୍ବାଦିକତା, ଏଜେନ୍‌ସିପ୍, ପରିବହନ, ବାଣିଜ୍ୟରେ ସଫଳତା ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗିରହିବ। ବ୍ୟବସାୟିକ ସ୍ଥିତି ଭଲ ରହିଲେ ମଧ୍ୟ ଆର୍ଥିକ ପରିସ୍ଥିତି ବଦଳି ନ ପାରେ।

**ବୃଷ** ଅଷ୍ଟମସ୍ଥ ରବି ଯୋଗୁ ପରିବାରରେ ସ୍ୱାସ୍ଥ୍ୟହାନିର ଆଶଙ୍କା ଦେଖାଦେବ। ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିପାରନ୍ତି। ଆନୁଷ୍ଠାନିକ କାମରେ ବାଦାନୁବାଦ ହେତୁ ସମସ୍ୟା ସୃଷ୍ଟି ହୋଇପାରେ। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥ ବନ୍ଧୁଙ୍କଠାରୁ କରଜ କରିପାରନ୍ତି।

**ମିଥୁନ** ଆପଣଙ୍କ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଆଜି ବନ୍ଧୁଗହଣରେ କିଛି କଡ଼ା ଭାଷା ପ୍ରୟୋଗ କରି ସମ୍ପର୍କ ନଷ୍ଟ କରିପାରନ୍ତି। ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତିନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବ। କିନ୍ତୁ କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ଫଳ ପାଇବାର ଆଶା କରାଯାଇପାରେ।

**କର୍କଟ** ସପ୍ତମ କେନ୍ଦ୍ରସ୍ଥ ଶୁକ୍ରଙ୍କ ଶୁଭଦୃଷ୍ଟିରୁ ବିଳାସବ୍ୟସନରେ ସମୟ କଟିବ। କିନ୍ତୁ କର୍ମକ୍ଷେତ୍ରରେ ସତର୍କରେ କାମ କରିବା ଭଲ ନଚେତ୍‌ ପରେ ଅନୁତାପ କରିବାକୁ ପଡିବ। ଅଷ୍ଟମସ୍ଥ ଶନିଙ୍କ ଯୋଗୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହି ନ ପାରେ। ବନ୍ଧୁ ଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ** ମଙ୍ଗଳ ଭାଗ୍ୟସ୍ଥାନରେ ଥିବାରୁ ପ୍ଲଟିଂ କାରବାରରେ ଉନ୍ନତି ଓ ଅଗ୍ନି ସମ୍ବନ୍ଧିତ ଯନ୍ତ୍ରପାତି ବ୍ୟବସାୟରୁ ସୁଫଳ ପାଇବେ। ଯେଉଁ ଅର୍ଥ ବହୁ ପୂର୍ବରୁ ପାଇବାର ଥିଲା ତାହା ଆଜି ପ୍ରାପ୍ତ ହେବ। ବ୍ୟବସାୟକୁ ଆଗକୁ ବଢ଼ାଇବାପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି।

**କନ୍ୟା** ନିକଟ ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟାବହୁଳ କରି ପାରନ୍ତି। ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ଭିତରେ ରହିବ।

**ତୁଳା** କଠୋର ବାକ୍ୟାଳାପ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହେବ। ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବାକୁ ମନ ବଳାଇପାରନ୍ତି।

**ବିଛା** ଆଜି ଦିନଟିରେ ଆରୋଗ୍ୟଲାଭ, ଚେଷ୍ଟା ସଫଳ, ଋଣସୂତ୍ରରେ ଅର୍ଥଲାଭ ପ୍ରଭୃତି ଶୁଭଫଳ ପାଇବେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। ଲେଖାପଢା, କଳା, ସାହିତ୍ୟ, ସାମ୍ବାଦିକତା ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇପାରନ୍ତି। ଗୃହସୀମାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ସ୍ୱାସ୍ଥ୍ୟହାନି, କଳହ, ଧନକ୍ଷୟ ଓ ସମ୍ପର୍କ ନଷ୍ଟର ଆଶଙ୍କା ଦେଖାଦେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଠିକ୍ ହେବନାହିଁ। କେତେକ ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର** ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ମଉଜ ମଜଲିସ୍ ମଧ୍ୟରେ ଦିନଟିକୁ ଅତିବାହିତ କରିବେ। କିନ୍ତୁ ଅଫିସରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ପରିବାରରେ ଛୋଟ କଥାଟିକୁ ଗୁରୁତ୍ୱ ନ ଦେବା କାରଣରୁ ଟେନ୍‌ସନ କିଛି ମାତ୍ରାରେ କମିଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ପିଲାଙ୍କ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟସକଶେ ଚିନ୍ତିତ ରହିବେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା କ୍ରମଶଃ ଜଟିଳ ହେବ। ଖଳଲୋକମାନଙ୍କ ଶତ୍ରୁତା ହେତୁ ନିଜ ପରିସରରେ ସମାଲୋଚିତ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପଡ଼ୋଶୀରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ସ୍ୱାର୍ଥକୁ ଆଖିଆଗରେ ରଖି ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ଭୁଲିଯାଇ ପାରନ୍ତି।

ଆଜି ଡିସେମ୍ବର ୨୬ ତାରିଖ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ, ଗୁରୁବାର । ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୨ ଗତେ ଘ. ୦୭।୪୯ ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ.୦୧।୦୮ ଗତେ ଘ.୦୨।୨୯ ମଧ୍ୟେ ରାହୁ କାଳ ।

## ରକ୍ତଦେଇ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

**ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)**

ଆଜି ବି ସମାଜରେ ମାନବିକତା ବଞ୍ଚିରହିଛି। ଏହାର ଜ୍ୱଳନ୍ତ ଉଦାହରଣ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ଦେଖିବାକୁ ମିଳିଛି। ରକ୍ତ ଦେଇ ଜଣେ ଗୁରୁତର ରୋଗୀର ଜୀବନ ବଞ୍ଚାଇଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସୁବଳ ବେହେରା। ସୋମବାର ଫିରିଙ୍ଗିଆ ହସ୍ପିଟାଲରୁ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀ ନେଇଆସିଥିଲେ। ସେହି ହସ୍ପିଟାଲରେ ପୂର୍ବରୁ କାଳୁଚରଣ ପାତ୍ର ନାମକ ଜଣେ ରୋଗୀ ଚିକିତ୍ସିତ ହେଉଥିଲେ। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ବେରେଟାକିଆ ଗ୍ରାମର କାଳୁଚରଣ ପାତ୍ର ରକ୍ତହୀନତା ରୋଗରେ ପୀଡିତ ଥିଲେ ଓ ତୁରନ୍ତ ରକ୍ତ ଦରକାର ଥିବାରୁ ତାଙ୍କୁ କନ୍ଧମାଳ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ହସ୍ପିଟାଲ ରକ୍ତଭଣ୍ଡାରରେ ଏ+ ଗ୍ରୁପ୍‌ର ରକ୍ତ ନ ଥିଲା। ତେଣୁ ରୋଗୀଙ୍କ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସାହାଯ୍ୟ ମାଗିଥିଲେ। ସୁବଳଙ୍କ ରକ୍ତ ମଧ୍ୟ ଏ+ ହୋଇଥିବାରୁ ସେ ବିଳମ୍ବ ନ କରି ତୁରନ୍ତ ରକ୍ତଦାନ କରିଥିଲେ। ଘଟଣା ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜାଣିବା ପରେ ତାଙ୍କୁ ପ୍ରଶଂସା କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ଆବେଦନ ପ୍ରକ୍ରିୟା ଆରମ୍ଭ କରିବାକୁ ପୌରାଞ୍ଚଳକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫।୧୨(ଅନିଲ ଦାସ)**

ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ (ଓୟୁଏଚଏମ) ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟର ସମସ୍ତ ସହରାଞ୍ଚଳ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସର ପୂର୍ବ ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟ ପାଇଁ ଆବେଦନଗୁଡିକ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଏକ ୱେବ୍ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନରେ ଗ୍ରହଣ କରାଯିବ। ପୌରସଂସ୍ଥାଗୁଡିକ ସେମାନଙ୍କ କାର୍ଯ୍ୟାଳୟରେ ହେଲପ୍‌ଡେସ୍କ ପ୍ରତିଷ୍ଠା କରିବେ। ୱାର୍ଡ ଗୁଡିକରେ ଶିବିର ଆୟୋଜନ କରିବା ସହ ଆବେଦନକାରୀଙ୍କୁ ସାହାଯ୍ୟ କରିବା ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ସହିତ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁଗମ ଆବେଦନ ପ୍ରକ୍ରିୟା ନିଶ୍ଚିତ କରିବାକୁ, ଓଡ଼ିଶା ସହରୀ ଗୃହ ନିର୍ମାଣ ମିଶନ ପରାମର୍ଶ ଦେଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ମଙ୍ଗଳବାର ଗାଡକଣରେ ଏକ ଶିବିର ଆୟୋଜନ କରି ଏହି ପ୍ରକ୍ରିୟା ଆରମ୍ଭ କରିଛି। ଗାଡକଣଠାରେ ଏହି ଶିବିର ଆୟୋଜନ କରିବାର ମହତ୍ୱ ରହିଛି। କାରଣ ପ୍ରଧାନମନ୍ତ୍ରୀ ତାଙ୍କର ୭୪ ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪)ରେ ପରିଦର୍ଶନ କରିବା ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କ ସହିତ କଥା ହୋଇଥିଲେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ ଅନୁଯାୟୀ ପ୍ରମୁଖ ଶାସନ ସଚିବଙ୍କ ମାର୍ଗଦର୍ଶନରେ ଗାଡକଣକୁ ଏକ ମଡେଲ ଗ୍ରାମ ଭାବରେ ବିକାଶ ପାଇଁ ମନୋନୀତ ହୋଇଛି।

ଓୟୁଏଚ୍‌ଏମ୍‌ର ସହଯୋଗରେ ଅନୁଷ୍ଠିତ ଏହି ଉଦଘାଟନୀ ଶିବିରରେ ଉକ୍ତ ଯୋଜନାରୁ ଲାଭ ପାଇବାକୁ ଇଚ୍ଛା କରୁଥିବା ପରିବାରଗୁଡିକ ଆବେଦନପତ୍ର ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ କାଗଜପତ୍ର ଆଣିବାକୁ ହିତାଧିକାରୀମାନଙ୍କୁ କୁହାଯାଇଛି।

# ପ୍ରଥମ ପୃଷ୍ଠାରୁ...

## ନବୀନଙ୍କୁ ଭାରତରତ୍ନ ...

ତାହା ଏବେ ଜୋର ଧରିଛି। ସୂଚନାଥାଉ କି, କେନ୍ଦ୍ରରେ କ୍ଷମତାସୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହାର ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଦେବା ପାଇଁ ୨ ସପ୍ତାହ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଥିଲା। ଏବେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ନୀତୀଶଙ୍କ ସହ ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଭାରତରତ୍ନ ଦିଆଯିବା ଉଚିତ୍ ବୋଲି ଦାବି କରିଛନ୍ତି। ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) କେନ୍ଦ୍ରମନ୍ତ୍ରୀଙ୍କ ଦାବିକୁ ନେଇ ଉପହାସ କରିଛି। ନୀତୀଶଙ୍କୁ ଏହି ସମ୍ମାନ ଦେବାରେ ସେମାନଙ୍କୁ କିଏ ଅଟକାଇଛି ବୋଲି ଆର୍‌ଜେଡି ପ୍ରଶ୍ନ କରିଛି।

ଏକଦା ନୀତୀଶଙ୍କ ସମାଲୋଚକ ଭାବେ ପରିଚିତ ବରିଷ୍ଠ ଭାଜପା ନେତା ଗିରିରାଜଙ୍କ ଦାବିକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। ଅନ୍ୟପକ୍ଷେ ୨ ଦିନ ତଳେ ଅନୁଷ୍ଠିତ ବିହାର ଭାଜପାର କୋର୍ କମିଟି ବୈଠକରେ ନୀତୀଶଙ୍କୁ ବିହାର ବିଧାନସଭା ନିର୍ବାଚନ ବେଳେ ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକ ପରେ ଗିରିରାଜ କହିଥିଲେ, ନୀତୀଶ କୁମାର ହେଉଛନ୍ତି ଆମ ନେତା। ସେ ଆମ ନେତା ହୋଇ ରହିବେ। ସେହିପରି ନିଜ ସଂସଦୀୟ ନିର୍ବାଚନମଣ୍ଡଳୀ ବେଗୁସରାଇରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ଅନୁରୂପ ଭାବାବେଗ ପ୍ରକାଶ କରି ନୀତୀଶ ଓ ପୂର୍ବତନ ସହଯୋଗୀ ନବୀନଙ୍କୁ ପ୍ରଶଂସାରେ ପୋତିଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ବିହାର ଖରାପ ରାସ୍ତା, ସ୍କୁଲ ଓ ବିଲ୍ଡିଂକୁ ନେଇ ପରିଚିତ ଥିଲା। କିନ୍ତୁ ନୀତୀଶ କ୍ଷମତାକୁ ଆସିବା ପରେ ରାଜ୍ୟକୁ ବିକାଶର ନୂଆ ସୋପାନକୁ ନେଇଯାଇଛନ୍ତି। ସେହିପରି ନବୀନ ପଟ୍ଟନାୟକ ଅନେକ ବର୍ଷ ଧରି ଓଡ଼ିଶାର ସେବା କରିଛନ୍ତି। ଏମାନଙ୍କ ଭଳି ନେତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତରତ୍ନ ଦିଆଯିବା ଉଚିତ ବୋଲି ଗିରିରାଜ ଦାବି କରିଛନ୍ତି।

## ବିଲରେ ଭାସୁଛି ...

ବର୍ଷା ହେବ। ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୭ ତାରିଖରୁ ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଖୋର୍ଦ୍ଧାରେ ସର୍ବାଧିକ ୭୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଳାହାଣ୍ଡି ୬୫, ନବରଙ୍ଗପୁର ୬୨, କୋଷାଗୁମୁଡ଼ା ୫୮, ଜୁନାଗଡ଼ ୫୧, ଭବାନୀପାଟଣା ୪୬.୧, ଝରିଗାଁ ୪୬, ଗଞ୍ଜାମ ୪୧, କନ୍ଧମାଳ ୩୬, କଟକ ୨୭, କେନ୍ଦ୍ରାପଡ଼ା ୫୫, ଗଜପତି ଜିଲାରେ ୨୪.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଯାଜପୁର ବ୍ଲକର ଇନ୍ଦାରୋଇ ଗ୍ରାମର ଚାଷୀ ଦୀନବନ୍ଧୁ ସାହୁ କହିଛନ୍ତି, ଲଗାଣ ବର୍ଷା ଯୋଗୁ ବିଲରେ ପାଚିଲା ଧାନ ପାଣିରେ ଭାସୁଛି। ବର୍ଷା ନ ଛାଡ଼ିବା ଯାଏ ଖଳାକୁ ଆଣି ପାରୁନୁ। ୪/୫ ଦିନ ରହିଲାଣି, ଆଉ ଅମଳ ହେବା ଭଳି ଲାଗୁନି। ଧାନ ବିକି ଦି'ପଇସା ପାଇବି ବୋଲି ଆଶାଥିଲା। କ'ଣ କରିବୁ ବୁଦ୍ଧିବାଟ ଦିଶୁନି। ସରକାର ଯାହା ଦେବେ ସେଥିରେ କ'ଣ ଆମର ପେଟ ପୂରିବ। ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ଚାଷୀ ଲମ୍ବୋଦର ହୋତା କହିଛନ୍ତି, ଏତେ ବର୍ଷା ହେବ ବୋଲି ଜାଣି ନ ଥିଲୁ। ସବୁତ ଗଲା। ଏବେ କରିବୁ କ'ଣ। ପାଣି ଛାଡ଼ିବାକୁ ଆହୁରି ୩/୪ ଦିନ ଲାଗିଯିବ। କାଦୁଅ ସରସର ଧାନ କେଉଁଠିକୁ ନେବୁ। ଧାର କରଜ କରି ଚାଷରେ ଲାଗାଇଥିବା ଟଙ୍କା ଶୁଝିବୁ କେମିତି ବୋଲି ସେ କହିଛନ୍ତି।

ଫସଲ ଅମଳ ସମୟରେ ବର୍ଷା ଜାରି ରହିଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ବର୍ଷାରେ ଫସଲହାନି ହୋଇଥିଲେ ଚାଷୀମାନଙ୍କୁ କ୍ଷତିପୂରଣ ମିଳିବ। ଫସଲହାନିର ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯିବ। ଏହି କମିଟି ସ୍ପଟକୁ ଯାଇ ତଦନ୍ତ କରିବ। ଫସଲହାନି ହୋଇଥିଲେ କ୍ଷତିପୂରଣ ମିଳିବ। ସବୁ ଚାଷୀଙ୍କୁ ବୀମାଭୁକ୍ତ କରାଯାଇଛି। ବୀମା କମ୍ପାନୀଙ୍କ ଉପରେ ନଜର ରଖାଯାଇଛି। କୌଣସି କମ୍ପାନୀ ଠକି ପାରିବେ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଚାଷୀମାନଙ୍କର ଅବସ୍ଥାକୁ ଦେଖି ମଙ୍ଗଳବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ଧାନର ମାନ ଖରାପ ଥିଲେ ମଧ୍ୟ ରାଜ୍ୟ ସରକାର କିଣିବେ। ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟୋକନ ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ଆହୁରି ୧୫ ଦିନ ମହଲତ ଦିଆଯିବ। ଓଦା ଧାନ ଶୁଖାଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ପାଗ ଖରାପ ଯୋଗୁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। ବର୍ଷାରେ ଯେଉଁ ଚାଷୀଙ୍କର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଅନ୍ୟପକ୍ଷରେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଇତିମଧ୍ୟରେ ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ମଧ୍ୟ ଆରମ୍ଭ ହୋଇଛି ।

## ବିମାନ ଦୁର୍ଘଟଣା...

ହୋଇଥିବାରୁ ବିମାନଟି କଜାଖସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଉଡ଼ାଣ ବେଳେ ବିମାନ ସହ କେତୋଟି ପକ୍ଷୀ ଧକ୍କାହେବା ପରେ ଏହାର ପାଇଲଟ ଭାରସାମ୍ୟ ହରାଇଥିଲେ। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଡାହାଣ ପଟକୁ ଢଳିଯାଇ ଜରୁରୀ ଅବତରଣ ପାଇଁ ଉଦ୍ୟମ କରିଥିଲା। ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏହା ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଯାତ୍ରୀଙ୍କ ମଧ୍ୟରେ ଆଜରବୈଜାନର ୩୭, କାଜାଖାସ୍ତାନର ୬, କିର୍ଗିଜ୍‌ସ୍ତାନର ୩ ଓ ରୁଷିଆର ୧୬ ଯାତ୍ରୀ ରହିଥିବା କାଜାଖସ୍ତାନ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁର୍ଘଟଣାରେ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିବା ରୁଷୀୟ ନ୍ୟୁଜ୍ ଏଜେନ୍ସି ଇଣ୍ଟାଫାକ୍ସ ସ୍ପଷ୍ଟ କରିଛି।

ଦୁର୍ଘଟଣାସ୍ଥଳରେ ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଜଳନ୍ତା ବିମାନର ଏକ୍‌ଜିଟ୍ ଗେଟ୍ ଦେଇ ବାହାରୁଥିବା ବେଳର ଦୃଶ୍ୟ କେତେକ ଟିଭି ଚ୍ୟାନେଲରେ ପ୍ରସାରିତ ହୋଇଛି। ସେଠାରୁ କେତେଜଣ ଯାତ୍ରୀଙ୍କ ମୃତଦେହ ଠାବ ହୋଇଥିବାବେଳେ ଆହତମାନଙ୍କୁ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଛି। ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ ଉପଲବ୍ଧ ତଥ୍ୟ ଅନୁସାରେ ବିମାନ କାସ୍ପିଆନ୍ ସାଗର ଉପରେ ଉଡ଼ାଣ କରି ନିଜ ଗନ୍ତବ୍ୟସ୍ଥଳ ଆଡ଼କୁ ଅଗ୍ରସର ହେଉଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଏହାର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାମ କରୁ ନ ଥିବାରୁ ଅଟୋମେଟିକ୍ ଡିପେଣ୍ଡାଣ୍ଟ ସର୍ଭିଲାନ୍ସ-ବ୍ରଡ୍‌କାଷ୍ଟ (ଏଡିଏସ୍-ବି) ଉପଯୁକ୍ତ ଡେଟା ଟ୍ରାନ୍ସମିଟ୍ କରିପାରି ନ ଥିଲା ବୋଲି ଫ୍ଲାଇଟ୍‌ରାଡାର୨୪ ପକ୍ଷରୁ କୁହାଯାଇଛି। ତେବେ ବିମାନ କାସ୍ପିଆନ୍ ସାଗରକୁ କାହିଁକି ଅତିକ୍ରମ କରିଥିଲା, ସେନେଇ ଅଧିକାରୀମାନେ ସ୍ପଷ୍ଟ କରିପାରି ନାହାନ୍ତି। ଅନ୍ୟପକ୍ଷେ ଚେଚନ୍ୟା ଓ ଇନ୍‌ଗୁଶେଟିଆର ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ ବୁଧବାର ସକାଳେ ଡ୍ରୋନ୍ ଷ୍ଟ୍ରାଇକ୍ କରାଯାଇଥିବା କହିଛନ୍ତି। କାସ୍ପିଆନ୍ ସାଗର ପୂର୍ବ ଉପକୂଳ ନିକଟ ରୁଷିଆର ମଖାଚକାଲା ଏୟାରପୋର୍ଟରେ ଜଣେ ଅଧିକାରୀ କହିଛନ୍ତି, ବିମାନଟି ଯେଉଁଠାରୁ ରାଡାର ବାହାରକୁ ଚାଲିଯାଇଥିଲା, ସେହି ଅଞ୍ଚଳର ଆକାଶରେ ବୁଧବାର ସକାଳେ ଅନେକ ଘଣ୍ଟା ଧରି ଇନ୍‌କମିଂ ଟ୍ରାଫିକ୍ ବନ୍ଦ ରହିଥିଲା। କାଜାଖସ୍ତାନ ସରକାର ଏହାର ତଦନ୍ତ ପାଇଁ ଏକ କମିଶନ ଗଠନ କରିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏନେଇ ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ସବୁ ପ୍ରକାର ସହାୟତା ଦିଆଯିବ ବୋଲି କହିଛନ୍ତି।

## ଭଜାଖିଆ ଗାଁରୁ ହରିଣ ଉଦ୍ଧାର

ଏରସମା, (ଦୀପ୍ତି ଖଣ୍ଡୁଆଳ): ଏରସମା ବ୍ଲକ୍ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଭଜାଖିଆ ଗାଁରୁ ବୁଧବାର ଅପରାହ୍ନରେ ଏକ ଆହତ ହରିଣକୁ ବନ ବିଭାଗ ଉଦ୍ଧାରକରି ବୋରୁହାଁ ଜଙ୍ଗଲରେ ଛାଡ଼ିଛି। ସୂଚନା ଯୋଗ୍ୟ, ବୋରୁହାଁ ଜଙ୍ଗଲରୁ ପଳାଇ ଆସିଥିବା ହରିଣକୁ ଭଜାଖିଆ ଗାଁରେ କୁକୁର ଗୋଡ଼ାଉଥିବା ବେଳେ ଗାଁ ଲୋକେ ଉଦ୍ଧାରକରି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇଁ ହାୱାଖାନା ବନପାଳ ମଙ୍ଗଳ ହେମ୍ବ୍ରମ କର୍ମଚାରୀଙ୍କୁ ପଠାଇ ହରିଣକୁ ଚିକିତ୍ସାକରି ବୋରୁହାଁ ଜଙ୍ଗଲରେ ଛାଡ଼ିଦେଇଛନ୍ତି।



# ଉତ୍ସବମୁଖର ଚର୍ଚ୍ଚ

## କ୍ରିସ୍‌ମସ୍‌, ବଡ଼ଦିନ: ବାଧକ ସାଜିଲା ବର୍ଷା



କ୍ରିସ୍‌ମସ୍ ଓ ବଡ଼ଦିନ ଅବସରରେ ବୁଧବାର ଭୁବନେଶ୍ୱର ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତି ଜାଳି, ଗୋଲାପ ଦେଇ ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ କରୁଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୨୫।୧୨
(ସୌମ୍ୟରଞ୍ଜନ ରାଉତ)

ମଧ୍ୟରାତ୍ରିରେ ପ୍ରଭୁ ଯିଶୁଙ୍କ ଧରାବତରଣ ପରେ ବୁଧବାର ଧୁମ୍‌ଧାମ୍‌ରେ ଉତ୍ସବ ମନାଇଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ। ଶାନ୍ତି, ପ୍ରେମ, ମୈତ୍ରୀର ବାର୍ତ୍ତା ନେଇ କ୍ରିସ୍‌ମସ୍ ପର୍ବ ସହ ବଡ଼ଦିନ ପାଳନ କରିଥିଲେ। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ୟୁନିଟ୍‌-୪ସ୍ଥିତ ବାପ୍‌ଟିଷ୍ଟ ଓ ସତ୍ୟନଗରସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚ ସହ ଏହାର ଶାଖା କଳିଙ୍ଗ ବିହାର, କଳିଙ୍ଗ ନଗର ଓ ଚନ୍ଦ୍ରଶେଖରପୁରରେ ଥିବା ଚର୍ଚ୍ଚଗୁଡିକ ଉତ୍ସବମୁଖର ହୋଇପଡିଥିଲା। ତେବେ ଏଥିରେ ବର୍ଷା ବାଧକ ସାଜିଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ଅଟକାଇପାରି ନ ଥିଲା। ବହୁ ଶ୍ରଦ୍ଧାଳୁ ଚର୍ଚ୍ଚରେ ପହଞ୍ଚି ପ୍ରାର୍ଥନା କରିଥିଲେ। ତେବେ ସନ୍ଧ୍ୟାରୁ ବର୍ଷା ଛାଡ଼ିଯିବା ପରେ ପ୍ରବଳ ଭିଡ଼ ହୋଇଥିଲା।

କ୍ରିସ୍‌ମସ-ଟ୍ରି , ସାନ୍ତାକ୍ଲଜ, ଯିଶୁ ଜନ୍ମ ହୋଇଥିବା ଗୁହାଳ ଘର ସହ ଚର୍ଚ୍ଚକୁ ସୁସଜ୍ଜିତ କରାଯାଇଥିବାବେଳେ ରଙ୍ଗିନ ଆଲୋକମାଳାରେ ଝଲସି ଉଠିଥିଲା। ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ସହ କେକ୍ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ବାପ୍‌ଟିଷ୍ଟ ଚର୍ଚ୍ଚ ଏବଂ ଅନ୍ୟାନ୍ୟ ଚର୍ଚ୍ଚରେ ପରିବାର, ସାଙ୍ଗସାଥୀଙ୍କ ସହ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିବା ସହ ଏହି ପବିତ୍ର ଦିନକୁ ଧୁମ୍‌ଧାମରେ ପାଳନ କରିଥିଲେ। ସମସ୍ତେ ଏକାଠି ହୋଇ କ୍ୟାରୋଲ ଗାନ କରିଥିଲେ। ପରେ ସମସ୍ତେ ହାତମିଳାଇ, ଗୋଲାପ ଦେଇ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇବା ସହ ଉପହାର ମଧ୍ୟ ଦେଇଥିଲେ। ଶାନ୍ତିପୂର୍ଣ୍ଣ ଭାବେ ବଡ଼ଦିନ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ବିଭିନ୍ନ ଚର୍ଚ୍ଚ ଓ ଆଖପାଖରେ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ବଡ଼ଦିନରେ ଭୋଜି ସହ ବୁଲାବୁଲି କରିବାର ଯୋଜନା କରିଥିଲେ। ଏଥିପାଇଁ ବହୁ ପୂର୍ବରୁ ପିଣ୍ଡି ବୁକ୍ କରିଥିଲେ ମଧ୍ୟ ବର୍ଷା ଯୋଗୁ ତାହା ସମ୍ଭବ ହୋଇପାରି ନ ଥିଲା। ପିଣ୍ଡି ଟଙ୍କା ପାଣିରେ ପଡିବାରୁ ଅନେକେ ଘରେ ଭୋଜି କରି ଦିନ କାଟିଥିଲେ।

# ଓଡ଼ିଶାକୁ ମିଳିଲା ୪୫୫ କୋଟିର କେନ୍ଦ୍ରୀୟ ଅନୁଦାନ

ଭୁବନେଶ୍ୱର,୨୫।୧୨(ଅନିଲ ଦାସ)

କେନ୍ଦ୍ର ସରକାର ଓଡ଼ିଶାର ରୁରାଲ ଲୋକାଲ ବଡି(ସ୍ୱାୟତ୍ତ ସଂସ୍ଥା )ଗୁଡ଼ିକ ପାଇଁ ୪୫୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ଅର୍ଥାତ୍ ୩୭୦.୨୦ କୋଟି ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଣବନ୍ଧିତ ଅନୁଦାନର ପ୍ରଥମ କିସ୍ତିର ବକେୟା ରାଶି ବାବଦରେ ୮୪.୫୮୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପାଣ୍ଠି ରାଜ୍ୟର ସମସ୍ତ ଯୋଗ୍ୟ ୬୭୯୪ଟି ଗ୍ରାମପଞ୍ଚାୟତ ପାଇଁ ରହିଛି।

ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠା ଖର୍ଚ୍ଚ ବ୍ୟତୀତ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା ଅଣତିରିଶ (୨୯) ବିଷୟ ଅଧୀନରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ)/ ଆର୍‌ଏଲ୍‌ବି) ଦ୍ୱାରା ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯିବ। ପରିମଳ ଏବଂ ରକ୍ଷଣାବେକ୍ଷଣର ମୌଳିକ ସେବା ପାଇଁ ଅନୁଦାନ ବ୍ୟବହାର କରାଯାଇପାରିବ। ଏଥିରେ ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ, ବିଶେଷକରି ମାନବ ମଳ ଏବଂ ବର୍ଜ୍ୟ ପରିଚାଳନା ଏବଂ ପାନୀୟ ଜଳ ଯୋଗାଣ, ବର୍ଷା ଜଳ ସଂରକ୍ଷଣ ଏବଂ ଜଳ ପୁନଃ ବ୍ୟବହାର ଅନ୍ତର୍ଭୁକ୍ତ ହେବ।

ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଓ ପରିମଳ ବିଭାଗ) ମାଧ୍ୟମରେ ଗ୍ରାମୀଣ ସ୍ୱାୟତ୍ତ ସଂସ୍ଥା ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ (ଏକ୍ସଭି ଏଫ୍‌ସି) ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି। ପରେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହା ପ୍ରଦାନ କରାଯାଇଥାଏ। ଆବଣ୍ଟିତ ଅନୁଦାନଗୁଡ଼ିକ ଏକ ଆର୍ଥିକ ବର୍ଷରେ ୨ଟି କିସ୍ତିରେ ସୁପାରିସ ଏବଂ ପ୍ରଦାନ କରାଯାଏ।

ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍‌ଆଇ)/ଆର୍‌ଏଲ୍‌ବିକୁ ପ୍ରଦାନ କରାଯାଉଥିବା ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ତୃଣମୂଳ ସ୍ତରର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ଆର୍ଥିକ ସହାୟତା ଗ୍ରାମୀଣ ସ୍ଥାନୀୟ ଶାସନରେ ଉନ୍ନତି ଆଣିବା, ଉତ୍ତରଦାୟିତ୍ୱ ବୃଦ୍ଧି କରିବା ଏବଂ ଗ୍ରାମରେ ଆତ୍ମ ନିର୍ଭରଶୀଳତାକୁ ପ୍ରୋତ୍ସାହିତ କରୁଛି।

# ଟ୍ରଲର ମାଲିକ, ଡ୍ରାଇଭରଙ୍କ ଘରୁ ୯ ଭିଏଚ୍‌ଏଫ୍ ଜବତ

ରାଜନଗର,୨୫।୧୨
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହେବାର ୫ଦିନ ପରେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୯ ଭିଏଚ୍‌ଏଫ୍ ଜବତ କରାଯାଇଛି। ମଙ୍ଗଳବାର ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଅନିଲ ମହାପାତ୍ର, ହାବିଲଦାର ପରିକ୍ଷିତ ସେଠୀ ଓ କନ୍‌ଷ୍ଟେବଲ ଭଗବାନ ସାହୁ ପ୍ରମୁଖ ତାଳଚୁଆ ସାମୁଦ୍ରିକ ଥାନାର ୫ ଗାଁରୁ ୯ ବେଆଇନ ଭିଏଚ୍‌ଏଫ୍ ଜବତ କରିଛନ୍ତି। ତାଳଚୁଆ ବଜାର ଟ୍ରଲର ମାଲିକ ମଦନ ଦେବନାଥଙ୍କ ଘରୁ ୨, ସ୍ୱଦେଶ ମଣ୍ଡଳଙ୍କ ଘରୁ ଗୋଟିଏ, ସନାତନ ପରିଡ଼ାଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ ହୋଇଥିଲା। ଅମରାବତୀ ଗାଁରୁ ବୋଟ୍ ଡ୍ରାଇଭର ଗୁରୁପଦ ଦାସଙ୍କ ଘରୁ ଗୋଟିଏ, ଭଞ୍ଜପ୍ରସାଦର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘରୁ ୨ଟି, ଶୈଳେନ୍ଦ୍ରନଗରର ନାସିର ଅଲ୍ଲୀ ଖାଁଙ୍କ ଘରୁ ଗୋଟିଏ ଓ



ଜବତ ହୋଇଥିବା ଭିଏଚ୍‌ଏଫ୍।

ଗିରିଆପାହିର ଜୟଦେବ ମଣ୍ଡଳଙ୍କ ଘରୁ ଗୋଟିଏ ଭିଏଚ୍‌ଏଫ୍ ଜବତ କରାଯାଇଥିବା ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ତାଳଚୁଆ ବଙ୍ଗୀୟ ଭାଷାଭାଷୀ ଅଞ୍ଚଳ ହୋଇଥିବାରୁ ସେଠାରୁ ଭିଏଚ୍‌ଏଫ୍ ଜବତ କରାଯିବା ଉପକୂଳ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିନା ଲାଇସେନ୍ସରେ କିପରି ଭିଏଚ୍‌ଏଫ୍‌ଗୁଡ଼ିକ ଦୀର୍ଘଦିନ ହେଲା ଚାଲୁଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବାଜପେୟୀଙ୍କ ବିରୋଧୀ ଥିଲେ, ରାଜନୈତିକ ଶତ୍ରୁ ନ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧୨(ସୁନିତ୍ ମିଶ୍ର)

ବାଜପେୟୀଜୀ ଜଣେ ଦେବୋପମ ବ୍ୟକ୍ତି ଥିଲେ। ତାଙ୍କ ଜୀବନର ଗଭୀରତା, ସଦ୍‌ଗୁଣ ଓ ଆଦର୍ଶ ତାଙ୍କୁ ଦେବତାଙ୍କ ସହ ତୁଳନୀୟ କରିଥିଲା। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କର ରାଜନୈତିକ ବିରୋଧୀ ଥିଲେ, କିନ୍ତୁ କେହି ଶତ୍ରୁ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜଣେ ଉଦାର ହୃଦୟ ଜନନାୟକ, ସଫଳ ପ୍ରଧାନମନ୍ତ୍ରୀ, ଓଜସ୍ୱିନୀ ବକ୍ତା ଓ ଜଣେ ପ୍ରସିଦ୍ଧ କବି ଭାବେ ଭାରତବର୍ଷର ରାଜନୈତିକ ଇତିହାସରେ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ଶାସନରେ ଦେଶର ବିକାଶର ଗତି ଏକ ନୂତନ ଶିଖର ଛୁଇଁଥିଲା। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ଭାରତର ଚାରି ମହାନଗରୀକୁ ଯୋଡ଼ି ସେ



ବିକାଶକୁ ଏକ ନୂଆ ଗତି ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସେ ଦେଶର ଗାଁଗୁଡିକରେ ସିମେଣ୍ଟ କଂକ୍ରିଟ ରାସ୍ତାକରି ଗ୍ରାମ୍ୟ ଭିତ୍ତିଭୂମି ସୁଦୃଢ଼ କରିଥିଲେ। ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ କିପରି ଜାତିସଂଘରେ ପାକିସ୍ତାନର ଚାଲ୍‌କୁ ପ୍ରତିହତ କରିବାରେ ସଫଳ ହୋଇଥିଲେ, ୧୯୯୯ ରେ ସରକାର ବଞ୍ଚାଇବା ପାଇଁ ସେ କିପରି ରାଜନୈତିକ ମୂଲ୍ୟବୋଧ ସହ ସାଲିସ କରି ନ ଥିଲେ ଆଦି ବିଭିନ୍ନ ବିଷୟରେ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବର୍ଣ୍ଣନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାଜପେୟୀ କହିଥିଲେ ଓଡ଼ିଶାର ବିକାଶ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ। ତାଙ୍କର ଏହି ଆଶ୍ୱାସନା ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଥିଲା। ପାରାଦୀପରେ ଇଣ୍ଡିଆନ ଅଏଲ କର୍ପୋରେଶନ ଦ୍ୱାରା ଏକ ରିଫାଇନେରି ସ୍ଥାପନ ଓ ଭୁବନେଶ୍ୱରରେ ଏମ୍‌ସ ପ୍ରତିଷ୍ଠା ପାଇଁ ମଧ୍ୟ ସେ ଭିତ୍ତିପ୍ରସ୍ତର ରଖିଥିଲେ। ଓଡ଼ିଶାରେ ଭାଜପା ସରକାରକୁ ମାତ୍ର ୬ ମାସ ପୂରଣ ହୋଇଛି। କିନ୍ତୁ ଲୋକଙ୍କୁ ସୁଶାସନ ଦେବାରେ ଆମେ ଗୋଟିଏ ମିନିଟ୍ ମଧ୍ୟ ନଷ୍ଟ କରିନାହୁଁ। ସୁଶାସନର ଏକ ବଡ଼ ଆବଶ୍ୟକତା ହେଉଛି ଲୋକଙ୍କ ଭରସା। ନିର୍ବାଚନ ସମୟରେ ଆମେ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ, ସବୁ ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ପୂରଣକରି ଚାଲିଛୁ। ସରକାର ଗଠନର ପ୍ରଥମ ଦିନରୁ ହିଁ ସେ ନିଜେ ଲୋକଙ୍କୁ ନିୟମିତ ଭାବେ ଭେଟୁଛନ୍ତି ଓ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି। ପ୍ରତି ସୋମବାର ସଦସ୍ୟମାନେ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କୁ ଶୁଣି ତାଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉଛୁ। ବାଜପେୟୀଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ସୁଶାସନ ପାଇଁ ଆମର ଏହି ସଂକଳ୍ପ ଓ କାର୍ଯ୍ୟାବଳୀ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାୟକ ବାବୁ ସିଂହ କହିଛନ୍ତି, ବାଜପେୟୀ ଥିଲେ ଦେଶର ଶ୍ରେଷ୍ଠ ପୁରୁଷ। ତାଙ୍କର ସୁଶାସନ ପାଇଁ ଦେଶ ପୁନର୍ଜନ୍ମକୁ ଚାହିଁ ରହିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବାଜପେୟୀଙ୍କ ଜୀବନୀ ଓ ଆଦର୍ଶରୁ ଆମକୁ ବହୁ କିଛି ଶିଖିବାର ଅଛି। ବିକାଶ ଓ ପ୍ରଗତିର ଏକମାତ୍ର ମାଧ୍ୟମ ହେଉଛି ସୁଶାସନ ବୋଲି ସେ କହିଛନ୍ତି। ସ୍ୱାଗତ ଭାଷଣ ଦେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି, ସେବା ଭାବ, ସମ୍ବେଦନଶୀଳତା ଓ ଉତ୍ତରଦାୟିତା ମାଧ୍ୟମରେ ବାଜପେୟୀ ସୁଶାସନ ପ୍ରତିଷ୍ଠା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବାଜପେୟୀଙ୍କ ଜୀବନୀ ଉପରେ ଆଧାରିତ ଏକ ଫଟୋ ଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ। ଭାରତ ରତ୍ନ ଅଟଳ ବିହାରୀ ଓ ସାମାଜିକ ସମଦର୍ଶିତା ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଛି।

# ସେତୁ ନିର୍ମାଣ ଯୋଗୁ ଚିଲିକାର ମୃତ୍ୟୁଘଣ୍ଟି ବାଜିବ

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

### ଜୈବ ବିବିଧତା ନଷ୍ଟ ସହ ଜଳସ୍ରୋତ ବାଧାପ୍ରାପ୍ତ ହେବ

ଚିଲିକାକୁ ଖୋଲିବା ପରିବର୍ତ୍ତେ ବ୍ରିଜ୍ ନିର୍ମାଣ କରାଯିବା ଦ୍ୱାରା ଚିଲିକାର ମୃତ୍ୟୁଘଣ୍ଟି ବାଜିବ ବୋଲି ଚିଲିକା ସୁରକ୍ଷା ଅଭିଯାନର ଆବାହକ ଅନାଦି ବେହେରା କହିଛନ୍ତି। ମଙ୍ଗଳବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବେହେରା କହିଛନ୍ତି, ଭାରତମାଳା ଉପକୂଳ ଜାତୀୟ ରାଜପଥ ଗୋପାଳପୁରଠାରୁ ପାଲୁର, କୃଷ୍ଣପ୍ରସାଦ ଦେଇ ଜହ୍ନିକୁଦାରୁ ମହିଷା ବ୍ରହ୍ମପୁର ଓ ସେଠାରୁ ସାତପଡ଼ାକୁ ଚିଲିକା ଉପରେ ଫ୍ଲାଏ ଓଭରବ୍ରିଜ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଏହି ଯୋଜନାକୁ ଓଡ଼ିଶାର ମତ୍ସ୍ୟଜୀବୀ ଓ ପରିବେଶବିତ୍‌ମାନେ ବିରୋଧ କରିବାରୁ ଏହା ଗୋପାଳପୁରରୁ ବାହାରି ବାଲୁଗାଁ, କାଳୁପଡ଼ା, ଭୂଷଣ୍ଡପୁର, ବଡ଼ଗୋଠ ଦେଇ ବ୍ରହ୍ମଗିରି ରାସ୍ତାକୁ ସଂଯୋଗ କରାଯିବାର ଘୋଷଣା କରାଯାଇଥିଲା। ଏବର ନିଷ୍ପତ୍ତି ଫଳରେ ଚିଲିକା ସହ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାଗ୍ୟ ଆହୁରି ବିପଦ ଭିତରକୁ ଠେଲି ହୋଇଯିବ। ବନ୍ୟା ବେଳେ ଚିଲିକାରେ ପଡ଼ିଥିବା ନଦୀ ନାଳର ଜଳ ସହ ପଟୁମାଟି ଓ ଦଳ ସମୁଦ୍ରକୁ ନ ଯାଇପାରି ଚିଲିକାକୁ ପୋତି ପକାଇବ। କାରଣ ଯେଉଁ ଜାଗାରେ ବ୍ରିଜ୍ ହେବ ତାହା ଅଣଓସାରିଆ ଓ ସେଠାରେ ବଡ଼ ବଡ଼ କଂକ୍ରିଟ ପିଲର ନିର୍ମାଣ ହେବା ଦ୍ୱାରା ଚିଲିକାରୁ ସମୁଦ୍ରକୁ ଯାଉଥିବା ସ୍ୱାଭାବିକ ଜଳସ୍ରୋତ ବାଧାପ୍ରାପ୍ତ ହେବ। ବ୍ରିଜ୍ ଉପରେ ଯାନବାହନ ଯାତାୟାତ କରିବା ଫଳରେ ଶବ୍ଦ, ବାୟୁ ଓ ଜଳ ପ୍ରଦୂଷଣ ବଢ଼ିବ। ଯାତ୍ରୀଙ୍କ ବର୍ଜ୍ୟବସ୍ତୁ ଦ୍ୱାରା ଚିଲିକା ପୋତି ହୋଇପଡ଼ିବ। ଏବେ ଚିଲିକା ମୁହାଣ ପୋତି ହୋଇଯିବା ଫଳରେ ଲୁଣିପାଣି ନ ଆସି ପାରିବା ଯୋଗୁ ଜୈବ ବିବିଧତା ନଷ୍ଟ ହୋଇଛି।

# ଦୁର୍ଘଟଣାଗ୍ରସ୍ତ ୨ ବାଇକ୍ ଆରୋହୀ ମୃତ

କୁଜଙ୍ଗ,୨୫।୧୨(ମନୋଜ ପ୍ରଧାନ)

ପାରାଦୀପ ଗଲ୍ଫ କୋର୍ସ ନିକଟରେ ସୋମବାର ଅପରାହ୍ନରେ ବାଇକ୍ ସହ କାର୍ ଦୁର୍ଘଟଣା ହୋଇଥିଲା। ଏଥିରେ ଆହତ ହୋଇ ଚିକିତ୍ସାଧୀନ ଥିବା ୨ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, କୁଜଙ୍ଗ ଥାନା ଅନ୍ତର୍ଗତ ଦୁଆଡ଼ିଆ ବାଲିସାହିର ଏକାଦଶୀ ପରିଡ଼ାଙ୍କ ପୁଅ କାଳନ୍ଦୀ ପରିଡ଼ା ଓ ସେହି ଗ୍ରାମର ଭରତ ସାହୁଙ୍କ ପୁଅ ସୁବାସ ସାହୁ ପାରାଦୀପ ଗଲ୍ଫ କୋର୍ସ ନିକଟରେ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ କାର୍ ସହ ଧକ୍କାହୋଇ ଗୁରୁତର ହୋଇଥିଲେ। ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କାଳନ୍ଦୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିଲା। ହେଲେ ସୁବାସ ଚିକିତ୍ସାଧୀନ ଥିବା ବେଳେ ବୁଧବାର ସନ୍ଧ୍ୟା ୬ଟାରେ ମୃତ୍ୟୁ ଘଟିଛି। ଏହା ବାଲିସାହି ଗ୍ରାମ ସମେତ କୁଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଇତିହାସ ରଚିବ ଓଡ଼ିଶା ଏନ୍‌ସିସି କଣ୍ଟିଜେଣ୍ଟ

### ପ୍ରଥମଥର ପରେଡ୍‌କୁ ବିମାନରେ ଯିବେ କ୍ୟାଡେଟ୍

ଭୁବନେଶ୍ୱର,୨୫।୧୨(ସୁଚିସ୍ମିତା ସାହୁ)

ପ୍ରଥମଥର ସାଧାରଣତନ୍ତ୍ର ଦିବସ ପରେଡ୍‌କୁ ବିମାନରେ ଯିବେ ଓଡ଼ିଶା ଏନ୍‌ସିସି କ୍ୟାଡେଟ୍। ଚଳିତ ବର୍ଷ ଦିଲ୍ଲୀର ରାଜପଥରେ ହେବାକୁ ଥିବା ୭୬ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶା ନିର୍ଦ୍ଦେଶାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) କଣ୍ଟିଜେଣ୍ଟ ରାଜ୍ୟର ପ୍ରତିନିଧିତ୍ୱ କରିବ। ଓଡ଼ିଶା ଏନ୍‌ସିସିର ୭୫ ବର୍ଷ ପରେ ପ୍ରଥମ ଥର ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ଏନ୍‌ସିସି କ୍ୟାଡେଟମାନେ ବିମାନ ଯୋଗେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବାକୁ ନୂଆଦିଲ୍ଲୀ ଯାତ୍ରା କରିବେ। ଏହି ଐତିହାସିକ ଯାତ୍ରା ଦ୍ୱାରା ଦେଶର ତୃତୀୟ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେବ।

ଐତିହ୍ୟ ଓ ବିକାଶ ବିଷୟବସ୍ତୁ ଉପରେ ଆଧାରିତ ଚଳିତବର୍ଷର ସାଧାରଣତନ୍ତ୍ର ଦିବସ କ୍ୟାଡେଟ୍‌ଙ୍କ ମଧ୍ୟରେ ଦେଶପ୍ରେମ, ଶୃଙ୍ଖଳା, ଅନୁଶାସନ, ନେତୃତ୍ୱ, ଭ୍ରାତୃଭାବ ଓ ଦେଶ ପ୍ରେମର ଭାବନା ଜାଗ୍ରତ କରିବ। ଚଳିତ ବର୍ଷ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଦ୍ୱାରା ତାଲିମ ଶିବିର ଆୟୋଜନ କରାଯାଇ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟର ୬୩ ହଜାର କ୍ୟାଡେଟ୍‌ଙ୍କ ମଧ୍ୟରୁ ୧୨୭ ଜଣଙ୍କୁ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଯୋଗଦେବା ପାଇଁ ମନୋନୀତ କରାଯାଇଛି। ୩୦ ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରରେ ସେମାନଙ୍କୁ ଡ୍ରିଲ୍, ସାଂସ୍କୃତିକ ପ୍ରତିଯୋଗିତା, ଜାତୀୟ ଏକୀକରଣ ସଚେତନତା କାର୍ଯ୍ୟକ୍ରମ, ଫ୍ଲାଗ୍ ଏରିଆ ପ୍ରତିଯୋଗିତା ପାଇଁ ତାଲିମ ଦିଆଯାଇଛି। ଓଡ଼ିଶା ଏନ୍‌ସିସି କଣ୍ଟିଜେଣ୍ଟ କେବଳ ରାଜ୍ୟର କଳା ଓ ସଂସ୍କୃତିର ଉତ୍କର୍ଷକୁ ପ୍ରତିନିଧିତ୍ୱ କରିବ ନାହିଁ, ବରଂ ଏହା ଆମ ସମୃଦ୍ଧ ପରମ୍ପରାକୁ ଦିଲ୍ଲୀ ରାଜପଥରେ ପ୍ରତିଫଳିତ କରିବ। ଯୁବ କ୍ୟାଡେଟ୍‌ଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହ ଯୁବସଶକ୍ତୀକରଣ ଦିଗରେ ରାଜ୍ୟ ସରକାର ଏବଂ ଏନ୍‌ସିସି ନିର୍ଦ୍ଦେଶାଳୟର ଉଦ୍ୟମ ପ୍ରଶଂସନୀୟ ହୋଇପାରିଛି। ଏହି କ୍ୟାଡେଟମାନେ ପ୍ରଧାନମନ୍ତ୍ରୀଙ୍କ ରାଲି ତଥା ସାଂସ୍କୃତିକ ପ୍ରତିଯୋଗିତା ସମେତ ଅନେକ ସମ୍ମାନଜନକ କାର୍ଯ୍ୟକ୍ରମରେ ଶୃଙ୍ଖଳିତ ଭାବେ ଭାଗନେଇ ଓଡ଼ିଶାକୁ ଜାତୀୟସ୍ତରରେ ଗୌରବାନ୍ୱିତ କରିବେ ବୋଲି ମୁଖ୍ୟ ଚୟନ ଅଧିକାରୀ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।

# ୧୫ଜଣଙ୍କୁ 'ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ'

ଭୁବନେଶ୍ୱର,୨୫।୧୨ (ସୁଚିସ୍ମିତା ସାହୁ)

ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ଘରୋଇ ହୋଟେଲଠାରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ ଓ ସପ୍ତମ ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମାଜର ଭିନ୍ନ ଭିନ୍ନ ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ସମ୍ମାନିତ କରୁଛି ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ। ଏହାଦ୍ୱାରା ସମାଜରେ ନୂଆ ପ୍ରତିଭାଙ୍କର ଜନ୍ମ ହେଉଛି। ଏହି ପ୍ରତିଭାମାନେ ସମାଜର ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଗଛଲତାର ସୁରକ୍ଷା ପ୍ରତି ଧ୍ୟାନ ହେଉଛନ୍ତି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ପ୍ରତିଭାଧାରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଭାଜପା ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଦୂରଦର୍ଶୀର ସମ୍ପାଦକ ଦୁର୍ଗାପ୍ରସାଦ




ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅତିଥିମାନେ।

ସାମନ୍ତରାୟ, ଯୁବ ସମାଜସେବୀ ତାପସ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ଜଣ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ 'ଗୀତାଞ୍ଜଳି ଏକ୍ସଲେନ୍ସି ଆୱାର୍ଡ-୨୦୨୪'ରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ସାହିତ୍ୟରେ ଯୁବ ଲେଖକ ରାକେଶ ପଣ୍ଡା,ସାମ୍ବାଦିକତାରେ ଦୁର୍ଗାଶିଷ, ସଙ୍ଗୀତରେ କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଶିକ୍ଷାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡ. ବିଜୟା ଲକ୍ଷ୍ମୀ ମହାନ୍ତି, କ୍ରୀଡ଼ାରେ ପ୍ରତ୍ୟାଶା ରାୟ, ଫ୍ୟାଶନ ଡିଜାଇନ୍‌ରେ ଜୁବିନା ଅଲ୍ଲୀ, ଓଡିଶୀ ନୃତ୍ୟରେ ନୃତ୍ୟାଙ୍ଗନା ଅର୍ପିତା ଲେଙ୍କା, କୃଷିରେ ରାକେଶ କୁମାର ସେନାପତି, ସମାଜସେବାରେ ସୁଲୋଚନା ମହାନ୍ତି, ୱେଲନେସ ଓ ବିୟୁଟିରେ ରୋଜାଲିନ ପରିଡା, ଲୋକ ସମ୍ପର୍କ କ୍ଷେତ୍ରରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଶୁଭଦର୍ଶିନୀ ମିଶ୍ର, ଆଇନ ଶିକ୍ଷାରେ ଡ. ଗିରିଶ ରଞ୍ଜନ ସାହୁ ଓ ସ୍ୱାସ୍ଥ୍ୟ ସେବାରେ ଆପୋଲୋ ହସ୍ପିଟାଲର ଡ. ଆଲୋକ ଶ୍ରୀବାସ୍ତବ। ତେବେ ପୁରସ୍କାର ପାଇଥିବା ଅନ୍ୟ ଦୁଇଜଣ ସୁରେଶ୍ୱରୀ ସାଗରିକା ଜେନା ଓ ଶଶିକାନ୍ତ ବାରିକ ଅନୁପସ୍ଥିତ ଥିଲେ। ଅନୁଷ୍ଠାନର ସଦସ୍ୟ ଆଶୁତୋଷ ଚୌଧୁରୀ, ପ୍ରଳୟ କୁମାର ଦାସ, ଶ୍ରୀଲିପି କୁମାର ପ୍ରଧାନ, ପ୍ରଜ୍ଞା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

“ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ସଫଳା ଏକାଦଶୀ
ଓ ହଳ ନିଷେଧ



# ହିନ୍ଦୁଙ୍କ ସାଦା ଖାଦ୍ୟ



ଦେବଦତ୍ତ ପଟ୍ଟନାୟକ

ଓଡ଼ିଶାରେ ଯଦି ଆପଣ ଶାକାହାର ଖାଦ୍ୟ ଖାଇବାକୁ ଚାହାନ୍ତି, ତେବେ 'ସାଦା' ଖାଦ୍ୟ ମାଗିବାକୁ ପଡ଼େ। ଯେତେବେଳେ ବୌଦ୍ଧଧର୍ମ ଏବଂ ଜୈନଧର୍ମ ଓଡ଼ିଶାର ପ୍ରମୁଖ ଧର୍ମ ଥିଲା, ସେତେବେଳେ ଏହା ଆରମ୍ଭ ହୋଇଥିଲା। ଅତିଗରିଷ୍ଠ, ମସଲାଯୁକ୍ତ, ଆମିଷ କିମ୍ବା ରାଜସିକ ଖାଦ୍ୟରୁ ଦୂରେଇ ରହି ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରି ଜଣେ ସନ୍ନ୍ୟାସ ଜୀବନ ପ୍ରଦର୍ଶନ କରୁଥିଲେ। ସାତ୍ତ୍ୱିକ ଖାଦ୍ୟ ସାଧାରଣତଃ ଉଦ୍ଭିଦଜାତ ଖାଦ୍ୟକୁ ବୁଝାଉଥିଲେ ମଧ୍ୟ ଘିଅ, କ୍ଷୀର ଓ ଦହି ଖାଇବା ପାଇଁ ଅନୁମତି ଦିଆଯାଉଥିଲା। ମଦ୍ୟପାନ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ତାମସିକ ଖାଦ୍ୟ ଭାବରେ ବିବେଚନା କରାଯାଉଥିଲା। କିନ୍ତୁ ଅବସର ବିନୋଦନ ସମୟରେ ଏବଂ ରୀତିନୀତି ପରମ୍ପରା ବିଶେଷକରି ତାନ୍ତ୍ରିକ କାର୍ଯ୍ୟ ଓ ଅନେକ ଗ୍ରାମୀଣ ରୀତିନୀତିରେ ଏସବୁ ଲୋକପ୍ରିୟ ଥିଲା। କିନ୍ତୁ ବୈଷ୍ଣବଧର୍ମ ଉତ୍ଥାନ ପରେ ଶାକାହାର ଖାଦ୍ୟକୁ ବ୍ରାହ୍ମଣମାନେ ମନ୍ଦିର ଖାଦ୍ୟ ବା ପ୍ରସାଦ ଭାବେ ଘୋଷଣା କଲେ, ଯାହା ଶୁଦ୍ଧ ଓ ଅଶୁଦ୍ଧ ମଧ୍ୟରେ ପ୍ରଭେଦ ସୃଷ୍ଟି କରିଥିଲା।

ଭାରତରେ ଯେଉଁ ସଂସ୍ଥାଗୁଡ଼ିକ ହିନ୍ଦୁମାନଙ୍କୁ ଭୋଟ୍‌ବ୍ୟାଙ୍କ ଭାବରେ ଏକାଠି କରିବାକୁ ଚାହାନ୍ତି, ସେମାନଙ୍କର କେବଳ ଶାକାହାର ଖାଦ୍ୟ ପରିବେଷଣ କରୁଥିବା କ୍ୟାଣ୍ଟିନ୍ ଅଛି। ହେଲେ ସେମାନେ ୮୦ ପ୍ରତିଶତ ହିନ୍ଦୁଙ୍କୁ ବାଦ୍ ଦିଅନ୍ତି ଏବଂ ଆଶ୍ଚର୍ଯ୍ୟ ବିଷୟ ଯେ, ସେମାନେ କାହିଁକି ଖାଦ୍ୟ ମାଧ୍ୟମରେ ସମସ୍ତ ଗୋଷ୍ଠୀକୁ ଏକାଠି କରିବାରେ ସକ୍ଷମ ହେଉନାହାନ୍ତି। ଉତ୍ତର ଭାରତରେ ମୁସଲମାନ ଏବଂ ନିମ୍ନ ଜାତିର ଲୋକମାନେ ମାଂସ ଖାଉଥିଲେ। ମୋଗଲ ଶାସନ ପତନ ସମୟରେ ଯେତେବେଳେ ରାଜପୁତ ରାଜାମାନେ ସ୍ୱାଧୀନତା ହାସଲ କରିବାକୁ ଲାଗିଲେ, ସେତେବେଳେ ସେମାନଙ୍କର ହିନ୍ଦୁ ପରିଚୟ ଘୋଷଣା କରିବା ସହ ପୂର୍ବ ଶାସକଙ୍କଠାରୁ ନିଜକୁ ଭିନ୍ନ ଦର୍ଶାଇବା ପାଇଁ ସେମାନେ ଶାକାହାରୀବାଦକୁ ଏକ ସଙ୍କେତ ଭାବରେ ପ୍ରୋତ୍ସାହିତ କରୁଥିଲେ। ନୀଚ ଜାତିର କୃଷକମାନେ ଉଚ୍ଚ ଜାତି ଭାବରେ ନିଜକୁ ଦର୍ଶାଇବା ପାଇଁ ଖାଦ୍ୟପେୟର ଧାରା ବଦଳାଇଲେ, ଯାହାକି ସଂସ୍କୃତୀକରଣ ଭାବେ ଜଣାଶୁଣା। ତେଣୁ ଖାଦ୍ୟ କେବଳ ଧର୍ମ ନୁହେଁ, ଜାତିକୁ ମଧ୍ୟ ପ୍ରତିପାଦନ କରେ। ତେଣୁ ଏହାକୁ ଶାକାହାରୀବାଦର ପୁରାତନ ବ୍ରାହ୍ମଣୀୟ ଧାରାକୁ ପ୍ରତ୍ୟାବର୍ତ୍ତନ ବୋଲି ବିବେଚନା କରାଯାଏ, ଯାହା ଭୋଟ୍‌ବ୍ୟାଙ୍କ ରାଜନୀତିରେ ସାହାଯ୍ୟ କରେ ନାହିଁ।

ଶାକାହାର ଖାଦ୍ୟ ଅହିଂସକ ଓ ଏହା ପରିବେଶ ଅନୁକୂଳ ଭଳି ଅନେକ ଯୁକ୍ତିଯୁକ୍ତ କାରଣ ଥାଇପାରେ। କିନ୍ତୁ ଭାରତରେ



ଶାକାହାର ଖାଦ୍ୟ ଜାତି ସହିତ ଜଡ଼ିତ। ସେଥିପାଇଁ ଶାକାହାର ରେସ୍ତୋରାଁଗୁଡ଼ିକ ନିଜକୁ 'ଶୁଦ୍ଧ' ଶାକାହାରୀ ବୋଲି କହିଥା'ନ୍ତି, ଯଦିଓ ସେଗୁଡ଼ିକ ପ୍ରାଣୀ ପ୍ରୋଟିନ୍ ଯଥା କ୍ଷୀର, କଦଳୀ, ଦହି , ଲହୁଣି ଓ ଘିଅ ପରଷି ଥାଆନ୍ତି। ଯେତେବେଳେ ଏହି ବିଷୟକୁ ଜଣେ ସୂଚିତ କରନ୍ତି, ସେତେବେଳେ ଦୁଗ୍ଧ ଅହିଂସା ଉପାୟରେ ଉତ୍ପାଦନ ହୁଏ ବୋଲି ତାଙ୍କୁ କୁହାଯାଇଥାଏ। ସେହି ତର୍କ ଅନୁଯାୟୀ, ଏହି ରେସ୍ତୋରାଁଗୁଡ଼ିକରେ ଅଣ୍ଡା ମଧ୍ୟ ପରଷାଯିବା ଯିବା ଉଚିତ। କିନ୍ତୁ ଭାରତରେ ମଧ୍ୟାହ୍ନଭୋଜନ ଦେଉଥିବା ପ୍ରସିଦ୍ଧ ବୈଷ୍ଣବ ସଙ୍ଗଠନଗୁଡ଼ିକ ଗରିବ ଓ ଅଭାବୀ ଲୋକଙ୍କୁ ଅଣ୍ଡା ଦେବାକୁ ମନା କରିଦିଅନ୍ତି।

ଭିଟାମିନ୍ ବି-୧୨ କେବଳ ପ୍ରାଣୀଙ୍କଠାରୁ ମିଳେ। ଏହା କୌଣସି ଉଦ୍ଭିଦରୁ ମିଳି ନ ଥାଏ ବୋଲି କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ। 'ଶୁଦ୍ଧ' ଶାକାହାର ଖାଦ୍ୟରେ ମୁଖ୍ୟତଃ ରସୁଣ, ପିଆଜ, ଛତୁ ଏପରିକି କେତେକ ନିର୍ଦ୍ଦିଷ୍ଟ ଡାଲି ଓ ବାଇଗଣ ଭଳି 'ଅଶୁଦ୍ଧ' ଶାକାହାର ଖାଦ୍ୟର ସ୍ଥାନ ନାହିଁ। ପ୍ରତ୍ୟେକଟି ଖାଦ୍ୟ ପଛରେ ଥିବା ଯୁକ୍ତି ଅତ୍ୟନ୍ତ ଜଟିଳ ଏବଂ ଏହା କେବଳ ବିଶ୍ୱାସ ଓ ପରମ୍ପରା ପରିସରଭୁକ୍ତ। ଏହା ପଛରେ ବୈଜ୍ଞାନିକ ସିଦ୍ଧାନ୍ତ ଅଛି ବୋଲି ଯାହା କୁହାଯାଉଛି ତାହା ଭୁଲ୍ ଧାରଣା। କେହି ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ଯେ, ଭାରତରେ ଖାଦ୍ୟ ଏକ ଜାତିର ସଙ୍କେତ। ଶୁଦ୍ଧତା ହିଁ ଉଚ୍ଚ-ନୀଚ ପଦାନୁକ୍ରମ ବା ବର୍ଗୀକରଣ ପ୍ରତିଷ୍ଠା କରେ। ମନୁସ୍ମୃତି ଓ ଧର୍ମଶାସ୍ତ୍ର ଶାକାହାରବାଦକୁ ପ୍ରୋତ୍ସାହିତ କରନ୍ତି ଏବଂ ସେସବୁ ସ୍ୱୀକାର କରନ୍ତି ଯେ, ମାଂସାହାର ଓ ସୁରାପାନ ସାଧାରଣ ଜୀବନର ଏକ ଅଂଶ। ଏହିସବୁ ଶାସ୍ତ୍ର ଅଣ୍ଡା ଉପରେ କୌଣସି ମତ ରଖିନାହାନ୍ତି। କିନ୍ତୁ ବ୍ରିଟିଶ୍ ଶାସନ ସମୟରେ ଇସ୍‌ଲାମର ଶରିୟା ଆଇନରେ ଲୋକଙ୍କୁ ଈଶ୍ୱର କିମ୍ବା ମହମ୍ମଦଙ୍କ ଅନୁମତି ନେବାକୁ ପଡ଼ିଲା। ଏଭଳି ବିଶ୍ୱାସ ହିନ୍ଦୁଧର୍ମରେ ନାହିଁ, ତଥାପି ହିନ୍ଦୁଧର୍ମର ଗୁରୁମାନେ ଦାବି କରନ୍ତି ଯେ, ଶାରୀରିକ ଶୁଦ୍ଧତା ଓ ଆତ୍ମାନୁଭବ ସକାଶେ ଏକ ନିର୍ଦ୍ଦିଷ୍ଟ ପ୍ରକାର ଖାଦ୍ୟ ଆବଶ୍ୟକ, ଯାହା ଖାଇବାକୁ ବେଦ ପରାମର୍ଶ ଦିଏ। ଏହି ପ୍ରକାର ବିଚାର ଜୈନଧର୍ମରେ ରହିଛି, ଯାହା ଜୀବନର କର୍ମ ବୋଝକୁ ହିଂସାତ୍ମକ କାର୍ଯ୍ୟର ଏକ ଅଂଶ ଭାବେ ବିଚାର କରେ। ଏଭଳି କାର୍ଯ୍ୟ ସହିତ ଆତ୍ମା ସହ ସମ୍ବନ୍ଧ ରହିଛି ଏବଂ ଏହା ଆତ୍ମାକୁ ନିମ୍ନମୁଖୀ କରାଇ ମୋକ୍ଷ ପଥରେ ବାଧା ଉପୁଜାଏ।

ଇସ୍‌ଲାମ ଶାସ୍ତ୍ରରେ ସୂଚିତ ବୈଧ ଖାଦ୍ୟ (ହଲାଲ)କୁ ହାରାମ ଖାଦ୍ୟ (ଯାହା ଇସ୍‌ଲାମ ଶାସ୍ତ୍ରରେ ସୂଚିତ ଖାଦ୍ୟକୁ ପାଳନ ନ କରେ)ର ଭିନ୍ନତା ଜଣେ ମୁସଲମାନର ପରିଚୟ ନିର୍ଦ୍ଦିଷ୍ଟ କରେ। ସେହିଭଳି ହିନ୍ଦୁ ପ୍ଲାଟ୍‌ଫର୍ମରେ ଥିବା ରାଜନେତାମାନେ ହିନ୍ଦୁମାନଙ୍କୁ ଚିହ୍ନଟ କରିବା ପାଇଁ ସମାନ ପ୍ରକାର କୋଡ୍ ବା ସଂକେତ ଚାହୁଁଛନ୍ତି। ଶାକାହାର ଖାଦ୍ୟକୁ ସାତ୍ତ୍ୱିକ କୁହାଯାଏ, କିନ୍ତୁ ଏହା ମୁଖ୍ୟତଃ ବ୍ରାହ୍ମଣ ଏବଂ ବୈଶ୍ୟ (ବଣିକ)ଙ୍କ ଖାଦ୍ୟ । ଏହି ବଣିକ ବର୍ଗ ପୂର୍ବରୁ ବୌଦ୍ଧ ଏବଂ ଜୈନଧର୍ମାବଲମ୍ବୀ ଥିଲେ। ତେଣୁ ସେମାନେ ପୁରାତନ ଖାଦ୍ୟାଭ୍ୟାସ ଜାରି ରଖିଛନ୍ତି। ବୈଦିକ କାଳରେ ପଶୁ ବଳିଦାନ ରୀତିନୀତିର ଏକ ଅଂଶ ଥିଲା । ପବିତ୍ର ରୀତିନୀତିରେ ମାଂସ ନୈବେଦ୍ୟ ନ ହେଲେ ଅନେକ ବ୍ରାହ୍ମଣ ତାହାକୁ ଛୁଅନ୍ତି ନାହିଁ । ଆଜିର ସମୟରେ ଅନେକ ଉତ୍ତର ଭାରତୀୟ ବ୍ରାହ୍ମଣମାନେ ସେହି ମାଂସକୁ ଗ୍ରହଣ କରନ୍ତି ନାହିଁ । ତେବେ ପାହାଡ଼ିଆ ଏବଂ ଉପକୂଳ ଅଞ୍ଚଳରେ ବାସ କରୁଥିବା ଅନେକ ବ୍ରାହ୍ମଣ ଉପ-ଗୋଷ୍ଠୀ ମାଛ ଖାଆନ୍ତି। ମାଂସ, ମାଛ ଏବଂ ମଦ୍ୟପାନ ଭୈରବ ଏବଂ ଭବାନୀ ପରି ଦେବୀଙ୍କର ପ୍ରିୟ ହୋଇ ରହିଛି।

ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ଖାଦ୍ୟକୁ ଶାକାହାର ଏବଂ ସାତ୍ତ୍ୱିକ କୁହାଯାଉଥିବାବେଳେ ରାଜକୀୟ ଖାଦ୍ୟକୁ ରାଜସିକ କୁହାଯାଏ। ଏହିପରି ଭାବରେ ପୁରୋହିତମାନଙ୍କର ରାଜ ପୃଷ୍ଠପୋଷକମାନେ ବାଘ୍ରହା ଶିକାର କରି ଖାଉଥିଲେ। ଅଧିକାଂଶ ରାଜ ପରିବାର ଦେବୀ ଦୁର୍ଗାଙ୍କୁ ପୂଜା କରୁଥିଲେ ଏବଂ ନବରାତ୍ରରେ ମଇଁଷି ଓ ଛେଳି ମା'ଙ୍କ ନିକଟରେ ବଳି ଦିଆଯାଉଥିଲା। ବର୍ତ୍ତମାନ ମନ୍ଦିରଗୁଡ଼ିକ ବ୍ରାହ୍ମଣ ଏବଂ ବୈଶ୍ୟଙ୍କ ନିୟନ୍ତ୍ରଣରେ ଥିବାରୁ ସେଠାରେ ମା'ଙ୍କୁ ମଇଁଷି ଓ ଛେଳି ବଦଳରେ କଖାରୁ ବଳି ଦିଆଯାଉଛି। ସାତ୍ତ୍ୱିକ ଓ ରାଜସିକ ତାମସିକ ଖାଦ୍ୟ ଉପରେ ବିଚାର କରିବା। ଯଦି ଏହା ରାଜପୁତ ଖାଦ୍ୟ ନୁହେଁ, ଯଦି ବ୍ରାହ୍ମଣ ଖାଦ୍ୟ ନୁହେଁ, ଯଦି ବୈଶ୍ୟ ଖାଦ୍ୟ ନୁହେଁ, ତେବେ ଏହା ଶୂଦ୍ର ଖାଦ୍ୟ କି? କାହାଠାରୁ ଏହି ପ୍ରଶ୍ନର ଉତ୍ତର ମିଳେ ନାହିଁ । କେହି ସ୍ୱୀକାର ମଧ୍ୟ କରନ୍ତି ନାହିଁ ଯେ ବହୁ ପୂର୍ବରୁ 'ଅସ୍ପୃଶ୍ୟ' ଲୋକଙ୍କୁ ବଳକା, ବାସି ଏପରିକି ନଷ୍ଟ ଖାଦ୍ୟ ଦିଆଯାଇଥିଲା, ଯାହାର ବାସ୍ତବତା ଉପରେ ଏବେ ଦଳିତ ଲେଖକମାନେ ଗୁରୁତ୍ୱ ଦେଇଛନ୍ତି। ଏହିପରି ସରଳ ବା ସାଦା ଖାଦ୍ୟ ଭାରତର ସନ୍ନ୍ୟାସ ପରମ୍ପରାରୁ ସୃଷ୍ଟି ହୋଇଥିଲାବେଳେ ଶୁଦ୍ଧ ଖାଦ୍ୟ ଜାତି ବ୍ୟବସ୍ଥାରୁ ଉତ୍ପନ୍ନ ହୋଇଥିଲା। ତେବେ ହିନ୍ଦୁ ପରିଚୟର ସଙ୍କେତ ଭାବେ ଶୁଦ୍ଧ ଖାଦ୍ୟକୁ ବ୍ୟବହାର କଲେ ହିନ୍ଦୁମାନଙ୍କୁ ଏକତ୍ର କରିବା କଷ୍ଟକର ହୋଇଯିବ।

-devduttofficial@gmail.com

# ପ୍ରାଣବର୍ଷା



ଡା. ଉମେଶ ଚନ୍ଦ୍ର ପାତ୍ର

ଗୀତାରେ ଭଗବାନ କୃଷ୍ଣ କହନ୍ତି, 'ଯଜ୍ଞାଦ ଭବତି ପର୍ଜନ୍ୟଃ' ଅର୍ଥାତ୍ ଯଜ୍ଞ ଦ୍ୱାରା ପର୍ଜନ୍ୟ ବର୍ଷା ହୁଏ। ଲୋକେ ବର୍ଷାର ଅର୍ଥ ପାଣିବର୍ଷାକୁ ବୁଝନ୍ତି, ଏହା ଯଦି ସତ ହୋଇଥାନ୍ତା ତେବେ ପାଣିବର୍ଷା ମନୁଷ୍ୟ ହାତରେ ଥାନ୍ତା, କଦାପି ପାଣିର ଅଭାବ ପଡ଼ନ୍ତା ନାହିଁ। ଯେତେବେଳେ ଯେତିକି ବର୍ଷାର ଆବଶ୍ୟକତା ହୁଅନ୍ତା ସେତେବେଳେ ସେତିକି ବର୍ଷା କରାଯାଇ ପାରନ୍ତା। ବନ୍ୟା ହେବାର ସଙ୍କଟ ରହନ୍ତା ନାହିଁ ଏବଂ ବର୍ଷା ଅଭାବରେ ଦୁର୍ଭିକ୍ଷ ପଡ଼ିବାର ଦେଖାଯାନ୍ତା ନାହିଁ। ମନ ହେବାମାତ୍ରେ ବର୍ଷା କରାଯାଇ ପାରନ୍ତା। ତା'ର ମାତ୍ରା ନିୟନ୍ତ୍ରଣ ମଧ୍ୟ ମନୁଷ୍ୟ ହାତରେ ଥାନ୍ତା। ପର୍ଜନ୍ୟ ବର୍ଷା କଥା ସତ, କିନ୍ତୁ ପାଣି ବର୍ଷା ନୁହେଁ। ତେବେ ପାଣି ବ୍ୟତୀତ ଆଉ କୌଣସି ବସ୍ତୁ ମଧ୍ୟ ବର୍ଷା ହୁଏ କି? ଏହାର ଉତ୍ତର 'ହଁ'ରେ ଦିଆଯାଇପାରେ ଏବଂ ଉକ୍ତ ବର୍ଷା ହେବା ବସ୍ତୁକୁ ହିଁ ପର୍ଜନ୍ୟ କୁହାଯାଏ। ଏହା ପାଣି ନୁହେଁ, 'ପ୍ରାଣ'। ପ୍ରାଣ କହନ୍ତି ଜୀବନୀ ଶକ୍ତିକୁ। ଯେଉଁ ବସ୍ତୁ ବଳ, ସାମର୍ଥ୍ୟ ପ୍ରଦାନ କରେ, ତାହା ହିଁ ଜୀବନୀଶକ୍ତି ଅଟେ। ଯାହାଙ୍କ ଶରୀରରେ ଜୀବନୀ ଶକ୍ତି ଥାଏ ସେମାନେ କ୍ଷୀଣକାୟ ହେଲେ ସୁଦ୍ଧା ବଳବାନ ଥାନ୍ତି। ଗାନ୍ଧୀଙ୍କୁ ମୃତ୍ୟୁ ବେଳକୁ ଅଶୀବର୍ଷ ବୟସ ହୋଇଥିଲା। ସେ କହୁଥିଲେ ମୁଁ ୧୨୦ ବର୍ଷ ବଞ୍ଚିବାକୁ ଚାହେଁ। ଯଦି ଦୁର୍ଘଟଣା ହୋଇ ନ ଥାନ୍ତା ତେବେ ସମ୍ଭବତଃ ତାଙ୍କୁ ଇଚ୍ଛାମୃତ୍ୟୁ ମିଳିଥାନ୍ତା। ଜୀବନୀ ଶକ୍ତି ଶରୀରକୁ ବଳବାନ, ନୀରୋଗ ଏବଂ ଦୀର୍ଘଜୀବୀ କରିବା ସହିତ ମନୋବଳ ବୃଦ୍ଧି କରେ। ଏହାଦ୍ୱାରା ଓଜସ୍ ଏବଂ ବର୍ଚ୍ଚସର ବିଭୂତି ପ୍ରାପ୍ତ ହୁଏ। ଏହାକୁ ପ୍ରତିଭା ମଧ୍ୟ କୁହାଯାଏ।

ପ୍ରତିଭାର ସ୍ରୋତ ଅନ୍ତରୀକ୍ଷ ଅଟେ। ଅନ୍ତରୀକ୍ଷରୁ କିରଣ ମଧ୍ୟ ବର୍ଷା ହୁଏ। ସୂର୍ଯ୍ୟ କିରଣକୁ ଜୀବନଦାତ୍ରୀ ବୋଲି କୁହାଯାଏ। ତଦ୍ୱାରା ବର୍ଷା ମଧ୍ୟ ହୁଏ। ବୈଜ୍ଞାନିକମାନେ ଜାଣିଛନ୍ତି ଯେ ତଦ୍ୱାରା ବର୍ଷା ଅତିରିକ୍ତ ଆଉ ବହୁତ କିଛି ବର୍ଷା ହୁଏ। ବର୍ଷା ପାଣିରେ ଉତ୍ପାଦକ ଶକ୍ତି ଥାଏ। ସମୟ ସମୟରେ ତାର ନ୍ୟୂନତା ମଧ୍ୟ ଦେଖାଦେଇଥାଏ। ଏପରି ପରିସ୍ଥିତିରେ ଯେଉଁ ବନସ୍ପତି ଉତ୍ପନ୍ନ ହୁଅନ୍ତି ସେମାନେ ନିର୍ଜୀବ ହୁଅନ୍ତି। ବିଶ୍ଳେଷଣ କର୍ତ୍ତାଙ୍କ ଅନୁସାରେ ସେମାନଙ୍କଠାରେ ରାସାୟନିକ ପଦାର୍ଥ ସ୍ୱଳ୍ପ ମାତ୍ରାରେ ଥାଏ। ଫଳରେ ସେମାନଙ୍କର ପତ୍ର ଫୁଲ ଫଳ ସ୍ୱଳ୍ପମାତ୍ରାରେ ହୁଏ। ସେମାନଙ୍କୁ ଖାଉଥିବା ପଶୁପକ୍ଷୀ ମଧ୍ୟ ଦୁର୍ବଳ ହୁଅନ୍ତି, ଦୁଧ ଅଳ୍ପ ଦିଅନ୍ତି, ଶିଶୁମାନେ ଦୁର୍ବଳ ହୁଅନ୍ତି। ପର୍ଜନ୍ୟ ଅର୍ଥ ଅନ୍ୟପ୍ରକାରେ ଜୀବନୀଶକ୍ତି ଅଟେ। ତାହା ବର୍ଷା ସହିତ ବରଷିପାରେ ଏବଂ ପ୍ରାଣବାୟୁରେ ମଧ୍ୟ ଦ୍ରବିତ ହୋଇ ରହିପାରେ। ବାୟୁରେ ପ୍ରାଣବାୟୁ ଯଦି କମ୍ ଥାଏ ତେବେ ଶ୍ୱାସ ଗ୍ରହଣ ତ କରାଯାଇପାରେ, କିନ୍ତୁ ଯେଉଁ ବିଶିଷ୍ଟତା ପାଇଁ ଲୋକେ ଜଳବାୟୁ ପରିବର୍ତ୍ତନ କରନ୍ତି ଏବଂ ସ୍ୱାସ୍ଥ୍ୟୋନ୍ନତି ପାଇଁ ଅନ୍ୟ ସ୍ଥାନକୁ ଯାଆନ୍ତି, ସେ ବିଶିଷ୍ଟତା ତହିଁରେ ନ ଥାଏ। ବନସ୍ପତିର ପ୍ରଖରତା ପ୍ରାଣବାନ ଜଳ ଉପରେ ନିର୍ଭରକରେ। ପ୍ରାଣୀର ଜୀବନ ପ୍ରାଣ ଉପରେ ନିର୍ଭର କରେ। ପ୍ରାଣ ଉପରେ ପରମାୟୁ ନିର୍ଭର କରେ।

ଏ ସମ୍ବନ୍ଧରେ ଶୀର୍ଷ ସ୍ଥାନୀୟ ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ ସାଧାରଣତଃ ଲୋକେ ଆହାର ବିହାରକୁ ହିଁ ଦୀର୍ଘ ଜୀବନର କାରଣ ମନେକରନ୍ତି। କିନ୍ତୁ ସେଥିରେ ଏହି ପ୍ରକାର ବିଶିଷ୍ଟତା ନ ଥାଏ। ଅନ୍ୱେଷଣରୁ ଜଣାପଡ଼ିଛି ଯେ ଯେଉଁଠି ବନସ୍ପତିରେ ପ୍ରାଣଶକ୍ତିର ବାହୁଲ୍ୟ ଥାଏ, ସେ ସ୍ଥାନର ପ୍ରାଣବାୟୁର ଆଧିକ୍ୟ ଯୋଗୁ ଏହି ପ୍ରାଣ ମିଳେ। ଖାଦ୍ୟ ପଦାର୍ଥ ଦେଖିବାକୁ ଅନ୍ୟ ସ୍ଥାନର ଖାଦ୍ୟ ପଦାର୍ଥ ସଦୃଶ ହେଲେ ମଧ୍ୟ ତହିଁରେ ପୁଷ୍ଟିକର ତତ୍ତ୍ୱର ମାତ୍ରା ଅଧିକ ଥାଏ ଏବଂ ଏହି ଶକ୍ତି ଜଳ ସହିତ ଆକାଶରୁ ବୃଷ୍ଟି ହୁଏ। ଯେଉଁ ସ୍ଥାନରେ ଅନ୍ନଜଳ ପ୍ରାଣବାୟୁ ଦୃଷ୍ଟିରୁ ଦୁର୍ବଳ ଥାଏ, ସେଠାକାର ନିବାସୀ ଅନାୟାସ ଦୁର୍ବଳ ଥାନ୍ତି। ସନ୍ତସନ୍ତିଆ ସ୍ଥାନର ଲୋକେ ଯୌବନ ଆସୁ ଆସୁ ବୃଦ୍ଧ ହୋଇଯାଆନ୍ତି। ମ୍ୟାଲେରିଆ, ଫାଇଲେରିଆ ରୋଗଗ୍ରସ୍ତ ହୁଅନ୍ତି ଏବଂ ଅକାଳ ମୃତ୍ୟୁବରଣ କରନ୍ତି। ବାସ୍ତବରେ ପ୍ରାଣ ରୂପରେ ଜୀବନୀଶକ୍ତି ସେ ସ୍ଥାନରେ କମ୍ ବର୍ଷା ହୁଏ। ଏହି ଅଭାବ ଯଜ୍ଞ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ପୂରଣ ହେବା ସମ୍ଭବ ନୁହେଁ। ଯଜ୍ଞ ଅନ୍ତରୀକ୍ଷର ଉର୍ବରତା ବଢ଼ାଇବାର ଏକ ସାଧନ ଅଟେ। ଭୂମିରେ ଖତ ପକାଇଲେ ଫସଲ ଉତ୍ପାଦନ ଅଧିକ ହୁଏ। ଯଜ୍ଞର ବିଶିଷ୍ଟତା ହେଉଛି ଯେ ଏହାର ଶକ୍ତି ଅନ୍ତରୀକ୍ଷରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରିଦିଏ ଏବଂ ତାହା ହିଁ ପ୍ରାଣୀ, ମନୁଷ୍ୟ ବନସ୍ପତି ସମସ୍ତଙ୍କୁ ଏହି ପୋଷକ ତତ୍ତ୍ୱ ପ୍ରଦାନ କରେ। ଏହି ପୋଷଣ ହିଁ ପର୍ଜନ୍ୟ। ବର୍ଷାର ଯେଉଁ ଉଲ୍ଲେଖ ଅଛି ତାହାର ତାତ୍ପର୍ଯ୍ୟ ହେଉଛି ଯେ ଅଗ୍ନିହୋତ୍ର ଦ୍ୱାରା ଅନ୍ତରୀକ୍ଷରେ ବିଶେଷ କ୍ରିୟାଶୀଳତା ଉତ୍ପନ୍ନ ହୁଏ ଏବଂ ତାହା ସମସ୍ତ ପ୍ରାଣୀଙ୍କୁ ପୋଷଣ ପ୍ରଦାନ କରେ।

ମୋ : ୯୪୩୭୦୫୧୯୫୭

## ଏଇ ଭାରତରେ

ପ୍ରାଣୀଙ୍କ ସେବାରେ ଯେଉଁ କେତେଜଣ ଉତ୍ସର୍ଗୀକୃତ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଚାରୁ ଖାରେ ଅନ୍ୟତମ। ଚାରୁ ଚାକିରି କରୁଛନ୍ତି, ତଥାପି ସେଥିରୁ ସମୟ ବାହାର କରି ଅସହାୟ ପ୍ରାଣୀଙ୍କ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି। ମୁଖ୍ୟତଃ ମା'ଠାରୁ ଅଲଗା ହୋଇଯାଇଥିବା ମାଙ୍କଡ଼ ଛୁଆଙ୍କ ଯତ୍ନ ନେବା ସହ ଅନ୍ୟ ପ୍ରାଣୀଙ୍କ ଉଦ୍ଧାର ମଧ୍ୟ କରୁଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସେ ଏକ ଏନ୍‌ଜିଓ ଗଠନ କରିଛନ୍ତି । ଚାରୁଙ୍କ ନେତୃତ୍ୱରେ ଏହାର ଏକ ଟିମ୍ ଉଦ୍ଧାର କାର୍ଯ୍ୟ ପରିଚାଳନା କରୁଛନ୍ତି। ମୋଟରେ ଏଯାବତ ଚାରୁ ଓ ତାଙ୍କ ଟିମ୍ ୫ ,୦୦୦ ପ୍ରାଣୀଙ୍କୁ ଉଦ୍ଧାର କରିସାରିଲେଣି। ସେମାନେ ପ୍ରାଣୀଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କ ଚିକିତ୍ସା କରୁଛନ୍ତି, ଖାଇବାକୁ ଦେଉଛନ୍ତି ଓ ସୁସ୍ଥ ହେଲା ପରେ ଛାଡ଼ି ଦେଉଛନ୍ତି। ଏହା ବ୍ୟତୀତ ପଙ୍ଗୁ ହୋଇଯାଉଥିବା ପ୍ରାଣୀଙ୍କ ପାଇଁ ରହିବା ଲାଗି ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। ୭୦ କୁକୁର, ୨୫ ବିଲେଇ ଓ ୫ଟି ପକ୍ଷୀ ଏବେ ଆଶ୍ରୟସ୍ଥଳୀରେ ରହିଛନ୍ତି। ଏହା ବ୍ୟତୀତ ପକ୍ଷାଘାତରେ ପୀଡ଼ିତ ପ୍ରାଣୀଙ୍କ ପାଇଁ ଥେରାପି ବ୍ୟବସ୍ଥା ରହିଛି। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ଅର୍ଥ ଦାନ ଆକାରରେ ଗ୍ରହଣକରି ସବୁ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି।

# ସାଧୁ ସାବଧାନ



ଡ. ନିରଞ୍ଜନ ସାହୁ

ନିର୍ବାଚନ ପୂର୍ବରୁ ଓ ନିର୍ବାଚନ ପରେ ନେତାମାନଙ୍କର ଲୋକଙ୍କ ପ୍ରତି ବ୍ୟବହାର ଭିତରେ ଏତେ ଫରକ ହେବ ବୋଲି ଆଗରୁ ସାଧାରଣ ଲୋକେ ଭାବିପାରୁ ନ ଥିଲେ। ସ୍ୱାଧୀନତାର ଠିକ୍ ପରେ ଯେଉଁମାନେ ନେତୃସ୍ଥାନୀୟ ବ୍ୟକ୍ତି ଥିଲେ ସେମାନେ ଥିଲେ ପ୍ରାୟତଃ ନୀତିବାନ୍ ଏବଂ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେବାରେ ବିଶ୍ୱାସ କରୁ ନ ଥିଲେ। କ୍ରମଶଃ ରାଜନୀତି ଏପରି ଅଧଃପତନର ସ୍ତରକୁ ଆସିଲା ଯେ କୁହାଗଲା 'ଚନ୍ଦ୍ରମଣ୍ଡଳରୁ ମାଟି ଆଣିଦେବେ କି' ବୋଲି ପ୍ରଶ୍ନ କଲେ ତା'ର ଉତ୍ତର ବି ହେଉଥିଲା ହଁ ସୂଚକ। ଅର୍ଥାତ୍ ନିର୍ବାଚନ ପୂର୍ବରୁ ଯାହା କହୁଥିଲେ ଭୋଟରମାନେ ସେଥିରେ ଭୋଟ୍ ଆଶାୟୀଙ୍କର ଅସମ୍ମତିର ପ୍ରଶ୍ନ ହିଁ ଉଠୁ ନ ଥିଲା। ଯାହାକୁ ଲକ୍ଷ୍ୟ କରି ଲୋକମୁଖରେ ଭାସି ଉଠେ- 'ହାତୀ ଦେବି ଘୋଡ଼ା ଦେବି ତୋ ପେଁକାଳି ବଜେଇଦେବି।'

ପ୍ରାଥମିକ ଅବସ୍ଥାରେ ରାଜନେତାମାନେ ଥିଲେ ସମ୍ବେଦନଶୀଳ। ସେମାନେ ଲୋକଙ୍କ ସୁଖଦୁଃଖରେ ସମଭାଗୀ ହେଉଥିଲେ। ତାଙ୍କ ସମସ୍ୟାର ସମାଧାନ କରୁଥିଲେ ଏବଂ ଲୋକଙ୍କୁ ସମାନ ଭାବରେ ଦେଖୁଥିଲେ। ଏବେ ଯଦିଓ ଲୋକଙ୍କର ସମସ୍ୟା ସମାଧାନ କରିବା ଏବଂ ସେମାନଙ୍କ ସୁଖଦୁଃଖରେ ସାଥୀ ଦେବାରେ ନେତାମାନେ ହେଳା କରୁନାହାନ୍ତି, କେବଳ ପାର୍ଥକ୍ୟ ହେଉଛି ଯେ ଲୋକମାନଙ୍କୁ ସେମାନେ ଦି' ଭାଗରେ ବିଭକ୍ତ କରିଦେଇଛନ୍ତି। ମାନେ ଗୋଟିଏ ହେଲେ ନିଜ ଦଳ ସମର୍ଥିତ ଓ ଆରେକ ହେଲେ ପ୍ରତିପକ୍ଷଙ୍କ ସମର୍ଥନରେ ଥିବା ଲୋକେ।

ପ୍ରାଥମିକ ସ୍ତରରେ ନେତୃମଣ୍ଡଳୀ ଭାବୁଥିଲେ ସାମୂହିକ କାମ କରିବା ସେମାନଙ୍କର ମୌଳିକ ଦାୟିତ୍ୱ। କ୍ରମେ କ୍ରମେ ଅନୁଭୂତ ହେଲା ଯେ, କେବଳ ସାମୂହିକ ଉନ୍ନତିରେ ଲୋକଙ୍କର ଏତେ ରୁଚିନାହିଁ। ବ୍ୟକ୍ତିଗତ ଲାଭ ତାଙ୍କୁ ହାତଠାରି ଡାକୁଥିଲା। ସର୍ବସାଧାରଣ ଉନ୍ନତିର ସଂକଳ୍ପ କ୍ରମେ ମଳିନ ଦିଶିଲା। ଏବେ ବ୍ୟକ୍ତିଗତ ସୁଖ ସୁବିଧା କିଏ ଅଧିକ ନେଇପାରିବ, ତାହା ପାଲଟିଲା ରାଜନୈତିକ ପ୍ରେକ୍ଷାପଟ।

୧୯୮୦ ଦଶକର ପ୍ରାରମ୍ଭରେ ଅବିଭକ୍ତ କୋରାପୁଟ ଜିଲାରେ ଭୋଟ୍‌ବେଳେ ଘଟୁଥିବା ଏକ ସାଧାରଣ ଦୃଶ୍ୟ ବଖାଣୁଥିଲେ ସେତେବେଳେ ରାଜ୍ୟ ପ୍ରଶାସନରେ କାର୍ଯ୍ୟ କରିଥିବା ଜଣେ ଅଧିକାରୀ। କୌଣସି ଭୋଟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ଭୋଟରମାନେ କିଛି ଦୂରରୁ ଅଟକି ଯାଉଥିଲେ। ସେମାନେ ସେଇଠି ବସି ରହୁଥିଲେ ବେଶ୍ ସମୟ। ସେ ଖବର ପହଞ୍ଚି ଯାଉଥିଲା ତତ୍କାଳୀନ ଶାସନରେ ଥିବା ଦଳର ନେତୃମଣ୍ଡଳୀଙ୍କ ପାଖରେ। ସେମାନଙ୍କ ତରଫରୁ କିଛି ପ୍ରତିନିଧି ଯାଇ ସେଠାରେ ପହଞ୍ଚି ଯାଉଥିଲେ। ସେଇଠି ଅଟକି ଯାଇଥିବା ଭୋଟର ଏବଂ ସେମାନଙ୍କୁ ମନେଇବା ପାଇଁ ଯାଇଥିବା ରାଜନୈତିକ ଦଳର ପ୍ରତିନିଧିଙ୍କ ଭିତରେ ବେଶ୍ କିଛି ଆଲୋଚନା ହେଉଥିଲା। ଆଉ ଶେଷରେ କଥା ଛିଡ଼ୁଥିଲା କେତେଗୋଟି ଛେଳି ବା ମେଣ୍ଢା ସେମାନେ ଭୋଜି ପାଇଁ ଦେବାକୁ ଯାଉଛନ୍ତି। ତା'ପରେ ସେହି ଲୋକମାନେ ଭୋଟ୍‌କେନ୍ଦ୍ରକୁ ଯାଉଥିଲେ। ସେତେବେଳେ ଲୋକଙ୍କୁ ପ୍ରଭାବିତ କରିବାକୁ ଯାହାକିଛି ଦିଆଯାଉଥିଲା ତାହା ନିର୍ଦ୍ଦିଷ୍ଟ ପାର୍ଟି ତରଫରୁ କିମ୍ବା ପ୍ରାର୍ଥୀଙ୍କ ତରଫରୁ ବ୍ୟବସ୍ଥାପିତ ହେଉଥିଲା। ପ୍ରଥମେ ଲୋକଙ୍କୁ ପ୍ରଭାବିତ କରିବାକୁ ଶାଢ଼ି, ଲୁଗା, ସାବୁନ, ଛତା ଆଦି ଦିଆଯାଉଥିଲା ; ମାତ୍ର ଅର୍ଥନୈତିକ ପ୍ରଗତିର କ୍ରମରେ ସେଇ ଜିନିଷ ପ୍ରତି ଆଉ କାହାରି ନଜର ପଡ଼ିଲା ନାହିଁ। କାଳକ୍ରମେ ସେହିପରି ଛୋଟ ଛୋଟ ଚିଜ ନିଜ ପତିଆରା ହରାଇଲେ, କ୍ରମେ ପାଲଟିଗଲେ ନିଷ୍ପ୍ରଭ ଓ ଅଦରକାରୀ।

ମନେପଡ଼ୁଛି ଆଉ ଗୋଟିଏ କଥା- କିଛି ବର୍ଷ ତଳେ ଅନୁସୂଚିତ ଜାତି ଓ ଜନଜାତି



ଉନ୍ନୟନ ବିଭାଗ ତରଫରୁ ଯେଉଁ ଅଞ୍ଚଳଭିତ୍ତିକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଥିଲା, ତା' ଭିତରେ ରହୁଥିଲା ମୁଖ୍ୟତଃ ଦୁଇ ପ୍ରକାରର କାର୍ଯ୍ୟକ୍ରମ- ଗୋଟିଏ ସି.ବି.ଓ.ଏସ୍. ଅର୍ଥାତ୍ ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଆଉ ଅନ୍ୟଟି ହେଉଛି ଆଇ.ବି.ଓ.ଏସ୍। ଗୋଷ୍ଠୀଭିତ୍ତିକ କାର୍ଯ୍ୟରେ ୭୫% ବ୍ୟୟବରାଦ ଥିଲା ବେଳେ ବ୍ୟକ୍ତିଗତ ଉନ୍ନୟନ ପାଇଁ ତା'ର ପରିମାଣ ଥିଲା ଅବଶିଷ୍ଟ ୨୫%। ତାହା ପୁଣି ବ୍ୟକ୍ତିକୁ ସିଧାସଳଖ ପଇସା ଦିଆନଯାଇ କେତେବେଳେ ଗଛ ଚାରା, ଔଷଧ, ସାର ଇତ୍ୟାଦି ଦିଆଯାଉନଥିଲା ! ବ୍ୟୟବରାଦ ଅତ୍ୟନ୍ତ ନଗଣ୍ୟ ଥିବାରୁ ଏହା ଫଳ କେବେ ବି ଆଖିରେ ପଡୁ ନ ଥିଲା। ସଂକ୍ଷେପରେ ଫଳ ଥିଲା ନଗଣ୍ୟ ଓ ନୈରାଶ୍ୟଜନକ। ଅର୍ଥନୀତିର ମୂଳ ପିଢ଼ିର ଦାର୍ଶନିକ ଆଡାମ୍ ସ୍ମିଥ୍‌ଙ୍କ କଥା ମାନୁଥିଲେ ସେବେକାର ସରକାରମାନେ। ଅର୍ଥାତ୍ ବିନା କାମରେ କିଛି ମିଳୁ ନ ଥିଲା।

'ଗଡ଼ିଆରେ ଜଳ ଥିଲେ କୂଳକୁ ଶୀତଳ'- ଏଇ ପ୍ରବାଦ କ୍ରମଶଃ ପ୍ରଭାବଶୂନ୍ୟ ହେଉଥିଲା ବ୍ୟକ୍ତିବାଦର ଅଭ୍ୟୁଦୟ ହେଲାରୁ। ଅର୍ଥାତ୍ ସମସ୍ତେ ଚାହୁଁଥିଲେ ସରକାରଙ୍କଠାରୁ କିଛି ସୁବିଧା ଆଉ ତାହା ତାଙ୍କ ହାତରେ ଗୁଞ୍ଜିଦେବା ଚାହି। ବିଜ୍ଞାନର ଅଗ୍ରଗତି ଯୋଡ଼ିଦେଲା ଏଇ ଅଭାବର ନିଦାନ ଆସିବା ପରେ ସିଧାସଳଖ ସଂପୃକ୍ତ ବ୍ୟକ୍ତିଙ୍କ ଜମାଖାତାକୁ ଚାଲିଗଲା ଟଙ୍କା। ଦାତା ଓ ଗ୍ରହୀତା ଉଭୟେ ଏଥିରେ ଆମୋଦିତ ହେଲେ। ମାତ୍ର ରାଜନୈତିକ ଦଳଗୁଡ଼ିକ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଲା। କିଏ କେତେ ଅଧିକ ଦେଇପାରିବ ନାଗରିକମାନଙ୍କୁ। ପ୍ରତ୍ୟେକ ଦଳ ତରଫରୁ ଆରମ୍ଭ ହେଲା ଲୋଭନୀୟ ଉପହାର ଦେବାର ପ୍ରତିଯୋଗିତା। ସ୍କିମ୍‌ମାନେ କେବଳ ଲୋକଦେଖାଣିଆ ମାତ୍ର। ବାସ୍ତବ କଥା ହେଲା କେତେଟଙ୍କା କିଏ ଦେଇପାରୁଛି ଲୋକଙ୍କ ବ୍ୟାଙ୍କରେ ଥିବା ଜମାଖାତାକୁ। କ୍ଷମତାସୀନ ଦଳର ଲୋକଙ୍କ ପାଇଁ ଏହାଠାରୁ ଅଧିକ ସୁଯୋଗ ମିଳି ନ ଥା'ନ୍ତା ବୋଧହୁଏ। ନିର୍ବାଚନର କିଛିଦିନ ଆଗରୁ ଗୋଟିଏ କ୍ଷମତାସୀନ ଦଳ ତରଫରୁ ବାହାରିଥିବା ଏକ କାର୍ଯ୍ୟକ୍ରମ ଥିଲା ଏଇଭଳି, 'ଆଜ୍ଞା ଆପଣ କେବେ ଅତୀତରେ ଇନ୍ଦିରା ଆବାସ କିମ୍ବା ଅନ୍ୟ କୌଣସି ନାଁରେ କିଛି ଘର ପାଇଥିଲେ କି? - ଆପଣଙ୍କର ଉତ୍ତର ଯଦି ହଁ, ତା'ହେଲେ ଆପଣ ଏଇ ଯୋଜନାର ହିତାଧିକାରୀ। ଘର ମରାମତି କରିବାକୁ/ରଙ୍ଗ କରିବାକୁ ଆପଣଙ୍କୁ ମିଳିବ ପାଞ୍ଚ ହଜାର ଟଙ୍କାର ସହାୟତା।' ୨୭ ଲକ୍ଷ ହିତାଧିକାରୀଙ୍କ ଜମାଖାତାକୁ ହସ୍ତାନ୍ତର ହୋଇଗଲା ଅମାପ ଟଙ୍କା ମୁହୂର୍ତ୍ତକ ଭିତରେ। ହିତାଧିକାରୀଙ୍କଠାରୁ ଦରଖାସ୍ତ ଗୋଟେଇବା, ଉପଯୁକ୍ତ ହିତାଧିକାରୀ ଚୟନ କରିବାର ଆବଶ୍ୟକତା ନ ଥିଲା ବୋଧହୁଏ। ନିର୍ବାଚନ ଠିକ୍ ଆଗରୁ ଏଇଭଳି ଟଙ୍କା ବାଣ୍ଟିବାକୁ କେହି ନିର୍ବାଚନ କମିଶନ ବା କୋର୍ଟ ଏପର୍ଯ୍ୟନ୍ତ ବେଆଇନ ବୋଲି କହିନାହାନ୍ତି। ଏହିଭଳି ଅନେକ ଟଙ୍କାବଣ୍ଟା ସ୍କିମ୍ କାଲି ଥିଲା ଓ ଆଜି ଅଛି। ରାଜ୍ୟର ବିରୋଧୀ ଦଳ ଏହିପରି ବଣ୍ଟାବଣ୍ଟି ପରମ୍ପରା ଅର୍ଥନୀତିର ପରିପନ୍ଥୀ କହୁଥିବାବେଳେ ଯେଉଁ ରାଜ୍ୟରେ ଶାସନ ଭାର ଚଳାଉଛନ୍ତି, ସେଠାରେ ତାକୁ ହିଁ ଅନୁସରଣ କରୁଛନ୍ତି, ତାହାହିଁ ସବୁଠୁ ବଡ଼ ସମସ୍ୟା ଓ ଆହ୍ୱାନ।

ଭିତ୍ତିଭୂମିର ବିକାଶ ନିହାତି ଜରୁରୀ ; ମାତ୍ର ବ୍ୟକ୍ତିଗତ ଉନ୍ନୟନ ପାଇଁ ଯଦି ଅର୍ଥରାଶି ଦେବାର ପ୍ରାବଧାନ ରହିବ, ତାହେଲେ ବଜେଟରେ ତା'ର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଅତ୍ୟନ୍ତ ଆବଶ୍ୟକ। ପାର୍ଲାମେଣ୍ଟ ପକ୍ଷରୁ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରିତ ହେଲେ ଦେଶ ପାଇଁ ମଙ୍ଗଳକର ହେବ। ନ ହେଲେ ସମଗ୍ର ଦେଶ ଭୀଷଣ ବିଭୀଷିକା ଆଡ଼କୁ ଦ୍ରୁତ ପଦକ୍ଷେପରେ ଗତି କରୁଛି ବୋଲି ଧରିବାକୁ ହେବ। ଯଦି ପାର୍ଲାମେଣ୍ଟ ଏପରି ଆଇନ କରିବା ପାଇଁ ଅସମ୍ମତ କିମ୍ବା ଅକ୍ଷମ, ତା'ହେଲେ ସୁପ୍ରିମକୋର୍ଟ ସମ୍ବିଧାନ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କିଛି ନିୟମ ଜାରି କରନ୍ତୁ। ତାହା ହୁଏତ ଦେଶକୁ ଭବିଷ୍ୟତରେ ବଡ଼ ଆର୍ଥିକ ଦୁରବସ୍ଥାରୁ ବଞ୍ଚେଇପାରିବ। ନ ହେଲେ ଏବେଠୁ ସାଧୁ ସାବଧାନ!

ମୋ: ୯୪୩୮୪୮୨୯୧୧

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୨୬ ଡିସେମ୍ବର ୧୯୭୫

- ବର୍ମା ସେଲର ସମସ୍ତ ତୈଳ ବିଶୋଧନାଗାର ଏବଂ ବଜାରକୁ ସରକାର ନିଜ ହାତକୁ ନେବା ପାଇଁ ଉକ୍ତ କମ୍ପାନୀ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଭୂଦାନ ନେତା ଆଚାର୍ଯ୍ୟ ବିନୋବା ଭାବେଙ୍କ ଏକ ବର୍ଷ ବ୍ୟାପୀ ମୌନବ୍ରତ ଭଙ୍ଗ।
- ସୋଭିଏତ ରୁଷିଆ ମହାକାଶକୁ ଏକ ଯୋଗାଯୋଗ ଉପଗ୍ରହ ଉତ୍କ୍ଷେପଣ କରିଛି।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 2 | | 1 | | | | 8 | |
| | | | | | 7 | | 4 | |
| | | | | 3 | | | | 6 |
| | 5 | 8 | 2 | | 4 | | | 9 |
| | 9 | 2 | | | | | | 7 |
| | 3 | | 8 | | | | | |
| 5 | | | 6 | | | | | |
| | | | | | | 9 | 7 | 5 |
| 1 | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 7 | 2 | 9 | 4 | 5 | 1 |
| 4 | 2 | 9 | 5 | 6 | 1 | 8 | 7 | 3 |
| 5 | 7 | 1 | 8 | 4 | 3 | 9 | 2 | 6 |
| 9 | 8 | 2 | 6 | 5 | 4 | 1 | 3 | 7 |
| 7 | 4 | 5 | 1 | 3 | 2 | 6 | 8 | 9 |
| 6 | 1 | 3 | 9 | 7 | 8 | 2 | 4 | 5 |
| 1 | 5 | 7 | 2 | 8 | 6 | 3 | 9 | 4 |
| 3 | 6 | 8 | 4 | 9 | 5 | 7 | 1 | 2 |
| 2 | 9 | 4 | 3 | 1 | 7 | 5 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାମ୍ବାଦିକଙ୍କୁ ପେନ୍‌ସନ ଦିଆଯାଉ

ମହାଶୟ,

ଦେଖାଯାଏ, ପ୍ରତିବର୍ଷ ପ୍ରେସ୍ ଦିବସ ଅବସରରେ ସାମ୍ବାଦିକଙ୍କୁ ପେନ୍‌ସନ, ସାମ୍ବାଦିକ ବୀମା ଭଳି ବହୁ ବିଷୟ ଗଣମାଧ୍ୟମରେ ବ୍ରେକିଂ ନ୍ୟୁଜ୍ ହୁଏ। ଏହା ଚଳିତ ବର୍ଷ ମଧ୍ୟ ପ୍ରତିଫଳିତ ହୋଇଛି। ତେବେ ପ୍ରକୃତରେ ସାମ୍ବାଦିକ କିଏ ? ଏହାର ନିର୍ଦ୍ଦିଷ୍ଟ ସଂଜ୍ଞା କ'ଣ, କେତେଜଣ ସାମ୍ବାଦିକ ରହିଛନ୍ତି ? ଖବରକାଗଜ କିମ୍ବା ଗଣମାଧ୍ୟମରେ ଅନେକ ବୟସ୍କ ସାମ୍ବାଦିକ ଅଛନ୍ତି। ଏହା ଏକ ଗଣ ଅନୁଷ୍ଠାନ। ସାମ୍ବାଦିକ ଜନତାଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ। ଜର୍ନାଲିଜମ୍ ପରିଭାଷାରେ କେବଳ ବ୍ଲକ୍, ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ରିପୋର୍ଟର ହିଁ ସାମ୍ବାଦିକ ଭାବେ ଗଣ୍ୟ ହୁଅନ୍ତି। ଏଣେ ସମ୍ପାଦକ, ସହ ସମ୍ପାଦକ ମଧ୍ୟ ମୁଖ୍ୟାଳୟରେ କାର୍ଯ୍ୟରତ। ଏମାନଙ୍କୁ ତୁରନ୍ତ ପେନ୍‌ସନ ପ୍ରଦାନ କରାଯାଉ, ଯାହାଦ୍ୱାରା ଏମାନଙ୍କ ଅବସରକାଳୀନ ଜୀବନ ସୁଖମୟ ହୋଇପାରିବ।

-ଡି.ପି. ତ୍ରିପାଠୀ, ପୁରୀ

### ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ ?
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚାଷୀଙ୍କୁ ଅଡୁଆ ପରିବର୍ତ୍ତିତ ପାଣିପାଗ ସ୍ଥିତି

■ ଅଦିନିଆ ବର୍ଷାରେ ଉଜୁଡ଼ିବ ରବି ଫସଲ

■ ରୋଗପୋକ, ମୂଳଶଢ଼ା, ଅନାବନା ଘାସ ଓ ଗୁଳ୍ମକୁ ନେଇ ଚିନ୍ତାରେ ଚାଷୀ



ରସୁଲପୁର,୨୫।୧୨(ରଂଜିତ ରାଉତ): ପରିବର୍ତ୍ତିତ ପାଣିପାଗସ୍ଥିତିରେ ସର୍ବଦା ଚାଷୀକୂଳ ବେଶୀ ପ୍ରଭାବିତ ହେଉଛି। ତାର ପ୍ରଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଚଳିନୀ ଉପରେ ପକାଉଛି। ଅଦିନିଆ ବର୍ଷାରେ ରବି ଫସଲ ଉଜୁଡି ଯିବା ଆଶଙ୍କା ଦେଖାଦେଇଛି। ୨ଦିନ ଲଗାଣ ବର୍ଷା ଯୋଗୁ ପନିପରିବା ଫସଲ ସମେତ ତୈଳବୀଜ ଓ ଡାଲି ଜାତୀୟ ଫସଲ ବିଶେଷ ପ୍ରଭାବିତ ହେବା ସମ୍ଭାବନା ରହିଛି ବୋଲି ରସୁଲପୁର ବ୍ଲକ ଅଞ୍ଚଳର ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

ଏହି ବ୍ଲକ ଅଞ୍ଚଳର ଚାଷୀ ବିଭିନ୍ନ ଋତୁକାଳୀନ ପନିପରିବା ଚାଷ ଉପରେ ଗୁରୁତ୍ୱ ଦେଇ ଚାଷ କରିଥାଆନ୍ତି। ମାତ୍ର ବିଭିନ୍ନ ସମୟରେ ପାଣିପାଗର ଅନିୟମିତତା ଯୋଗୁ ଅଞ୍ଚଳର ଚାଷୀକୂଳ ଅଧିକ କ୍ଷତିଗ୍ରସ୍ତ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାର ପ୍ରଭାବ ପରିବା ବଜାର ଉପରେ ପଡୁଛି ବୋଲି ବଜାର ଦରରୁ ସ୍ପଷ୍ଟ ବୁଝାପଡୁଛି। ଏଥର ଅସମୟରେ ଲଘୁଚାପ ଜନିତ ବର୍ଷା ଯୋଗୁ କୋବି ଫସଲ ବିଶେଷ ପ୍ରଭାବିତ ହୋଇଛି। ଫୁଲ କୋବି କଢ଼ ଫାଟିଯାଉଛି, କୋବି କିଆରିରେ ପାଣି ଜମି ଯାଉଥିବାରୁ ଫୁଲ ଧରି ଆସୁଥିବା କୋବିଗଛ ଝାଉଁଳି ପଡିବା ଆରମ୍ଭ ହେଲାଣି। ତେଣେ ବର୍ଷା ଯୋଗୁ ବଜାର କାରବାରରେ ମାନ୍ଦା ପଡିଯାଉଥିବାରୁ କୋବି ଚାଷୀ ଅଭାବୀ ବିକ୍ରିର ଶିକାର ହେଲେଣି। ବର୍ଷା ଛାଡ଼ିବାପରେ କୋବି ନଷ୍ଟ ହୋଇଯିବା ଭୟରେ ଚାଷୀ କୋବି ଅମଳ କରି ଅଧାଠାରୁ କମ୍ ଦରରେ ବିକ୍ରି କରିବେଣ କ୍ଷତି ସହୁଛନ୍ତି। ଏହାଛଡ଼ା ବାଇଗଣ, ଝୁଡୁଙ୍ଗ, ବିନ୍ସ, କଲରା, ଭେଣ୍ଡି, ଲଙ୍କା ଆଦି ପରିବା ଚାଷୀଙ୍କ ରୋଗପୋକ ଚିନ୍ତା ଘାରିଲାଣି। ବର୍ଷା କାରଣରୁ ପୋକର ପାଦୁର୍ଭାବ ବଢ଼ିଯିବ। ଆଦ୍ର ଜଳବାୟୁ ରୋଗପୋକ ବୃଦ୍ଧି ଘଟାଇବାରେ ସହାୟକ ହେବ। ବିଭିନ୍ନ କିସମର ରୋଗପୋକ ଦାଉରୁ ଫସଲକୁ ରକ୍ଷା କରିବା ପାଇଁ ଚାଷୀଙ୍କୁ ଅଧିକା ଖର୍ଚ୍ଚ ହେବାକୁ ପଡ଼ିବ। ଫସଲ ଉତ୍ପାଦନର ମୂଲ୍ୟ ବଢି ଯିବା ସହ ସେହି ଅନୁସାରେ ପରିବାର ଦର ମଧ ବଢିଯିବ। ଏହାବାଦ୍ ବାଇଗଣ ଫସଲରେ ପତ୍ରରେ କଳାରଙ୍ଗର ରୋଗ ବ୍ୟାପିବା, ବନ୍ଧାକୋବି, ବିନ୍ସ ଓ ଝୁଡୁଙ୍ଗ ଗଛ ମୂଳସଢ଼ା ରୋଗ ଦେଖାଦେବା, ବାଦାମ, ସୋରିଷ, ରାଶି ଆଦି ଫସଲରେ ପ୍ରବଳ ଘାସ ଓ ଗୁଳ୍ମ ଆଦି ଉଠିବା ସହ ସଫାଇ କରିବାରେ ଚାଷୀଙ୍କୁ ଅଧିକ ମଜୁରି ଦେବାକୁ ପଡିବ।

ବିରି, କୋଳଥ, ମୁଗ, ହରଡ ଭଳି ଡାଲି ଜାତୀୟ ଫସଲର ଗଛଗୁଡିକ ଅଧିକ ବଢିବ, ଶୀତଳ ଜଳବାୟୁରେ ଗଛ ମୂଳରେ ପୋକ ରହି ଫୁଲ ଓ କଷିକୁ ଖାଇଦେବାର ସମ୍ଭାବନା ଥିବାରୁ ଅମଳ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଲେଣି। ବର୍ଷା ଆବଶ୍ୟକ ଥିଲା, ମାତ୍ର ଲଗାଣବର୍ଷା ଯୋଗୁ ରବି ଫସଲ ଉଜୁଡିଯିବା ସ୍ଥିତିକୁ ନେଇ ଚାଷୀଙ୍କ ମନରେ ହତାଶଭାବ ଦେଖାଯାଉଛି। ସରାକରାପ୍ତରରେ ଅଦିନିଆ ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ନେଇ ସତର୍କତାମୂଳକ ପଦକ୍ଷେପ ନେବାକୁ ସୂଚନା ଦିଆଯାଉଛି। କ୍ଷୟକ୍ଷତି ସହାୟତା କେବଳ ବୀମାଭୁକ୍ତ ଫସଲ ଓ ଚାଷୀଙ୍କୁ ପ୍ରଦାନ କରାଯାଉଛି। ତା' କରାନଯାଇ କ୍ଷେତରେ ଚାଷ ହୋଇଥିବା ସମସ୍ତ ଫସଲ ଓ ତା'ର କ୍ଷୟକ୍ଷତିକୁ ଆକଳନ କରାଯାଇ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ନବ ନିର୍ମାଣ କୃଷକ ସଂଗଠନ, ଯୁବ ଭାରତ କୃଷି ସଂଗଠନ ଭଳି ବିଭିନ୍ନ ସଂସ୍ଥା ଓ କୃଷକ ନେତାଙ୍କ ପକ୍ଷରୁ ଦାବି ହେଉଛି। ବାତ୍ୟା ଦାନାଠାରୁ ଅଦିନିଆ ଲଗାଣ ବର୍ଷାରେ ବେଶୀ ଫସଲ କ୍ଷତିଗ୍ରସ୍ତ ହୋଇଛି ବୋଲି ଚାଷୀ କହିଛନ୍ତି।

# ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ

ବିଞ୍ଝାରପୁର,୨୫।୧୨(ରାମକୃଷ୍ଣ ଦାସ): ଆମ୍ବେଦକରଙ୍କୁ ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ଅସମ୍ମାନିତ କରିବା ପ୍ରତିବାଦରେ ବିଞ୍ଝାରପୁର ବ୍ଲକ ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକ ସମ୍ମୁଖରେ ଗଣପ୍ରତିବାଦ ସଭା କରାଯିବା ସହ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପରିଷଦ ପକ୍ଷରୁ ରସିକ ଛତ୍ରକୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସଭା କରାଯାଇ ଘରଣାର ପ୍ରତିବାଦ କରାଯିବା ସହ କୁଶପୁତ୍ତଳିକା ଦାହ କରାଯାଇଥିଲା। ପରେ ବିଡିଓ ହିତାଂଶୁ ଶେଖର ସମାଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଶାହଙ୍କ ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି। ଏଥିରେ ପରିଷଦର ସଭାପତି ରମେଶ ଜେନା, ସମ୍ପାଦକ ଉଦୟନାଥ ଜେନା, କୋଷାଧକ୍ଷ ପଦ୍ମନାଭ ମଲିକ, ଅରୁଣ ଜେନା, ଅମର ମଲିକ, ଧନେଶ୍ୱର ରଣା, ସୁବାସ ଜେନା, ଦେବାଦତ୍ତ ଜେନା ଓ ବିଦ୍ୟାଧର ମଲ୍ଲିକଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଅସହାୟ ବ୍ୟକ୍ତି ଉଦ୍ଧାର



ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ୍ ପକ୍ଷରୁ ଉଦ୍ଧାର ହୋଇଥିବା ଅସହାୟ ବ୍ୟକ୍ତି।

ପାଣିକୋଇଲି,୨୫।୧୨(ବିକାଶ ମଲ୍ଲିକ): ଜାତୀୟ ରାଜପଥ ୧୬ର ପାଣିକୋଇଲି ଓଭରବ୍ରିଜ ଉପରେ ଏକ ସିମେଣ୍ଟ ପାଇପ ଭିତରେ କିଛି ଦିନ ହେବ ରହିଆସୁଥିବା ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଉଦ୍ଧାର କରିଛି ପାଣିକୋଇଲିର ଅଗ୍ରଣୀ ସାମାଜିକ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ। ଉକ୍ତ ଦିବ୍ୟାଙ୍ଗ ମୂକ ବ୍ୟକ୍ତି ଜଣକ ପାଣିକୋଇଲି ବଜାରରେ ଦିନ ସାରା ବୁଲାବୁଲି କରି ରାତି ହେଲେ ଉକ୍ତ ହେମ ପାଇପ ଭିତରେ ଶୋଇ ପଡୁଥିଲେ। ଫଳରେ କେହି ବି ଏକଥା ଜାଣିପାରୁ ନ ଥିଲେ। ତେବେ ଗ୍ରୁପର ସଦସ୍ୟଙ୍କ ଦ୍ୱାରା ରାସ୍ତା କଡ଼ରେ ବୁଲୁଥିବା ଅସହାୟଙ୍କୁ କଜଳ ବର୍ଷା ଯାଉଥିବା ସମୟରେ ଉକ୍ତ ବ୍ୟକ୍ତି ଜଣକ ଗ୍ରୁପ ସଦସ୍ୟଙ୍କ ନଜରକୁ ଆସିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପାଣିକୋଇଲି ଥାନାଧିକାରୀ ରଶ୍ମିତ କୁମାର ମହନ୍ତି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ଲାଗି ଗ୍ରୁପର ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏଥିସହିତ କୋରେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସବ୍ୟସାଚୀ ବେହେରାଙ୍କ ସହିତ ଯୋଗାଯୋଗ କରିଥିଲେ। ମଙ୍ଗଳବାର ଗ୍ରୁପର ସଦସ୍ୟମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପରେ ଥାନା ତରଫରୁ ଉକ୍ତ ବ୍ୟକ୍ତିଙ୍କୁ ଛତିଆସ୍ଥିତ ବୃଦ୍ଧାଶ୍ରମ 'ସେବକ'ରେ ଛଡ଼ାଯାଇଥିଲା। ଏଥିରେ ଥାନାଧିକାରୀ ମହାନ୍ତିଙ୍କ ସହିତ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କର, ଗ୍ରୁପର ଉପଦେଷ୍ଟା ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ସଭାପତି ଅଶୋକ ଦାସ, ଉପସଭାପତି ସୁନୀଲ ଓଝା, ସମ୍ପାଦକ ପ୍ରଦୀପ ମାଝୀ, ଯୁଗ୍ମସମ୍ପାଦକ ମେଘନାଦ ଜେନା, ସଦସ୍ୟ ସୌରପ୍ରତାପ ରାୟ, କୁନା ମହି, ବିଶ୍ୱଜିତ ଦାସ, ଧ୍ରୁବେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ଦେଶ ଗଠନରେ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମବରଦା,୨୫।୧୨ (ଯଯାତି କେଶରୀ ବେହେରା)

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା କଲେଜ ନିକଟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ପଞ୍ଚାନନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହିସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ନୂତନ ଭାରତର ସୃଷ୍ଟି କରିବାରେ ଆଜିର ଏହି କୁନିକୁନି ବିଦ୍ୟାର୍ଥୀଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ମହାବିଦ୍ୟାଳୟ ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ ଡ. ବିକ୍ରମ କୁମାର ମହାପାତ୍ର ଯୋଗଦେଇ କୁନି କୁନି ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ବିଦ୍ୟାଳୟ ସମ୍ପାଦକ ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜକୁମାର ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ବେହେରା ଓ ସଭାପତି ପ୍ରତାପ କେଶରୀ ଦେଓ ଯୋଗଦେଇ ଶିଶୁଙ୍କ ଉନ୍ନତମାନର ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଆମ ପରିବେଶ ଆମ ସୁରକ୍ଷା' ନାଟକ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟ କମିଟି ଉପଦେଷ୍ଟା ଶିକ୍ଷାବିତ ବିରେଶ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।





ବ୍ରହ୍ମବରଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଜନ ଆରୋଗ୍ୟ ସମିତି ବୈଠକ





ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ରସୁଲପୁର,୨୫।୧୨(ରଂଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ କୁଣ୍ଡପାଟଣା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ସଦସ୍ୟା ଭାରତୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ସଚେତନତା, ପୁଷ୍ଟିରେ, ପରିବେଶ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଯୋଜନାକୁ ନେଇ ଆରୋଗ୍ୟ ମନ୍ଦିରକୁ ଆସୁଥିବା ସରକାରୀ ଅନୁଦାନକୁ ବ୍ୟୟବରାଦ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମୁଖ୍ୟଅତିଥି ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମିରଞ୍ଜନ ପଶାୟତ, ସମ୍ମାନିତ ଅତିଥି ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଡା. ବସନ୍ତ କୁମାର ପଣ୍ଡା, କୁଣ୍ଡପାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପ୍ରା ସାହୁ, ଫାର୍ମାସିଷ୍ଟ ସବ୍ୟରଞ୍ଜନ ପଣ୍ଡା, ନର୍ସ ଅଧିକାରୀ ନିଶିପଦ୍ମା ଦାଶ, ଲାବରେଟୋରି ଟେକ୍ନିସିଆନ ସାଗର ଦାଶ, ମହିଳା ଓ ଶିଶୁ ବିକାଶ ସୁପରଭାଇଜର ମଞ୍ଜୁଲତା ତ୍ରିପାଠୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସ୍ୱାଗତିକା ପଟ୍ଟନାୟକ, ଗୋଷ୍ଠୀ ହିସାବ ପ୍ରବନ୍ଧକ ମଧୁସୂଦନ ଦାସ, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ଜ୍ୟୋତ୍ସ୍ନାରାଣୀ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ମହାନ୍ତି ପ୍ରମୁଖ ଯୋଗଦେଇ ଆରୋଗ୍ୟ ମନ୍ଦିରର ୨୦୨୩-୨୪ ଆର୍ଥିକ ବର୍ଷର ଯୋଜନା ଓ ସେ ସବୁକୁ ନେଇ ହୋଇଥିବା ବ୍ୟୟବରାଦ ଉପରେ ସମୀକ୍ଷା କରିଥିଲେ। ଅଧିକାରୀମାନଙ୍କ ଦ୍ୱାରା କେନ୍ଦ୍ରର ବିବରଣୀ ବୈଠକରେ ଉପସ୍ଥାପନ କରାଯାଇଥିଲା। ବୈଠକରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଜପେୟୀଙ୍କ ଜୟନ୍ତୀ ପାଳିତ

ରସୁଲପୁର,୨୫।୧୨(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟିସ୍ଥିତ ଶ୍ରୀରାମ ମଣ୍ଡପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବାରବାଟୀ ପଞ୍ଚାୟତ ପ୍ରାକ୍ତନ ସମିତିସଭ୍ୟ ଚୈତନ୍ୟ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଭାଜପା ନେତା ପଣ୍ଡିତ ମୋହନ ଦାଶ ଯୋଗଦେଇ ବାଜପେୟୀଙ୍କର ଅନେକ ମହାନ ଗୁଣ ସହ ଭାରତ ପାଇଁ ତାଙ୍କ ଉତ୍କର୍ଷକୃତ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲାପରିଷଦ ସଭ୍ୟ ସୁଧାର ଚନ୍ଦ୍ର ନାୟକ, ଶିକ୍ଷାବିତ୍ ପ୍ରକାଶ ନାୟକ, କୃଷକ ନେତା ଭାଗିରଥି ଜେନା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଅଟଳ ବିଚାର ମଞ୍ଚର ସଦସ୍ୟ ଅମୂଲ୍ୟ ନାୟକ, ଲକ୍ଷ୍ମୀଧର ପଟ୍ଟନାୟକ, ଦେବୀପ୍ରସାଦ ସାମଲ, ବିଶ୍ୱଜିତ ନାୟକ, ଅରବିନ୍ଦ ରାଉତ, ନିରଞ୍ଜନ ଖିଲାର, ସଂଗ୍ରାମ ବାର୍ଜ଼ିକ, ନିରଞ୍ଜନ ପାଣି, ଉଦୟଭାନୁ ବେହେରା, ବିରାଜ ଦାଶ, ପ୍ରଶାନ୍ତ ସ୍ୱାଇଁ, ଶରତ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବନେତା ବିବେକ ଗନ୍ତାୟତ ମଞ୍ଚ ପରିଚାଳନା କରିଥିବାବେଳେ ଯୁବନେତା ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଖରସ୍ରୋତା ବେଳାଭୂମିରେ ଧର୍ମାଲୋଚନା ସଭା

ଯାଜପୁର,୨୪।୧୨(ହର୍ଷବର୍ଦ୍ଧନବେହେରା): ୨୬ ବର୍ଷ ଧରି ବିଞ୍ଝାରପୁର ଖରସ୍ରୋତା ବେଳାଭୂମିରେ ଅନୁଷ୍ଠିତ ହୋଇ ଆସୁଥିବା ସପ୍ତାହ ବ୍ୟାପୀ ଧର୍ମାଲୋଚନା ମହାସଭା ଉଦ୍‌ଯାପିତ ହୋଇଯାଇଛି। ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବାବାଜୀ ସଚ୍ଚିଦାନନ୍ଦ ଦାସ ମହାରାଜ ପ୍ରବଚନ ଦେଇଥିଲେ। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି ଏବଂ ଅଭିଜ୍ଞକର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଆନନ୍ଦମୟୀ ଶିଶୁନିକେତନର ଅଧକ୍ଷ ଅକ୍ଷୟ ଦାସ, ସ୍ଥାନୀୟ ସରପଞ୍ଚ ଆଶାଲତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିଜ୍ଞକର ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କୁ ଆଜୀବନ ସାଂସ୍କୃତିକ ପରାକାଷ୍ଠା ଓ ସାରସ୍ୱତ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଶରତ ସାହୁଙ୍କୁ ତାଙ୍କ ସମାଜସେବା ଏବଂ ଶିକ୍ଷକ ବାସୁଦେବ ରାଉତ, କେଳିତା ବେହେରାଙ୍କୁ ବିଭିନ୍ନ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରିଥିଲେ।

# ପିପି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ





ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଛତିଆ,୨୫।୧୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଗୋପପୁରଠାରେ ଥିବା ପିପି ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ବିଦ୍ୟାର୍ଥୀମାନେ ସମୟକୁ ସଦୁପଯୋଗ କରି ପାରିଲେ ସେମାନେ ସଫଳତାର ଶିଖରକୁ ଉଠିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ସତନ୍ତ୍ର ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ଡା. ପ୍ରିୟଦର୍ଶୀ ତ୍ରିପାଠୀ ଓ ଚମ୍ପାପୁର ସରପଞ୍ଚ ସୁଲୋଚନା ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧକ୍ଷ ପ୍ରଭାସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ନରେନ୍ଦ୍ର ପରିଡ଼ା ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ପରିଚାଳିକା ଅନିତା ଦାସ ଧନ୍ୟବାଦ ଦେଇଥିଲେ।

# ୨ ବର୍ଷ ହେଲା ଯାଜପୁର ଜିଲା ସଂସ୍କୃତି ବିଭାଗ ଅଚଳ

**ପୁନର୍ଗଠନ ଦାବି କଲେ ଅଖିଳଚକ୍ର ସମ୍ପାଦକ**



ସାମେଶ୍ୱର ପୀଠନିକଟରେ ଥିବା ଭାରତମାତାଙ୍କ ପ୍ରତିମୂର୍ତ୍ତି।

ଯାଜପୁର,୨୫।୧୨(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ସଂସ୍କୃତି ବିଭାଗ ଦୀର୍ଘ ୨ ବର୍ଷ ଧରି ଅଚଳ ଅବସ୍ଥାରେ ପଡି ରହିଛି। ଏପରି କି ଗତ ୩ ରୁ ୪ ବର୍ଷର ଆୟ ବ୍ୟୟ ହିସାବ ପରିଷଦଙ୍କ ନିକଟରେ ଦାଖଲ କରାଯାଇ ନାହିଁ। ଏହି କ୍ରମରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନଗୁଡିକୁ ଅନୁଦାନ ବନ୍ଦ ହୋଇ ଯାଇଛି। ଏହିମର୍ମରେ ଅଖିଳଚକ୍ର ପକ୍ଷରୁ ଜିଲାପାଳଙ୍କ ନିକଟରେ ଜିଲା ସଂସ୍କୃତି ବିଭାଗର ପୁର୍ନଗଠନ ଦାବି ହୋଇଛି।

ଅଖିଳ ଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ତାଙ୍କ ଦାବିରେ ଦର୍ଶାଇଛନ୍ତି, ବିଭିନ୍ନ ବ୍ଲକରେ ଏବେ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଉତ୍ସବ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ସହଯୋଗ କରାଯାଉନାହିଁ। ଜିଲାର ସାହିତ୍ୟ, ସଂସ୍କୃତି, କଳା କ୍ଷେତ୍ରରେ ଦୀର୍ଘ ୨୫ ବର୍ଷ ମଧ୍ୟରେ ଜିଲା ସଂସ୍କୃତି ବିଭାଗ କୌଣସି ଭୂମିକା ନିର୍ବାହ କରିପାରି ନ ଥିବା ଦେଖା ଯାଉଛି। ବହୁ ସାଂସ୍କୃତିକ ଅନୁଷ୍ଠାନ ଏହି ଜିଲାରେ ମୁଣ୍ଡ ଟେକି କିଛି ବର୍ଷ କାର୍ଯ୍ୟ କଲା ପରେ ପୁଣି ନିଷ୍କ୍ରିୟ ହୋଇ ପଡ଼ିଛି। ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଐତିହାସିକ ତଥ୍ୟ ସମ୍ବଳିତ ଅନେକ ସ୍ଥାନ ଥିଲେ ମଧ ଏହାର ପୁନରୁଦ୍ଧାର ପାଇଁ କୌଣସି ରାଜନୈତିକ ଅନୁକମ୍ପା ନାହିଁ। ବହୁ ଲବ୍ଧପ୍ରତିଷ୍ଠ ପ୍ରତିଭାମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନାହିଁ। କେତେକ ଅନୁଷ୍ଠାନ ପକ୍ଷରୁ ବିଞ୍ଝାରପୁର ଓ ଯାଜପୁରର ବିଭିନ୍ନ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲେ ହେଁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଗ୍ରାମାଞ୍ଚଳରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ସମ୍ଭବ ହୋଇ ପାରିଲା ନାହିଁ। ବିଭିନ୍ନ ବ୍ଲକ ଅଞ୍ଚଳରେ ପୁସ୍ତକ ମେଳା ଅନୁଷ୍ଠିତ ହେଉଥିବା ବେଳେ ଏ ଦିଗରେ ସଂସ୍କୃତି ବିଭାଗ ସହଯୋଗ କରିବା ଦେଖା ଯାଉନାହିଁ। ପୁସ୍ତକ ମେଳା ଆୟୋଜନ ସରକାରଙ୍କ ଦାୟିତ୍ୱ ହେବା ଉଚିତ ବୋଲି ଶିକ୍ଷାବିତ୍‌ମାନେ ମତାମତ ଦେଇ ଆସୁଥିଲେ ହେଁ ପ୍ରଶାସନର ଏଥିପ୍ରତି ଭ୍ରୂକ୍ଷେପ ନାହିଁ। କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ରାଜ୍ୟ ରାଜଧାନୀରେ କୌଣସି ମାର୍ଗକୁ ନାମିତ କରିବା ପାଇଁ ଦାବି ହୋଇ ଆସୁଥିଲେ ହେଁ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ତେଣୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାର ସବୁ ଏଭଳି ପରିସ୍ଥିତିକୁ ଧରି ରଖିବା ପାଇଁ ୨ ରୁ ୩ ଟି ସଂଗ୍ରହାଳୟ ନିର୍ମାଣ ପାଇଁ ବୁଦ୍ଧିଜୀବୀଙ୍କ ଦାବୀକୁ ଏହି ବିଭାଗ ଗ୍ରହଣ କରିନାହିଁ। ଲୋକ କଳା କ୍ଷେତ୍ରରେ କୌଣସି ଗୋଟିଏ ପଦକ୍ଷେପ ଏପର୍ଯ୍ୟନ୍ତ ନିଆ ଯାଇ ପାରି ନାହିଁ। ସେହିପରି ବରି-ବିଞ୍ଝାରପୁର ମଧ୍ୟରେ ଅବସ୍ଥିତ ସୁପ୍ରସିଦ୍ଧ ଶ୍ୟାମେଶ୍ୱର ପୀଠର ଉନ୍ନତି ପାଇଁ ସେଠାକାର ଆଞ୍ଚଳିକ ଉନ୍ନୟନ କମିଟି ଓ ଅଖିଳଚକ୍ର ପକ୍ଷରୁ ଦାବୀ ହୋଇ ଆସୁଥିଲେ ହେଁ ଉଭୟ ଲୋକପ୍ରତିନିଧି ବା ପ୍ରଶାସନ ଏଯାବତ ଦୃଷ୍ଟିଦେଉ ନାହାନ୍ତି। ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ କହିଛନ୍ତି, ପ୍ରତିବର୍ଷ ଶ୍ୟାମେଶ୍ୱର ପୀଠ ନିକଟ ଭାରତମାତା ପ୍ରତିମୂର୍ତ୍ତି ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ ହୋଇ ଆସୁଥିଲେ ହେଁ ପ୍ରତିମୂର୍ତ୍ତି ଉପରେ ଗୋଟିଏ ଛାତ ନିର୍ମାଣ ଉଭୟ ନିର୍ବାଚନ ମଣ୍ଡଳୀର ପ୍ରତିନିଧିମାନଙ୍କ ପକ୍ଷରୁ ସମ୍ଭବ ହୋଇ ନ ପାରିବା ଦୁଃଖର ବିଷୟ। ଯାଜପୁର ଜିଲାରେ ଜନ୍ମ ଗ୍ରହଣ କରିଥିବା ଭକ୍ତ ବନ୍ଧୁ ମହାନ୍ତିଙ୍କ ପ୍ରତିମୂର୍ତ୍ତି ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ନିର୍ମାଣ ହୋଇ ସାରିଥିଲେ ହେଁ ତାହା ତାଙ୍କ ଜନ୍ମ ସ୍ଥାନରେ ଏଯାବତ ସ୍ଥାପନ କରାଯାଇ ପାରିଲା ନାହିଁ। ଏ ଦିଗରେ ଜିଲା ସଂସ୍କୃତି ବିଭାଗର ସଭାପତି ଦୃଷ୍ଟି ଦେଇ ଅଚଳ ବିଭାଗର ପୁନର୍ଗଠନ କରିବାକୁ ଅଖିଳଚକ୍ରର ସମ୍ପାଦକ ପଣ୍ଡା ଦାବି ଜଣାଇଛନ୍ତି।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲିକୁଦା, ୨୫।୧୨ (ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଓଷକଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶୋଭାର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଭାପତି ଅପର୍ତ୍ତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ଅତିଥି ଭାବେ ସାମାଜିକ କର୍ମୀ ସୁବାସ ନାୟକ, ପ୍ରଣବ ପ୍ରଧାନ, ପ୍ରତିଷ୍ଠାତା ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟର ସମ୍ପାଦକ ବାସୁଦେବ ରାଉତ, ଯୁଗ୍ମ ସମ୍ପାଦକ ଗୋପେଶ ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଭିମନ୍ୟୁ ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବରେ ୪୦ଟି ବିଭାଗରେ ୪୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଉପସଭାପତି ପ୍ରମୋଦ ଜେନା, କୋଷାଧ୍ୟକ୍ଷ ଆଦିତ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ବାଜପେୟୀଙ୍କ ଜୟନ୍ତୀ ଉତ୍ସବ

ଏରସମା, ୨୫।୧୨ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ରାତିରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଟଳଜୀ ସ୍ମୃତି ପରିଷଦର ଅଧ୍ୟକ୍ଷ ନୃସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଅଟଳଜୀ ରାଷ୍ଟ୍ର ଗଠନର ପ୍ରକୃତ ନିର୍ମାତା ବୋଲି କହିଥିଲେ। ଏଥିରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଭାଜପା ନେତା ସତ୍ୟ ସାରଥୀ ମହାନ୍ତି ଉପସ୍ଥିତ ହୋଇ ଅଖଣ୍ଡ ଭାରତ ଗଠନରେ ଅଟଳଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ କୁମାର ବେହେରା, ଜଟାଧାରୀ ସ୍ୱାଇଁ, ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଅଜୟ କୁମାର ଲେଙ୍କା, ପ୍ରତାପ ମିଶ୍ର, ମୋହିତ ମହାନ୍ତି, ପୂର୍ବତନ ସରପଞ୍ଚ ତପନ ଗଛାୟତ, ଶ୍ରୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ହୋଇ ଅଟଳଜୀଙ୍କ ଆଦର୍ଶ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଲାଗାୟକ ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରଘୁନାଥପୁର ବ୍ଲକ୍ ଅଧ୍ୟକ୍ଷାଙ୍କ ଶ୍ୱଶୁର ବିୟୋଗ

ରଘୁନାଥପୁର ୨୫।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରାଙ୍କ ଶ୍ୱଶୁର ବିଦ୍ୟାଧର ବେହେରା (୮୦)ଙ୍କ ପରଲୋକ ହୋଇଯାଇଛି। ସେ ପରୋପକାରୀ ଓ ଆମାୟିକ ବ୍ୟକ୍ତି ଥିଲେ। ଖବର ପାଇ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠୀ, ଜିଲ୍ଲା ବିଜେଡି ସହ ସମ୍ପାଦକ ତାରାକାନ୍ତ ଜେନା, ପୂର୍ବତନ ସମିତି ସଭ୍ୟ ଖୋକନ ରାୟ, ଅନୀଲ ମହାନ୍ତି ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ବିଦ୍ୟାଧରଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ସ୍ୱର୍ଗତ ବେହେରାଙ୍କ ମୃତଦେହ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକ ମାତ୍ର ପୁତ୍ର ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

# ବିଲରେ ଧାନ ଗଜା, ମଉଳିଲା ଚାଷୀଙ୍କ ଆଶା

କୁଜଙ୍ଗ, ୨୫।୧୨ (ମନୋଜ ପ୍ରଧାନ)



ପୂର୍ବରୁ ୩ ଦିନ ଧରି ଲଗାଣ ବର୍ଷାରେ କଟା ହୋଇ ବିଲରେ କଚଡ଼ା ପଡ଼ିଥିବା ପାଚିଲା ଧାନ ପାଣିରେ ବୁଡ଼ି ଗଜା ହେବା ଆରମ୍ଭ କରିଥିଲା। ଚାଷୀ ଜୀବନ ବିକଳରେ ପରବର୍ତ୍ତୀ ଦୁଇଦିନ ଅକ୍ଳାନ୍ତ ପରିଶ୍ରମ କରି କିଛି ଅମଳ କରିବା ଆଶା ନେଇ ପାଣିରୁ ଛାଣି ଶୁଖେଇବାକୁ ଚେଷ୍ଟା ଜାରି ରଖିଥିଲେ। ହେଲେ ପୁଣି ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ସମସ୍ତ ଆଶାକୁ ଭାଙ୍ଗି ଚୁରମାର କରିଦେଇଛି। କୁଜଙ୍ଗ ବ୍ଲକରେ ଚଳିତ ଖରିଫ ଧାନ ଚାଷ ୧୧ ହଜାର ୬୩୫ ହେକ୍ଟର ଜମିରେ ହୋଇଥିଲା। ସେଥିମଧ୍ୟରୁ ପାଖାପାଖି ୨ ହଜାର ହେକ୍ଟର ଜମିରୁ ଧାନ କଟା ଯାଇଥିଲା। ମାତ୍ର ବାଲିଆ, ମହ୍ଲାସାହି ପଞ୍ଚାୟତ ସମେତ ଅନ୍ୟ କେତେକ ଗାଁରେ ମେଶିନ ଯୋଗେ କଟା ଯାଇ ଧାନ ଅମଳ ହୋଇଥିବା ଜମିର ପରିମାଣ ୩୦୦ ହେକ୍ଟର ହେବା ନେଇ ଅନୁମାନ କରାଯାଉଛି। ଅବଶିଷ୍ଟ ୧ ହଜାର ୫ ଶହ ହେକ୍ଟର ଜମିର ଧାନ କଟାଯାଇ କଚଡ଼ା ପଡ଼ିଥିଲା। ଯାହାକି ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବର୍ଷାରେ ସବୁ ଧାନ ଗଜା ହେବା ସାଙ୍ଗକୁ ପଚି ଯାଇଛି। ଅବଶିଷ୍ଟ କଟା ଯାଇ ନ ଥିବା ୧୦ ହଜାର ହେକ୍ଟର ଜମିରେ ଥିବା ଧାନ ପାଣିରେ ବୁଡ଼ି ରହିଛି। ବିଲରୁ ପାଣି ଶୁଖିଲା ବେଳକୁ ସମସ୍ତ ଧାନ ଝଡ଼ି ଯିବା ନିଶ୍ଚିତ। ଧାର, କରଜ କରି ଧାନ ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଚଳିତବର୍ଷ ଧାନ ଫସଲ ବହୁତ ଭଲ ହୋଇଥିଲା। ଅଧିକ ଅମଳ ଆଶାରେ ପାଚିଲା ଧାନକୁ କ୍ଷେତରେ ଦେଖି ଚାଷୀ ଖୁସି ହୋଇଥିଲେ। ଅଦିନିଆ ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ତେଲ ଲୁଣ ସଂସାରକୁ ଉଜାଡ଼ି ଦେଲା। ତୁରନ୍ତ କୃଷି ଓ ରାଜସ୍ୱ ବିଭାଗ ଅଧିକାରୀ କ୍ଷେତ ମୁଣ୍ଡକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ଜମି ଓ ଅମଳ ପରିମାଣ କେତେ ହେବା କଥା ଆକଳନ କରି ଠିକ୍ ତଥ୍ୟ ସରକାରଙ୍କୁ ପ୍ରଦାନ କରନ୍ତୁ। ଅମଳ ହେବାକୁ ଥିବା ଧାନର ଯେତିକି ମୂଲ୍ୟ ସେତିକି ଟଙ୍କା ଚାଷୀଙ୍କୁ ସରକାର ପ୍ରଦାନ କରନ୍ତୁ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର କୁଜଙ୍ଗ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା ଓ ବରିଷ୍ଠ କୃଷକ ନେତା ବାବୁରାମ ଚୌଧୁରୀ ଦାବି କରିଛନ୍ତି। ଅନ୍ୟପକ୍ଷେ ୩ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରି ତଥ୍ୟ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ବି ବାସ୍ତବ କ୍ଷେତ୍ରରେ କୁଜଙ୍ଗ ବ୍ଲକରେ ଆକଳନ ଆରମ୍ଭ ହୋଇନାହିଁ। ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରିଣୀ ସୀତାରତ୍ନମାଳା ଦାଶଙ୍କୁ ପଚାରିବାରୁ ଗ୍ରାମ୍ୟ କୃଷି କର୍ମୀ(ଭିଏଡବ୍ଲ୍ୟୁ) ଓ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରି ତଥ୍ୟ ଦେବାକୁ କୁହାଯାଇଛି। ହେଲେ ୨୪, ୨୫ ତାରିଖ ବର୍ଷା ରହିଥିବାରୁ ଆକଳନ କାର୍ଯ୍ୟ ମନ୍ଥର ଅଛି। ବର୍ଷା ଛାଡ଼ିଲା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ ହେବ ବୋଲି ସେ କହିଛନ୍ତି।

# ପୁସ୍ତକମେଳା ପାଇଁ ଭୂମିପୂଜା

ଜଗତ୍‌ସିଂହପୁର, ୨୫।୧୨
(ପ୍ରମୋଦ କୁମାର ନାୟକ)

ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳା ଅନୁଷ୍ଠିତ ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ହେବାକୁ ଯାଉଥିବା ଏହି ମେଳାକୁ ଏଥର ଅଧିକ ଆଦୃତି ପାଇଁ ଚେଷ୍ଟା ଚାଲିଛି। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ମେଳାକୁ ସରସ ସୁନ୍ଦର କରିବାକୁ ଏହା ଭିତରେ ପ୍ରସ୍ତୁତି ବୈଠକ ସରିଛି। ବୁଧବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସମ୍ପାଦକ ଶାରଦା ପ୍ରସାଦ ଦାସ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ସମୟରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ଡ. ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ପରିଷଦର ସଦସ୍ୟ ମଧୁସୂଦନ ସାହୁ, ପ୍ରଭାତ ଦାଶ, ଉମାକାନ୍ତ ଦାଶ, ମନୋଜ କୁମାର ମହାପାତ୍ର, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଲୋକନାଥ ଦାସ, ଡ ନିରଞ୍ଜନ ବିଶ୍ୱାଳ, ବିବୁଧ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମିତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ନିବେଦିତା ମହାନ୍ତି, କୈଳାସ ମଲ୍ଲିକ, ଅତନୁ କୁମାର ସ୍ୱାଇଁ, ଜିତେନ୍ଦ୍ର ପ୍ରଧାନ ଏବଂ ରୋମିଓ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ୩୧ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୨୫।୧୨
(ପ୍ରମୋଦ କୁମାର ନାୟକ)

ବୁଧବାର ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ବାର୍ଷିକ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡ଼ବଜାର ମହାବୀର କ୍ଲବ ଓ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ପତି ସାମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ଲବର କର୍ମକର୍ତ୍ତା ସୌମ୍ୟ ରଞ୍ଜନ ସାହୁ, ରଶ୍ମି ରଞ୍ଜନ ସ୍ୱାଇଁ, ଶୁଭ୍ରାଂଶୁ ବେହେରା, ଦୁର୍ଗେସ ମହାନ୍ତି, ଅମରଜିତ ରାୟ, ଲକ୍ଷ୍ମୀ ସାହୁ, ଜନ୍ମେଜୟ ଜେନା, ପ୍ରଦୀପ ମହାରଣା ଓ ଶିବ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଏହି ଶିବିରରେ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ସମାନ୍ତରାଳ ଭାବେ ବାଜପେୟୀ ଜୟନ୍ତୀ




ବାଜପେୟୀଙ୍କ ଜୟନ୍ତୀରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ଅନ୍ୟମାନେ।

ପାରାଦୀପ, ୨୫।୧୨ (ଶରତ ରାଉତ)

ପାରାଦୀପର ଦୁଇଟି ସ୍ଥାନରେ ବୁଧବାର ସନ୍ଧ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ନୂଆବଜାର ଖଣ୍ଡିଆପାର୍କ ପାଖରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଏବଂ ଟ୍ରଷ୍ଟ ପରିସରରେ ପାଳନ କରାଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷ ଅଜିତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଫ ଶ୍ରମିକ ନେତା ଅନନ୍ତ ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକ, ହାରାମଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅଟଳଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଏହି ସଭାର ୫୦୦ମିଟର ବ୍ୟବଧାନରେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜୟନ୍ତୀ ଉତ୍ସବ ଓ ପାରାଦୀପ ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପାରାଦୀପରେ ଏମିତି ସମାନ୍ତରାଳ ଜୟନ୍ତୀ ୫ ବର୍ଷ ହେଲା ଚାଲିଛି।

### ବିଡିଓଙ୍କ କାର୍ଯ୍ୟାଳୟରୁ ଫାଇଲ ଚୋରି ଅଭିଯୋଗ

ନାଉଗାଁ, ୨୫।୧୨ (ସୁଧା ବେହୁରା)

ନାଉଗାଁ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟରୁ ଏକ ଫାଇଲ ଚୋରି ହୋଇ ଯାଇଥିବା ବିଡିଓ ତପନ ମହାପାତ୍ର ମଙ୍ଗଳବାର କାର୍ଯ୍ୟାଳୟର ଚିଠି ନଂ. ୩୮୯୩/୨୪ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନଂ. ୩୨୮/୨୪ରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଆଇଆଇସି ନିଳମଣୀ ନାୟକ କହିଛନ୍ତି। ବିଡିଓ ମହାପାତ୍ରଙ୍କ ଅଭିଯୋଗ ମୁତାବକ, ଘୋଡାଂଶ ପଞ୍ଚାୟତ ଓଡ଼ପଏଙ୍ଗା ଗ୍ରାମର ତ୍ରିନାଥ ମଣ୍ଡପ ଓ ସାବିତ୍ରୀ ପୂଜା ମଣ୍ଡପର ପୁନରୁଦ୍ଧାର ପ୍ରକଳ୍ପ କାର୍ଯ୍ୟର ଫାଇଲ କେଶ ନଂ. ୩୨/୨୩-୨୪ ବ୍ଲକ ଫାଇନାନ୍ସ ଅଫିସର ବିଲ ପ୍ରଦାନ ନିମନ୍ତେ ଆପ୍ରୁଭ କରିବା ପାଇଁ ୧୦ଡିସେମ୍ବର୨୦୨୪ରେ ପଠାଇଥିଲେ। ଉକ୍ତ ପ୍ରକଳ୍ପ କାର୍ଯ୍ୟର ତଦନ୍ତ ପରେ ଉକ୍ତ କେଶ ରେକର୍ଡକୁ ୧୩ ଡିସେମ୍ବର ୨୦୨୪ରେ ଆପ୍ରୁଭ କରିବାକୁ ବାହାର କରିବା ବେଳକୁ ଉକ୍ତ କେଶ ରେକର୍ଡଟି ଟେବୁଲ ଉପରେ ନ ଥିଲା। ଏହି ରେକର୍ଡକୁ କେହି ନେଇଯାଇଥିବା ମନେ ହେଉଛି। ତେଣୁ ନିୟମାନୁସାରେ ଏହାର ଠିକ ତଦନ୍ତ କରାଯାଉ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ବ୍ଲକ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସିସି କ୍ୟାମେରା ଲାଗିଛି। ଏତଦବ୍ୟତିତ ଖୋଦ ବିଡିଓଙ୍କ କାର୍ଯ୍ୟାଳୟରେ ସିସି କ୍ୟାମେରା ରହିଛି। ବିଡିଓ ଅନୁପସ୍ଥିତ ରହିଥିବାବେଳେ କାର୍ଯ୍ୟାଳୟ ସର୍ବଦା ତାଲା ପଡ଼ିଥାଏ। ସେହିପରି କାର୍ଯ୍ୟାଳୟରେ ବିଡିଓ ଉପସ୍ଥିତ ରହିଲେ ସାଧାରଣ ଲୋକ ଅନୁମତି ନେଇ ତାଙ୍କୁ ସାକ୍ଷାତ କରିଥାନ୍ତି। ତେବେ କାର୍ଯ୍ୟାଳୟରେ ଏହି ସବୁ କଟକଣା ରହିଥିବାବେଳେ ଫାଇଲ ପରି ଏକ ଗୁରୁତ୍ୱ ପୂର୍ଣ୍ଣ କାଗଜପତ୍ର କାର୍ଯ୍ୟାଳୟରୁ ଚୋରିଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସମସ୍ତ ସିସି ଟିଭିକୁ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସି ପାରିବ ବୋଲି ଜଣାଯାଇଛି।

# ଅଭାବୀ ପରିବାର ଶିଶୁଙ୍କୁ ମିଳୁନି ଖାଦ୍ୟ

## ଅପପୁଷ୍ଟି ଶିକାର ଆଶଙ୍କା, ସରକାରୀ ସହାୟତା ଦାବି

ମହାକାଳପଡ଼ା, ୨୫।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁର ଶିଶୁମାନଙ୍କ ଶାରିରୀକ ମାନସିକ ସ୍ୱାସ୍ଥ୍ୟ ବିକାଶ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ବିପୁଳ ପରିମାଣରେ ଅର୍ଥ ବ୍ୟୟ ଅଟକଳ ରହିଛି। ହେଲେ ଏକ ଅଭାବୀ ପରିବାର ଶିଶୁଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ମିଳୁନି। ଫଳରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଅପପୃଷ୍ଟି ଆଶଙ୍କା ପ୍ରକାଶ ପାଇଛି। ହାତ, ଗୋଡ଼, ଆଖି କରଡ଼ି ପଶି ଯାଇଥିବା ଦେଖିବାକୁ ମିଳିଛି। ପରିବାର ଆର୍ଥିକ ଅବସ୍ଥା ସେତେଟା ଭଲ ନାହିଁ। ଖଟିଲେ ପରିବାର ଚଳେ। ପରିବାର ମୁଖ୍ୟ ଏକ ମେଶିନ ଆଘାତରେ ହାତ ଭାଙ୍ଗି ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସ୍ତ୍ରୀ କହିଛନ୍ତି। ଏଭଳି ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଉଳକଣି ଜମ୍ବୁ-ମାର୍ଶାଘାଇ ବ୍ରିଟିଶ୍ କେନାଲ ବନ୍ଧ ଉତ୍ତରପାର୍ଶ୍ୱରେ ରହୁଥିବା କାର୍ତ୍ତିକ ମଣ୍ଡଳଙ୍କ ପରିବାର କ୍ଷେତ୍ରରେ। ମାସେ ପୂର୍ବରୁ ଏକ ମେଶିନ ଦୁର୍ଘଟଣାରେ ଶିକାର ହୋଇ ସେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରେ ପରିବାର ରୋଜଗାର କରୁଥିବା କାର୍ତ୍ତିକଙ୍କ ଚିକିତ୍ସା ଯୋଗୁ ରୋଜଗାର ବାଟ ବନ୍ଦ ହୋଇଯାଇଛି।

କାର୍ତ୍ତିକଙ୍କ ସ୍ତ୍ରୀ ସୁଶୀଳା ୩ ଝିଅ ଓ ୪ ବର୍ଷର ପୁଅକୁ ନେଇ ଦୁର୍ଦ୍ଦଶାରେ ଦିନ ବିତାଉଛନ୍ତି। ହେଲେ ପୁଅ ନାରାୟଣ ସ୍ୱାସ୍ଥ୍ୟ ଅପପୁଷ୍ଟିରେ ଶିକାର ହେଉଥିବା ଆଶଙ୍କା ପ୍ରକାଶ ପାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି। ଜମି ନ ଥିବାରୁ କେବଳ ରାଶନ ସାମଗ୍ରୀରେ ପରିବାର ଚଳୁଛି ବୋଲି କୁହାଯାଇଛି। ନୁଆଁଣିଆ ଚାଳ ଛପର ଘରେ ଦୁର୍ଦ୍ଦିନରେ ପରିବାର ୬ ପ୍ରାଣୀ ଚଳି ଆସୁଛନ୍ତି। ହେଲେ ଆବାସ ନିର୍ମାଣ ସାତସପନ ହୋଇଛି। କେନ୍ଦ୍ରାପଡ଼ା ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜଗନ୍ନାଥ ଚାରି ଟେବଲ ଟ୍ରଷ୍ଟ ମୁଖ୍ୟ ଦମନ କୁମାର ମହାନ୍ତି ଉକ୍ତ ପରିବାର ଲୋକଙ୍କ ସହ ମଙ୍ଗଳବାର ମୋବାଇଲ୍ ଫୋନ୍ ଯୋଗେ ଅଭାବୀ ସମସ୍ୟା ଶୁଣି ଖୁବ୍ ଦୁଃଖ ପ୍ରକାଶ କରିଥିଲେ। ସହାୟତା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ସିଡିପିଓ କବିତା ମଲିକଙ୍କୁ ପଚାରିବାରେ ଦାୟିତ୍ୱରେ ଥିବା ସୁପରଭାଇଜରଙ୍କୁ ପଚାରିବା ପାଇଁ ସେ କହିଛନ୍ତି।

# ଶୈଶବରୁ ଯୁବକ ଅନୁଭୂତି ବାଣ୍ଟିଲେ




## ପିପିଟି ହାଇସ୍କୁଲ ୧୯୮୧ ବ୍ୟାଚ୍‌ର ପୁନର୍ମିଳନ

ପାରାଦୀପ, ୨୫।୧୨ (ଶରତ ରାଉତ)

ସ୍ଥାନୀୟ ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ପରିସରରେ ବୁଧବାର ୧୯୮୧ ମସିହାର ଛାତ୍ରୀଛାତ୍ରମାନେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିଥିଲେ। ଯାହାର ନାମ ରଖିଥିଲେ ପୁର୍ନମିଳନ। ଯୁବକ ବୟସରେ ପହଞ୍ଚି ଯାଇଥିବା ବନ୍ଧୁମାନେ ଏକତ୍ରିତ ହେବାପରେ କିଛି ସମୟ ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ଏପରିକି କେତେଜଣ ପରିବାର ସହିତ ନାତୁଣୀନାତିଙ୍କୁ ସାଙ୍ଗରେ ନେଇ ଆସିଥିଲେ। ନିଜ ନିଜ ଜୀବନର କେତେକ ଅନାଲୋଚିତ ଘଟଣାଗୁଡ଼ିକୁ ବନ୍ଧୁମାନଙ୍କ ପାଖରେ ପ୍ରକାଶ କରିଥିଲେ। ତତ୍କାଳୀନ ଶିକ୍ଷକ ରବି ସ୍ୱାଇଁ, ଗୌରାଙ୍ଗ ଦାସ, ବିପିନ ତ୍ରିପାଠୀ ଓ ବର୍ତ୍ତମାନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଦାସଙ୍କୁ ସମ୍ମାନିତ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ରଘୁନାଥପୁର, ୨୫।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଗୁରୁନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗଦର୍ଶନ ଦେବା ସହ ପୂଜ୍ୟ ଗୁରୁ ଓ ମାତାପିତାଙ୍କ ପ୍ରତି ଭକ୍ତିଭାବ ଉଦ୍ରେକ ପାଇଁ ପରାମର୍ଶ ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଉପବିଷ୍ଟ ହୋଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏକ ତ୍ରିଭୁଜ ସଦୃଶ୍ୟ ଏବଂ ପରସ୍ପର ନଜର ଦାୟିତ୍ୱ ନିର୍ବାହ କଲେ ଶିକ୍ଷାନୁଷ୍ଠାନର ଗାରିମା ଟେକ ରହିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ଓ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା ଶିକ୍ଷା ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ଉପଦେଶ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ କ୍ରୀଡ଼ା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଗୁରୁମା ସୁବାସିନୀ କର ସଭା ସଞ୍ଚାଳନ ଓ ଗୁରୁଜୀ ରୁଦ୍ର ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କମିଟିର ଉପସଭାପତି ନିର୍ମଳେନ୍ଦୁ ସୋମ, କୋଷାଧ୍ୟକ୍ଷ ସଚ୍ଚିକାନ୍ତ ମହାନ୍ତି, ସଦସ୍ୟା ବିଷ୍ଣୁପ୍ରିୟା ଜେନା ଓ ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

# ବାଜପେୟୀ ଥିଲେ ପ୍ରବୀଣ ବ୍ୟକ୍ତିତ୍ୱର ଅଧିକାରୀ

## ଜିଲାସ୍ତରୀୟ ସୁଶାସନ ଦିବସ

ଜଗତ୍‌ସିଂହପୁର, ୨୫।୧୨
(ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ସୁଶାସନ ଦିବସରେ ମଞ୍ଚାସୀନ ଅତିଥି।

ଅଟଳ ବିହାରୀ ବାଜପେୟୀ ଭାରତୀୟ ଇତିହାସରେ ଜଣେ ପ୍ରବୀଣ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଶରେ ସୁଶାସନ ନିଆରା ପରିବେଶ ସୃଷ୍ଟି କରିଥିଲା। କେବଳ ଜଣେ ଉଦାରବାଦୀ ରାଜନୀତିଜ୍ଞ ନୁହନ୍ତି ସେ ଏକାଧାରରେ ଜଣେ କବି, ସମାଜସେବୀ, ଲେଖକ ଓ ପତ୍ରକାର ଭାବେ ଜଣାଶୁଣା ଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ଜଣେ ଯୁଗନାୟକ ଥିଲେ। ବୁଧବାର ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହା କହିଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଏକଥା ମଧ କହିଥିଲେ କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ, ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆଦି କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ ଥିଲା। ତାଙ୍କ ଜୟନ୍ତୀକୁ ସୁଶାସନ ଦିବସ ଭାବେ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ସମାଜର ଶେଷ ଭାଗର ଲୋକଙ୍କ ପାଖେ ସୁବିଧା ପହଞ୍ଚାଇ ପାରିବା। ଜିଲାପାଳ ଜେ. ସୋନାଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହିଅବସରରେ ସେ ଶାସନ ଓ ସୁଶାସନ ବିଷୟରେ ବର୍ଣ୍ଣନା କରିଥିଲେ। ବାଜପେୟୀଙ୍କ ସମୟରେ ପୋଖରାନଠାରେ ପରମାଣୁ ପରୀକ୍ଷଣ ହୋଇଥିଲା। ଯାହାକି ସେତେବେଳେ ସାରା ବିଶ୍ୱରେ ଭାରତ ତାର ସ୍ଥିତି ଜାହିର କରି ପାରିଥିଲା। ଅର୍ଥାତ୍ ଏକ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଭାବେ ପରିଚୟ ପାଇଥିଲା। ସୁଶାସନ ଉପରେ ସେ କହିଥିଲେ, ବାସ୍ତବରେ ଏହାର ଅର୍ଥ ହେଉଛି, ତୃଣମୂଳସ୍ତରରେ ସରକାରଙ୍କ ଯୋଜନାକୁ ପହଞ୍ଚାଇବା ବୋଲି ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଜିଲାରେ ସୁଶାସନର ସମସ୍ତ ଭିତ୍ତିଭୂମିକୁ ସଶକ୍ତ କରାଯାଉଛି। ଏହାର ପ୍ରତିଫଳନ ଲୋକଙ୍କ ନିକଟରେ ପହଞ୍ଚିଛି ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମହାନ୍ତି ସାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାସ୍ତରୀୟ ସୁଶାସନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଜଗତ୍‌ସିଂହପୁର ସାହିତ୍ୟ ପରିଷଦର ସାହିତ୍ୟ ପ୍ରେମୀ କବି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଡା. କୈଳାସ ମଲ୍ଲିକ୍, ଉମାକାନ୍ତ ନାୟକ, ପୂର୍ଣ୍ଣ ମିଶ୍ର, ମହାସ୍ମିତା ଓଝା, ଅଜୟ କୁମାର ବେହେରା, ଉମାକାନ୍ତ ରଥ, ପରୀକ୍ଷିତ ମହାନ୍ତି, ମନୋରମା ଦାସ ଓ ନିକୁଞ୍ଜ କିଶୋର ବେହେରା ପ୍ରମୁଖ ବାଜପେୟୀଙ୍କ ସ୍ମୃତିରେ ସ୍ୱରଚିତ କବିତା ପାଠ କରିଥିଲେ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ରଞ୍ଜୁ ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

ବ୍ରହ୍ମପୁର,୨୫ା୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ଥାନା ପୋଲିସ ହଳଦିଆପଦର ନିକଟ ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ କୋଳଥି ଗାଁର ଧୁବୁଣି ମହାନ୍ତି(୬୫)। ରେଳଧାରଣ ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ମଙ୍ଗଳବାର ଅପରାହ୍ନରେ ଜଣେ ବୃଦ୍ଧାଙ୍କ ମୃତଦେହ ରେଳଧାରଣାରେ ପଡିଥିବା ପୋଲିସ ଖବର ପାଇଥିଲା। ତାଙ୍କର ପରିଚୟ ମିଳିନଥିଲା। ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖାଯାଇଥିଲା। ବୁଧବାର ସକାଳେ କେଦାର ମହାନ୍ତି ଜିଆରପି ଥାନା ପୋଲିସ ଉପସ୍ଥିତିରେ ନିଜ ମା'ଙ୍କ ମୃତଦେହ ଚିହ୍ନଟ କରିଥିଲେ। ଏ ନେଇ ନଂ.୧୦୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଏମ୍‌କେସିଜିରେ ଥାଇରଏଡ୍ ପରୀକ୍ଷା ମେଶିନ ଅଚଳ

ବ୍ରହ୍ମପୁର,୨୫ା୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାଗଣା ଚିକିତ୍ସାଠାରୁ ଆରମ୍ଭ କରି ନିରାମୟ ଯୋଜନାରେ ଔଷଧ ମଧ୍ୟ ପ୍ରଦାନ କରାଯାଉଛି। ୨୦୧୮ ଜାନୁଆରୀ ୧ରୁ ନିଦାନ ଯୋଜନାରେ ରୋଗୀଙ୍କ ସମସ୍ତ ପରୀକ୍ଷା ମାଗଣାରେ କରାଯାଉଛି। ଏହାସତ୍ତ୍ୱେ ବି ବିଭିନ୍ନ ସମୟରେ କେତେକ ପରୀକ୍ଷା ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏମ୍‌କେସିଜି ମେଡିକାଲ କଲେଜ

## ୪ ମାସ ହେଲା ରୋଗୀ ହନ୍ତସନ୍ତ

ଓ ହସ୍ପିଟାଲରେ ପ୍ରାୟ ୪ ମାସ ହେଲା ଥାଇରଏଡ ପରୀକ୍ଷା ମେଶିନ ଅଚଳ ହୋଇଯାଇଛି। ତାହାର ମରାମତି କରାଯାଇ ପାରୁନାହିଁ। ଫଳରେ ପ୍ରତ୍ୟେକ ଦିନ ୯୦ରୁ ଅଧିକ ରୋଗୀଙ୍କୁ ନିରାଶ ହେବାକୁ ପଡୁଛି।

ବିଶେଷକରି ଗର୍ଭବତୀ ଓ ରକ୍ତସ୍ରାବରେ ସମସ୍ୟା ଭୋଗୁଥିବା ମହିଳାଙ୍କ ଥାଇରଏଡ୍ ପରୀକ୍ଷା କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ସେହିକ୍ରମରେ ଏମ୍‌କେସିଜିର ଆଞ୍ଚଳିକ ରୋଗ ନିଦାନ (ଆରଡିସି)କେନ୍ଦ୍ର ପରିସରରେ ଥିବା ଥାଇରଏଡ ମେଶିନରେ ପରୀକ୍ଷା କରିବାକୁ ରୋଗୀଙ୍କ ଲମ୍ବା ଲାଇନ ଲାଗିଥାଏ। ପ୍ରତ୍ୟେକ ଦିନ ୯୦ରୁ ଅଧିକ ରୋଗୀଙ୍କ ଥାଇରଏଡ ପରୀକ୍ଷା ହୁଏ। ହେଲେ କୌଣସି କାରଣରୁ ଗତ ସେପ୍ଟେମ୍ବର ମାସରୁ ଥାଇରଏଡ ମେଶିନଟି ଅଚଳ ହୋଇ ପଡିଥିଲେ ମଧ୍ୟ ଏହାର ମରାମତି ହୋଇପାରିନାହିଁ। ଫଳରେ ରୋଗୀମାନେ ସହରର ବିଭିନ୍ନ ଘରୋଇ ଡାଏଗ୍ନୋଷ୍ଟିକ କେନ୍ଦ୍ରକୁ ଯାଇ ପ୍ରାୟ ୮୦୦ରୁ ୧୦୦୦ ଟଙ୍କା ଦେଇ ଥାଇରଏଡ ପରୀକ୍ଷା କରିବାକୁ ବାଧ୍ୟ ହେଉଛନ୍ତି । ରୋଗୀଙ୍କ ସମସ୍ତ ପ୍ରକାର ପରୀକ୍ଷା ମାଗଣାରେ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ 'ନିଦାନ' ଯୋଜନା କାର୍ଯ୍ୟକାରୀ କରାଯାଇଛି । ହେଲେ ୩ ମାସରୁ ଅଧିକ ଦିନବିତି ଯାଇଥିଲେ ମଧ୍ୟ ଏମକେସିଜିରେ ମେସିନ ମରାମତି ନ ହେବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ ଉକ୍ତ ଥାଇରଏଡ ନିଦାନ ବିଭାଗର ମୁଖ୍ୟ ଖାରବେଳ ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି , ଦୀର୍ଘଦିନ ଧରି ମେଶିନ ଖରାପ ହୋଇପଡିଛି। ମରାମତି ଦାୟିତ୍ୱରେ ଥିବା କେପିଟିଏଲ୍ ସଂସ୍ଥାର ଇଞ୍ଜିନିୟର ଉକ୍ତ ମେଶିନ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି, ତେଣୁ ନୂତନ ମେଶିନ ଆବଶ୍ୟକ ବୋଲି କହିଛନ୍ତି। ଥାଇରଏଡ଼ ନିଦାନ ବିଭାଗ ପକ୍ଷରୁ ଏମକେସିଜି ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶଙ୍କୁ ଅବଗତ କରାଯାଇଛି। ଇଞ୍ଜିନିୟର ଆସିବା ପରେ ମେଶିନ ମରାମତି ହେବ ବୋଲି ଅଧୀକ୍ଷକ ଜଣାଇଥିବା କୁହାଯାଇଛି। ଅନ୍ୟପଟେ ଏମ୍‌କେସିଜିକୁ ଆସୁଥିବା ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯେପରି ମିଳିପାରିବ ସେ ଦିଗରେ ମାନବଧିକାର ସୁରକ୍ଷା ମଞ୍ଚ ବିଭିନ୍ନ ସମୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିଛି। ମଞ୍ଚର ଆବାହକ ଅବନୀ ଗୟା କହିଛନ୍ତି ଯେ, ଏମକେସିଜିରେ ରୋଗୀ ସେବାରେ ଯେଉଁସବୁ କାରଣ ଦର୍ଶାଇ ଅବହେଳା କରାଯାଉଛି ତାହା ଦୂର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସେ ଅନୁରୋଧ କରିଛନ୍ତି। ଏମକେସିଜିରେ ୪ ମାସ ଧରି ଥାଇରଏଡ଼ ମେଶିନ ଅଚଳ ହୋଇପଡିଥିବା ଓ ତାହା ଏଯାବତ ଠିକ୍ କରା ନ ଯିବା ଅତ୍ୟନ୍ତ ଦୁଃଖର କଥା। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରା ନ ଗଲେ ମଞ୍ଚ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବ ବୋଲି ଅବନୀ ଗୟା କହିଛନ୍ତି।





ଓଡିଆ ବାପିଟିଷ୍ଟ ଚର୍ଚ୍ଚରେ କ୍ରିସ୍‌ମସ୍ ପାଳନ କରାଯାଉଛି।

# ଜିଲାସ୍ତରୀୟ କୃଷକ ମହାସଭା

ବ୍ରହ୍ମପୁର,୨୫ା୧୨
(ସ୍ମୃତି ରଞ୍ଜନ ମହାଲିକ)

ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ପକ୍ଷରୁ କୃଷକ ଦିବସ ପାଳନ ଅବସରରେ ଜିଲାସ୍ତରୀୟ କୃଷକ ମହାସଭା ଅନୁଷ୍ଠିତ ହୋଇଯାଇଛି। ଏକ ସୁନିଶ୍ଚିତ କୃଷି ପାଇଁ କୃଷକଙ୍କ ସଶକ୍ତୀକରଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ରସାୟନିକ କୃଷି ପଦ୍ଧତି ପରିବର୍ତ୍ତେ ଜୈବିକ ଓ ଯୌଗିକ କୃଷିର ସମ୍ମିଶ୍ରଣ ଦ୍ୱାରା ଉତ୍କୃଷ୍ଟ ଅମଳ ସହ କୃଷକଙ୍କ ଉନ୍ନତି ପୂର୍ବକ ଏକ ସମର୍ଥ ଓ ସଶକ୍ତ ରାଷ୍ଟ୍ର ନିର୍ମାଣ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ବ୍ରହ୍ମା କୁମାରୀସ ସବଜୋନ ସଂଚାଳିକା ମାଳା ଯୋଗ ଦେଇ ଈଶ୍ୱରୀୟ ଜ୍ଞାନ ଓ ସହଜ ରାଜ ଯୋଗର ଶିକ୍ଷା ଦ୍ୱାରା ପ୍ରକୃତି ସହ ମନୁଷ୍ୟର ସଦଗୁଣ ବୃଦ୍ଧି ସହ କୃଷି କ୍ଷେତ୍ରରେ ମଧ୍ୟ ପ୍ରଗତି ନିଶ୍ଚିତ ସମ୍ଭବ ହେବ ବୋଲି କହିଥିଲେ। ଜୁନାଗଡ କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡମ୍ବରୁଧର ସାହୁ କୃଷକଙ୍କ ପାଇଁ ବିହନ ଯୋଗାଣରୁ ବଜାରରେ ବିକ୍ରି ପର୍ଯ୍ୟନ୍ତ ଭାରତ ସରକାରଙ୍କ ନିରନ୍ତର ପ୍ରୟାସ ମାଧ୍ୟମରେ ଏକ ଦୀର୍ଘ ସ୍ଥାୟୀ ଆୟ ବ୍ୟବସ୍ଥା ଦ୍ୱାରା ଚାଷୀ କୂଳ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିଛି ବୋଲି କହିଥିଲେ। ସଭାରେ ଗଞ୍ଜାମ, ଗଜପତି ଓ ନୟାଗଡ ଜିଲାରୁ ଶତାଧିକ କୃଷକ ଉପସ୍ଥିତ ଥିଲେ।

# ଜାତୀୟ ଉପଭୋକ୍ତା ଦିବସ ପାଳିତ

ବ୍ରହ୍ମପୁର,୨୫ା୧୨
(ସ୍ମୃତି ରଞ୍ଜନ ମହାଲିକ)

ନେହେରୁ ଯୁବକେନ୍ଦ୍ର ଓ ମହାତ୍ମା ଗାନ୍ଧୀ ଯୁବ କ୍ଲବ ପକ୍ଷରୁ ବୁଧବାର ଗୋସାଣୀ ନୂଆଗାଁ ଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିଧାୟକ କେ. ଅନିଲ କୁମାର ଯୋଗ ଦେଇ ଉପଭୋକ୍ତା ଅଧିକାରୀଙ୍କୁ ଅଧିକ ସୁଦୃଢ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରବର୍ତ୍ତନ କରାଯାଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରଣବ କୁମାର ପଣ୍ଡା, ସନ୍ତୋଷୀ ବେହେରା ଓ ଶିକ୍ଷୟିତ୍ରୀ ଜଲି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୫ ପ୍ରକଳ୍ପର ଉଦ୍‌ଘାଟନକଲେ ମନ୍ତ୍ରୀ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ।

ଗୋପାଳପୁର,୨୫ା୧୨
(ନବୀନ ରାଜ ଆଚାରୀ)

ଗୋପାଳପୁର ଏନ୍‌ଏସିରେ ବୁଧବାର ୫ ପ୍ରକଳ୍ପକୁ ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୁତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି। ଝିପି ଝିପି ବର୍ଷା ମଧ୍ୟରେ ଗୋପାଳପୁର ଏନ୍‌ଏସି ପକ୍ଷରୁ ବିକ୍ରମପୁର ଠାରେ ୬୭.୪୨ ଲକ୍ଷ ବ୍ୟୟରେ ହୋଇଥିବା ମଳ ଉପଚାର ପ୍ରଶାସନ ଗୃହକୁ ମନ୍ତ୍ରୀ ଉଦ୍‌ଘାଟନ କରିବା ସହ ସେଠାରେ ବୁଲି ଦେଖିଥିଲେ। ସେଠାରୁ ବାହାରି ଗୋପାଳପୁର ଏନ୍‌ଏସି ପ୍ରବେଶ କରୁଥିବା ସ୍ୱାଗତ ଫାଟକ, ୧୩.୫ ଲକ୍ଷ ବ୍ୟୟରେ ୨୪ ବଜାର ଗୃହ, ୩୬ ଲକ୍ଷ ବ୍ୟୟରେ ସ୍ମାର୍ଟ ପାର୍କ ୧କୋଟି ୭୧ ଲକ୍ଷ ବ୍ୟୟରେ ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଆଦର୍ଶ କଲୋନୀର ୩୦ ହିତାଧିକାରୀଙ୍କୁ ସମାହିକ ଗୃହ ପ୍ରବେଶ କରେଇଥିଲେ ମନ୍ତ୍ରୀ। ଅନ୍ୟପଟେ ସ୍ୱାଗତ ଫାଟକଟି ନିମ୍ନମାନର କାମ ହୋଇଥିବା ନେଇ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ଲୋକନାଥ ଓ ଅନ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ଶୁଣିବା ପରେ ମନ୍ତ୍ରୀ ଡୁଡ଼ା ପିଡ଼ି ଓ ଇଓଙ୍କୁ ଡାକି ଘଟଣାର ତଦନ୍ତ କରି ରିକଭରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଡ଼.ପ୍ରମୋଦ କୁମାର ପୃଷ୍ଟି, ପିଡି ଡୁଡ଼ା ରବୀନ୍ଦ୍ର କୁମାର ପଟେଲ, ଏନଏସି ଇଓ ପ୍ରମୋଦ କୁମାର ପାଢ଼ୀ, ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଉପାଧ୍ୟକ୍ଷ ବି ଉମା, ୱାର୍ଡ ମେମ୍ବର ଜି.ମୋହନ, କନିଷ୍ଠ ଯନ୍ତ୍ରୀ ମନଜିତା ରଥ, ସୁନୀଲ ପାତ୍ର, ଜଗମୋହନ ପାତ୍ର, ପଞ୍ଚୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଲରେ ଗଜା ହେଲା ଧାନ, ଚିନ୍ତାରେ ଚାଷୀ

**ଚିକିଟି,୨୫ା୧୨ (ପ୍ରକାଶ ଚନ୍ଦ୍ର ସାହୁ):** ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ୧୭ ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘ ଏକ ସପ୍ତାହ ଧରି କୋହଲା ପାଗ ସାଙ୍ଗକୁ ଅଦିନିଆ ଝିପି ଝିପି ବର୍ଷା ଲାଗିରହିଛି। ବର୍ଷା ଯୋଗୁ ଧାନ ଭିଜି ଭିଜି ଗଜା ହୋଇ ପୁଣି ସେଥିରୁ ଗଛ ବାହାରିଲାଣି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଚାନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପତ୍ରଚୁଡ଼ି ଗ୍ରାମର ଭାଗଚାଷୀ ପିଣ୍ଟୁ ଗୌଡ଼ଙ୍କ ଜମିରେ। ଦୀର୍ଘ ଏକ ସପ୍ତାହ ହେଲା ଅଢେଇ ଏକର ଜମିରେ କଟା ହୋଇ ପଡ଼ିଥିବା ଧାନ ଗଜା ହୋଇଥିବା ଜଣାପଡ଼ୁଛି। ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସୋସାଇଟି ଓ ବିଭିନ୍ନ ବ୍ୟାଙ୍କରୁ ଉଦ୍ଧାର ଆଣିଥିବା ଟଙ୍କା କିପରି ସୁଝାଯିବ ସେନେଇ ଚିନ୍ତାରେ ଅଛନ୍ତି। ଲଗାତାର ତିନିବର୍ଷ ଧରି ସ୍ୱଳ୍ପବୃଷ୍ଟି ଅଦିନିଆ ବର୍ଷା ଯୋଗୁ ଚାଷକୁ ସଙ୍କଟରେ ପକାଇଦେଇଛି। ସପ୍ତାହେ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଠାରେ କ୍ଷୟକ୍ଷତିର ଆକଳନ ହୋଇନାହିଁ କିମ୍ବା କୃଷି ବିଭାଗ କର୍ମଚାରୀ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିନାହାନ୍ତି। ସମୁଦାୟ ଚିକିଟି ବ୍ଲକରେ ୯୮୬୦ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ସେଥିମଧ୍ୟରୁ ୮୫ % କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

# ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ସଭାପତି ଓ ଅନ୍ୟମାନେ ।

- **ଯୋଗଦେଲେ ଭାଜପା ରାଜ୍ୟ ସଭାପତି**
- **ମନ୍ତ୍ରୀଙ୍କ ଅନୁପସ୍ଥିତି ନେଇ ଅନ୍ତଃକନ୍ଦଳ ଚର୍ଚ୍ଚା**

ବ୍ରହ୍ମପୁର,୨୫ା୧୨
(ନରସିଂହ ସାହୁ)

ବ୍ରହ୍ମପୁର ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବିଧାୟକ କେ. ଅନିଲ କୁମାରଙ୍କ ପକ୍ଷରୁ ପ୍ରତିମୂର୍ତ୍ତି ନିର୍ମିତ ହୋଇଥିବା ବେଳେ ବୁଧବାର ଏହାକୁ ଉନ୍ମୋଚନ ପାଇଁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଆସିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ପ୍ରଦୀପ ପାଣିଗ୍ରାହୀ ଏବଂ ବିଧାୟକ କେ. ଅନିଲଙ୍କ ସମେତ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଶିବ ସାହାଣୀ ଓ ବରିଷ୍ଠ ନେତା ପୀତବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ପୁରୁଣା ଭାଜପା ନେତା, କର୍ମୀ ଏପରିକି ମନ୍ତ୍ରୀ ବିଭୂତି ଜେନା ଯୋଗ ଦେଇ ନ ଥିଲେ। ଜିଲା ସଭାପତି ସୁବାସ ସାହୁ ଦୀର୍ଘଦିନରୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କାହ୍ନୁ ଚରଣ ପତି ଓ ତାଙ୍କ ସମର୍ଥକମାନେ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ରାଜ୍ୟ ସଭାପତି ମାତ୍ର ୧୦ ମିନିଟରେ ଉନ୍ମୋଚନ କରି ସେଠାରୁ ଧର୍ମନଗରସ୍ଥ ବିଧାୟକଙ୍କ କାର୍ଯ୍ୟାଳୟକୁ ଯାଇ କର୍ମୀଙ୍କ ଗହଣରେ କିଛି ସମୟ ବିତାଇ ଭୁବନେଶ୍ୱର ଫେରିଥିଲେ। ଏଥିରୁ ଭାଜପାର ଅନ୍ତଃକନ୍ଦଳ ଚାଲିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବୁଧବାର ହେବାକୁ ଥିବା ଯୁବ କର୍ମୀଙ୍କ ମାରାଥନ ଦୌଡ଼ ଷ୍ଟାଡିୟମରୁ ମନ୍ତ୍ରୀ ବିଭୂତି ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ତାହା ବାତିଲ ହୋଇଥିଲା।

# ଗଜପତିନଗର ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୫ା୧୨
(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସପ୍ତବିଂଶତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରାମ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଚିନ୍ମୟ ମିଶନର ସଦାଶିବାନନ୍ଦ ସରସ୍ୱତୀ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଦକ୍ଷିଣ ପୂର୍ବ ସମ୍ଭାଗ ସଂପାଦକ ଦୀପକ କୁମାର ମହାରଣା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ କୋଷାଧ୍ୟକ୍ଷ ତରୁଣ କୁମାର ପାଢୀ, ଉପସଭାପତି ସୁପ୍ରଭା ପାତ୍ର, ସଦସ୍ୟା ସରିତା କୁମାରୀ ସାହୁ, ସଦସ୍ୟ ଭଗବାନ ସେଠୀ ଉପସ୍ଥିତ ଥିଲେ। ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ମୁନି ବାର୍ଷିକ ବିବରଣୀ ପାଠ କରିଥିଲେ। ଗୌର ନାହାକ ଓ କେଦାର ରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଜ୍ଞାନ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ଛତ୍ରପୁର,୨୫ା୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ 'ଗଣିତର ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତା' ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ନିଷ୍ଟ ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରିୟଦର୍ଶନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗକୁ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ତଥା ସାଧାରଣ ଜୀବନରେ ତାହାର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ସରୋଜ କମାର ପାଣିଗ୍ରାହୀ ଯୋଗଦେଇ ସାଧାରଣ ନିର୍ମାଣ ଓ ବୈଷୟିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଫଳରେ ଗୁଣବତ୍ତାର ବିକାଶ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ଡ. ରାଜେନ୍ଦ୍ର ମିଶ୍ର ତଥା ସାମାଜିକ ସାଧିକା ସମାପ୍ତି ପଣ୍ଡା ଯୋଗଦେଇ ସାଧାରଣ ଜୀବନରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଡ. ବିଷ୍ଣୁଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଦଲ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଡ. ଅଜିତ କୁମାର ସେଠୀ ସମ୍ମିଳନୀର ଲକ୍ଷ୍ୟ ସଂପର୍କରେ ଆଲୋଚନା କରିଥିଲେ। ଡ. ଶୁଚିସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିନ ବୈଷୟିକ ଅଧିବେଶନରେ ଦକ୍ଷିଣ କୋରିଆର ଡ. ଭି.ପି. ବିଜୟା, ମାଲେସିଆର ନୁର୍ ଇକ୍ବାଲ ଇବ୍ରାହିମ, ଇନ୍ଦୋରର ଡ. ଶିବ ପ୍ରସାଦ ହୋତା, ଗୋଆଲିୟରର ଡ. ମନୋଜ କୁମାର ଦାସ, ଭେଲୋରର ଡ. ରମାକାନ୍ତ ମିଶ୍ର, ପୁନେର କୁମାର ହରିବାବା, ସିଙ୍ଗାପୁରର ଡ. ମିଳନ ପାଢୀ ଯୋଗଦେଇ ବିଷୟ ସଂପର୍କରେ ଆଲୋଚନା କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାବିକାଶ କେନ୍ଦ୍ର ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଘର ସମ୍ମୁଖରେ ଧାରଣାରେ ବସିଲେ ସ୍ତ୍ରୀ, ପୁଅ

## ସ୍ୱାମୀଙ୍କ ଅନ୍ୟତ୍ର ବିବାହ ଉଦ୍ୟମ

ଦିଗପହଣ୍ଡି,୨୫ା୧୨
(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମର ପି.ଶ୍ରୀୟା ରେଡ୍ଡୀଙ୍କୁ ତାଙ୍କ ସାମୀ ପି.ଶିବରାମ ପାତ୍ର ବିବାହର ୭ ବର୍ଷ ପରେ ପ୍ରତାରଣା କର ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ବୁଧବାର ବ୍ରହ୍ମପୁରସ୍ଥିତ ଏକ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ କାର୍ଯ୍ୟକର୍ତ୍ତାଙ୍କ ସହାୟତାରେ ଶ୍ରୀୟା ତାଙ୍କ ୨ ବର୍ଷର ପୁଅ ସହ ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେଇଛନ୍ତି। ଶିବରାମ ଗାଁରୁ ଫେରାର ହୋଇଯାଇଛନ୍ତି। ଗତ ପ୍ରାୟ ୭ ବର୍ଷ ତଳେ ପି.ସୂର୍ଯ୍ୟଙ୍କ ବଡ଼ପୁଅ ଶିବରାମ ଶ୍ରୀୟାଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଉଭୟେ ଚେନ୍ନାଇ ଯାଇ ସେଠାରେ କାମ କରୁଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। ଶ୍ରୀୟା ସେଠାରେ କାମ କରୁଥିବା ବେଳେ ପ୍ରତି ମାସର ଦରମା ଟଙ୍କା ତାଙ୍କ ସ୍ୱାମୀ ଶିବରାମଙ୍କ ଆକାଉଣ୍ଟରେ ଡିପୋଜିଟ କରୁଥିଲେ। ଗତ ପ୍ରାୟ ଦେଢ଼ମାସ ତଳେ ଶିବରାମ ସ୍ତ୍ରୀ ଶ୍ରୀୟା ଓ ପୁଅକୁ ଚେନ୍ନାଇରେ ଛାଡି ଗାଁକୁ ଚାଲିଆସି ପରିବାର ଲୋକଙ୍କ ଚାପରେ ଅନ୍ୟତ୍ର ବିବାହ କରିବାକୁ ଉଦ୍ୟମ ଚଳାଇଥିଲେ। ଶ୍ରୀୟା ଏହା ଜାଣି ସ୍ୱାମୀ ଶିବରାମଙ୍କୁ ଫୋନ କରିବାରୁ ତୁ ସେଠାରେ ବିଷପିଇ ମରିଯାଆ କିମ୍ବା ରଶି ଲଗାଇ ଆତ୍ମହତ୍ୟା କରିଦେ ବୋଲି କହିଥିଲେ। ଶ୍ରୀୟା ବାଧ୍ୟ ହୋଇ ଚେନ୍ନାଇରୁ ବ୍ରହ୍ମପୁରରେ ପହଞ୍ଚି ଫୋନରେ ସମସ୍ତ ଘଟଣା ଭଉଣୀ ଭିଣୋଇଙ୍କୁ ଜଣାଇଥିଲେ। ସେ ଦୁହେଁ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ତାଙ୍କୁ ନେଇ ଏକ ଭଡ଼ାଘରେ ରଖିଥିବା ଶ୍ରୀୟା କହିଛନ୍ତି। ଦିଗପହଣ୍ଡି ପୋଲିସ ବାସୁଦେବପୁର ଗ୍ରାମରେ ପହଞ୍ଚି ଶ୍ରୀୟାଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ତାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେବାସହ ପୁଅକୁ ପିତୃତ୍ୱର ପରିଚୟ ଦାବି କରି ଶିବରାମଙ୍କ ଘର ସମ୍ମୁଖରେ ଧାରଣା ଦେଇଥିଲେ। ଏନେଇ ଦିଗପହଣ୍ଡି ଆଇଆଇସି ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଗତ ନଭେମ୍ବର ୨୪ରେ ଶ୍ରୀୟା ତାଙ୍କ ସାମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ନଂ.୪୬୫/୨୪ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସ୍ୱାମୀ ଶିବରାମଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଚାଲିଥିବା ଏଏସ୍‌ଆଇ ଅଜୟ ନାୟକ କହିଛନ୍ତି।

# ସହରାଞ୍ଚଳ ୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁଣବତ୍ତା ପ୍ରମାଣପତ୍ର

ବ୍ରହ୍ମପୁର,୨୫ା୧୨
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ସମସ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପର୍ଯ୍ୟାୟକ୍ରମେ ସମ୍ମାନଜନକ ଜାତୀୟ ଗୁଣବତ୍ତା ନିଶ୍ଚିତତା ପ୍ରମାଣପତ୍ର (ନ୍ୟାଶନାଲ କ୍ୱାଲିଟି ଆସୁରାନ୍ସ ସାର୍ଟିଫିକେଟ) ମିଳିଛି।

ବ୍ରହ୍ମପୁର ମହାନଗର ନିଗମରେ ଥିବା ସମସ୍ତ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚସି)କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଣବତ୍ତା ପ୍ରମାଣପତ୍ର ମିଳିଛି। ସେଗୁଡ଼ିକ ହେଲା ଆସିକାରୋଡି, ଆଗାସାହି, ଖୋଡାସିଂ ୟୁପିଏଚ୍‌ସି, ରେଡକ୍ରସ ହସ୍ପିଟାଲ, ଉତ୍ତରାମୁଖୀ, ଗୁଡସେଡରୋଡ, ଆମ୍ବପୁଆ ଓ ବୈକୁଣ୍ଠନଗର ୟୁପିଏଚସି । ଏହି ସଫଳତା ପରେ ରାଜ୍ୟ ଏନ୍‌ଏଚଏମ ନିର୍ଦ୍ଦେଶିକା ଡା. ବୃନ୍ଦା ଡି ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ବ୍ରହ୍ମପୁର ସହରାଞ୍ଚଳ ସ୍ୱାସ୍ଥ୍ୟ ଟିମକୁ ଶୁଭେଚ୍ଛା ଜଣାଇବା ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି ।




ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ଭୁବନେଶ୍ୱରଠାରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଶ୍ୱମ୍ବର ବେହେରା, ଡିପିଏମ ଶ୍ୟାମସୁନ୍ଦର ତ୍ରିପାଠୀ, ସିପିଏମ ଲମ୍ବୋଦର ଦିଗାଲ, କ୍ୱାଲିଟି ମ୍ୟାନେଜର ସଞ୍ଜୟ ପରିଡା, ଆଶା ମ୍ୟାନେଜର ଆଶିଷ ମିଶ୍ର ପ୍ରମୁଖ ଏନଏଚଏମ ନିର୍ଦ୍ଦେଶିକାଙ୍କ ଠାରୁ ଟ୍ରଫି ଓ ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ବ୍ରହ୍ମପୁର ସହରର ବସ୍ତିବାସିନ୍ଦା ତଥା ଦିନମଜୁରିଆଙ୍କୁ ସେମାନଙ୍କ ସୁବିଧା ଅନୁସାରେ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୬ରେ ବିଏମ୍‌ସିରେ ପ୍ରାଥମିକ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିଲା। ପର୍ଯ୍ୟାୟକ୍ରମେ ସହରର ୮ଟି ସ୍ଥାନରେ ୮ଟି ୟୁପିଏଚସି ଖୋଲିଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ସହରରେ ଉକ୍ତ ୮ଟି ସ୍ଥାନରେ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ମିଳୁଥିବା ୧୨ ପ୍ରକାର ମାନଦଣ୍ଡରେ ଆଧାରିତ ଚିକିତ୍ସା ସେବା ଯଥା ଡ୍ରେସିଂରୁମ ଆଣ୍ଡ ଏମରଜେନ୍ସି, ଜେନେରାଲ କ୍ଲିନିକ, ମାଟରନିଟି ହେଲଥ, ନିୟୁବର୍ଣ୍ଣ ଆଣ୍ଡ ଚାଇଲ୍ଡ ହେଲଥ, ଟୀକାକରଣ, ଫ୍ୟାମିଲି ପ୍ଲାନିଂ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ଚିକିତ୍ସା ଓ ସାଧାରଣ ପ୍ରଶାସନ ଆଦି ମାନଦଣ୍ଡର ନିରୀକ୍ଷଣ କରାଯାଇଥାଏ। ସମସ୍ତ ଗୁଣବତ୍ତା ବଜାୟ ରଖିଥିଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ପୂର୍ବରୁ ଗତ ସେପ୍ଟେମ୍ବର ୧ତାରିଖରେ ୭ଟି ୟୁପିଏଚସିକୁ ଗୁଣବତ୍ତା ପ୍ରମାଣପତ୍ର ମିଳିସାରିଥିବା ବେଳେ କିଛିଦିନ ପୂର୍ବେ ରେଡକ୍ରସ ୟୁପିଏଚସିକୁ ଗୁଣବତ୍ତା ପ୍ରମାଣପତ୍ର ମିଳିଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ବର୍ଷ ପାଇଁ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାର୍ଷିକ ୨ ଲକ୍ଷ ଟଙ୍କା ଲେଖାଏ ଅର୍ଥିକ ସହାୟତା ମିଳିବ।

# ସୁଶାସନ ଦେବାରେ ବାଜପେୟୀ ଅନନ୍ୟ ଥିଲେ



ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅଧିକାରୀ ।

## ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ

ଯାଜପୁର ଟାଉନ,୨୫।୧୨ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ଜିଲାସ୍ତରୀୟ ସୁଶାସନ ଦିବସ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଦେଶକୁ ସୁଶାସନ ଦେବାରେ ଅଟଳ ବିହାରୀ ବାଜପେୟୀ ଅନନ୍ୟ ଥିଲେ ବୋଲି କହିଥିଲେ। ଜିଲାପାଳ କହିଥିଲେ, ବାଜପେୟୀଙ୍କ ଜନ୍ମ ଦିବସ ଅବସରରେ ଗୁଡ଼ ଗଭର୍ଣ୍ଣାନ୍ସ ଦିବସ ଜିଲାସ୍ତରରେ ପାଳନ କରାଯାଉଛି। ବାଜପେୟୀଙ୍କ ଭିଜନକୁ ସାକାର କରିବା ପାଇଁ ଆମେ ଚେଷ୍ଟା କରିବୁ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ବିଶିଷ୍ଟ କବିମାନଙ୍କ ଦ୍ୱାରା ଦେଶାତ୍ମବୋଧକ ଏବଂ ବାଜପେୟୀଙ୍କ ଜୀବନାଦର୍ଶ ଲିଖିତ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ସୁଶାସନ ଦିବସ ପାଳନ ଅବସରରେ ହୋଇଥିବା ପରିଷଦର ଉଚ୍ଚ ବିଦ୍ୟାଳୟସ୍ତରୀୟ (ବାଜପେୟୀଙ୍କ ଜୀବନାଦର୍ଶ ସମ୍ବନ୍ଧିତ) ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ଧନ୍ୟବାଦ ଦେଇଥିଲେ।

# ୪ ବଖରା ଜଳିଗଲା

ରସୁଲପୁର,୨୫।୧୨ (ରଂଜିତ ରାଉତ):

ରସୁଲପୁର ତହସିଲ ଅଧୀନ ବଡ଼କଛି ପଞ୍ଚାୟତ ଗୋପିନାଥପୁର ବଜିତ ସାହିରେ ମଙ୍ଗଳବାର ମଧ୍ୟରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ଟି ପରିବାର ଉମେଶ ମଲିକ, କୈଳାସ ମଲିକଙ୍କ ୪ବଖରା ଘର ଜଳି ଯାଇଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ରସୁଲପୁର ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲେ। ବାସଶୂନ୍ୟ ଉଭୟ ପରିବାର ତାଙ୍କ ଭାଇ ସନାତନ ମଲିକଙ୍କ ଘରେ ଆଶ୍ରୟ ନେଇଛନ୍ତି। ଖବର ପାଇ ବିପଦର ବନ୍ଧୁ ପରିବାର ପକ୍ଷରୁ ଅକ୍ଷୟ ପରିଡାଙ୍କ ନେତୃତ୍ୱରେ ସଂଗଠନ କାର୍ଯ୍ୟକର୍ତ୍ତା ବିପନ୍ନ ପରିବାରକୁ ବସ୍ତ୍ର, ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ବୁଧବାର ସରକାରୀ ସୁଶାସନ ଦିବସ ଥିବାରୁ ତହସିଲ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାର ନିକଟରେ କେହି ଅଧିକାରୀ ପହଞ୍ଚି ନଥିବା ଜଣାଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସମ୍ପର୍କରେ ଟାଟା ପାୱାରକୁ ଅବଗତ କରାଯାଇଥିଲା। ମାତ୍ର ଉକ୍ତ ବିଭାଗ ପକ୍ଷରୁ କୌଣସି ଅଧିକାରୀ କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ନାହାନ୍ତି।

ରାତି ପ୍ରାୟ ୧୨ଟା୪୮ରେ ନିଆଁ ଲାଗିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଜୀବନ ବଞ୍ଚାଇବା ପାଇଁ ସେମାନେ ଶୋଇବା ଘରୁ ବାହାରି ଆସିଥିଲେ। ଘରେ ଥିବା ଆସବାବପତ୍ରକୁ ଉଦ୍ଧାର କରିବାକୁ ସକ୍ଷମ ହୋଇପାରି ନ ଥିଲେ।

# ଚୋରି ସନ୍ଦେହରେ ଯୁବକଙ୍କୁ କାବୁ କରି ପୋଲିସ ଜିମା

କାଇମା,୨୫।୧୨ (ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଥାନା କାଇମା ଅଞ୍ଚଳରେ ଅନେକ ଦୋକାନରୁ ଚୋରି କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ କମଲେଇ ବଣିକ ସଂଘ ପକ୍ଷରୁ କାବୁ କରାଯାଇ ବୁଧବାର ପୋଲିସ ଜିମା ଦିଆଯାଇଛି। ଏହି ଅଞ୍ଚଳରେ ଚୋରି ଦିନକୁ ଦିନ ବୃଦ୍ଧି ପାଉଛି। ସେହିପରି କିଛି ଦିନ ତଳେ କାଇମା ବନ୍ଧ ପାଖ ବଜାରରେ ଥିବା ଏକ ସୁନା ଦୋକାନ ଗ୍ରାଲ ଓ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଚୋରି ହୋଇଥିଲା। ଥାନାରେ ଏହିଭଳି ଅନେକ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୋରି ରୋକି ପାରିନାହିଁ। ଗତ ୨୦ତାରିଖରେ ସେହି ବଜାରର ପ୍ରଫୁଲ୍ଲ କୁମାର ସାହୁଙ୍କ ଜଳଖିଆ ଦୋକାନ ଚାବି କାଟି ଟଙ୍କା ବାକ୍ସ, ଅନେକ ସାମଗ୍ରୀ ଓ ଗ୍ୟାସ ଟାଙ୍କି ଚୋରି ହୋଇଥିଲା। ଦୋକାନରୁ ଚୋରି ହୋଇଥିବା ଗ୍ୟାସ ଟାଙ୍କିଟି ସ୍ଥାନୀୟ କାଇମା ଅଞ୍ଚଳର ଜଣେ ଯୁବକଙ୍କ ପାଖରେ ଥିଲା। କୌଣସି ସୂତ୍ରରୁ ଖବର ପାଇ ଦୋକାନୀ ପ୍ରଫୁଲ୍ଲ ମଙ୍ଗଳବାର ଉକ୍ତ ଯୁବକଙ୍କୁ ପଚାରିବାରୁ ସେ ରଖିଥିବା ଗ୍ୟାସ ଟାଙ୍କି ଫେରସ୍ତ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ପ୍ରଫୁଲ୍ଲ ଅନ୍ୟମାନଙ୍କୁ ଜଣାଇଥିଲେ। ବୁଧବାର ସମ୍ପୃକ୍ତ ଯୁବକ ବଜାରରେ ବୁଲୁଥିବା ସମୟରେ ବ୍ୟବସାୟୀମାନେ ତାଙ୍କୁ କାବୁ କରି ପଚରାଉଚରା କରିଥିଲେ। ବଜାରରେ ଥିବା କିଛି ଦୋକାନରୁ ଅନ୍ୟ ଜଣେ ସ୍ଥାନୀୟ ଯୁବକ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ସମ୍ପୃକ୍ତ ଯୁବକ ଜଣଙ୍କ କହିଥିଲେ ଏବଂ ଉକ୍ତ ଗ୍ୟାସ ଟାଙ୍କିଟି ସେ ତାଙ୍କଠାରୁ କିଣିଥିବା ସୂଚନା ଦେଇଥିଲେ। ପରେ ବ୍ୟବସାୟୀମାନେ ପୋଲିସକୁ ଡ଼ାକି କାବୁ କରିଥିବା ଯୁବକଙ୍କୁ ଜିମା ଦେଇଥିଲେ।

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

No. RR-44: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଓଡ଼ିଶା ଥିମ୍ ପାଭିଲିୟନ ପାଇଁ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବସାଇଟ୍ **(https://culture.odisha.gov.in/)**ର OLLC/12973ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି।
ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ଦିନ ମଧ୍ୟରେ ଆବେଦନ କରିପାରିବେ।

OIPR-03029/11/0034/2425 ସ୍ୱା./- ନିର୍ଦ୍ଦେଶକ, ଓ.ଭା.ସା.ସଂ.

# ବଡ଼ଚଣାରେ ବାଜପେୟୀଙ୍କ ଜୟନ୍ତୀ ପାଳିତ

ଚଣ୍ଡିଖୋଲ,୨୫।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):



ବଡ଼ଚଣା ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଓ ସୁଶାସନ ଦିବସ ବୁଧବାର ପାଳିତ ହୋଇଯାଇଛି। ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଯାଜପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଦେବଜାନୀ ପ୍ରଧାନଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଅଟଳଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ପ୍ରମୋଦ କୁମାର ଜେନା, ବରିଷ୍ଠ ନେତା ଅଜୟ ଜେନା, ନାରାୟଣ ସାମଲ, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ, ସୀତାନାଥ ବଳ ସାମନ୍ତ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସରପଞ୍ଚ ସମୀର ରାଉତ, ରବୀନ୍ଦ୍ର ରାଉତ, ନୀଳମଣି ରାଉତ, ସ୍ନେହାଶିଷ ଦାଶ, ପ୍ରଶାନ୍ତ ଦାଶ, ବିଗ୍ନେଶ୍ୱର ବଳ, ବିଜୟ ଦାଶ, ବାନାମ୍ବର ସାମଲ, ପ୍ରମୋଦ ପଲାଇ ଓ ବିକାଶ ଦାଶଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବିଶ୍ୱଜିତ ସାମଲ ଧନ୍ୟବାଦ ଦେଇଥିଲେ।

# ବେଆଇନ ପାଚେରି ଭାଙ୍ଗିବା ଘଟଣା: ହାଇକୋର୍ଟଙ୍କ ସ୍ଥଗିତାଦେଶ

ବ୍ରହ୍ମବରଦା,୨୫।୧୨ (ଯାଯାତି କେଶରୀ ବେହେରା):

ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତ ବଡ଼ବାଗସାହି କାଙ୍ଗାମା ଘାଇଠାରେ ନିର୍ମାଣ ହୋଇଥିବା ବେଆଇନ ପାଚେରି ଭାଙ୍ଗିବା ଘଟଣାକୁ ଉଚ୍ଚ ନ୍ୟାୟାଳୟ ଡିସେମ୍ବର ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ପାଚେରି ଭାଙ୍ଗିବାକୁ ମଙ୍ଗଳବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଶାସନ ପାଚେରି ନିର୍ମାଣକାରୀ ପରିବାରକୁ ବୁଝାଇଥିଲା। ଶେଷରେ ଠେଲାପେଲାର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ କର୍ମଚାରୀ ଠେଲାପେଲାର ସାମ୍ନାକରି ନ ପାରି ଆହତ ହୋଇ ପାଚେରି ଭଙ୍ଗା କାର୍ଯ୍ୟକୁ ଅଧାରୁ ଛାଡି ଫେରି ଆସିଥିଲେ।

ସୂଚନାଥାଉକି, ରୁଦ୍ରପୁର ପଞ୍ଚାୟତ ବଡ଼ବାଗସାହି ବାଘମରାଠାରେ ଥିବା କାଙ୍ଗାମା ଘାଇ ନିକଟରେ ଏକ ପରିବାର ଚାଷ ଜମିରେ ପାଚେରି ନିର୍ମାଣ କରିଛନ୍ତି। ଫଳରେ ଉକ୍ତ ସ୍ଥାନ ଦେଇ ପାଣି ଯାତାୟାତରେ ବାଧାସୃଷ୍ଟି ହେଉଥିବାବେଳେ ପ୍ରାୟ ୨୦୦ ଏକର ଚାଷ ଜମିରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ଶହେରୁ ଉର୍ଦ୍ଧ୍ୱ ଚାଷୀ ଚଳିତ ବର୍ଷ ଚିନାବାଦାମ ଚାଷ କାର୍ଯ୍ୟରୁ ବଞ୍ଚିତ ହୋଇଛନ୍ତି। ଏନେଇ ଚାଷୀମାନେ ଦୁଇମାସ ତଳେ ଯାଜପୁର ଏସଡିଜିଏମ କୋର୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଯାଜପୁର କୋର୍ଟ ଏହି ପାଚେରି ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସମ୍ପୃକ୍ତ ପରିବାର ଲୋକେ ପାଚେରିକୁ ନ ଭାଙ୍ଗିବାକୁ ପ୍ରଶାସନ ସମ୍ମୁଖରେ ଅଡି ବସିଥିଲେ। ଏହାକୁ ନେଇ ପୋଲିସ ଓ ତାଙ୍କ ପରିବାର ସହିତ ଧସ୍ତାଧସ୍ତି ହୋଇଥିଲା।

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
Phone-0680-2291405, E-Mail:eerw_gm1@yahoo.co.in
Government of Odisha e-Procurement Notice
Bid Identification No.Online Tender//10/SERWDG-I// 2024-25
No.O-993 Letter No.5663// RWDG-I//BAM//Date 20.12.2024

| | | | |
|---|---|---|---|
| 1 | Name of the Work | :: | Road Work under MMSY-TRIP |
| 2 | Estimated Cost | :: | Rs.83.88 Lakhs |
| 3 | Period of Completion | :: | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | :: | From 27.12.2024 at 11.00 AM to 07.01.2025 upto 6.00 PM |
| 5 | Last Date/Time for Receipt of Bids in the Portal | :: | 07.01.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

Sd./- Additional Chief Engineer
R.W.Division-I, Ganjam,
Berhampur
OIPR-25085/11/0010/2425

# ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର

ଧର୍ମଶାଳା,୨୫।୧୨ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ସମାଜସେବୀ କାହ୍ନୁଚରଣ ଦାଶ, ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ର ସେବାମୂଳକ କାର୍ଯ୍ୟପ୍ରତି ଆକର୍ଷିତ ହେବା ସହିତ ସେବା କାର୍ଯ୍ୟକୁ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ସୁଦର୍ଶନ ପଣ୍ଡା ଓ ସରୋଜକାନ୍ତ ବେହେରା ଯୋଗଦେଇ ସ୍ୱେଚ୍ଛାସେବୀମାନେ ସେବାପ୍ରତି ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ରାଷ୍ଟ୍ରୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସୁଜାତା ଦାସ ୭ ଦିନ ଧରି ଚାଲିବାକୁଥିବା ଶିବିରର ବିସ୍ତୃତ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଷ୍ଟ୍ରୀୟ ସେବା ଯୋଜନା ଉପରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ସୁନିଲ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।





ଶ୍ରୀଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବାଜପେୟୀ ଜୟନ୍ତୀରେ ସ୍ମୃତିରେଖାଙ୍କ ଶକ୍ତି ପ୍ରଦର୍ଶନ



ବାଜପେୟୀ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ଚଢ଼େଇଧରା,୨୫।୧୨ (ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହାଠାରେ ଭାଜପାନେତ୍ରୀ ସ୍ମୃତିରେଖା ପହିଙ୍କ ଆହ୍ୱାନକ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମୃତିରେଖା ତାଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ କହିଛନ୍ତି, ମା'ମାଟିର ସେବା ପାଇଁ ପ୍ରତିଶ୍ରୁତି ବଦ୍ଧ। ଭାଜପା ସରକାର ଗଠନ କରିଥିବାରୁ ସମସ୍ତେ ମିଶି ଧର୍ମଶାଳା ମାଟିର ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ସେ ମତ ରଖିଛନ୍ତି। ଆରୁହା ମଣ୍ଡଳ ସଭାପତି ହିମାଂଶୁ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉମାଚରଣ ପ୍ରଧାନ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଓକିଲ ବୃତ୍ତିରେ ଥିବା କବୟିତ୍ରୀ ରୋଜାଲିନ ଜେନା ବାଜପେୟୀଙ୍କ ଏକ କବିତା ପଢ଼ି ଲୋକଙ୍କୁ ଶୁଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି କୁଳମଣି ମଲିକ, ନୀଳମଣି ଦାସ, ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ରାକେଶ ନାୟକ, ଓବିସି ମୋର୍ଚ୍ଚା ଉପସଭାପତି ମାନସ ନାୟକ, କାର୍ଯ୍ୟକର୍ତ୍ତା ସୁଦୀପ ପଣ୍ଡା, ଅରୁପ କାୟସ୍ଥ, ବିଜୟ ସାହୁ, ଶେଷଦେବ ମହାରଣା, ଶିବ ଶଙ୍କର ପ୍ରଧାନ, ଅଶୋକ ରାଉତ, ସୁଦର୍ଶନ ସାହୁ, ଅଶୋକ ସେଠୀ ଓ ନାରାୟଣ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ।

ODISHA STATE CO-OPERATIVE HANDICRAFTS CORPORATION LTD.
D-2/3 & 4, Industrial Estate, Rasulgarh, Bhubaneswar-751010
Ph-0674-2975390, GSTN:- 21AAAAO0096K2ZQ
email- oschcutkalika@gmail.com, website- www.utkalikaodisha.com
Ref. No- 3947 Dt.23.12.24

TENDER CALL NOTICE

BID IDENTIFICATION NO:-
No. CAD-1991:- The MANAGING DIRECTOR (UTKALIKA) invites sealed tenders in single cover bids from the registered Agency/ contractors for **"fitting & fixing up electrical wiring & equipment"** at OSCHC Ltd., Shed No.D-2/3 & 4, Rasulgarh, Bhubaneswar. The bid documents such as DTCN/BOQ etc. can be seen/downloaded from the website: www.utkalikaodisha.com during the period from **Dt.24.12.2024 to 30.12.2024.**

The tender shall be submitted by interested parties to this office latest by **30.12.2024 at 3.00 P.M.** along with supporting documents like PAN, GST registration, Bank account details etc. & the tender shall be opened on the same day at **4.30 PM**. Any addendum /corrigendum/ cancellation of tender can also be seen in the said website.

The undersigned reserves the right to accept or reject any or all the tenders without assigning any reason thereof.

OIPR-31041/11/0036/2425 Sd./- MANAGING DIRECTOR

# ସୁକିନ୍ଦା ପ୍ରିମିୟର ଲିଗ୍:ଗୋଲ୍ଡେନ ଇରା ବିଜୟୀ

କାଳିଆପାଣି,୨୫।୧୨ (ଅସିତ ମହାନ୍ତ):

୧୭ତମ ସୁକିନ୍ଦା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମ୍ୟାଚ୍‌ରେ ସୁକିନ୍ଦା ପୋଲିସକୁ ହରାଇ ଗୋଲ୍ଡେନ ଇରା ବିଜୟୀ ହୋଇଛି। ଟସଜିତି ସୁକିନ୍ଦାର ବହୁ ପ୍ରତିଷ୍ଠିତ ପୁରାତନ ଖେଳାଳିଙ୍କୁ ନେଇ ଗଠିତ ଗୋଲ୍ଡେନ ଇରା କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ତର୍ଯ୍ୟାମୀ ଦ୍ୱିବେଦୀ ସର୍ବାଧିକ ୩୮ରନ ଓ ଗ୍ୟାସୁଦ୍ଦିନ ଖାଁ ୩୨ରନ ସଂଗ୍ରହ କରିଥିଲେ। ଦଳ ନିର୍ଦ୍ଧାରିତ ୧୫ ଓଭରରେ ୩ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲା। ସୁକିନ୍ଦା ପୋଲିସ ପକ୍ଷରୁ ମନୋଜ ପୂର୍ତ୍ତି ୩ ଓଭର ବୋଲିଂ କରି ୩ ଉଇକେଟ ନେଇଥିବା ବେଳେ ସୁକିନ୍ଦା ଆଇଆଇସି ବିଲ୍ୱମଙ୍ଗଳ ସେଠୀ ୩ ଓଭର ବୋଲିଂ କରି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ୧୩୮ ରନ୍ ବିଶାଳ ସ୍କୋର ପିଛା କରି ସୁକିନ୍ଦା ପୋଲିସ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ମୋଟ ୧୦୮ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆଇଆଇସି ସେଠୀ ସର୍ବାଧିକ ୪୪ ରନ ସଂଗ୍ରହ କରିଥିବାବେଳେ ସାଗର ୪୪ ରନ ସଂଗ୍ରହ କରିଥିଲେ। ଏହି ପ୍ରଦର୍ଶନୀ ମ୍ୟାଚରେ ଗୋଲ୍ଡେନ ଇରା ୩୦ ରନ୍‌ରେ ବିଜୟ ହାସଲ କରିଥିଲା। ମ୍ୟାଚକୁ ଦେବାଶିଷ ମହାପାତ୍ର ଓ ପିନାକୀ ପଟ୍ଟନାୟକ ପରିଚାଳନା କରିଥିଲେ। ସୁକିନ୍ଦା ଜଗନ୍ନାଥ ହାଇସ୍କୁଲର ୧୯୯୬ ମାଟ୍ରିକ ବ୍ୟାଚ ଏହି ଖେଳର ଆୟୋଜକ ଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବର୍ଷା ପାଇଁ କୁଆଖିଆ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ

ରସୁଲପୁର,୨୫।୧୨ (ରଂଜିତ ରାଉତ):

କୁଆଖିଆ ବାଜରରେ ପାଳନ ହେଉଥିବା ୭୦ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଉତ୍ସବ ଓ ୧୭ତମ କୁଆଖିଆ ମହୋତ୍ସବରେ ଆୟୋଜିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଧା ଉପୁଜିଛି। ୨ଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଅନୁଷ୍ଠାନର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକୁ ବାତିଲ କରି ଦିଆଯାଇଛି। ମହୋତ୍ସବ ମଞ୍ଚରେ ବୁଧବାର ସନ୍ଧ୍ୟା ୭ଟାରେ ସିଂଘମ ଡ୍ୟାନ୍ସ ଗ୍ରୁପ୍, ବାଙ୍କି-କଟକ ପକ୍ଷରୁ ଥିବା ନାଚଗୀତ କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଥିଲା। ପାଗର ପ୍ରତିକୂଳ ସ୍ଥିତିକୁ ଦେଖି ଏହି କାର୍ଯ୍ୟକ୍ରମକୁ ବାତିଲ କରି ଦିଆଯାଇଛି ବୋଲି ମହୋତ୍ସବ କମିଟିର ସାଂସ୍କୃତିକ ସମ୍ପାଦକ ଉମେଶ ନାୟକଙ୍କ ସୂତ୍ରରୁ ଜଣାଯାଇଛି। ଏହାଛଡା ଝିପ୍ ଝିପ୍ ବର୍ଷା ଓ କୋହଲା ପାଗ ଯୋଗୁ କୁଆଖିଆ ବଜାର ଦର୍ଶକ ଶୂନ୍ୟ ହୋଇପଡିଛି। ଭିଡ ନଥିବା ବେଳେ ସାରଙ୍ଗପୁର ମହୋତ୍ସବ ପଡିଆ ଜନଶୂନ୍ୟ ହୋଇପଡିଛି। ଗ୍ରାହକମାନଙ୍କ ଅନୁପସ୍ଥିତ ଯୋଗୁ ଅଧିକାଂଶ ଦୋକାନବଜାର ବନ୍ଦ ରହିଛି। ଜଳଖିଆ, ବାରମଜା, ଫାଷ୍ଟଫୁଡ୍ ଦୋକାନୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି। ସନ୍ଧ୍ୟାରେ ଦର୍ଶକଙ୍କ ଭିଡ ଜମିବା ସହ ସେମାନଙ୍କୁ ଦୋକାନୀମାନେ ଗରମ ଖାଦ୍ୟର ମଜା ଯୋଗାଇବା ପାଇଁ ପ୍ରସ୍ତୁତି ସରିଥିଲା। ମାତ୍ର ବର୍ଷା ପ୍ରଭାବରେ ମହୋତ୍ସବ ପଡିଆ ଦର୍ଶକ ଶୂନ୍ୟ ହୋଇପଡିବାରୁ ସେମାନଙ୍କ ବେପାର ମାନ୍ଦା ହୋଇଯିବା ସହ ବହୁ କ୍ଷତି ହୋଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
No.O-1019
e-mail: serwsbd2003@yahoo.com
No.4732 1st Corrigendum Dt:20.12.24

In continuation to this office Bid Identification No- CCERWCSBD Online-16/2024-25 invited vide this office Notice No.4594, Dtd.07.12.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 12.12.2024 at 11.00 AM to 26.12.2024 upto 5.00 PM | Extended upto 09.01.2025 5.00 PM |
| 2 | Date and Time of seeking tender clarification if any | 24.12.2024 upto 2.00 PM | 08.01.2025 upto 2.00 PM |
| 3 | Date & Time of opening of tender (Technical Bid) | 27.12.2024 at 11.00 AM | 10.01.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0024/2425 Sd./- Chief Construction Engineer, Rural Works Circle, Sunabeda

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
No.O-974:
At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No.Online Tender/15-2024-25/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 15-2024-25/BPR | Road Works under MMSY-CMRL | 06 Nos. | From Rs.139.83 Lakhs to Rs.656.25 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/15-2024-25/BPR | 27.12.2024 at 10.00 A.M. | 10.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0026/2425 Sd./- Chief Construction Engineer, R.W.Circle, Berhampur

**ବିଦ୍ୟୁତ୍ ଆଘାତରେ ଛାତ୍ର ଗୁରୁତର**

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ବିଜୟ କୁମାର ସାହୁ (୨୨) ଯୁକ୍ତ ୩ ବାଣିଜ୍ୟ ବିଭାଗ ଛାତ୍ର। ବୁଧବାର ସେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ୧୧ଟା ସମୟରେ ସେ ଗାଁରେ ବୁଲୁଥିବା ବେଳେ ଗାଁମୁଣ୍ଡରେ ଥିବା ବିଦ୍ୟୁତ ସବ୍‌ଷ୍ଟେସନ ଭିତରକୁ ପଶିଯାଇଥିଲେ। ସେଠାରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେ ଅଚେତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ପ୍ରାକ୍ତନ ଛାତ୍ର ବିଜୟ ଓଝାଙ୍କୁ ଶ୍ରଦ୍ଧାଞ୍ଜଳି

ପାଟକୁରା,୨୫।୧୨ (ରବୀନ୍ଦ୍ର ନାଥ ବାରିକ)

ଲୋକନାଥ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବଡବେତରା ଗ୍ରାମର ବିଜୟ ଓଝାଙ୍କ ଦ୍ୱାଦଶାହାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ମହାବିଦ୍ୟାଳୟର ୧୯୮୯ ବ୍ୟାଚର ସେ ଛାତ୍ର ଥିଲେ । ଏକ ଦୁର୍ଘଟଣାରେ ସେ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଗତ ୧୪ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା। ବୁଧବାର ଲୋକନାଥ ମହାବିଦ୍ୟାଳୟ ୧୯୮୯-୯୪ ବ୍ୟାଚ୍ ତରଫରୁ ତାଙ୍କ ପରିବାରକୁ ୫୦୩୬୫ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ବ୍ୟାଚ୍‌ର ଆବାହକ ଅଧ୍ୟାପକ ରମାକାନ୍ତ ପାଣିଙ୍କ ସମେତ ଅନେକ ପ୍ରାକ୍ତନ ଛାତ୍ର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଦ୍ୱାଦଶାହରେ ଉପସ୍ଥିତ ଥିଲେ ।

# ଲଘୁଚାପ ବର୍ଷାରେ ଭିଜୁଛି ପାଚିଲା ଧାନ

## ଜମିରେ ବସି କାନ୍ଦୁଛି ଚାଷୀ

ମହାକାଳପଡ଼ା,୨୫।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ବଙ୍ଗୋପ ସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପାଚିଲା ଧାନ ବର୍ଷାରେ ଭିଜୁଛି। ବର୍ଷକ ପାଇଁ ଉପାର୍ଜିତ ହୋଇଥିବା ଧାନ ଅମଳ ହୋଇ ନ ପାରି ନଷ୍ଟ ହେଉଛି। ସପ୍ତାହ ହେଲା ଦୁହାକୁ ଦୁହା ବର୍ଷା ଲାଗି ରହିଛି। ଚାଷ ଜମିରେ ପାଚିଲା ଧାନ ଭାସୁଛି। ବର୍ଷକର ଫସଲ ଅମଳ ପାଇଁ ଚାଷୀ ବହୁ କଷ୍ଟ କରି ଚାଷ କରିଥିଲେ ମଧ୍ୟ ଲାଭ ଆଶା ଛାଡ଼ି ଦେଇଛି। ଚାଷ ଜମିରେ ପାଚିଲା ଧାନକୁ ଦେଖି ଚାଷୀର ଆଖିରୁ ଲୁହ ଝରୁଛି । ଦେଶରେ ଚାଷୀମାନେ ସବୁଠୁ ଅବହେଳିତ। ବର୍ଷା ବର୍ଷକର ଦାନା ଛଡ଼ାଇ ନେଲା। ଆଉ ଏଭଳି ଦୁଃଖ ସହି ହେଉନି ବୋଲି ନିଜ ଦୁଃଖ ବଖାଣିଛନ୍ତି ଭାଗ ଚାଷୀ ନିରଞ୍ଜନ ବେହେରା। ଆମେ ମାଲିକଙ୍କ ଜମି ଚାଷ କରି ବର୍ଷକ ପାଇଁ ଧାନ ଅମଳ କରି ପରିବାର ଚଳାଇଥାଉ। ହେଲେ ଅଦିନିଆ ବର୍ଷା ଦାଉ ସାଧିଛି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ୩୧ ପଞ୍ଚାୟତରେ ଧାନ ଫସଲ ଉଜୁଡ଼ିବାକୁ ବସିଲାଣି। ହାଇବ୍ରିଡ୍ ବା ଅମଳକ୍ଷମ ଧାନ ପାଣିରେ ଭିଜି ରହିଥିବାରୁ ଗଜା ହେବା ଆଶଙ୍କା ରହିଛି ପୁଲିନ ମଣ୍ଡଳ , ହରେକୃଷ୍ଣ ବେହେରା, ବାବାଜୀ ଦାସ, ପ୍ରଫୁଲ୍ଲ ବେହେରା , ନାରାୟଣ ମାଇତି ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି । କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଦାବି କରିଛନ୍ତି।



ଜମିରେ ପଡିଥିବା ଧାନକୁ ଚାଷୀମାନେ ପଲିଥିନ ଘୋଡ଼ାଇ ରଖୁଛନ୍ତି।

## ବାଜପେୟୀଙ୍କ ଜୟନ୍ତୀ ପାଳିତ

ରାଜନଗର,୨୫।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭାଜପା ପକ୍ଷରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଭାଜପା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଯୁବନେତା ସହଦେବ ସାହୁଙ୍କ ନେତୃତ୍ୱରେ ରାଜନଗର ନିର୍ବାଚନମଣ୍ଡଳୀର ପ୍ରଭାରୀ ସୁନାକର ପ୍ରଧାନ, ପୂର୍ବତନ ଜିଲା ସମ୍ପାଦକ ପ୍ରଦୀପ ଦାସ, ଅଲେଖ ପାତ୍ର, ସଂଗ୍ରାମ କୁମାର ବେହେରା, ସୁଲୋଚନା ଦାସ, ଶୂନ୍ୟବାସୀ ରଣା, ସୁବାସ ଚନ୍ଦ୍ର ସେଠୀ, ମଥୁରାନନ୍ଦ ମଳିକ, ଶ୍ରୀବସ୍ତ ମଳିକ, ଦୀପକ ମଳିକ, ସୁମିତ୍ରା ରାଉତ ପ୍ରମୁଖ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିବା ସହିତ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ବରିଷ୍ଠ ଭାଜପା ନେତା ସଦାଶିବ ଜେନାଙ୍କ ସଭାପତିତ୍ୱରେ ଯୁବନେତା ଦିଲୀପ ରଞ୍ଜନ ପାଲ, ବରିଷ୍ଠ ନେତା ବିଜୟ ବଳ, ନୀଳମଣି ସାହାଣୀ, ପ୍ରମୋଦ ଦାସ, କ୍ରୀଷ୍ଣା ବେହେରା, ମଙ୍ଗୁଳି ମହାନ୍ତି, ଚିତ୍ତ ରଞ୍ଜନ ପାତ୍ର, ଫକୀର ଚରଣ ବେହେରା ପ୍ରମୁଖ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

No. RR-44: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଓଡ଼ିଶା ଥିମ୍ ପାଭିଲିୟନ ପାଇଁ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବସାଇଟ୍ **(https://culture.odisha.gov.in/)**ର OLLC/12973ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି।
ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ଦିନ ମଧ୍ୟରେ ଆବେଦନ କରିପାରିବେ।

OIPR-03029/11/0034/2425 ସ୍ୱା./- ନିର୍ଦ୍ଦେଶକ, ଓ.ଭା.ସା.ସଂ.

## ଏସ୍ଏନ୍ କଲେଜ ଏବିଭିପି କ୍ୟାମ୍ପସ ୟୁନିଟ୍ ଘୋଷଣା



ଛାତ୍ରୀଛାତ୍ରମାନେ ଏବିଭିପିର ପୋଷ୍ଟର ପ୍ରଦର୍ଶନ କରୁଛନ୍ତି।

ରାଜକନିକା,୨୫।୧୨(ସଞ୍ଜୟ କୁମାର ଦାଶ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ରାଜକନିକାସ୍ଥିତ ଗୋକନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଏସ୍ଏନ୍ କଲେଜ ଏବିଭିପି କ୍ୟାମ୍ପସ ୟୁନିଟ୍ ଘୋଷଣା କରାଯାଇଛି । ବୈଲୋଚନ ଭାଇ, କାହ୍ନା ଭାଇ, ଜଗନ ଭାଇ ଓ ଦୀପୁ ଭାଇଙ୍କ ଉପସ୍ଥିତିରେ ସଭାପତି ଭାବେ ଓମ୍ ପ୍ରକାଶ ସାମଲ, ଉପସଭାପତି ସ୍ମୃତି ପ୍ରିୟଦର୍ଶିନୀ ବାରିକ, ସମ୍ପାଦକ ଭାବେ ସୁଜାତା ପାତ୍ର ଓ ସହ ସମ୍ପାଦକ ଭାବେ ଲଗ୍ନଜିତ୍ ବାରିକ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ପାଇବା ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । ଏହାବାଦ୍ ୪୯ତମ ରାଜ୍ୟ ଅଧିବେଶନର ପୋଷ୍ଟର ମଧ୍ୟ ଉନ୍ମୋଚନ ପାଇଁ ପ୍ରସ୍ତୁତି ଚାଲିଛି ।

## ହୃଦ୍‌ଘାତରେ ଚାଷୀଙ୍କ ମୃତ୍ୟୁ

### ବିଲରେ ଉଜୁଡ଼ା ଫସଲ ଦେଖି ଆଖି ବୁଜିଲେ

ଡେରାବିଶ,୨୫।୧୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗ୍ରାମର ଚାଷୀ ଗୌରହରୀ ମଳିକ(୫୨)ଙ୍କ ହୃଦ୍‌ଘାତରେ ବୁଧବାର ପରଲୋକ ହୋଇଯାଇଛି। ବିଲରୁ ଫେରିବା ପରେ ସେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ପରିବାର ଲେକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ଗୌରହରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଲାଗି ରହିଥିବା ଲଗାଣ ବର୍ଷାରେ ତାଙ୍କର ବର୍ଷକର ଆହାର ସମ୍ପୂର୍ଣ୍ଣ ଉଜୁଡି ଯାଇଥିବା ଦେଖି ଗୌରହରୀ ହୃଦ୍‌ଘାତର ଶିକାର ହୋଇଥିଲେ ଗ୍ରାମବାସୀ କହିଛନ୍ତି ।

ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ତଥା ଉକ୍ତ ଗ୍ରାମ ନିବାସୀ ଭାଗିରଥି ସାହୁଙ୍କ କହିବା ଅନୁଯାୟୀ ଗରିବ ଚାଷୀ ଗୌରହରୀଙ୍କ ଅଳ୍ପ ପରିମାଣର ନିଜସ୍ୱ ଚାଷ ଜମି ଥିବାରୁ ସେ ଗ୍ରାମର କେତେଜଣଙ୍କ ଜମିରେ ଭାଗ ଚାଷ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ବହୁ ଧାର କରଜ କରି ସେ ଧାନ ଫସଲ କରିଥିଲେ । ଗତ ସପ୍ତାହରେ ହୋଇଥିବା ଲଗାଣ ବର୍ଷାରେ ପାଚିଲା ଧାନ ଭିଜି ଯାଇଥିଲା। ଏହାକୁ ଉଦ୍ଧାର ପାଇଁ ଗୌରହରୀ ୨ ଦିନ ହେଲା ବହୁ ଚେଷ୍ଟା କରି ଆସୁଥିଲେ ମଧ୍ୟ ପୁନର୍ବାର ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷାରେ ସେହି ଧାନ ଫସଲ ବିଲରେ ଭାସୁଥିଲା । ବୁଧବାର ସକାଳୁ ଏହା ଦେଖି ସେ ଭାଙ୍ଗିପଡିଥିଲେ । ଧାର କରଜ କିପରି ଶୁଝିବେ ସେହି ଚିନ୍ତାରେ ସେ ହଠାତ ହୃଦ୍‌ଘାତର ଶିକାର ହୋଇ ଅସୁସ୍ଥ ହୋଇ ପଡିଥିଲେ ବୋଲି ଭାଗିରଥୀ କହିଛନ୍ତି।

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Phone-0680-2291405, E-Mail:eerw_gm1@yahoo.co.in
**Government of Odisha e-Procurement Notice**
Bid Identification No.Online Tender//10/SERWDG-I// 2024-25
No.O-993 Letter No.5663// RWDG-I//BAM//Date 20.12.2024

| | | | |
|---|---|---|---|
| 1 | Name of the Work | :: | Road Work under MMSY-TRIP |
| 2 | Estimated Cost | :: | Rs.83.88 Lakhs |
| 3 | Period of Completion | :: | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | :: | From 27.12.2024 at 11.00 AM to 07.01.2025 upto 6.00 PM |
| 5 | Last Date/Time for Receipt of Bids in the Portal | :: | 07.01.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.
Sd./- Additional Chief Engineer
R.W.Division-I, Ganjam,
Berhampur
OIPR-25085/11/0010/2425

## ଜାତୀୟ କୃଷକ ଦିବସ ପାଳିତ



ରାଜକନିକା,୨୫।୧୨(ସଞ୍ଜୟ କୁମାର ଦାଶ)

ଭାରତ ରତ୍ନ ଚରଣ ସିଂଙ୍କ ଜୟନ୍ତୀ ତଥା ଜାତୀୟ କୃଷକ ଦିବସ ରୂପେ ରାଜକନିକାସ୍ଥିତ ତରାସ ନେତାଜୀ କ୍ଲବ ପରିସରରେ ପାଳିତ ହୋଇଯାଇଛି । ଏହି ପ୍ରରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ଆଗ୍ରୋ ବେସଡ କାର୍ଯ୍ୟକ୍ରମ କରାଯିବା ସହ ରାଜକନିକା ଫାର୍ମର ପ୍ରତ୍ୟୁସରୁ କମ୍ପାନୀମାନଙ୍କ ପ୍ରାୟସରେ ଆୟୋଜିତ ସଭାରେ କୃଷି ଭିତ୍ତିଭୂମିର ଉନ୍ନତି ତଥା କୃଷକମାନଙ୍କର ସମସ୍ୟା ସମ୍ପର୍କରେ ସମାଧାନ ପାଇଁ ଯୁବ ଚାଷୀମାନଙ୍କ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ସେଥିରେ କୃଷି ଓ କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା । ଚାଷୀଙ୍କୁ ଉଚିତ୍ ମୂଲ୍ୟ ମିଳିବା । ଚାଷୀମାନଙ୍କୁ ନୂତନ ଚାଷ ସମ୍ପର୍କରେ ପ୍ରୋତ୍ସାହିତ କରାଯାଇଥିଲା । ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ଚାଷୀ ପାଖରେ ପହଞ୍ଚାଇବା । ଉତ୍ପାଦିତ କୃଷିଜାତ ଦ୍ରବ୍ୟର କିପରି ଉଚିତ ମୂଲ୍ୟ ମିଳିବ, ଚାଷୀ ତା'ର ଅମଳ ସମସ୍ତ ଧାନକୁ ଉଚିତ ମୂଲ୍ୟରେ ବିକି ପାରିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ପରିବା, ଧାନ, ଛେଳି, ମାଛ, କୁକୁଡ଼ା ଓ ମହୁ ଚାଷୀମାନେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ନାୟକ, ରଜତ ଦାସ, ବିକ୍ରମ ଦଳାଇ, ଟୁବୁଲା ସାହୁ, ଶଶିଭୂଷଣ ନାୟକ, ଶୁଭ୍ରଜିତ୍ ବିଶ୍ୱାଳ, ବୁଲୁ ଜେନା, ସଞ୍ଜୟ ବିଶାଳ, ବିଶ୍ୱପ୍ରକାଶ ନାୟକ ଉପସ୍ଥିତ ଥିବାବେଳେ, କ୍ଲବ ସଭାପତି ସଭା ପରିଚାଳନା କରିଥିଲେ ।

## ପୁଣି ଲଘୁଚାପ ବର୍ଷା, ଚାଷୀଙ୍କ ଚିନ୍ତା ବଢ଼ିଲା

ମାର୍ଶାଘାଇ,୨୫।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଏବେ ଧାନ ଅମଳ ସମୟ । ୩ ଦିନ ତଳେ ଅଦିନିଆ ବର୍ଷା ଯୋଗୁ ଧାନ କଟା ବାଧାପ୍ରାପ୍ତ ହୋଇଥିଲା। ଗୋଟିଏ ଦିନ ଶୁଖିଲା ପାଗ ପରେ ପୁଣି ମଙ୍ଗଳବାରଠାରୁ ଝିପିଝିପ ବର୍ଷା ଲାଗି ରହିଛି। ଚାଷୀଙ୍କୁ ବର୍ଷକର ଆହାର ସାଇତି ରଖିବା କଷ୍ଟକର ହୋଇପଡିଛି । ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୧୫ ଦିନ ହେବ ଧାନ କଟା ଆରମ୍ଭ ହେଲାଣି। ଏଥିପାଇଁ ଆହୁରି ମାସେ ସମୟ ଲାଗିବ ବୋଲି ଚାଷୀମାନେ କହିଛନ୍ତି। ଯେଉଁମାନେ କାଟିଛନ୍ତି ସେମାନଙ୍କ ଧାନ ବିଲରେ ପଡିଛି। ବର୍ଷାରେ ଭିଜୁଥିବାରୁ ଖଳାକୁ ଆଣି ପାରିନାହାନ୍ତି । ବିଡା ବନ୍ଧା ଧାନ ବିଲରେ ଗଦା ହୋଇ ଗଜା ବାହାରିଲାଣି। ବର୍ଷକର ଆହାର କେମିତି ଘରକୁ ଆସିବ, ଧାର କରଜ କରି ଚାଷ କରିଥିବା ଚାଷୀ କେମିତି କରଜ ଭରଣା କରିବେ ସେହି ଚିନ୍ତା ଘାରିଛି । ଚଳିତ ବର୍ଷ ସରକାର ଧାନର ମୂଲ୍ୟ ୨୩ଶହ ଟଙ୍କା ଉପରେ ବୋନସ ୮ଶହ ଟଙ୍କା ଘୋଷଣା କରିଛନ୍ତି । ଏପଟେ ମଣ୍ଡି ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଖୋଲିବ ବୋଲି ଘୋଷଣା କରାଯାଇଛି । ହେଲେ ଏ ପର୍ଯ୍ୟନ୍ତ ଚାଷୀ ହାତକୁ ଅମଳ ଧାନ ଆସି ନ ଥିବାରୁ ମଣ୍ଡିରେ କିପରି ତାହା ବିକ୍ରି ହେବ ସେ ନେଇ ଚିନ୍ତା ବଢ଼ିଛି।



ବର୍ଷାପାଣିରେ ପଡ଼ିରହିଥିବା ପାଚିଲା ଧାନ।

**ODISHA STATE CO-OPERATIVE HANDICRAFTS CORPORATION LTD.**
D-2/3 & 4, Industrial Estate, Rasulgarh, Bhubaneswar-751010
Ph-0674-2975390, GSTN:- 21AAAAO0096K2ZQ
email- oschcutkalika@gmail.com, website- www.utkalikaodisha.com
Ref. No- 3947 Dt.23.12.24

**TENDER CALL NOTICE**

BID IDENTIFICATION NO:-
No. CAD-1991:- The MANAGING DIRECTOR (UTKALIKA) invites sealed tenders in single cover bids from the registered Agency/ contractors for **"fitting & fixing up electrical wiring & equipment"** at OSCHC Ltd., Shed No.D-2/3 & 4, Rasulgarh, Bhubaneswar. The bid documents such as DTCN/BOQ etc. can be seen/downloaded from the website: www.utkalikaodisha.com during the period from **Dt.24.12.2024 to 30.12.2024.**
The tender shall be submitted by interested parties to this office latest by **30.12.2024 at 3.00 P.M.** along with supporting documents like PAN, GST registration, Bank account details etc. & the tender shall be opened on the same day at **4.30 PM**. Any addendum /corrigendum/ cancellation of tender can also be seen in the said website.
The undersigned reserves the right to accept or reject any or all the tenders without assigning any reason thereof.
OIPR-31041/11/0036/2425 Sd./- MANAGING DIRECTOR

## ଭାରତରତ୍ନ ବାଜପେୟୀ ଜୟନ୍ତୀ

ତିର୍ତ୍ତୋଲ, ୨୫।୧୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଭାରତ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜୟନ୍ତୀ ତିର୍ତ୍ତୋଲ ବ୍ଲକ ଶାରଳା ରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରସରରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଭାଜପାର ପୂର୍ବତନ ତିର୍ତ୍ତୋଲ ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନଙ୍କ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ଜଗତ୍‌ସିଂହପୁର ଜିଲା ସହସମ୍ପାଦକ ନିରଞ୍ଜନ ଦାସ ଯୋଗଦେଇ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତବର୍ଷ ବିକାଶର ନୂଆ ଦିଗନ୍ତ ଛୁଇଁଥିଲା। ତାଙ୍କ ପରି ଜଣେ ନିର୍ବିବାଦୀୟ ନେତା ଆଜି ସବୁରି ହୃଦୟ ଜୟ କରିଛନ୍ତି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିଜୟ କୁମାର ସୂତାର, ଅର୍ଦ୍ଧେନ୍ଦୁ ଶେଖର ବିଶ୍ୱାଳ, ଶ୍ରୀନିବାସ ପରିଡାୟ ସୁଶାନ୍ତ ସ୍ୱାଇଁ, ସୁଧୀର କୁମାର ପ୍ରଧାନ, ସୁରେନ୍ଦ୍ର କୁମାର ସେଠୀ, ଅଶୋକ କୁମାର ଦାଶ, ପ୍ରକାଶ କୁମାର ସେଠୀ, ରମେଶ ମହାନ୍ତି ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟରେ ଅଟଳଜୀଙ୍କ ସ୍ମୃତିଗାନ କରିଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ଫଟୋଚିତ୍ରରେ ପୁଷ୍ପମାଳ ଦେବାସହ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିକଶିତ ଭାରତ ଗଠନରେ ବାଜପେୟୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାଜପେୟୀଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ମାର୍ଶାଘାଇ,୨୫।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଜଣେ ଦୁରଦୃଷ୍ଟି ସମ୍ପନ୍ନ ରାଜନେତା ଥିଲେ । ତାଙ୍କ ଶାସନ କାଳରେ ଭାରତ ବିଶ୍ୱ ସମୁଦାୟ ଆଗରେ ନିଜକୁ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଭୂମିକାରେ ଅବତୀର୍ଣ୍ଣ କରାଇଥିଲେ । ଏକ ବିକଶିତ ଭାରତ ଗଠନରେ ତାଙ୍କ ଭୂମିକା ସର୍ବଦା ସ୍ମରଣୀୟ ବୋଲି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମତବ୍ୟକ୍ତ କରିଛନ୍ତି ।

ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଘଡ଼ିଆ ମା'ଗୋଜବାୟାଣୀ ପୀଠରେ ବାଜପେୟୀଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଧାୟକ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ଜାତୀୟ ରାଜପଥର କାନପୁର ଛକଠାରୁ ମା'ଙ୍କ ପୀଠ ପର୍ଯ୍ୟନ୍ତ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଦଳୀୟ କର୍ମୀମାନେ ବିଧାୟକଙ୍କୁ ପାଛୋଟି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନେନ୍ଦ୍ର ସ୍ୱାଇଁ, ବିକ୍ରମ ରାଉତରାୟ, ନିଗମ ରଥ, ସରୋଜକାନ୍ତ ସାହୁ, ପ୍ରଶାନ୍ତ ସେଠୀ, ରଶ୍ମିରଞ୍ଜନ ରାଉତରାୟ, ବାବୁନି ପୃଷ୍ଟି, ଜିତେନ୍ଦ୍ର ନାୟକ, ଜ୍ଞାନ ବସନ୍ତିଆ, ଜୀବନ ସାହୁ, ଶୋଭନ ଆଚାର୍ଯ୍ୟ, କୃଷ୍ଣପଦ ମଣ୍ଡଳ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.O-1019
e-mail: serwsbd2003@yahoo.com
No.4732 **1st Corrigendum** Dt:20.12.24
In continuation to this office Bid Identification No- CCERWCSBD Online-16/2024-25 invited vide this office Notice No.4594, Dtd.07.12.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 12.12.2024 at 11.00 AM to 26.12.2024 upto 5.00 PM | Extended upto 09.01.2025 5.00 PM |
| 2 | Date and Time of seeking tender clarification if any | 24.12.2024 upto 2.00 PM | 08.01.2025 upto 2.00 PM |
| 3 | Date & Time of opening of tender (Technical Bid) | 27.12.2024 at 11.00 AM | 10.01.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0024/2425 Sd./- Chief Construction Engineer, Rural Works Circle, Sunabeda

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/Po-Ambapua, Near Income Tax Office, Berhampur-760011, Ganjam, Odisha)
No.O-974: (E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/15-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 15-2024-25/BPR | Road Works under MMSY-CMRL | 06 Nos. | From Rs.139.83 Lakhs to Rs.656.25 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/15-2024-25/BPR | 27.12.2024 at 10.00 A.M. | 10.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0026/2425 Sd./- Chief Construction Engineer, R.W.Circle, Berhampur

# ମାଳବନ୍ଧରେ ଖାଲ, ବୁଦୁବୁଦିଆ ଜଙ୍ଗଲ ପଥଚାରୀଙ୍କ ପାଇଁ କାଳ

**ଖଣ୍ଡପଡ଼ା,୨୫।୧୨**
**(ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଜଳସମ୍ପଦ ବିଭାଗ ଡିଭିଜନ କଣ୍ଟିଲୋ ସେକ୍ସନ ଅଧୀନରେ ରହିଛି ପ୍ରାୟ ୪୦ କି.ମିରୁ ଉର୍ଦ୍ଧ୍ୱ ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ । ହେଲେ ପ୍ରାୟ ୪ କି.ମି. ଉର୍ଦ୍ଧ୍ୱ କମେଇ ବାମ ପାର୍ଶ୍ୱ ମଞ୍ଜାରୀଘାଇଠାରୁ ଚଣ୍ଡୀଘାଇ ମାଳବନ୍ଧ ଏବେ ପଥଚାରୀଙ୍କ ପାଇଁ କାଳ ପାଲଟିଛି । ମାଳବନ୍ଧର ୨ ପାର୍ଶ୍ୱ ଏବେ ବୁଦୁବୁଦିଆ ଜଙ୍ଗଲରେ ପରିପୂର୍ଣ୍ଣ ହୋଇ ରହିଛି । ଏହି ଜଙ୍ଗଲ ମାଳବନ୍ଧକୁ ସଙ୍କୁଚିତ କରିଦେଇଛି । ଏହାଛଡା ମାଳବନ୍ଧରେ ସୃଷ୍ଟି ହୋଇଥିବା ରେନ୍‌କଟ ସମୟାନୁକ୍ରମେ ବୃଦ୍ଧି ପାଇ ମାଳବନ୍ଧରେ ଗର୍ତ୍ତ ସୃଷ୍ଟି କରି ବିପଦସଙ୍କୁଳ ହୋଇପଡିଛି । ମାଳବନ୍ଧ ନିକଟରେ ଥିବା ଘର ଭିତରୁ ବିଷଧର ସାପମାନେ ବାହାରୁଛନ୍ତି । ସାପଧରାଳୀମାନେ ସେହି ସାପକୁ ଉଦ୍ଧାର କରି ମାଳବନ୍ଧ ଉପରେ ଅବା ନିକଟସ୍ଥ ଜଙ୍ଗଲରେ ଛାଡି ଦେଉଛନ୍ତି । ସେହି ସରୀସୃପଙ୍କ ପାଇଁ ମାଳବନ୍ଧର ବୁଦୁବୁଦିଆ ଜଙ୍ଗଲ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି । ଏହି ସଙ୍କୁଚିତ ମାଳବନ୍ଧ ଉପର ଦେଇ ଯାତାୟତ କଲାବେଳେ ବିଷଧର ସାପ ପଥଚାରୀଙ୍କ ପାଇଁ ବିପଦର କାରଣ ପାଲଟିଛି । ମାଳବନ୍ଧ ଦୁଇ ପାର୍ଶ୍ୱ ବୁଦୁବୁଦିଆ


ମାଳବନ୍ଧର ଦୁଇ ପାର୍ଶ୍ୱରେ ବୁଦୁବୁଦିଆ ଜଙ୍ଗଲ।

ଜଙ୍ଗଲ ଭରି ରହି ଥିବାରୁ ଦିନ ହେଉ ଅବା ରାତିରେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସେଥିପାଇଁ ଉକ୍ତ ମାଳବନ୍ଧର ଉଭୟ ପାର୍ଶ୍ୱକୁ ସଫା କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି । ବିଭାଗୀୟ ଅଧିକାରୀ ଏଥିପତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ କଣ୍ଟିଲୋ ଜଳ ସମ୍ପଦ ସେକ୍ସନ ସହକାରୀଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା । ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

**ଓଡ଼ଗାଁ,୨୫।୧୨(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ବିଭୁପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ସଂଯୋଜକ,ପୁରୀ ବିଭାଗ ସଂଘ ଚାଳକ ବୈକୁଣ୍ଠ ନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁର ଯତ୍ନ ନେଉଥିବା ବେଳେ ତା'ର ମନସ୍ତତ୍ତ୍ୱ ପ୍ରତି ପିତାମାତା ଏବଂ ଗୁରୁ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ। ସେଥିରେ ବ୍ୟତିକ୍ରମ ହେଲେ ପରିଣାମ ଭିନ୍ନ ହୋଇପାରେ ଯାହା ବିଳମ୍ବରେ ଜଣାଯାଏ ବୋଲି ସତର୍କ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ପ୍ରଧାନ ବିଦ୍ୟାମନ୍ଦିରର ବିବରଣୀ ପାଠ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭଜନ ବିଚିତ୍ରା, ଗୀତିନାଟ୍ୟ ଜନ୍ମାଷ୍ଟମୀ ଏବଂ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା।

# ଓଡ଼ଗାଁ ଭାଜପା ତରଫରୁ ସୁଶାସନ ଦିବସ ପାଳିତ



ସୁଶାସନ ଦିବସ ପାଳନ ଅବସରରେ ଭାଜପା ସମର୍ଥକ।

**ଓଡ଼ଗାଁ,୨୫।୧୨**
**(ଆଦର୍ଶ କୁମାର ପଟ୍ଟନାୟକ)**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଶତ ବାର୍ଷିକୀ ବୁଧବାର ନୟାଗଡ଼ ଜିଲା ଓଡ଼ଗାଁ ଭାଜପା ତରଫରୁ ସ୍ଥାନୀୟ ବ୍ଲକ ରୋଡ଼ କଲ୍ୟାଣ ମଣ୍ଡପଠାରେ ସୁଶାସନ ଦିବସ ରୁପେ ପାଳିତ ହୋଇଯାଇଛି । ନୟାଗଡ଼ ଜିଲା ଭାଜପା କୋଷାଧ୍ୟକ୍ଷ ବେଲେଶ୍ୱର ପାତ୍ର, ଜିଲା କୃଷକମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ବିଭୁତି ଭୁଷଣ ପଟ୍ଟନାୟକଙ୍କ ନେତୃତ୍ୱରେ ନେତା, କର୍ମୀ ଓ ସମର୍ଥକମାନେ ମିଶି କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଫଳ ବଣ୍ଟନ କରିଥିଲେ । ପରେ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଚ୍ୟୁତ ପଣ୍ଡା, ସୁଶାନ୍ତ ସାହୁ, ନାରାୟଣ ସାହୁ, ଜଗନ୍ନାଥ ପାଣିଗ୍ରାହୀ, ପ୍ରେମାନନ୍ଦ ମହାପାତ୍ର, ଯୁବ ନାରୀନେତ୍ରୀ ବିନ୍ଦୁଜା ଉପାଧ୍ୟାୟ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଚାଷୀଙ୍କ କ୍ଷତି ଭରଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଶରଣକୁଳ,୨୫।୧୨(ଦୀପକ କର)**

ଅଦିନିଆ ଲଗାଣ ବର୍ଷାରେ ଓଡ଼ଗାଁ ବ୍ଲକ ଶରଣକୁଳ ଆଖପାଖ ଅଞ୍ଚଳର କୃଷକଙ୍କ ଅମଳ ହେବାକୁ ଥିବା ଧାନ ବର୍ଷା ପାଣିରେ ଭାସୁଛି। ଫଳରେ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି । ସମସ୍ତ ଚାଷୀ ଏକପ୍ରକାର ମାନସିକ ସନ୍ତୁଳନ ହରାଇ ବସିଛନ୍ତି। ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓଡ଼ଗାଁ ବ୍ଲକର ପଞ୍ଚିରିଡ଼ା ମାନପୁର ବ୍ୟତୀତ ଅନେକ ପଞ୍ଚାୟତକୁ ଯାଇ କୃଷକମାନଙ୍କ ସହିତ ଧାନ ଜମି ବୁଲି ଦେଖିବା ସହିତ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଛନ୍ତି। ସରକାର କୃଷକମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।


ଚାଷୀ ବର୍ଷାରେ ଭିଜିଥିବା ଧାନକୁ ଜମିରୁ ନେଉଛନ୍ତି।

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସଂସ୍କୃତି ଭବନ, କଳ୍ପନା ଛକ, ଭୁବନେଶ୍ୱର-୧୪

No. RR-44: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଓଡ଼ିଶା ଥିମ୍ ପାଭିଲିୟନ ପାଇଁ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ନିୟୋଜନ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବସାଇଟ୍ **(https://culture.odisha.gov.in/)**ର OLLC/12973ରେ ଇ-ବିଜ୍ଞାପନ ପ୍ରକାଶନ କରାଯାଇଅଛି ।
ଇଚ୍ଛୁକ ଥିବା ସଂସ୍ଥାମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ୱେବ୍‌ସାଇଟ୍ ପରିଦର୍ଶନ କରି ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ୭ଦିନ ମଧ୍ୟରେ ଆବେଦନ କରିପାରିବେ ।

OIPR-03029/11/0034/2425 ସ୍ୱା./- ନିର୍ଦ୍ଦେଶକ, ଓ.ଭା.ସା.ସଂ.

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Phone-0680-2291405, E-Mail:eerw_gm1@yahoo.co.in
**Government of Odisha e-Procurement Notice**
Bid Identification No.Online Tender//10/SERWDG-I// 2024-25
No.O-993 Letter No.5663// RWDG-I//BAM//Date 20.12.2024

| | | | |
|---|---|---|---|
| 1 | Name of the Work | :: | Road Work under MMSY-TRIP |
| 2 | Estimated Cost | :: | Rs.83.88 Lakhs |
| 3 | Period of Completion | :: | 06 (Six) Calendar Months as shown in Column No.06 of Annexure |
| 4 | Date & Time of Availability of Bid documents in the Portal | :: | From 27.12.2024 at 11.00 AM to 07.01.2025 upto 6.00 PM |
| 5 | Last Date/Time for Receipt of Bids in the Portal | :: | 07.01.2025 upto 6.00 PM |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.
Sd./- Additional Chief Engineer
R.W.Division-I, Ganjam,
Berhampur
OIPR-25085/11/0010/2425

# ଫସଲ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

## ଲଗାଣ ବର୍ଷାରେ ଜନଜୀବନ ବ୍ୟାହତ

**ଆସିକା,୨୫।୧୨(ସୁରେନ୍ଦ୍ର ନାଥ ସାହୁ)**

ଆସିକା ଅଞ୍ଚଳରେ ମଙ୍ଗଳବାରଠାରୁ ଝିପିଝିପ ବର୍ଷା ଜାରି ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ବଜାର, ବସଷ୍ଟାଣ୍ଡ ଜନଶୂନ୍ୟ ରହିଛି। ସପ୍ତାହକ ମଧ୍ୟରେ ଦୁଇଥର ଏଭଳି ବର୍ଷା ଚାଷୀକୂଳ ପାଇଁ ଏକ ପ୍ରକାର ସଂକଟଜନକ ସ୍ଥିତି ପହଞ୍ଚାଇଛି। ଆସିକା ବ୍ଲକର ୭,୨୧୩ ହେକ୍ଟର ଖରିଫ ଧାନ ଫସଲ ଓ ୨୫୦ ହେକ୍ଟର ପନିପରିବା ରବି ଫସଲ କ୍ଷତି ହୋଇଛି। ଏଭଳି ସ୍ଥିତିରେ ବୁଧବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆସିକା ବ୍ଲକର ନଳବଣ୍ଟା, କାଳଷଣ୍ଡପୁର, ମୁକୁନ୍ଦପୁର, ବାବନପୁର ଆଦି ଅଞ୍ଚଳରେ ଚାଷ ଜମି ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଆସିକା ତହସିଲଦାର ସଙ୍ଗୀତା ସେନ ଏବଂ ତହସିଲର ରାଜସ୍ୱ କର୍ମଚାରୀ ସାମିଲ ଥିଲେ। ସେହିଭଳି ତହସିଲଦାର ସେନ, କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ ମହାପାତ୍ର, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ଉଦ୍ୟାନ ଅଧିକାରୀ ଗିତାଞ୍ଜଳି ସାହୁଙ୍କ ସମେତ ରାଜସ୍ୱ ଓ କୃଷି ବିଭାଗୀୟ କ୍ଷେତ୍ର କର୍ମଚାରୀ, ଗ୍ରାମ୍ୟ କୃଷି କର୍ମୀ ପ୍ରମୁଖ ରିଷିପୁର, ରାଇପଲ୍ଲୀ, ଗୁଣ୍ଡପଡା, ଖୁକୁଣ୍ଡିଆ, ବାଙ୍ଗରଡା, କେନ୍ଦୁପଦର ଆଦି ଅଞ୍ଚଳରେ ବୁଲି ଚାଷ ଜମିରେ ଫସଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇଦିନ ମଧ୍ୟରେ ଆସିକାରେ ୪୮ ମିମି ଓ ଉପରମୁଣ୍ଡ ଧରାକୋଟ ନିକଟସ୍ଥ ଜାନିବିଲି ଠାରେ ୪୫ ମିମି ବୃଷ୍ଟିପାତ ହୋଇଛି।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୧୯୭୬ ବ୍ୟାଚ୍ ସହପାଠୀଙ୍କ ବନ୍ଧୁ ମିଳନ

**ଖଣ୍ଡପଡ଼ା,୨୫।୧୨**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୭୬ ବ୍ୟାଚ ମାଟ୍ରିକ ସହପାଠୀଙ୍କ ବନ୍ଧୁ ମିଳନ ସ୍ଥାନୀୟ ମା'ଉମାଦେବୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମା'ଙ୍କ ପୀଠ ପରିସରରେ ପ୍ରଥମେ ପୂଜାର୍ଚ୍ଚନା ପରେ ସହପାଠୀମାନେ ବିଗତ ଦିନର ଅଭୁଲା ସ୍ମୃତିକୁ ମନେ ପକାଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ପରଲୋକ ଗତ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ସମବେତ ଭାବେ ସମସ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ୪୦ ଜଣ ସହପାଠୀ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସହପାଠୀ କାର୍ତ୍ତିକେଶ୍ୱର ମିଶ୍ର, ଗୋପବନ୍ଧୁ ମିଶ୍ର, ଜନ୍ମେଜୟ ନାୟକ, ଅଭୟ ନାୟକଙ୍କ ସହଯୋଗରେ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

**ODISHA STATE CO-OPERATIVE HANDICRAFTS CORPORATION LTD.**
D-2/3 & 4, Industrial Estate, Rasulgarh, Bhubaneswar-751010
Ph-0674-2975390, GSTN:- 21AAAAO0096K2ZQ
email- oschcutkalika@gmail.com, website- www.utkalikaodisha.com
Ref. No- 3947 Dt.23.12.24
**TENDER CALL NOTICE**
**BID IDENTIFICATION NO:-**
No. CAD-1991:- The MANAGING DIRECTOR (UTKALIKA) invites sealed tenders in single cover bids from the registered Agency/ contractors for **"fitting & fixing up electrical wiring & equipment"** at OSCHC Ltd., Shed No.D-2/3 & 4, Rasulgarh, Bhubaneswar. The bid documents such as DTCN/BOQ etc. can be seen/downloaded from the website: www.utkalikaodisha.com during the period from **Dt.24.12.2024 to 30.12.2024.**
The tender shall be submitted by interested parties to this office latest by **30.12.2024 at 3.00 P.M.** along with supporting documents like PAN, GST registration, Bank account details etc. & the tender shall be opened on the same day at **4.30 PM**. Any addendum /corrigendum/ cancellation of tender can also be seen in the said website.
The undersigned reserves the right to accept or reject any or all the tenders without assigning any reason thereof.
OIPR-31041/11/0036/2425 **Sd./- MANAGING DIRECTOR**

# ବଡ଼ଦିନ: କନ୍ଧମାଳ ଜିଲା ଉତ୍ସବମୁଖର



ଦାରିଙ୍ଗିବାଡିର ଏକ ଚର୍ଚ୍ଚରେ ବଡଦିନ ଅବସରରେ ବାଇବେଲ ପାଠ କରାଯାଉଛି। ରାଇକିଆରେ ମଧ୍ୟରାତ୍ରିରେ ଯୀଶୁଙ୍କ ଜନ୍ମଉତ୍ସବ ପାଳନ କରାଯାଉଛି।

**ଫୁଲବାଣୀ,୨୫।୧୨**
**(ରାକେଶ କୁମାର ରାଉତ)**

ଫୁଲବାଣୀ ଅଞ୍ଚଳରେ ବଡ଼ଦିନ ଆନନ୍ଦ ଉଲାସରେ ବୁଧବାର ପାଳିତ ହୋଇଯାଇଛି। ମଙ୍ଗଳବାର ରାତିରେ ଯୀଶୁଙ୍କ ଧରାବତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳୁ ପ୍ରାର୍ଥନା ସହିତ ଅନ୍ୟାନ୍ୟ ରିତିନିତି ପାଳନ କରାଯାଇଥିଲା। ତେବେ ଲଗାଣ ବର୍ଷା ଯୋଗୁ ଏହି ପର୍ବ କିଛି ମାତ୍ରାରେ ଫିକା ପଡ଼ିଯାଇଛି। ତଥାପି ଶ୍ରଦ୍ଧାଳୁ ମାନେ ଏହି ପର୍ବକୁ ପାଳନ କରିଛନ୍ତି। ନିଃଶ୍ୱାସ କଲେଜ, ସାଧନ, ମୂଳଗୁଦାରୀ, କଣ୍ଡିଆ ନାଳ, କ୍ଷେତାପାଜୁ, ଖଲିଗୁଡୁରି,ଅହିଂସା ଠାରେ ଏହି ପର୍ବ ଧୂମଧାମ ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯାଇଛି। ଚର୍ଚ୍ଚ ସମେତ ପ୍ରାର୍ଥନା ଗୃହରେ ବାଇବଲ ପଠନ ସହିତ ସାରା ବିଶର ଶାନ୍ତି ଓ ପ୍ରଗତି ପାଇଁ ପ୍ରାର୍ଥନା କରାଯାଇଛି। ଯୀଶୁଙ୍କ ଜନ୍ମ ଖୁସିରେ କେକ୍ କାଟି ବଣ୍ଟା ଯାଇଛି।

**ଦାରିଙ୍ଗବାଡ଼ି, ୨୫।୧୨ (ଅରୁଣ ସାହୁ):** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବଡ଼ଦିନ ପର୍ବ ପାଳନ କରାଯାଇଛି। ଏହି ପର୍ବ ପାଇଁ ଖ୍ରୀଷ୍ଟପ୍ରେମୀଙ୍କ ମଧ୍ୟରେ ଦେଖାଯାଇଛି ଖୁସି ଚାରିଆଡ଼େ କେବଳ ଶାନ୍ତି, ସଦଭାବନା ଓ ମୈତ୍ରୀର ବାର୍ତ୍ତା ଦିଆଯାଇଛି। ବିଭିନ୍ନ ଚର୍ଚ୍ଚ ସମେତ ପ୍ରାର୍ଥନା ଗୃହରେ ଚାଲିଛି ହୋମ, ଯଜ୍ଞ ଓ ବାଇବଲ ପଠନ। ଖାଲି ସେତିକି ନୁହେଁ କେତେକ ସ୍ଥାନରେ କେକ୍ କଟିଂ ସହ ପିଠାପଣାର ଆସର ଜମିଛି। ଲଘୁଚାପ ବର୍ଷାକୁ ଖାତିର ନକରି ପରିବାର ଲୋକଙ୍କ ସହ ପହଞ୍ଚିଯାଇଛନ୍ତି ଖ୍ରୀଷ୍ଟ ଶ୍ରଦ୍ଧାଳୁ। ସିମନବାଡ଼ି, ଦାରିଙ୍ଗବାଡ଼ି, ବ୍ରାହ୍ମଣୀଗାଁ, ତାଜୁଙ୍ଗିଆ, କାଟିଙ୍ଗିଆ, ଗଦାପୁର, ସରାମୁଳି, ହାତୀମୁଣ୍ଡା ଭଳି ସମସ୍ତ ପଞ୍ଚାୟତରେ ରହିଥିବା ଶତାଧିକ ଚର୍ଚ୍ଚ ଗୃହରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ସ୍ଥାନୀୟ ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଶରତ ଶବର, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ବିଭିନ୍ନ ଚର୍ଚ୍ଚ ବୁଲିଛନ୍ତି।

**ଜି.ଉଦୟଗିରି, (ଚିନ୍ମୟ କୁମାର ସେଠୀ):** ଜି.ଉଦୟଗିରି ଅଞ୍ଚଳର ସମସ୍ତ ଚର୍ଚ୍ଚରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ମୁଖ୍ୟତଃ ସ୍ଥାନୀୟ ସହରର ନୂଆସାହି ବାପଟିଷ୍ଟ ଚର୍ଚ୍ଚ, ମାଳିକାପଡ଼ି ବାପଟିଷ୍ଟ ଚର୍ଚ୍ଚ, କନବାଗିରି ବାପଟିଷ୍ଟ ଚର୍ଚ୍ଚ, ସିଏନଆଇ ଚର୍ଚ୍ଚ, କୁମ୍ଭାରକୁପା ଓ ସୁକାନାଣ୍ଡା କାଥଲିକ୍ ଚର୍ଚ୍ଚ, ଗ୍ରେସିଙ୍ଗିଆ, ତେଲିଙ୍ଗିଆ, କଳିଙ୍ଗାର ସମସ୍ତ ଚର୍ଚ୍ଚ, ପ୍ରାର୍ଥନା ଗୃହ ସବୁଠାରେ ଶହ ଶହ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମଧ୍ୟରେ ନୂତନ ବସ୍ତ୍ର ପରିଧାନ ସହ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ଏହି ମହାପର୍ବରେ ଖୁସିର ଉଦ୍ଦୀପନା ସହ ପ୍ରାର୍ଥନା, ଭକ୍ତି ସଙ୍ଗୀତ, ଯୁବପିଢ଼ିଙ୍କ ନାଚ ଗୀତ ସହ ମହାଆନନ୍ଦରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନକୁ ପାଳନ କରାଯାଇଛି। ଏଥିରେ ସ୍ଥାନୀୟ ଏସ୍‌ଡିପିଓ ବିଜୟ କୁମାର ବିଶିଙ୍କ ତତ୍ୱାବଧାନରେ ପୋଲିସ ଆଇଆଇସି ଭାଗବାନ ପୂଜାରୀଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ଚର୍ଚ୍ଚ ଗୁଡ଼ିକରେ ପୋଲିସ ଉପସ୍ଥିତ ଥିଲେ।

**ବାଲିଗୁଡା, (ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡ଼ା ଉପଖଣ୍ଡର ପ୍ରତ୍ୟେକ ବ୍ଲକ ଅଞ୍ଚଳର ଗାଁ ଗହଳିରେ ଥିବା କ୍ୟାଥଲିକ, ବାପିଷ୍ଟ, ସିଏନଆଇ ଚର୍ଚ୍ଚ ଓ ଉପାସନା ଗୃହରେ ଖ୍ରୀଷ୍ଟ ବିଶ୍ୱାସୀଙ୍କ ଭିତରେ ସମୂହ ପ୍ରାର୍ଥନା କରିବା ସହ ଏହି ପର୍ବ ବଡ଼ ଧୂମଧାମ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯାଇଛି। ଏହି ପର୍ବ ପାଇଁ ଖ୍ରୀଷ୍ଟପ୍ରେମୀଙ୍କ ମଧ୍ୟରେ ଦେଖାଯାଇଛି ଖୁସି। ଚାରିଆଡ଼େ କେବଳ ଶାନ୍ତି, ସଦ୍ଭାବନା ଓ ମୈତ୍ରୀର ବାର୍ତ୍ତା ଦିଆଯାଇଛି। ଲଘୁଚାପ ଜନିତ ବର୍ଷାକୁ ଖାତିର ନ କରି ପରିବାର ଲୋକଙ୍କ ସହ ପହଞ୍ଚି ଯାଇଛନ୍ତି ଖ୍ରୀଷ୍ଟ ଶ୍ରଦ୍ଧାଳୁ ଆଉ ସମସ୍ତେ ସାମିଲ ହୋଇ ନିଜ ପରିବାର ଓ ସମାଜରେ ଶାନ୍ତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି। ଜିଲାର ବାଲିଗୁଡା, କ.ନୂଆଗାଁ, ରାଇକିଆ, ଜି.ଉଦୟଗିରି, ଦାରିଙ୍ଗବାଡ଼ି, ତୁମୁଡିବନ୍ଧ ଓ କୋଟଗଡ ବ୍ଲକର ସମସ୍ତ ପଞ୍ଚାୟତରେ ରହିଥିବା ଶତାଧିକ ଚର୍ଚ୍ଚ ଗୃହରେ ମଙ୍ଗଳବାର ସନ୍ଧ୍ୟା ସମୟରୁ ହିଁ ଗିର୍ଜା ଓ ଉପାସନା ଗୃହ ରଙ୍ଗୀନ ଆଲୋକ ମାଳାରେ ଝଲସୁଛି ଏବଂ ଗୀତ ନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରକମ୍ପିତ ହେଉଛି। ଶାନ୍ତିର ପ୍ରତୀକ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାର୍ତ୍ତାକୁ ଯାଜକମାନେ ଶ୍ରଦ୍ଧାଳୁଙ୍କୁ ଶୁଣାଇଥିଲେ।

**ରାଇକିଆ,(ପ୍ରଦୀପ ବେହେରା):** ରାଇକିଆରେ ବୁଧବାର ଆନନ୍ଦ ଓ ଉତ୍ସାହର ସହ ବଡ ଦିନ ପାଳିତ ହୋଇଯାଇଛି। ଦିନ ତମାମ ଲଗାଣ ବର୍ଷା ସତ୍ତ୍ୱେ ବିଭିନ୍ନ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଭିଡ଼ ଜମିଥିଲା। ଏନେଇ ମଧ୍ୟରାତ୍ରରୁ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ରାଇକିଆ କାଥଲିକ ଚର୍ଚ୍ଚରେ ଏକ ସତନ୍ତ୍ର ଦିବ୍ୟଯଜ୍ଞର ଆୟୋଜନ ହୋଇଥିଲା। ମୁଖ୍ୟ ଧର୍ମଯାଜକ ପ୍ରଦୋଷ ନାୟକ, ଯାଜକ ମଦନ ସାଲ ସିଂ ଯୋଗ ଦେଇ ବାଇବଲ ପାଠ କରି ବଡଦିନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସହ ଯାଜକ ପୁରୁଷୋତ୍ତମ ନାୟକ, ଯାଜକ ଜେରମ ନାୟକ ସହଯୋଗ କରିଥିଲେ। ସେହିପରି ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ମଣ୍ଡଳୀ କର୍ମକର୍ତ୍ତାଙ୍କ ସହ ଯୁବ ଗୋଷ୍ଠୀ ଚର୍ଚ୍ଚ ସାଜସଜ୍ଜା ଓ ପରିଚାଳନାରେ ସହଯୋଗ କରିଥିଲେ।ଖଜୁରୀପଡା ଅଞ୍ଚଳରେ ଯୀଶୁଙ୍କ ଜନ୍ମଦିନ

**ଖଜୁରୀପଡ଼ା, (ବିଦୁର ବେହେରା) :** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ନିଃଶ୍ୱାସ କଲେଜ, ସାଧନା, ମୂଳ ଗୁଦାରୀ, କଣ୍ଡିଆନାଳ, କ୍ଷେତାପାଜୁ, ଖଲିଗୁଡୁରି ଓ ଅହିଂସାଠାରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ବଡଦିନ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି। ଖ୍ରୀଷ୍ଟପ୍ରେମୀମାନେ ଏନେଇ ଶାନ୍ତି, ସଦଭାବନା ଓ ମୈତ୍ରୀର ବାର୍ତ୍ତା ଦେଇଛନ୍ତି। ଚର୍ଚ୍ଚ ସମେତ ପ୍ରାର୍ଥନା ଗୃହରେ ବାଇବେଲ ପଠନ ଓ ବିଶ୍ୱରେ ଶାନ୍ତି ପ୍ରଗତି ପାଇଁ ପ୍ରାର୍ଥନା କରାଯାଇଛି। ଖଜୁରୀପଡ଼ା ଅଞ୍ଚଳରେ ଭାଇଚାରାଭାବ ନେଇ ସମସ୍ତେ ମିଳିମିଶି ବଡଦିନ ପାଳନ କରିଛନ୍ତି।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.O-1019
e-mail: serwsbd2003@yahoo.com
No.4732 **1st Corrigendum** Dt:20.12.24
In continuation to this office Bid Identification No- CCERWCSBD Online-16/2024-25 invited vide this office Notice No.4594, Dtd.07.12.2024, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 12.12.2024 at 11.00 AM to 26.12.2024 upto 5.00 PM | Extended upto 09.01.2025 5.00 PM |
| 2 | Date and Time of seeking tender clarification if any | 24.12.2024 upto 2.00 PM | 08.01.2025 upto 2.00 PM |
| 3 | Date & Time of opening of tender (Technical Bid) | 27.12.2024 at 11.00 AM | 10.01.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.
OIPR-25182/11/0024/2425 Sd./- Chief Construction Engineer, Rural Works Circle, Sunabeda

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At/Po-Ambapua, Near Income Tax Office, Berhampur-760011, Ganjam, Odisha)
No.O-974: (E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/15-2024-25/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 15-2024-25/BPR | Road Works under MMSY-CMRL | 06 Nos. | From Rs.139.83 Lakhs to Rs.656.25 Lakhs | "B" Class, "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/15-2024-25/BPR | 27.12.2024 at 10.00 A.M. | 10.01.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0026/2425 Sd./- Chief Construction Engineer, R.W.Circle, Berhampur

# ଜମି ଅଧିଗ୍ରହଣ ଅବଧି ୪ ମାସ ବଢ଼ିଲା

- ଡୁବୁରୀ-ଟାଟା ଷ୍ଟିଲ ୟାର୍ଡକୁ ନୂତନ ରେଳ ଲାଇନ୍ ପ୍ରସ୍ତାବ
- ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି

ଯାଜପୁର, ୨୫।୧୨ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାର ସୁକିନ୍ଦାଠାରୁ ଅନୁଗୋଳ ନୂତନ ରେଳପଥର ଡୁବୁରୀ ଷ୍ଟେଶନଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ ନିର୍ମାଣ ପ୍ରସ୍ତାବ ରହିଛି। ଏଥିପାଇଁ ୭ ଗ୍ରାମର ୧୩୫.୩୦୦ ଏକର ସରକାରୀ ଓ ବ୍ୟକ୍ତିଗତ ଜମି ଅଧିଗ୍ରହଣ ଆବଶ୍ୟକ ରହିଛି ବୋଲି ସୂଚନା ମିଳିଛି। ଏହି କ୍ରମରେ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ବିସ୍ଥାପନ ଅଧିନିୟମରେ ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାରର ଧାରା ୧୧(୧) ଅନୁଯାୟୀ ସୁକିନ୍ଦା ତହସିଲ ଅନ୍ତର୍ଗତ ଗୋବରଘାଟି ଗ୍ରାମରେ ୧୧.୪୦୦ ଏକର ଓ ଡୁବୁରୀ ଗ୍ରାମରେ ୪.୦୩୦ ଏକର ବ୍ୟକ୍ତିଗତ ଜମି ବର୍ଷକ ମଧ୍ୟରେ ଅଧିଗ୍ରହଣ ପାଇଁ ଯାଜପୁର ଜିଲାପାଳ ୧୮।୧୦।୨୦୨୩ରେ ବିଜ୍ଞପ୍ତି ଜାରି କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହୋଇପାରି ନାହିଁ। ତେଣୁ ବାଣିଜ୍ୟ ଏବଂ ପରିବହନ ବିଭାଗର ଅନୁରୋଧକୁ ଭିତ୍ତି କରି ଜମି ଅଧିଗ୍ରହଣ ଅବଧିକୁ ୪ ମାସ ପର୍ଯ୍ୟନ୍ତ ତଥା ୨୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସୁରଞ୍ଜନ ପ୍ରଧାନ ମଙ୍ଗଳବାର ବିଜ୍ଞପ୍ତି ଜାରି କରିଛନ୍ତି।

କଳିଙ୍ଗନଗର ଟାଟା ଷ୍ଟିଲର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିରେ ଅତିରିକ୍ତ ୨୩ ହଜାର ୫୦୦ କୋଟି ଟଙ୍କା ବିନିଯୋଗ କରି ବାର୍ଷିକ ୩ ନିୟୁତ ମେଟ୍ରିକ ଟନ୍‌ରୁ ୮ ନିୟୁତ ମେଟ୍ରିକ ଟନ୍ (ଏମ୍‌ଟିପିଏ) ପର୍ଯ୍ୟନ୍ତ ଷ୍ଟିଲ ଉତ୍ପାଦନ କରିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ଟାଟା ଷ୍ଟିଲକୁ ଇଡ୍‌କୋ ଜରିଆରେ ପୂର୍ବରୁ ୨୪୬୮.୫୦ ଏକର ବେସରକାରୀ ଏବଂ ୫୭୧.୮୯ ଏକର ସରକାରୀ ଜମି ଯୋଗାଇ ଦିଆଯାଇଛି। ତେବେ ଇତିମଧ୍ୟରେ ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ୍ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ବସିଛି। ଏହି କ୍ରମରେ ଟାଟା ଷ୍ଟିଲ କାରଖାନାର ନିକଟସ୍ଥ ନୂତନ ରେଳ ଷ୍ଟେଶନ ଡୁବୁରୀଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ସରକାରୀ ଭାବେ ଆରମ୍ଭ ହୋଇସାରିଛି। ତେବେ ପୂର୍ବରୁ ଇଡ୍‌କୋ ପକ୍ଷରୁ ହୋଇଥିବା ଜମି ଅଧିଗ୍ରହଣ ସମୟରେ ବ୍ୟାପକ ତ୍ରୁଟି ଏବଂ ପାତରଅନ୍ତର ଅଭିଯୋଗ କରି ତୁମୁଳକାଣ୍ଡ ଘଟିଥିଲା । ଶେଷରେ ତାହା ଗୁଳିକାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଯାହା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହି ଦୃଷ୍ଟିରୁ ଉପରୋକ୍ତ ପରିମାଣର ଜମି ଅଧିଗ୍ରହଣ ସହଜ ହେବା ନେଇ ଅଶଙ୍କା ପ୍ରକାଶ ପାଇଛି। ଇତିମଧ୍ୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି।




ଅନ୍ୟପକ୍ଷେ ଘୋଷଣାନାମାରେ ଚିହ୍ନଟ ହୋଇଥିବା ଜମି ପାଇଁ କେହି ବିସ୍ଥାପିତ ହେଉ ନାହାନ୍ତି ବୋଲି ସରକାରୀ ଭାବେ ପୂର୍ବରୁ ଦର୍ଶାଯାଇଛି। ଏହାବାଦ୍ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ବ୍ୟବସ୍ଥା ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ର ଅନ୍ତର୍ଗତ ଜଙ୍ଗଲ କିସମ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଭାରତ ସରକାରଙ୍କ ଅଧୀନ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମଞ୍ଜୁରୀ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀର ରିପୋର୍ଟ ଅନୁସାରେ ଯାଜପୁର ଜିଲାର ସୁକିନ୍ଦା ତହସିଲ ଅନ୍ତର୍ଗତ ସଂସାଇଲୋ ଗ୍ରାମର ୫୯.୫୯୦ ଏକର, ଓଳିଆ ଗ୍ରାମର ୮.୨୦୦ ଏକର, ଅଭୟପୁର ଗ୍ରାମର ୧୩.୮୯୦ ଏକର, ହାତିମୁଣ୍ଡା ଗ୍ରାମର ୩୬.୮୩୦ ଏକର, ଗୋବରଘାଟି ଗ୍ରାମର ୧୧.୪୦୦ ଏକର, ବାରଗାଡିଆ ଗ୍ରାମର ୧.୩୬୦ ଏକର ଏବଂ ଡୁବୁରୀ ଗ୍ରାମର ୪.୦୩୦ ଏକର ବ୍ୟକ୍ତିଗତ ଜମି ରହିଛି। ତେବେ ୬ ମାସ ପୂର୍ବରୁ ପ୍ରଶାସନ ପକ୍ଷରୁ ଏଥିପାଇଁ ଏକ ଜନଶୁଣାଣୀ ହୋଇଥିଲା। କ୍ଷତିଗ୍ରସ୍ତ ପରିବାର ପୂର୍ବରୁ ଟାଟା ଷ୍ଟିଲକୁ ଯେଉଁ ରେଳୱେ ଲାଇନ ରହିଛି ସେଥିରେ ପରିବହନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିପାଇଁ ଆହୁରି ଜମି ଦିଆଯିବ ନାହିଁ ବୋଲି ଶୁଣାଣୀରେ ରୋକ୍‌ଠୋକ୍ ମନା କରି ଦେଇଥିଲେ। ସେହିଦିନଠାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ବନ୍ଦ ରହିଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ମତାମତ ନେବାକୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲା । ହେଲେ ସେମାନେ ଫୋନ କଲ ଗ୍ରହଣ କରି ନ ଥିଲେ।

# ପାରାଦୀପରେ ୧୬ ଦିନ ହେଲା ବୋଟ୍, ୭୮ ମତ୍ସ୍ୟଜୀବୀ



ଅଟକ ରହିଥିବା ୭୮ ବାଂଲାଦେଶୀ ମତ୍ସ୍ୟଜୀବୀ ।

## ବାଂଲାଦେଶୀ ମାଛଧରା ବୋଟ୍ ଅଟକ ଘଟଣା

ପାରାଦୀପ, ୨୫।୧୨ (ଶରତ ରାଉତ)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଗତ ୯ ତାରିଖରେ ଭାରତୀୟ ସମୁଦ୍ର ସୀମା ମଧ୍ୟରେ ଫିସିଂ କରୁଥିବା ୨ଟି ବାଂଲାଦେଶ ମାଛଧରା ବୋଟ୍ ଧରି ପାରାଦୀପ ଆଣିଥିଲେ। ସେଥିରେ ୭୮ଜଣ ମତ୍ସ୍ୟଜୀବୀ ଅଛନ୍ତି। ଏହାମଧ୍ୟରେ ୧୬ଦିନ ବିତିଯାଇଥିଲେ ମଧ୍ୟ ୨ ମାଛଧରା ବୋଟ୍ କି ମତ୍ସ୍ୟଜୀବୀ ପାରାଦୀପ ଛାଡ଼ିନାହାନ୍ତି। ତାଙ୍କୁ କୋଷ୍ଟଗାର୍ଡ ଜଗି ରହିଛି। ଭାରତ ସରକାରଙ୍କ ପକ୍ଷରୁ କ୍ଲିୟରାନ୍ସ ମିଳି ନ ଥିବାରୁ ବୋଟ୍ ଛଡ଼ାଯାଇନାହିଁ ବୋଲି କୁହାଯାଇଛି। କିନ୍ତୁ କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସେମାନେ ସେମିତି ବୋଟ୍ ମଧ୍ୟରେ ରହିଛନ୍ତି। ବୋଟ୍ ମଧ୍ୟରେ ୧୬୦ଟନ୍ ମାଛ ମଧ୍ୟ ରହିଛି।

ସୂଚନାଯୋଗ୍ୟ, ଗତ ୯ ତାରିଖରେ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଅମୋଘ ୨ ବୋଟ୍‌କୁ ଠାବକରି ପାରାଦୀପ ଆଣିଥିଲା। ୧୦ ତାରିଖରେ ବାଂଲାଦେଶ ବୋଟ୍ ଜବତ ଘଟଣା ଉପରେ ସବିଶେଷ ସୂଚନା ଦେଇଥିଲେ। ୧୧ ତାରିଖରେ ୭୮ ବାଂଲାଦେଶୀଙ୍କୁ ଆଣି ପାରାଦୀପ ଆଦର୍ଶ ଥାନାରେ ଜିମା ଦିଆଯାଇଥିଲା। ପୋଲିସ କୋର୍ଟ ଚାଲାଣ କରିବା ପୂର୍ବରୁ ସରକାର ସେମାନଙ୍କୁ ଛାଡ଼ିବେ ବୋଲି ବାର୍ତ୍ତା ଆସିଥିଲା। ପୁଣି କୋଷ୍ଟଗାର୍ଡ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ନେଇ ବୋଟ୍ ମଧ୍ୟରେ ଛାଡ଼ିଥିଲେ। ସେତେବେଳେ କୁହାଗଲା ବାଂଲାଦେଶ ଆମର କେତେଜଣ ମତ୍ସ୍ୟଜୀବୀଙ୍କୁ ଛାଡ଼ିବେ ଏବଂ ଭାରତ ସରକାର ଏହି ୭୮ ଜଣଙ୍କୁ ଛାଡିବେ। ଏହା ମଧ୍ୟରେ ୧୬ ଦିନ ବିତିଯାଇଥିଲେ ହେଁ ସରକାରୀ କ୍ଲିୟରାନ୍ସ ମିଳିନାହିଁ। ଏବେ ଭାରତ ଓ ବାଂଲାଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ତିକ୍ତତା ମଧ୍ୟରେ ଥିବା ଜଣାଯାଏ। ସରକାର ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ରାଜନୈତିକ ଶରଣ ଦେବା ଯୋଗୁ ସେଠାରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଥିବା ଅଭିଯୋଗ ହେଉଛି। ଏମିତି ମଧ୍ୟରେ ବାଂଲାଦେଶ ବୋଟ୍ ମେଘନା ଓ ଲୈଲା ଅନିଶ୍ଚିତତା ମଧ୍ୟରେ ରହିଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦ୍ରାପଡ଼ା, ୨୫।୧୨ (ଜଗନ୍ନାଥ ଧଳ)

ଭୁଲ ଇଞ୍ଜେକଶନ ଯୋଗୁ ଜଣେ ନାବାଳକଙ୍କ ବୁଧବାର ମୃତ୍ୟୁ ହୋଇଥିବା କେନ୍ଦ୍ରାପଡ଼ା ଟାଉନ ଥାନାରେ ଅଭିଯୋଗ ହୋଇଛି। ମୃତ ନାବାଳକ ହେଉଛନ୍ତି ରାଜନଗର ଥାନା ଶୈଳେନ୍ଦ୍ରନଗର ଗ୍ରାମର ରାଜୁ ଜେନାଙ୍କ ୧୧ବର୍ଷର ପୁଅ । ପୁଅକୁ ଜ୍ୱର ହୋଇଥିବାରୁ ରାଜୁ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପୁଅର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ରାଜୁ ତାଙ୍କୁ କେନ୍ଦ୍ରାପଡ଼ା ସହରର ଏକ ଘରୋଇ ଡାକ୍ତରଙ୍କ ପାଖକୁ ନେଇଥିଲେ । ସଂପୃକ୍ତ ଡାକ୍ତର ପୁଅଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଏକ ଇଞ୍ଜେକଶନ ଲେଖିବା ସହ ନିକଟସ୍ଥ ଔଷଧ ଦୋକାନରୁ ଆଣିବାକୁ କହିଥିଲେ। ସେହି ଇଞ୍ଜେକଶନ ଦିଆଯିବାର କିଛି ସମୟ ପରେ ସମ୍ପୃକ୍ତ ନାବାଳକ ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ଏକଥା ଜାଣିପାରି ସଂପୃକ୍ତ ଡାକ୍ତର ରାଜୁଙ୍କୁ ପୁଅକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନାବାଳକଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତ, ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ସଂପୃକ୍ତ ଡାକ୍ତରଙ୍କୁ ପଚାରିବାରେ ସେ କହିଛନ୍ତି, ନାବାଳକଙ୍କ ନିମୋନିଆ ହୋଇଥିଲା। ଭୁଲ ଇଞ୍ଜେକଶନ ଦିଆଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ବର୍ଷା ଉଜାଡ଼ିଲା ଧାନ, ପରିବା ଫସଲ



ବରୀ, ୨୫।୧୨ (ମହେନ୍ଦ୍ର ସ୍ୱାଇଁ):

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବରୀ ବ୍ଲକ୍ ଅଞ୍ଚଳରେ ବ୍ୟାପକ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ବର୍ଷା ଲାଗି ରହିଥିବାରୁ କଟାଯାଇ ବିଲରେ ପଡ଼ିଥିବା ଧାନ ଓ ସମ୍ପୂର୍ଣ୍ଣ ପାଚି ଯାଇଥିବା ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଅଞ୍ଚଳର ଚାଷୀମାନେ ଧାନ ଓ ରବି ଫସଲ ଉପରେ ନିର୍ଭର କରୁଥିବାବେଳେ ଲଗାଣ ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେବା ଭଳି ଅବସ୍ଥା ସୃଷ୍ଟି ହୋଇଛି। ସେହିପରି ବିରି ଫସଲରେ ଫୁଲ ଆସୁଥିବାରୁ ବର୍ଷା ଓ ପାଗ କୋହଲା ଯୋଗୁ ବିରି ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଏତଦବ୍ୟତୀତ ଆଳୁ, ବାଇଗଣ, ଟମାଟୋ, ଝୁଡ଼ଙ୍ଗ, ପୋଟଳ, କଲରା ଆଦି ପନିପରିବା ଫସଲରେ ବର୍ଷା ପାଣି ଜମି ରହିଛି। ଏହା ମଧ୍ୟ ପଚିବାକୁ ବସିଲାଣି। ଅଞ୍ଚଳର ବାଇଁଶିରିଆ, ବୋଦୁଅ, ଭଅଁରା, କିମ୍ବିରିଆପାଳ, କଳାମାଟିଆ, ଅଙ୍ଗାଲୋ, ମଧୁସୂଦନପୁର, ସେରପୁର, ଧାରପୁର, ରତ୍ନଗିରି, ସ୍ୱାଇଁଖଣ୍ଡ, ବାଲିଆ, ସାହୁପଡା ଓ ବାଲିବିଲି ଆଦି ପଞ୍ଚାୟତର ଚାଷୀଙ୍କ ପରିବା ଫସଲ ନଷ୍ଟ ହୋଇଥିବାରୁ ସେମାନେ କ୍ଷତିପୂରଣ ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜୟ



@ ଅକ୍ଷୟ



@ ଦେବଦତ୍ତ



@ ଲକି



@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାଚିଲା ଧାନରେ ଆଣ୍ଠୁଏ ଉଚ୍ଚର ପାଣି



## ଭାସୁଛି କଟଡ଼ା, ଠିଆ ଧାନ ମାଟିରେ ଲୋଟିଲା

ରଘୁନାଥପୁର, ୨୫।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ଚାଷୀ ଦିନ କେଇଟା ପରେ ବର୍ଷକ ଆହାରକୁ ଅମଳ କରିଥାନ୍ତେ। ନିଜ ପାଇଁ ରଖି ବାକି ଧାନକୁ ମଣ୍ଡିରେ ଦେଇ ଗୁଜୁରାଣ ସହ ବାକି କରଜ ଶୁଝିଥାନ୍ତେ। ହେଲେ ଦଇବ ସହିଲା ନାହିଁ। କ୍ରମାଗତ ଭାବେ ଦୁଇ ଥର ଲଘୁଚାପଜନିତ ଲଗାଣ ବର୍ଷା ଚାଷୀଙ୍କ ମୁହଁରୁ ଆହାର ଛଡ଼ାଇନେଇଛି। ପାଚିଲା ଧାନ କ୍ଷେତରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଲହଡ଼ି ମାରୁଛି। କଟାହୋଇ ପଡ଼ିଥିବା ଧାନ କଟଡ଼ା ପାଣିରେ ଭାସୁଥିବାବେଳେ ଠିଆ ହୋଇ ରହିଥିବା ଧାନଗଛ ବର୍ଷାମାଡ଼ରେ ଓଜନ ହୋଇ ମାଟିରେ ପାରିହୋଇପଡ଼ି ପାଣିରେ ବୁଡ଼ି ରହିଛି। ରଘୁନାଥପୁର ବ୍ଲକ ଅଞ୍ଚଳରେ ବହୁ ହଜାର ହେକ୍ଟର ଜମିରେ ଥିବା ପାଚିଲା ଧାନ ଫସଲ ୮ ଦିନ ଧରି ପାଣିରେ ବୁଡ଼ି କ୍ଷତିଗ୍ରସ୍ତ ହୋଇଛି। ପ୍ରଥମ ବର୍ଷାରେ ଚାଷଜମିରୁ ପାଣି ନ ଶୁଖୁଣୁ ୨ଦିନ ଧରି ହେଉଥିବା ଲଗାଣ ବର୍ଷା ପାଚିଲା ଧାନକୁ ବିଶେଷ କ୍ଷତି ପହଞ୍ଚାଇଛି। ପ୍ରଥମ ବର୍ଷାରେ ପାଚିଲା ଧାନ ପାଣିରେ ବୁଡ଼ି ନାଳେଇଯାଇ ଗଜା ପରିସ୍ଥିତିକୁ ଆସୁଥିବା ବେଳେ ଚଳିତ ବର୍ଷା ଧାନ ଗଜା ହେବାକୁ ଅଧିକ ଖୋରାକ ଯୋଗାଇଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କହିଛନ୍ତି। ଅନ୍ୟପକ୍ଷେ ଧାନଗଛଗୁଡ଼ିକ ବର୍ଷାପାଣିରେ ପଚିଶଢ଼ି ନଡ଼ା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ଫଳରେ ଆଗାମୀ ଦିନରେ ଗୋରୁଙ୍କ ପାଇଁ ନଡ଼ା ବିଡ଼ାଏ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ଅନେକ ଚାଷୀ କହିଛନ୍ତି। ବର୍ଷା ଛାଡ଼ିଲା ପରେ ଯଦି ଢିପଜମିରୁ ଚାଷୀ ଧାନ କାଟେ ତା' ହେଲେ ୬୦ ପ୍ରତିଶତ ପାଚିଲା ଧାନ ବିଲରେ ନଷ୍ଟହେବା ସୁନିଶ୍ଚିତ ବୋଲି କୃଷିବିତ୍ କ୍ଷେତ୍ରମୋହନ ବେହେରା କହିଛନ୍ତି। ସେହିପରି ଏହି ବ୍ଲକ୍ ଅଞ୍ଚଳରେ ୭୫ ପ୍ରତିଶତ ଧାନଚାଷ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହେବ। ଏହାଛଡ଼ା ପନିପରିବା ଫସଲ ମୂଳରେ ପାଣି ଜମି ରହିଥିବାରୁ ସେଗୁଡ଼ିକ ନଷ୍ଟ ହେବାର ଆଶଙ୍କା ଉପୁଜିଛି ବୋଲି ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବା ବେଳେ ଚାଷୀ ବର୍ଷକ ଆହାର ପାଇଁ ରଖି କିଛି ଧାନମଣ୍ଡିରେ ଦେବାକୁ ଆଶା ରଖିଥିଲେ। ହେଲେ ସବୁ ଆଶା ପାଣିରେ ମିଳେଇଗଲା ବୋଲି ସଫଳ ଚାଷୀ ବିନୋଦ ବିହାରୀ ମହାନ୍ତି କହିଛନ୍ତି। ବର୍ଷା ଛାଡ଼ିବା ପରେ ତୁରନ୍ତ ଧାନ ଫସଲର କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ କୃଷକ ସଙ୍ଗଠନର ସଭାପତି ଗୋବିନ୍ଦ ଜେନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଭିତରକନିକାକୁ ଚାରିଆଡୁ ଘେରି ରହିଛି ବିପଦ

- ବିଶ୍ୱ ଐତିହ୍ୟ ତାଲିକାରୁ ବାଦ ସମ୍ପର୍କରେ ସମୀକ୍ଷା ନାହିଁ
- ପରିଚାଳନା ଅବ୍ୟବସ୍ଥା ଜଳଜଳ ହୋଇ ଦିଶୁଛି

କେନ୍ଦ୍ରାପଡ଼ା, ୨୫।୧୨ (ଜଗନ୍ନାଥ ଧଳ)

ପ୍ରକୃତିର ବିସ୍ମୟ ଭିତରକନିକା। ଏହାର ଜୈବ ବିବିଧତା, ସାମୁଦ୍ରିକ ଓ ବନ୍ୟପ୍ରାଣୀ, ଦେଶୀ ବିଦେଶୀ ପକ୍ଷୀ ସମ୍ପର୍କରେ ଦେଶ ବିଦେଶରେ ଅବଗତ। ଏହାକୁ ଜାତୀୟ ଉଦ୍ୟାନ ଓ ରାମସାର ସାଇଟ ପରି ଅନ୍ତର୍ଜାତୀୟ ମାନ୍ୟତା ମିଳିଛି। ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ପାଇଁ ବିଗତ ଦିନରେ ଉଦ୍ୟମ ହୋଇଥିଲେ ମଧ୍ୟ ୨୦୧୭ ଜୁଲାଇରେ ପୋଲାଣ୍ଡର କ୍ରାକ୍‌ଓଠାରେ ଇଣ୍ଟରନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ)ର ବୈଠକରେ ଖାରଜ ହୋଇଛି। ସେଠାରେ ଏ ନେଇ ହୋଇଥିବା ସମୀକ୍ଷାରେ ଭିତରକନିକା ଆଦ୍ରଭୂମି ପରିଚାଳନାଗତ ତ୍ରୁଟି ସହ ବିଭିନ୍ନ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଏଥିସହ ଦିଆଯାଇଥିବା ତଥ୍ୟାବଳୀ (ଡୋଜିଅର)ରେ ତଥ୍ୟ ଗୁଡ଼ିକରେ ବହୁ ଭୁଲ ରହିଥିଲା। ଭିତରକନିକା ପ୍ରତି ଚାରିଆଡୁ ବିପଦ ଥିବା ଦର୍ଶାଇବା ସହ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲକୁ ଅଗ୍ରାହ୍ୟ କରି ଦିଆଯାଇଛି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପ୍ରଦୀପ କୁମାର ତରାଇ ପ୍ରମୁଖ କହିଛନ୍ତି, ତଥ୍ୟାବଳୀରେ ଲୁଣା କୁମ୍ଭୀର, ୨ ପ୍ରକାର ବିରଳ ସମେତ ୬ ପ୍ରକାର ଡଲଫିନ, ୪୧ ପ୍ରଜାତିର ମାଛ, ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡିଶାଳ, ୩୬ ପ୍ରକାର ବିରଳ ବନ୍ୟଜନ୍ତୁ, ୨୮୦ ପ୍ରକାର ଦେଶୀ ବିଦେଶୀ ପକ୍ଷୀ, ୩୪ ପ୍ରକାର ସରୀସୃପ ଆଦି ସହ ହେନ୍ତାଳବଣ ସମ୍ପର୍କରେ ଉଲ୍ଲେଖ ରହିଛି। ଭିତରକନିକା ପାଇଁ ଭାରତୀୟ ଜାତୀୟ ବନ୍ୟଜୀବ ସଂରକ୍ଷଣ ଆଇନ ୧୯୭୨ ଲାଗୁ ହୋଇଛି। ଏହାସତ୍ତ୍ୱେ ଏହି ବନାଞ୍ଚଳ ମଧ୍ୟରେ ବ୍ୟକ୍ତିଗତ ଜମି, ସ୍ଥାନୀୟ ଲୋକଙ୍କ ଅବାଧ ପ୍ରବେଶ, ଚାଷ, ଗୋରୁ ମହିଷି ବୁଲିବା, ଚିଙ୍ଗୁଡ଼ି ଘେରି ଆଦି ରହିଥିବା ୨୦୧୬ ନଭେମ୍ବରରେ ଆସିଥିବା ବୈଷୟିକ ଟିମର ସଦସ୍ୟ ନାଆମୀ ଡୋକ ଓ ରେମକୋ ଭନ ମର୍ମ ଅନୁଧ୍ୟାନ କରିଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ତଟକ୍ଷୟ ଓ ଅବାଧ ଅନୁପ୍ରବେଶ ଏହାର ଜୈବ ବିବିଧତାକୁ ନଷ୍ଟ କରୁଛି। ଭିତରକନିକା ମଧ୍ୟରେ ୪୦୦ରୁ ଅଧିକ ଗ୍ରାମ, ଇକୋ ସେନସେଟିଭ ଜୋନ ଅଞ୍ଚଳକୁ ଚିହ୍ନଟ ଓ ଗାଇଡଲାଇନର କାର୍ଯ୍ୟକାରିତା, ଧାମରା ବନ୍ଦରର ଅବସ୍ଥିତି, ହ୍ୱିଲର ଦ୍ୱିପର ମିଜାଇଲ ଟେଷ୍ଟିଂ ଆଦି ଭିତରକନିକା ସୁରକ୍ଷା ଦିଗରେ ଅଭାବ ସୃଷ୍ଟି କରିଛି। ହେନ୍ତାଳବଣ ଓ ଅନ୍ୟ ପ୍ରାଣୀଙ୍କ ପାଇଁ ମଧୁର ଜଳ ଆବଶ୍ୟକ। ତେବେ ଏହାର ପରିମାଣ କ୍ରମଶ ହ୍ରାସ ପାଉଛି। ମତ୍ସ୍ୟଜୀବୀଙ୍କ ଲୋଲୁପ ଦୃଷ୍ଟି ସର୍ବଦା ଏହି ସଂରକ୍ଷିତ ସାମୁଦ୍ରିକ ଅଞ୍ଚଳରେ ରହିଥିବାବେଳେ କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ଓ ତଟକ୍ଷୟକୁ ରୋକିବା ଆଦିର ଅଭାବ ଅଛି। ବିଶେଷ କରି ଇକୋ ସେନସେଟିଭ ଜୋନର ଗାଇଡ ଲାଇନକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ରିପୋର୍ଟରେ କ୍ଷୋଭ ପ୍ରକାଶ କରାଯାଇଛି। ଏଥିସହ ଅନ୍ୟାନ୍ୟ କାରଣ ଦର୍ଶାଇ ବିଶ୍ୱ ଐତିହ୍ୟ ପାଇଁ ଭିତରକନିକା ଅଯୋଗ୍ୟ ବୋଲି ବୈଠକରେ ମତ ଦିଆଯାଇଛି। ଏ ନେଇ ସମୀକ୍ଷା କରାଯିବାକୁ ଦାବି ସହ ପରିବେଶବିତ ଓ ସାମାଜିକ କର୍ମୀମାନେ ସମସ୍ୟାର ସମାଧାନ କରନ୍ତୁ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ପାଇଁ ଥିବା ବାଧାଗୁଡ଼ିକର ସମୀକ୍ଷା କରାଯାଉଛି। ଏଥିରେ ତାଲିକାଭୁକ୍ତ ପାଇଁ ପ୍ରୟାସ ଆରମ୍ଭ ହୋଇଥିବା ସେ କହିଛନ୍ତି।



ଭିତରକନିକାରେ ପ୍ରାଚୀନ ପ୍ରଜାତିର ହେନ୍ତାଳ ବୃକ୍ଷ ।

# ନୟାଗଡ଼ ଡିଏଫ୍ଓଙ୍କ ବଢ଼ିଲା ଅଡୁଆ

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ଜଙ୍ଗଲ ୨ କିସମର ଜମିରେ କ୍ୱାଟର୍ସ ନିର୍ମାଣ କରିବା, ଗିରିଡିପଲ୍ଲିରେ ଚାରା ରୋପଣ ଓ ଜମି ଲେଵ୍ଲିଂ ନାଁରେ ଦୁର୍ନୀତି, ବିନା ଟେଣ୍ଡରରେ ସାପୁଆ ଜଙ୍ଗଲରୁ ୨୦ ହଜାରରୁ ଉର୍ଦ୍ଧ୍ୱ ବାଉଁଶ କାଟିବା ଘଟଣାକୁ ନେଇ ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ, ଖଣ୍ଡପଡା ବନାଞ୍ଚଳ ଅଧିକାରୀ, ବନପାଳ ସିଙ୍ଘାପଡାଙ୍କ ଅଡୁଆ ବଢ଼ିଛି। ଏନେଇ ହାଇକୋର୍ଟରେ ରିଟ୍ ପିଟିଶନ ୩୨୫୭୬/୨୦୨୪ରେ କରାଯାଇ ପରବର୍ତ୍ତୀ ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ଚିଫ୍ କଞ୍ଜରଭେଟର ଓଡିଶା, ଭିଜିଲାନ୍ସ ନିର୍ଦ୍ଦେଶକ ପୋଲିସ ବିଭାଗ, ନୟାଗଡ଼ ଜିଲାପାଳଙ୍କୁ ପକ୍ଷ ଭୁକ୍ତ କରାଯାଇ ମାମଲା ରୁଜୁ ହୋଇଛି। ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି। ଏନେଇ ଭାରତୀୟ ବିକାଶ ପରିଷଦର ଉପସଭାପତି କୁହନ୍ତି,



ଡିଏଫ୍ଓଙ୍କ ନୂଆ କ୍ୱାର୍ଟର୍ସ।



କଟାଯାଇଥିବା ବାଉଁଶ।

ନୟାଗଡ଼ ଜିଲା ସଦର ମହକୁମାରେ ଟେରିଟୋରିଆଲ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀ ଜଙ୍ଗଲ ୨ କିସିମର ଜମିରେ ୫୩ ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରି ଡିଏଫ୍ଓଙ୍କ କ୍ୱାଟର୍ସ ନିର୍ମାଣ କରିଛନ୍ତି। ଡିଏଫ୍ଓଙ୍କ ପୁରୁଣା କ୍ୱାଟର୍ସ ୨୦୨୨ରେ ୧୧ ଲକ୍ଷ ୭୮ ହଜାର ୫୪୫ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ରାସ୍ତା ଓ କୋଠାବାଡି ବିଭାଗ ସୁପରିଟେଣ୍ଡେଣ୍ଟ ୧୫।୯।୨୦୨୨ରେ ବିପଦସଙ୍କୁଳ ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଡିଏଫ୍ଓଙ୍କ ନୂଆ କ୍ୱାଟର୍ସକୁ ଟେଣ୍ଡର ନ କରି ବନବିଭାଗର କର୍ମଚାରୀ ମନୋଜ ପ୍ରଗାକରଙ୍କ ନାଁରେ ଡିପାର୍ଟମେଣ୍ଟାଲି କାମ କରାଯାଇଛି। ଏଥିରେ ଡିପାର୍ଟମେଣ୍ଟାଲ ଟେଣ୍ଡର ଆଇନ ଓ ରାଜ୍ୟ ସରକାରଙ୍କର ଓଡିଶା ଡେଭଲପମେଣ୍ଟ ଆକ୍ଟ ଉଲଘଂନ କରାଯାଇଛି। ସେହିଭଳି ଖଣ୍ଡପଡା ବନାଞ୍ଚଳ ସାପୁଆ ରିଜର୍ଭ ଫରେଷ୍ଟର ଗିରିଡିପଲ୍ଲିଠାରେ ଶହେ ହେକ୍ଟରରୁ ଉର୍ଦ୍ଧ୍ୱଜମିରେ ଅନେକ କୋଟି ଟଙ୍କା ଜମି ଲେଵ୍ଲ ଓ ବୃକ୍ଷ ରୋପଣ ନାଁରେ ଖର୍ଚ୍ଚ ହୋଇଛି। କାମ ନ କରି ମିଥ୍ୟା ଭାଉଚରରେ ସରକାରୀ ଅନୁଦାନକୁ ହଡପ କରାଯାଇଛି। ଗିରିଡିପଲ୍ଲୀର କେତେଜଣ ଜଣାଶୁଣା ଲୋକଙ୍କଠାରୁ ଟଙ୍କା ଆଦାୟ କରି ବେନିୟମ ଭାବେ ଜବରଦଖଲ କରାଇଛନ୍ତି। ଡିଏଫ୍ଓଙ୍କ ୩ବର୍ଷର ରହଣି ଭିତରେ ରିଜର୍ଭ ଜଙ୍ଗଲରୁ ଜମି ଜବରଦଖଲକାରୀଙ୍କୁ ଜାଣି ଶୁଣି ହଟା ଯାଇ ନାହିଁ। ଅପରପକ୍ଷେ ବିନା ଟେଣ୍ଡରରେ କମ୍ପାର୍ଟମେଣ୍ଟ ୭ରୁ କଞ୍ଚା ବାଉଁଶ କଟା ଯାଇଛି। କଞ୍ଚା ବାଉଁଶ କାଟିବାକୁ ସରକାରୀ ନିର୍ଦ୍ଦେଶନାମା ନ ଥିବାବେଳେ ସାପୁଆ ସଂରକ୍ଷିତ ଜଙ୍ଗଲରୁ ୨୦ ହଜାରରୁ ଉର୍ଦ୍ଧ୍ୱ ବାଉଁଶ କଟାଯାଇଛି। ଏଭଳିଆ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ କର୍ମଚାରଙ୍କ ବିରୋଧରେ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟରେ ପ୍ରାର୍ଥନା କରାଯାଇଛି। ଭାରତୀୟ ବିକାଶ ପରିଷଦ ତରଫରୁ ମୁଁ ଓ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଛୁ ବୋଲି କହିଛନ୍ତି।

- ହାଇକୋର୍ଟରେ ରୁଜୁ ହେଲା ରିଟ୍ ପିଟିଶନ
- ଜଙ୍ଗଲ ୨ କିସମର ଜମିରେ ହୋଇଛି ଡିଏଫ୍ଓଙ୍କ ନୂଆ କ୍ୱାର୍ଟର୍ସ
- ଗିରିଡିପଲ୍ଲୀରେ ଚାରା ରୋପଣ ଓ ଜମି ଲେଵ୍ଲିଂ ନାଁରେ ଦୁର୍ନୀତି
- ବିନା ଟେଣ୍ଡରରେ କଟାଯାଇଛି ୨୦ ହଜାରରୁ ଉର୍ଦ୍ଧ୍ୱ ବାଉଁଶ

# ଦର୍ଶକ ନ ଥାଇ ସାଂସ୍କୃତିକ ଆସର

**ନୟାଗଡ଼ ମହୋତ୍ସବର ୨ୟ ସନ୍ଧ୍ୟା**

- **ପାଣିରେ ପଡିଲା ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା**

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ଅଦିନିଆ ବର୍ଷା ଲାଗି ରହିଥିବାବେଳେ ବୁଧବାର ନୟାଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି ନୟାଗଡ଼ ଜିଲା ମହୋତ୍ସବ, ପଲ୍ଲୀଶ୍ରୀ ମେଳା, କୃଷି ଓ ପୁସ୍ତକ ମେଳାର ୨ୟ ସନ୍ଧ୍ୟା । ଦର୍ଶକ ଗ୍ୟାଲେରୀ ଖାଲି ପଡିଥିବାବେଳେ ଷ୍ଟଲ ବି ଖୋଲୁନି । କାଁ ଭାଁ କିଛି ଷ୍ଟଲକୁ



ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ନୟାଗଡ଼ ମହୋତ୍ସବର ୨ୟ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଛାଡିଦେଲେ ଅଧିକାଂଶ ଷ୍ଟଲରେ ବର୍ଷା ପାଣି ପଶି ଯିବା ଓ ଗ୍ରାହକ ନ ଥିବାରୁ ବନ୍ଦ ରହିଛି । ବର୍ଷାର ଆସର ସମୟରେ ନୟାଗଡ଼ ୟୁନିଟେକ୍ କଲେଜ ପକ୍ଷରୁ ନୟାଗଡ଼ ବନ୍ଦନା ଓ ଓଡ଼ିଆ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କ ସାଥିଙ୍କ ପକ୍ଷରୁ ମେଲୋଡି କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ କାର୍ଯ୍ୟକ୍ରମରେ ସରସ୍ୱତୀ ଡ୍ୟାନ୍ସ ଗ୍ରୁପ ଓଡଗାଁ ପକ୍ଷରୁ ଶ୍ରୀ ବଜରଙ୍ଗୀବାଲି ପାଲା, ଅଦିତୀ ଡ୍ୟାନ୍ସ ଏକାଡେମୀ ନୟାଗଡ ପକ୍ଷରୁ ଭାରତଲୀଳା, ନୟାଗଡ଼ ଡେଭିଡ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଦାସକାଠିଆ ଓ ଅସ୍ଥା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପାଲା ଅନୁଷ୍ଠିତ ହୋଇ ଯାଇଛି । ବୁଧବାରର ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସହରବାସୀ କି ଆଖପାଖ ଗାଁର ଲୋକ ସାଂସ୍କୃତିକ ଆସରର ମଜା ନେଇ ପାରି ନାହାନ୍ତି । ମହୋତ୍ସବ ଦେଖିବାକୁ ଆଗ୍ରହ ଥିଲେ ବି ବର୍ଷା ବାଧକ ସାଜିଛି । ସେପଟେ ଚାଷୀ ପରିବାର ମହୋତ୍ସବକୁ ପୁରା ଭୁଲି ଯାଇଛି । ବିଲରୁ କିପରି ଧାନ ଫସଲକୁ ରକ୍ଷା କରିବ ସେ ଦିଗରେ ଚାଷୀ ଲାଗି ପଡିଛି । ଏଭଳିସ୍ଥଳେ ମହୋତ୍ସବ ଘୁଂଚାଇବା ପାଇଁ ଦାବି ଉଠିଥିବାବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଚାଲୁ ରଖିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ସେପଟେ ଷ୍ଟାଡିୟମ ଭିତରେ ପାଣି ଜମି କାଦୁଅ ପଚ ପଚ ହୋଇ ପରିବେଶ କର୍ଦ୍ଦମାକ୍ତ ହୋଇ ପଡିଛି । ମହୋତ୍ସବ ମଣ୍ଡପ ପାଖରେ ପଡିଥିବା ଅଧିକାଂଶ ଚୌକି ଗୁଡିକ କାଦୁଅ ଯୋଗୁ ତଳକୁ ଦବି ଯାଇଛି । ସେହିଭଳି ମୁଖ୍ୟ ଅତିଥି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଅନୁପସ୍ଥିତ ଥିଲେ । ଅତିଥି ରୂପେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟନାୟକ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ରଣପୁର ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜା ଲକ୍ଷ୍ମୀ ସାହୁ, ସଂଯୁକ୍ତା ପଢ଼ିହାରୀ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସଭାପତିତ୍ୱ କରିଥିଲେ ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ଡ଼ିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ନିକଟସ୍ଥ ନାରାୟଣୀ ମନ୍ଦିରରୁ ପାରମ୍ପରିକ ରୀତିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରୀଡ଼ାଜ୍ୟୋତି ଅଣାଯାଇ ସ୍ଥାପନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଉମର ମଲିକ ଯୋଗଦାନ କରି କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ରାଜୀବ କୁମାର ନାୟକ ଓ ବିଭିନ୍ନ ବିଦ୍ୟାଳୟର ଅତିଥୁ ଖେଳ ଶିକ୍ଷକଙ୍କ ସହଯୋଗରେ ସମସ୍ତ ପ୍ରତିଯୋଗିତା ସୁଚାରୁ ରୂପେ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ବିଜୟିନୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଅଜଣା ବୃଦ୍ଧ ଡାକ୍ତରଖାନାରେ ଭର୍ତ୍ତି

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ଜଣେ ୭୦ବର୍ଷର ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୃଦ୍ଧ ଜଣକ ଧୀରେ ଧୀରେ ନିଜ ଘର ମଙ୍ଗଳପୁର ଓ ନାମ ସୁଦର୍ଶନ ପାଣିଗ୍ରାହୀ ବୋଲି କହିଛନ୍ତି। ହେଲେ କେଉଁ ମଙ୍ଗଳପୁର କହି ପାରୁ ନାହାନ୍ତି। ସେ କିପରି ନୟାଗଡ଼ ଆସିଲେ କହି ପାରୁନାହାନ୍ତି। ଉମାଶଙ୍କର ମହାପାତ୍ର ନାମକ ଜଣେ ସିକ୍ୟୁରିଟି ଗାର୍ଡ ତାଙ୍କର ସେବା କରୁଛନ୍ତି। ଗତ ୩ ଦିନ ହେବ ସେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜୟ



@ ଅକ୍ଷୟ



@ ଦେବଦତ୍ତ



@ ଲକି



@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ଭାପୁର ବ୍ଲକ ଫତେଗଡ ଥାନା ବାଦିଲୋ ଗାଁରେ ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା ଦେଖା ଦେଇଛି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି। ବାଦିଲୋ ଗାଁର ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ଜବରଦଖଲ କରି ପ୍ରାଚୀର କରି ଦେଇଥିଲେ। ଏଭଳିସ୍ଥଳେ ଯାତାୟତ ବନ୍ଦ ହୋଇ ଯାଇଥିବାବେଳେ ବର୍ଷା ଜଳ ନିଷ୍କାସନ ବନ୍ଦ ହୋଇ ଯାଇଥିଲା। ବେଆଇନ ଜବରଦଖଲକୁ ଗାଁ ଲୋକ ବିରୋଧ କରିଥିବାବେଳେ ଜବରଦଖଲକାରୀ ଶୁଣି ନ ଥିଲେ। ଏପରି କି ଜବରଦଖଲ ଉଚ୍ଛେଦ ପାଇଁ ଗାଁ ସଭାର ନିଷ୍ପତ୍ତିକୁ ଜବରଦଖଲକାରୀ ମାନି ନ ଥିଲେ। ଗାଁଲୋକ ପ୍ରଶସନକୁ ଜଣାଇବା ପରେ ତହସିଲ ପକ୍ଷରୁ ମାପଚୁପ କରାଯାଇଥିଲା। ଏପରି କି ୧୫ ଦିନ ଭିତରେ ଜବରଦଖଲ ହଟାଇବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପ୍ରାୟ ୬ଜଣ ଜବରଦଖଲରୁ ହଟି ଯାଇଥିବାବେଳେ ଜଣେ ଶୁଣି ନ ଥିଲେ। ଗାଁଲୋକ ଜବରଦଖଲ ଉଚ୍ଛେଦ କରିବା ପରେ ଜବରଦଖଲକାରୀ ପୋଲିସକୁ ଅଭିଯୋଗ କରିବାରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## 'ଏଥୁ ଅନନ୍ତରେ' ଉପନ୍ୟାସର ପାଠକୀୟ ଚର୍ଚ୍ଚା

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ନୟାଗଡ଼ ପଞ୍ଚାୟତ ସମିତି ସଭା କକ୍ଷରେ ବିଶନାଥ ମହାପାତ୍ରଙ୍କ ସଦ୍ୟ ପ୍ରକାଶିତ ଉପନ୍ୟାସ 'ଏଥୁ ଅନନ୍ତରେ' ର ପାଠକୀୟ ଚର୍ଚ୍ଚା ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପୁସ୍ତକର ସମୀକ୍ଷକ ଭାବେ ସାହିତ୍ୟିକ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଉପନ୍ୟାସର ବିବିଧ ଦିଗ ଉପରେ ଆଲୋକପାତ କରି ଏହାକୁ ଏକ ସଫଳ ଯୁଗାନ୍ତକାରୀ ସୃଷ୍ଟି ବୋଲି କହିଥିଲେ । ସ୍ଥାନ,କାଳ ଓ ପାତ୍ରର ଚୟନ, ଉପସ୍ଥାପନ ଓ ଗତିଶୀଳତାକୁ ମହାପାତ୍ର ଏଭଳି ପ୍ରୟୋଗ କରିଛନ୍ତି, ଯାହା ଯେ କୌଣସି ଓଡ଼ିଆ ପ୍ରତିଷ୍ଠିତ ଲେଖକଙ୍କଠାରୁ କୌଣସି ଗୁଣରେ କମ ନୁହେଁ । ହଜିଯାଉଥିବା ଓଡ଼ିଆ ଶବ୍ଦମାନଙ୍କୁ ଖୋଜିଆଣି ପ୍ରୟୋଗ କରାଯାଇଛି ବୋଲି ଅରୁଣ କହିଥିଲେ।

ଏହି ଅବସରରେ ରଞ୍ଜୁବାଳା ପ୍ରକାଶନୀ ପକ୍ଷରୁ ନାଟ୍ୟପୁରୁଷ ତଥା ଗବେଷକ ବିଜୟ କୁମାର ଚୌଧୁରୀଙ୍କୁ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଲେଖକଙ୍କ ସାଥୀ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ପ୍ରଥମେ ପୁସ୍ତକଟି ଅର୍ପଣ କରାଯାଇଥିଲା। ପୁସ୍ତକର ପ୍ରକାଶକ ଶରତ ଚନ୍ଦ୍ର ବେହେରା ସାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ କଲେଜର ପୂର୍ବତନ ଅଧକ୍ଷ ସୁରେଶ କୁମାର ପ୍ରଧାନ, କବି ଗୋଦାବରୀଶ ମିଶ୍ର, ଶିକ୍ଷାବିତ୍ ଗୋଦାବରୀ ବସନ୍ତିଆ, ନାଟ୍ୟକାର ଗଦାଧର ନନ୍ଦ, କବି ଶୀତୁ ପ୍ରକାଶ, ଗାୟକ ମନୋଜ କୁମାର ମିଶ୍ର, କବି ନିଳୀମା ନନ୍ଦ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ମହାପାତ୍ର, ଅଧାପକ ଆଶୁତୋଷ ମିଶ୍ର ପ୍ରମୁଖ ଉପନ୍ୟାସ ଉପରେ ପାଠକୀୟ ମତ ପ୍ରକାଶ କରି ଆଲୋଚନା ସଭାକୁ ରୁଦ୍ଧିମନ୍ତ କରିଥିଲେ । ଲେଖକ ବିଶ୍ୱନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ପାଠକୀୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

# ବିଲରେ ପାଚିଲା ଧାନ ଗଛ ହେଲାଣି

**ନୟାଗଡ଼,୨୫।୧୨(ଲୋକନାଥ ମିଶ୍ର)**

ଅଦିନିଆ ବର୍ଷା ଯୋଗୁ ଚାଷୀର ଅମଳ ଧାନ ଗଜା ହେବା ଆରମ୍ଭ କରିଛି। ଚାଷୀ ବିଲରେ ଯେଉଁ ଧାନ ଗଦା ମାରିଥିଲା ସେଥିରେ ଗଛ ହୋଇଥିବାବେଳେ ପାଣିରେ ପଡିଥିବା ଧାନରୁ ବି ଗଜା ବାହାରିଲାଣି। ସେହିଭଳ କଟା ହୋଇ ପଡିଥିବା ଧାନ ବି ଗଜା ହେଲାଣି। ସବୁଠାରେ ସମାନ ପରିସ୍ଥିତି ଦେଖା ଦେଇଛି। ଆଖି ଆଗରେ ଅମଳ ହେବାକୁ ଯାଉଥିବା ଧାନ ଉଚ୍ଛୁଡିବା ଦେଖି ଚାଷିର ନିଦ ହଜିବା ଆରମ୍ଭ ହୋଇଛି। ଏନେଇ କୃଷକ ନେତା ବାଲୁଗାଁର ରଣଜିତ ଦଳବେହେରା କୁହନ୍ତି, ପୂର୍ବରୁ ଧାନ ଖଳା ବାରିକୁ ଯାଉଥିଲା। ଯନ୍ତ୍ରରେ ଚାଷ, ଅମଳ ପରେ ଆଉ ଖଳା ବାରିକୁ ଧାନ ଯାଉନି। ପୁଣି ଆଗଭଳି ଆଉ ଖଳାବାରି ନାହିଁ। ଧାନ କଟା ହେବା ପରେ ବିଲରେ ଗଦା ମରାଯାଉଛି। ପରେ ସମୟ ଦେଖି ଯନ୍ତ୍ରରେ ଧାନ ଅମଳ କରାଯାଉଛି। ଚଳିତ ବର୍ଷ କେତେଜଣ ଚାଷୀ ଧାନ ଅମଳ କରି ଘରକୁ ନେଇ ଯାଇଛନ୍ତି। ଅନ୍ୟପକ୍ଷେ ଅନ୍ୟ ଚାଷୀ ଧାନ କାଟି ଜମିରେ ପକାଇଛନ୍ତି। ଆଉ କେତେଜଣ ଚାଷୀ ଧାନ ଏଯାବତ କାଟି ନାହାନ୍ତି। ଚାଷୀ ବିଲରେ ଧାନ ଗଦା ମାରି ରଖିଛନ୍ତି। ବର୍ଷା ଯୋଗୁ ଧାନ ଅମଳ କରି ପାରି ନାହାନ୍ତି। ଅଦିନିଆ ବର୍ଷା ଲାଗି ରହିବାରୁ ଚାଷୀର ମୁଣ୍ଡବ୍ୟଥା ବଢ଼ିଛି। କିଛି ଚାଷୀ ବର୍ଷାରେ ବି ଧାନକୁ ସଂଗ୍ରହ କରିବାରେ ଲାଗି ପଡିଛନ୍ତି। ତେବେ ଚାଷୀର ଚିନ୍ତା ଧାନ ଫସଲରେ ଖର୍ଚ୍ଚ ଟଙ୍କା ମିଳିବ ନାହିଁ। ଋଣ ପରିଶୋଧ କିପରି କରିବ। ସରକାର କହୁଛନ୍ତି ଧାନର ମାନ ଖରାପ ଥିଲେ ସରକାର କିଣିବେ। ତେବେ ପାଣିରୁ ଛାଣି ଆଣିବା ପରେ ଧାନର ମାନ କଣ ରହିବ କିପରି ଜଣାପଡିବ। ସେହିପରି ଧାନ ଅମଳ ହୋଇ ଘରକୁ ଆସୁଛି କି ସବୁ ଗଛ ହୋଇ ନଷ୍ଟ ହେଉଛି କହି ହେବ ନାହିଁ। ସରକାରଙ୍କ ତଦନ୍ତ ରିପୋର୍ଟ ଚାଷୀ ସପକ୍ଷରେ ଯାଉଛି ନାଁ ବିପକ୍ଷରେ ଯାଉଛି ତାହା ଆଗୁଆ କହିବା ମୁସ୍କିଲ ବୋଲି କହିଛନ୍ତି।



ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତି, ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିଲା। ଚାଷୀ ଖୁସି ଥିଲା। ତେବେ ଅଦିନିଆ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହେବା ଆରମ୍ଭ କରିଛି। ମୋ ଜାଣିବାରେ ଚାଷୀ ବର୍ଷା ମୁହଁରୁ ଧାନ ଫସଲ ଛଡାଇ ଆଣିବାକୁ ଉଦ୍ୟମ ଜାରି ରଖିଛି। କଂଗ୍ରେସ ନେତା ରଣଜିତ ଦାଶ କୁହନ୍ତି, ଚାଷୀଙ୍କର ବର୍ଷ ଯାକର ଫସଲ ନଷ୍ଟ ହୋଇଛି। ସରକାରଙ୍କର ଇନପୁଟ ସହାୟତା ଘୋଷଣା ଶୁଣି ଚାଷୀ ଖୁସି ଥିଲା। ଏଣୁ ତୁରନ୍ତ ଆକଳନ କରି ଯୁଦ୍ଧକାଳୀନ ଭିତ୍ତିରେ ଏକର ପିଛା ୪୦ ହଜାର ହିସାବରେ ଆର୍ଥିକ କ୍ଷତିପୂରଣ

**ଚାଷୀର ନିଦ ହଜିଲା, ସବୁଠି ସମାନ ସ୍ଥିତି**

ଦିଆଯାଉ। ଖରିଫ କୃଷିଋଣକୁ ଛାଡ କରାଯାଉ। କ୍ଷୟକ୍ଷତି ଆକଳନ ପାଇଁ କଂଗ୍ରେସ ଦଳ ଏକ ଟାସ୍କଫୋର୍ସ କମିଟି ଗଠନ କରିବ। ଚାଷୀଙ୍କ ସହ ଆଲୋଚନା ପାଇଁ ଗ୍ରାଉଣ୍ଡ ଜିରୋ ରିପୋର୍ଟ ସଂଗ୍ରହ କରିବୁ। ଗ୍ରାଉଣ୍ଡ ଜିରୋର କ୍ଷତିପୂରଣର ରିପୋର୍ଟକୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବୁ। ଚାଷୀ ଯଦି କ୍ଷତିପୂରଣ ନ ପାଏ ତେବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି। ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଚାଷୀର ମହାବିପତ୍ତି ସମୟରେ କ୍ଷୟକ୍ଷତିକୁ ସରକାର ଭରଣା କରିବା ଦରକାର। ନୟାଗଡ଼ ଜିଲାରେ ଚାଷୀ ଧାନ ଅମଳ କରି ଘରକୁ ଆଣି ପାରିଲାନି। ଚାଷୀକୁ ଅଣଦେଖା କଲେ ସବୁଆଡେ ଅଶାନ୍ତକର ପରିବେଶ ସୃଷ୍ଟି ହେବ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଦରକାର। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କୁହନ୍ତି, ଚାଷୀ କ୍ଷତିର ସମ୍ମୁଖୀନ ହେବା ସତ୍ୟ। ସରକାର ଚାଷୀର ଦୁଃଖ ବୁଝି ନିଶ୍ଚିତ ସହଯୋଗର ହାତ ବଢ଼ାଇବେ। ଚାଷୀ ପାଣିରୁ ଧାନ ଛାଣୁଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ।

# ଚେକିଂ ବେଳେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ୍

ଭୁବନେଶ୍ୱର/ବାରଙ୍ଗ,୨୫।୧୨
(ସତ୍ୟଜିତ୍ ରାଉତ/ ଲିଙ୍ଗରାଜ ରାଉତ)

ଚୋରା ବନ୍ଧୁକ ଦ୍ୱାରା ଘଟାଇଥାନ୍ତେ ବଡ଼ ଅପରାଧ। ଏହାପୂର୍ବରୁ କମିଶନରେଟ୍ ପୋଲିସ ପଞ୍ଝାରେ ଧରାପଡ଼ିଲେ ବନ୍ଧୁକଧାରୀ ଗ୍ୟାଙ୍ଗ। କଟକ-ଖୋର୍ଦ୍ଧା ରୋଡ ମହାବୀର କଲେଜ ନିକଟରେ ଚନ୍ଦକା ଥାନା ପୋଲିସ ଦ୍ୱାରା ମଙ୍ଗଳବାର ବିଳମ୍ବିତ ରାତିରେ ନାକା ଚେକିଂ ବେଳେ ୫ଜଣିଆ ଗ୍ୟାଙ୍ଗ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନଙ୍କ କାର୍ ଅଟକାଇ ଚେକିଂ କରିବା ପରେ ସେଥିରୁ ବନ୍ଧୁକ ଏବଂ ଗୁଳି ଆଦି ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ସଦର ଥାନା ଅଞ୍ଚଳର ଭବାନୀ ପ୍ରସାଦ ମହାନ୍ତି (୩୨), ଖୋର୍ଦ୍ଧା ମସଜିଦ୍ କଲୋନୀ ଅଞ୍ଚଳର ସେକ୍ ରହେମତ୍ ଅଲ୍ଲୀ ଓରଫ ଅନିଲ (୨୮), ଜଟଣୀ ଅଞ୍ଚଳର ଏମ୍‌ଡି ଜାକିର୍ (୨୬), ବାଦାମବାଡି ଖାନନଗର ଅଞ୍ଚଳର ଦୀପକ କୁମାର ସାହୁ (୩୬) ଓ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଅଞ୍ଚଳର ଚନ୍ଦନ ଓରଫ ସଂଗ୍ରାମ ପ୍ରଧାନ (୨୯)। ସେମାନଙ୍କ ନିକଟରୁ ଗୋଟିଏ କାର୍ (ଓଡି୦୮-ଆର୍-୦୧୨୩), ୫ଟି ବନ୍ଧୁକ (୩ ମାଉଜର୍, ୨ ରିଭଲଭର୍), ୧୫ଟି ଗୁଳି, ୭ଟି ମୋବାଇଲ ଓ ୮୪ ହଜାର ଟଙ୍କା ଜବତ ହୋଇଛି। ଏନେଇ ଚନ୍ଦକା ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୨୬(୨), ୧୨୧(୧), ୧୦୯, ୨୯୬, ୩୫୧(୧),୩(୫) ଓ ଆର୍ମ୍ସ ଆକ୍ଟର ବିଭିନ୍ନ ଦଫାରେ ମାମଲା (ନଂ.୪୧୭/୨୦୨୪) ରୁଜୁ କରାଯାଇ ତଦନ୍ତ ହେଉଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଭବାନୀଙ୍କ ନାଁରେ ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବାବେଳେ, ଅନିଲଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ୨ଟି ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଚନ୍ଦନଙ୍କ ନାଁରେ ଖୋର୍ଦ୍ଧା ଟାଉନ ଥାନାରେ ହତ୍ୟା ମାମଲା ସମେତ ୬ଟି ମାମଲା ରହିଛି। ଅନ୍ୟ ଅଭିଯୁକ୍ତଙ୍କ ନାଁରେ ମାମଲା ରହିଥିବାବେଳେ ସେନେଇ ପୋଲିସ ଯାଞ୍ଚ କରୁଛି।



ଗିରଫ ଅଭିଯୁକ୍ତ।



ଜବତ ସାମଗ୍ରୀ

## ୩ ମାଉଜର, ୨ ରିଭଲଭର, ୧୫ ଗୁଳି ଜବତ

ଅଭିଯୁକ୍ତମାନେ ଦୀର୍ଘବର୍ଷ ହେଲା ବନ୍ଧୁକ ଚୋରାଚାଲାଣ କରିବା ସହ ବିଭିନ୍ନ ଅପରାଧ ଘଟାଉଥିଲେ। ଲୁଟ୍, ଡକାୟତି, ଖଣିଜ ପଦାର୍ଥ ଚୋରା ଚାଲାଣ, ଗୋଚାଲାଣ ଆଦିରେ ସମ୍ପୃକ୍ତ ରହୁଥିଲେ। ଭୁବନେଶ୍ୱର ପାଖାପାଖି ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ପୁରୀ ଆଦି ସ୍ଥାନରେ ଅଭିଯୁକ୍ତମାନଙ୍କ ନେଟୱର୍କ ରହିଥିବାବେଳେ ସେମାନେ ଏକାଧିକ ଥର ଜେଲ ମଧ୍ୟ ଯାଇଛନ୍ତି। ହେଲେ ଜେଲରୁ ଫେରିବା ପରେ ପୁଣି ବନ୍ଧୁକ କାରବାର କରିବା ସହ ଆତଙ୍କ ଖେଳାଉଥିଲେ। ଅଭିଯୁକ୍ତମାନେ ବନ୍ଧୁକ କେଉଁଠୁ ଆଣୁଥିଲେ, ତାହା ଜାଣିବାକୁ ତଦନ୍ତ ଚାଲିଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି।

# ୩ ପୋଲିସ କର୍ମଚାରୀ ନିଲମ୍ବିତ

## କୋର୍ଟ ପରିସରରୁ ଅଭିଯୁକ୍ତ ଚମ୍ପଟ ଘଟଣା

ବନ୍ଧମୁଣ୍ଡା,୨୫।୧୨(ସୁବ୍ରତ ଦେ)

ରାଉରକେଲା ଉଦିତନଗରସ୍ଥିତ ଜେଏମ୍ଏଫ୍‌ସି କୋର୍ଟ ପରିସରରୁ ମଙ୍ଗଳବାର ଜଣେ ଅଭିଯୁକ୍ତ ପୋଲିସ ଆଖିରେ ଧୂଳିଦେଇ ଚମ୍ପଟ୍ ମାରିବା ଘଟଣାରେ ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବିଶ୍ରା ଥାନାର ହାବିଲଦାର ଜୟନ୍ତ ଜେନା, ଅଶୋକ ବେହେରା ଓ ନାଳିମା ସୁନାନୀ। ନିଲମ୍ବନ ଅବଧିରେ ସେମାନେ ଜିଲା ପୋଲିସ ମୁଖ୍ୟାଳୟରେ ହାଜିରା ଦେବାକୁ ଏସ୍‌ପି ନୀତେଶ ୱାଧ୍ୱାନି ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡ ମନୋହରପୁର ଅଞ୍ଚଳର ରାଜୁ ବିଶ୍ରା ଥାନା ଅନ୍ତର୍ଗତ ଜରେଇକେଲା ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କର କିଛି ଅଶ୍ଳୀଳ ଫଟୋକୁ ଗତ କିଛିଦିନ ତଳେ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏ ନେଇ ଯୁବତୀ ଜାଣିବା ପରେ ଗତ ସୋମବାର ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ବିଶ୍ରା ପୋଲିସ ଏକ ମାମଲା (ନଂ.୨୦୮/୨୪) ରୁଜୁ କରି ଅଭିଯୁକ୍ତ ରାଜୁଙ୍କୁ ଝାଡ଼ଖଣ୍ଡରୁ ମଙ୍ଗଳବାର ସକାଳେ ଗିରଫ କରିଥିଲା। ଅପରାହ୍ନ ସାଢେ ୪ଟାରେ ପୋଲିସ ଅଭିଯୁକ୍ତଙ୍କୁ ରାଉରକେଲା ଜେଏମ୍ଏଫ୍‌ସି ରୁରାଲ କୋର୍ଟରେ ହାଜର କରିବାକୁ ନେଇଥିଲା। ଏହି ସମୟରେ ତାଙ୍କୁ ଜଗି ରହିଥିବା ୨ଜଣ ହାବିଲଦାର ଅନ୍ୟମନସ୍କ ଥିବା ଦେଖି ରାଜୁ ସେମାନଙ୍କୁ ଠେଲି କୋର୍ଟ ପରିସରରୁ ଜୁଆଡ଼େ ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୁକ୍ତଙ୍କ ପିଛା କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା।

# ହେରୋଇନ, ଦେଶୀ ମଦ ଜବତ : ୩ ଗିରଫ

ଭୁବନେଶ୍ୱର,୨୫।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବୁଢ଼ିଟିଅଞ୍ଚଳରେ ଅବକାରୀ ଟିମ୍ ପକ୍ଷରୁ ବୁଧବାର ଚଢ଼ାଉ ହୋଇଛି। ଏହି ଚଢ଼ାଉ ବେଳେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଅଞ୍ଚଳରେ ମୋଟରସାଇକେଲରେ ବିକ୍ରି କରିବାକୁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଜଣେ ଯୁବକଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ସେ ହେଲେ ୟୁନିଟ -୯ ଅଞ୍ଚଳର ଦେବୀ ପ୍ରସାଦ ସାମଲ। ତାଙ୍କଠାରୁ ୩୮ ଗ୍ରାମ୍ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ସାଢେ ୩ ଲକ୍ଷରୁ ଅଧିକ ହେବ। ଅନ୍ୟ ଏକ ଘଟଣାରେ ବେଆଇନ ଦେଶୀ ମଦ ଚାଲାଣବେଳେ ଅବକାରୀ ଟିମ୍ ଭରତପୁର ଚନ୍ଦକା ରାସ୍ତାରୁ ୨ ଜଣଙ୍କୁ ଗିରଫ ସହ ୫୭୦ ଲିଟର ମଦ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱର ୟୁନିଟ- ୨ ଅଞ୍ଚଳର ବାରେନ୍ଦ୍ର ଗୌଡ଼ ଏବଂ ବାଲାକ ବିଶ୍ୱାମୀ। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆନପଟେ ନୂଆବର୍ଷ ପାଇଁ ନିଶା ବେପାରୀମାନେ ସକ୍ରିୟ ହୋଇଥିବାରୁ ଟିମ୍ ଗଠନ କରାଯାଇ ସେମାନଙ୍କ ଉପରେ ନଜର ରଖାଯାଇଥିବା ଅବକାରୀ ପୋଲିସ କହିଛି।

# ଜମିଜମା ବିବାଦରୁ ହତ୍ୟାକାଣ୍ଡ

ଚମ୍ପୁଆ,୨୫।୧୨(ମହେଶ୍ୱର ଦାସ)

■ ଅଖାରୁ ନାବାଳକଙ୍କ ମୃତଦେହ ଜବତ ଘଟଣା
■ ସିନ୍ ରିକ୍ରିଏଶନ କଲା ପୋଲିସ

କେନ୍ଦୁଝର ଚମ୍ପୁଆ ଥାନା ପର୍ଣ୍ଣଳା ପଞ୍ଚାୟତର ଗୋପୀନାଥପୁରଠାରେ ମଙ୍ଗଳବାର ଘଟିଥିବା ଲୋମହର୍ଷଣକାରୀ ହତ୍ୟାକାଣ୍ଡରେ ପର୍ଦ୍ଦାଫାଶ କରିଛି ଚମ୍ପୁଆ ପୋଲିସ। ପଡ଼ୋଶୀଙ୍କ ସହ ଜମିଜମା ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଅଭିଯୁକ୍ତ ଗଙ୍ଗାରାମ ମୁଣ୍ଡାଙ୍କୁ ଗିରଫକରି ପୋଲିସ ବୁଧବାର ସିନ୍ ରିକ୍ରିଏଶନ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଗୋପୀନାଥପୁର ଗାଁର ଗୌରାଙ୍ଗ ପାତ୍ରଙ୍କ ଘର ଆଗରେ ଏକ ବଡ଼ ଅଖା ପଡ଼ିଥିବା ଦେଖିବାକୁ ମିଳିଥିଲା। ଗ୍ରାମୀୟ ଲୋକେ ଅଖା ଖୋଲିବାରୁ ସେଥିରେ ଉକ୍ତ ଗ୍ରାମର ସ୍ୱର୍ଗତ ରାହାସ ମୁଣ୍ଡାଙ୍କ ୯ ବର୍ଷର ପୁଅ ପବନାଙ୍କ ମୃତଦେହ ଥିବା ଦେଖିଥିଲେ। ଘଟଣାରେ ପୋଲିସ ମୃତଦେହ ଜବତକରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗଙ୍ଗା ଓ ତାଙ୍କ ପଡ଼ୋଶୀ ଗୌରାଙ୍ଗଙ୍କ ମଧ୍ୟରେ ଜମିବାଡ଼ି ବିବାଦ ରହିଥିଲା। ପବନ ଗୌରଙ୍ଗଙ୍କ ଘରେ କାମକରୁଥିବାରୁ ଗଙ୍ଗା ତାଙ୍କୁ ସେଠାରେ କାମ ନ କରିବାକୁ ବାରମ୍ବାର ମନା କରୁଥିଲେ। ସୋମବାର ସନ୍ଧ୍ୟାରୁ ପବନ ଘରକୁ ଫେରି ନ ଥିବା ଓ ମଙ୍ଗଳବାର ସକାଳେ ଅଖା ଭିତରୁ ତାଙ୍କ ମୃତଦେହ ମିଳିଥିବା ନେଇ ମା' ବୁଧୁନି ମୁଣ୍ଡା ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟାଇ ଗଙ୍ଗା ସେଠାରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ସନ୍ଧ୍ୟା ୭ଟା ସମୟରେ ୫୨୦ ଜାତୀୟ ରାଜପଥ ପର୍ଣ୍ଣଳ ନିକଟରେ ତାଙ୍କୁ ଗିରଫ କରିଥିଲା। ବୁଧବାର ଥାନା ଅଧିକାରୀ ଦେବକୀ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗିରିଧାରୀ ନାୟକ, ପ୍ରୋବେଶନର ଏସ୍ଆଇ ରାକେଶ ସାହୁଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରାଯାଇଛି। ଗଙ୍ଗାରାମ ୯ ବର୍ଷର ପବନା ମୁଣ୍ଡାକୁ କିପରି ଏବଂ କେଉଁଠି ହତ୍ୟାକଲେ ଓ ମାରିବା ବେଳେ କ'ଣ ବ୍ୟବହାର କରିଥିଲେ। ତାହା ଦେଖାଇବା ପରେ ପୋଲିସ ଘଟଣାସ୍ଥଳରୁ ଏକ ଲୁହାରଡ଼, ଗଙ୍ଗା ଘରଭିତରେ ଲୁଚାଇ ରଖିଥିବା ହତ୍ୟାସମୟରେ ପିନ୍ଧିଥିବା ଲୁଙ୍ଗି ପୋଲିସ ଜବତ କରିଥିଲା। ପଡ଼ୋଶୀଙ୍କ ସହ ଜମିବାଡ଼ି ବିବାଦ କାରଣରୁ ନାବାଳକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

# କନ୍‌ଷ୍ଟେବଲ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

କଟକ,୨୫।୧୨(କାର୍ତ୍ତିକ ସାହୁ)

## ପାରିବାରିକ କଳହର କରୁଣ ପରିଣତି

କଟକ ଲାଲବାଗ ଥାନା ଅନ୍ତର୍ଗତ ସିକେଶ୍ୱର ସାହିରେ ବୁଧବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହକୁ କେନ୍ଦ୍ରକରି କଟକ ସାଇବର ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ବିଷ୍ଣୁପ୍ରିୟା ମଲ୍ଲିକଙ୍କୁ ତାଙ୍କ ସ୍ୱାମୀ ବିଶ୍ୱଜିତ୍ ମଲ୍ଲିକ ଛୁରିରେ ହତ୍ୟା କରିଛନ୍ତି। ଏହାପରେ ବିଶ୍ୱଜିତ୍ ଉକ୍ତ ଛୁରିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଫାୟାର ସାର୍ଭିସ୍‌ର ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରିଛି। ସୂଚନାନୁସାରେ, ନିଶ୍ଚିନ୍ତକୋଇଲି ଅଞ୍ଚଳର ବିଶ୍ୱଜିତ୍ ଓ ବିଷ୍ଣୁପ୍ରିୟା ୨୦୧୯ରେ ପ୍ରେମ ବିବାହ କରିଥିଲେ। ସେମାନେ କଟକ ସିକେଶ୍ୱର ସାହିରେ ଭଡ଼ାରେ ରହୁଥିଲେ। ବିଷ୍ଣୁପ୍ରିୟା ସାଇବର ଥାନାରେ କନ୍‌ଷ୍ଟେବଲ୍ ଚାକିରି କରୁଥିବାବେଳେ ବିଶ୍ୱଜିତ୍ ବ୍ୟବସାୟ କରୁଥିଲେ। ତାଙ୍କର ଗୋଟିଏ ୬ ବର୍ଷର ଝିଅ ଅଛି। ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଉଭୟ ଘର ପକ୍ଷରୁ ସେମାନଙ୍କ କଳହ ସମାଧାନ ମଧ୍ୟ ହୋଇଥିଲା। ବୁଧବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିଶ୍ୱଜିତ୍ ଉତ୍ତେଜିତ ହୋଇ ବିଷ୍ଣୁପ୍ରିୟାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏସବୁ ଦେଖି ପଡ଼ୋଶୀ ଆସି ଅଟକାଇଥିଲେ ମଧ୍ୟ ବିଶ୍ୱଜିତ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ସେହି ଛୁରିରେ ନିଜ ଗଳା କାଟି ଏକ ଘରେ ଘର ଭିତର ପଟୁ କବାଟ ବନ୍ଦ କରି ରହିଯାଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ସ୍ୱାମୀଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ବିଶ୍ୱଜିତ୍‌ଙ୍କ ଅବସ୍ଥା ଗୁରୁତର ରହିଛି। ଝିଅ ସାମ୍ନାରେ ଏସବୁ କାଣ୍ଡ ଘଟିଥିବା ବେଳେ ସେ ସୁରକ୍ଷିତ ଉଦ୍ଧାର ହୋଇଛି। ଏହି ଘଟଣାରେ ଜଣେ ପଡ଼ୋଶୀ ମଧ୍ୟ ଆହତ ହୋଇଛନ୍ତି। ଏସ୍‌ପି ପ୍ରଦୀପ ରାଉତ କହିଛନ୍ତି, ସ୍ୱାମୀ ଛୁରିରେ ଆକ୍ରମଣ କରି ସ୍ତ୍ରୀଙ୍କୁ ମାରିଛନ୍ତି। କଟକ ଡିସିପି ଜଗମୋହନ ମୀନା ଘଟଣାସ୍ଥଳରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

# ବ୍ୟାଙ୍କରୁ ଲୁଟ୍ ପରେ ନିଆଁ ଲଗାଇଦେଲେ

## ସିସିଟିଭି କ୍ୟାମେରା, ହାର୍ଡଡିସ୍କ ଗାଏବ

ସିମୁଳିଆ, ୨୫।୧୨(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ବାଲିଖଣ୍ଡ ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ପୁରୁଷୋତ୍ତମପୁର ଶାଖାରେ ଦୁର୍ବୃତ୍ତମାନେ ଲୁଟ୍ କରିବା ପରେ ନିଆଁ ଲଗାଇଦେଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଅଡ଼ା ଓ ଚଉମାରୁ ୩ଟି ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ବୁଧବାର ସକାଳେ ବ୍ୟାଙ୍କରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ବ୍ୟାଙ୍କର କର୍ମଚାରୀ ଓ ପୋଲିସକୁ ଖବର ଦେଇଥିଲେ। ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପାର୍ଶ୍ୱର ଝରକା ଭାଙ୍ଗି ଭିତରକୁ ପ୍ରବେଶ କରିଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନରେ ସନ୍ଧାନୀ କୁକୁର ଓ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ଘଟଣାସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଓ ବ୍ୟାଙ୍କର ଉପରିସ୍ଥ କର୍ମଚାରୀମାନେ ତଦନ୍ତ ଚଳାଇଥିଲେ କୌଣସି ସୁରାକ ମିଳିପାରିନାହିଁ। ଦୁର୍ବୃତ୍ତମାନେ ବ୍ୟାଙ୍କ ପରିସରରୁ ୫ଟି ସିସିଟିଭି କ୍ୟାମେରା ସହିତ ହାର୍ଡଡିସ୍କ ଖୋଲି ନେଇଯାଇଛନ୍ତି। ତଦନ୍ତ ପରେ ତଥ୍ୟ ପଦାକୁ ଆସିବ ବୋଲି ରିଜିଓନାଲ ବ୍ୟାଙ୍କ ଅଫିସର ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ବ୍ୟାଙ୍କ ନିକଟରେ ଘର ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିଲେ ହେଁ ଚୋରିର କୌଣସି ଶବ୍ଦ ନ ହେବା ଘଟଣା ସାଧାରଣରେ ଚର୍ଚ୍ଚା ହେଉଛି।




ବ୍ୟାଙ୍କ ସମ୍ମୁଖରେ ଲୋକଙ୍କ ଗହଳି।

# ରୋଷେଇ ବିବାଦରୁ ସାଙ୍ଗଙ୍କୁ ହାତୁଡ଼ିରେ ପିଟି ହତ୍ୟା

ଯୋଡ଼ା,୨୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରାଞ୍ଚଳର ୬ ନଂ. ୱାର୍ଡ ବାରୁ ହଟିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାମାନ୍ୟ ରୋଷେଇକୁ ନେଇ ୨ ସାଙ୍ଗଙ୍କ ମଧ୍ୟରେ ବିବାଦରୁ ଜଣେ ଅନ୍ୟ ଜଣଙ୍କୁ ହାତୁଡ଼ିରେ ପିଟି ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ବାରୁହଟିର ଭାଗବତ ବେଜା(୪୦)। ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ସାଙ୍ଗ ଦଶରଥ କାଲୁଆ ଆହତ ହୋଇଛନ୍ତି। ଅଭିଯୁକ୍ତ ଦୁର୍ଗା ନାଏକଙ୍କୁ ପୋଲିସ ଗିରଫକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଭାଗବତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଗତ ୨ ସପ୍ତାହ ପୂର୍ବେ ଝଗଡ଼ା ହୋଇଥିଲା। ସେହି ଦିନଠାରୁ ଭାଗବତ ଘରୁ ପଳାଇଆସି କିଛି ଦୂରରେ ରହୁଥିବା ତାଙ୍କ ସାଙ୍ଗ ଦୁର୍ଗାଙ୍କ ଘରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଗା ଓ ଭାଗବତଙ୍କ ମଧ୍ୟରେ ରୋଷେଇ କାର୍ଯ୍ୟକୁ କେନ୍ଦ୍ରକରି ବଚସା ହୋଇଥିଲା। ପରେ ଦୁର୍ଗା ମଦ ଆଣିବାକୁ ଯାଇଥିଲେ। ଦଶରଥ ଓ ଭାଗବତ ରୋଷେଇ କରୁଥିବା ବେଳେ ରାତି ପ୍ରାୟ ୮ ଟାରେ ଦୁର୍ଗା ମଦ ନେଇ ଫେରି ଏକ ହାତୁଡ଼ିରେ ଭାଗବତଙ୍କୁ ଆକ୍ରମଣ କରିଥିଲେ। ଦଶରଥ ବିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିବା ସହ ହାତ ଭାଙ୍ଗିଯାଇଥିବା ଦଶରଥ କହିଛନ୍ତି। ସେଠାରୁ ଦଶରଥ ଜୀବନ ବଞ୍ଚାଇ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଦୁର୍ଗା ହାତୁଡ଼ିରେ ପିଟି ଭାଗବତଙ୍କୁ ହତ୍ୟା କରିଥିଲେ। ବୁଧବାର ସକାଳୁ ଘର ଭିତରେ ଭାଗବତଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଜାଣି ତାଙ୍କ ସ୍ତ୍ରୀ ପୋଲିସକୁ ଖବର ଦେଇଥିଲେ। ଯୋଡ଼ା ପୋଲିସ ଓ ବଡ଼ବିଲ ଆଡିସନାଲ ଏସ୍‌ପି ପ୍ରତ୍ୟୁଷ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ପୋଲିସ ଅପରାହ୍ନରେ ଅଭିଯୁକ୍ତଙ୍କୁ ନିକଟସ୍ଥ ଝରଣ ଜଙ୍ଗଲରୁ ଗିରଫ କରିଥିଲା। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ.୩୩୦/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ୫ ବର୍ଷ ତଳେ ଦୁର୍ଗା ନିଜ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫହୋଇ ଜେଲ ଯାଇଥିଲେ। କିଛି ମାସ ତଳେ ସେ ଜାମିନରେ ଆସିଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁ ଲୁଣ
ବାହାରେ ଦେଖ ଚାତର ପଣ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଲା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଗଢ଼ାଯାଏ କାଠେ
ମନ ଗଢ଼ାଯାଏ ପାଠେ।**

ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ରଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡ଼ା ହୋଇଥାଏ। ସେହିପରି ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସରପଞ୍ଚଙ୍କୁ ଛୁରିରେ ଆକ୍ରମଣ

ବଉଣ୍ଡା,୨୫।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନଙ୍କୁ ପାପସରା ଗ୍ରାମର ଦୁଷ୍କୃତ ସାହୁ ମଙ୍ଗଳବାର ଛୁରିରେ ଆକ୍ରମଣ ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ରଶ୍ମିତାଙ୍କ ଅଭିଯୋଗ ଆଧାରରେ ପୋଲିସ ନମ୍ବର ୪୧୭/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଉଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ପୋଲିସ କହିଛି, ରଶ୍ମିତା ଓ ତାଙ୍କ ସ୍ୱାମୀ ବିଶ୍ୱରଞ୍ଜନ ପ୍ରଧାନ ପାପସରାସ୍ଥିତ ଘରେ ଥିବାବେଳେ ନିର୍ବାଚନୀ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଷ୍କୃତ ହଠାତ୍ ତାଙ୍କ ଘରକୁ ପଶିଆସିଥିଲେ। ପ୍ରଥମେ ରଶ୍ମିତାଙ୍କୁ ସେ ମାଡ଼ ମାରିଥିଲେ। ଏହାପରେ ଏକ ଛୁରିରେ ଆକ୍ରମଣ କରିଥିଲେ। ରଶ୍ମିତାଙ୍କ ଚିତ୍କାର ଶୁଣି ସ୍ୱାମୀ ବିଶ୍ୱରଞ୍ଜନ ଘଟଣାସ୍ଥଳକୁ ଆସିବାରୁ ତାଙ୍କୁ ମଧ୍ୟ ଦୁଷ୍କୃତ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ଚୋରି ଟ୍ରକ୍ ଉଦ୍ଧାର, ଜଣେ ଗିରଫ

ଅନୁଗୋଳ,୨୫।୧୨(ମାନସ ବିଶ୍ୱାଳ)

■ ଅନୁଗୋଳରେ ଟ୍ରକ୍ ଲୁଚାଇ କାର୍‌ରେ ମଧ୍ୟପ୍ରଦେଶ ପଳାଇଥିଲେ
■ ସ୍ୱତନ୍ତ୍ର ପୋଲିସ ଟିମ୍ ଗୋଡ଼ାଇବାରୁ ଓଡ଼ିଶା ଫେରୁଥିଲେ
■ ସୋହେଲାରେ ଧରାପଡ଼ିଲେ ଜଣେ, ୩ ଫେରାର

ଅନୁଗୋଳ ସହର ହେମସୁରପଡ଼ାଛକ ନିକଟସ୍ଥ ଏକ ଗ୍ୟାରେଜ ପାଖରୁ କିଛିଦିନ ତଳେ ଚୋରି ହୋଇଥିବା ଏକ ୧୬ ଚକିଆ ଟ୍ରକ୍‌କୁ ଅନୁଗୋଳ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଦୁର୍ବୃତ୍ତମାନେ ଚୋରି ଟ୍ରକ୍‌କୁ ଅନୁଗୋଳରେ ଲୁଚାଇ ଏକ କାର୍‌ରେ ମଧ୍ୟପ୍ରଦେଶ ପଳାଇଯାଇଥିଲେ। ହେଁ ଅନୁଗୋଳ ପୋଲିସର ସ୍ୱତନ୍ତ୍ର ଟିମ୍ ପିଛା କରୁଥିବା ଜାଣି ପୁଣି ଓଡ଼ିଶା ଫେରିଥିଲେ। ହେଲେ ସୋହେଲା ସୀମାରେ ପୋଲିସ ଟିମ୍ ଉକ୍ତ କାର୍‌କୁ ଅଟକାଇବା ସହ ସେଥିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ହରିୟାଣା ରାଜ୍ୟର ମୋହିନ ଖାନ (୨୩)। ତାଙ୍କ ସହ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବା ବୁଧବାର ଅପରାହ୍ନରେ ଅନୁଗୋଳ ଏସ୍‌ପିଙ୍କ ଅଫିସ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରମାକାନ୍ତ ମହାଳିକ ସୂଚନା ଦେଇଛନ୍ତି। ଏସ୍‌ଡିପିଓ କହିଛନ୍ତି, ସୁଶାଳ କୁମାର ଅଗ୍ରୱାଲଙ୍କ ଟ୍ରାକ୍ ନାମରେ ଥିବା ଏକ ୧୬ ଚକିଆ ଟ୍ରକ୍ (ନଂ. ଓଡି ୧୯ଡବ୍ଲ୍ୟୁ -୨୯୭୭)କୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନମ୍ବର ୯୮୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ସିସିଟିଭି ଫୁଟେଜ ଓ ସାଇବର ସେଲ୍‌ଙ୍କ ସହାୟତା ନେଇଥିଲା। ପରେ ଉକ୍ତ ପୋଲିସ ଟିମ୍ ମଧ୍ୟପ୍ରଦେଶ ଯାଇ ସେଠାରେ ଦୁର୍ବୃତ୍ତମାନଙ୍କୁ ଠାବ କରିଥିଲା। ପୋଲିସ ସେମାନଙ୍କ ପିଛା କରୁଥିବା ଜାଣି ଦୁର୍ବୃତ୍ତମାନେ ପୂର୍ବବର୍ତ୍ତୀ ଉକ୍ତ କାର୍ ଯୋଗେ ଓଡ଼ିଶା ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ସୋହେଲା ସୀମାରେ କାର୍‌କୁ ଛାଡ଼ି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡ଼ି ଭିତରୁ ଜଣଙ୍କୁ ଧରିଥିଲା। ଗିରଫ ମୋହିନ ଖାନ ୨ ମାସ ପୂର୍ବରୁ ଅନୁଗୋଳ ଆସି ଏକ ଶିଳ୍ପସଂସ୍ଥାରେ କାମ କରିବା ସହ ଟ୍ରକ୍ ଚୋରି କରିବା ପାଇଁ ଯୋଜନା କରିଥିଲେ। ପରେ ସହଯୋଗୀମାନଙ୍କୁ ଡକାଇ ଟ୍ରକ୍ ଚୋରାଇ ନେଇଥିଲେ। ଅଭିଯୁକ୍ତଙ୍କ ଠାରୁ ସୂଚନା ପାଇ ପୋଲିସ ଟିମ୍ ଚୋରି ଟ୍ରକ୍, ସୁରକ୍ଷା ଦେଉଥିବା କାର୍, ଜିପିଏସ୍ ଓ ୨ଟି ମୋବାଇଲ ଜବତ କରିଛି। ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବାର ଚେଷ୍ଟା ଜାରି ରହିଛି ବୋଲି ପୋଲିସ ପ୍ରକାଶ କରିଛି। ଏହି ଖବରଦାତା ସମ୍ମିଳନୀରେ ଅଧିକାରୀ ବଶିଷ୍ଠ ଆଡ଼େସୁ, ଆଇଆଇସି ଧୀରଜ କୁମାର ଦାସ ଉପସ୍ଥିତ ଥିଲେ।






ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ। ପୋଲିସ ଉଦ୍ଧାର କରିଥିବା ଟ୍ରକ୍।



କୋଲକାତାର ଏକ ଚର୍ଚ୍ଚରେ ମଧ୍ୟରାତ୍ର ପ୍ରାର୍ଥନା ଚାଲିଥିବା ସମୟରେ ଚର୍ଚ୍ଚ ଫାଦରଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ।

# ଦିନେ ଓଡ଼ିଶାରେ ଭାଜପାକୁ ସାଇନବୋର୍ଡ ପାର୍ଟି କୁହାଯାଉଥିଲା: ମୋହନ

## ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୁଶାସନ ଦିବସ ପାଳିତ

ଭୁବନେଶ୍ୱର, ୨୫।୧୨ (ସୁନିତ୍ ମିଶ୍ର)

ସମୟ ଥିଲା ଦିନେ ଓଡ଼ିଶାରେ ଭାଜପାକୁ ସାଇନ୍‌ବୋର୍ଡ ପାର୍ଟି ବୋଲି କୁହାଯାଉଥିଲା। କିନ୍ତୁ ଏବେ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଛି । ରାଜ୍ୟରେ ଏବେ ନିର୍ବାଚନୀ ସଂକଳ୍ପପତ୍ର ଘୋଷଣାକୁ ପୂରଣ କରାଯାଉଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା କରିବା ପାଇଁ ଭିଜନ-୨୦୩୬ ଲକ୍ଷ୍ୟକୁ ଲୋକଙ୍କ ପାଖରେ ସରକାର ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଚଳିତ ବର୍ଷ ଭାଜପା ରାଜ୍ୟ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ବାଜପେୟୀଙ୍କ ୧୦୦ତମ ଜନ୍ମଦିବସ ପାଳନ ଅବସରରେ ‘ଅଟଳ ସମ୍ମାନ-୨୦୨୪’ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ସୁଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆମ ଭାରତୀୟଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇ ରହିବେ। ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ବାଜପେୟୀ ଆକର୍ଷିତ କରିପାରୁଥିଲେ। ଏନ୍‌ଡିଏ ମେଣ୍ଟ ଗଠନକରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ସେଥିପାଇଁ ଅଟଳଜୀଙ୍କୁ ଅଜାତଶତ୍ରୁ ବୋଲି କୁହାଯାଉଥିଲା । ତାଙ୍କ ନୀତି ଓ ଆଦର୍ଶକୁ ଆଧାରକରି ବର୍ତ୍ତମାନ ଭାଜପା ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ ଭାବେ ଛିଡ଼ା ହୋଇଛି । ସୁଶାସକ ରୂପେ ଅଟଳଜୀ ନିଜକୁ ପ୍ରତିଷ୍ଠିତ କରାଇବାରେ ସଫଳ ହୋଇଥିବାବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ଧାରାକୁ ଆଗକୁ ବଢ଼ାଇ ଚାଲିଛନ୍ତି । ଦେଶର ୨୦ଟି ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାର ଗଠନ ହୋଇପାରିଛି ବୋଲି ମୋହନ କହିଛନ୍ତି।

ଏହି ଅବସରରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କଂଗ୍ରେସ ସରକାର ସମୟରେ ଯେଉଁ ଭାଜପାକୁ ତାଚ୍ଛଲ୍ୟ କରାଯାଇଥିଲା, ଏବେ ସେହି ପାର୍ଟି ବିଶ୍ୱର ସର୍ବବୃହତ୍ ଦଳର ମର୍ଯ୍ୟାଦା ଲାଭ କରିଛି। ବାଜପେୟୀଙ୍କ ନେତୃତ୍ୱରେ ସୁଶାସନ କାହାକୁ କୁହାଯାଏ, ତାହା ପୂରା ବିଶ୍ୱ ଦେଖିଲା। ଅଟଳଜୀଙ୍କ ପ୍ରେରଣାକୁ ପାଥେୟକରି ଓଡ଼ିଶାକୁ ଭାରତବର୍ଷର ଶ୍ରେଷ୍ଠ ଓ ସମୃଦ୍ଧଶୀଳ ରାଜ୍ୟ ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ ବୋଲି ସାମଲ କହିଛନ୍ତି। ବାଜପେୟୀଙ୍କ ମାର୍ଗରେ ଆମେ ସମସ୍ତେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର କହିଛନ୍ତି। ଏହି ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ସ୍ୱର୍ଗତ ବାଜପେୟୀ ଓଡ଼ିଶାବାସୀଙ୍କୁ ଅନ୍ତରର ସହ ଭଲ ପାଉଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସବୁ ଜାଗାରେ ପ୍ରଶଂସିତ ହେଉଛି ଏବଂ ଏହାର ପ୍ରରିକଳ୍ପନା ସ୍ୱର୍ଗତ ବାଜପେୟୀ କରିଥିଲେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଅଟଳଜୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ ଏବଂ ବାଜପେୟୀଜିଙ୍କ ବାଲୁକାକୃତିକୁ ମୁଖ୍ୟମନ୍ତ୍ରୀ, ମନମୋହନ ସାମଲ, ବିଜୟପାଲ ସିଂହ ତୋମାର, ସମୀର ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ବରିଷ୍ଠ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ଭାଜପା ରାଜ୍ୟ ସଭାପତି ବିଦ୍ୟାଧର କୁଅଁରଙ୍କୁ ୯ମ ‘ଅଟଳ ସମ୍ମାନ-୨୦୨୪’ରେ ସମ୍ମାନିତ କରାଯାଇଥିଲା।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ସୁଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ।

# ରଘୁବରଙ୍କ ଇସ୍ତଫା: ବଢ଼ିଲା ଚର୍ଚ୍ଚା

ଭୁବନେଶ୍ୱର, ୨୫।୧୨ (ସୁନିତ୍ ମିଶ୍ର)

- ରାଜନୀତିକୁ ଫେରିବାକୁ ତାଙ୍କର ଇଚ୍ଛା: ବିଜୟପାଲ
- ଦଳ ନିଷ୍ପତ୍ତି ନେବ କେଉଁ ଦାୟିତ୍ୱ ଦେବ: ରଘୁବର
- ସରକାର ଓ ରାଜ୍ୟପାଳଙ୍କ ଭିତରେ ନ ପଡ଼ିବା ଚର୍ଚ୍ଚା ମନଗଢ଼ା: ମନମୋହନ

ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ଅଚାନକ ଇସ୍ତଫାକୁ ନେଇ ରାଜ୍ୟ ରାଜନୀତିରେ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଝାଡ଼ଖଣ୍ଡ ନିର୍ବାଚନ ସମୟରେ ରଘୁବରଙ୍କୁ ତାଙ୍କ ରାଜ୍ୟକୁ ଫେରାଇନେବା ଲାଗି ଦଳ ଚିନ୍ତା କରୁଥାଇପାରେ ଯେଉଁଥିଲାଗି ସେ ରାଜ୍ୟପାଳ ପଦ ଛାଡ଼ିପାରନ୍ତି ବୋଲି ସେତେବେଳେ ମଧ୍ୟ ଆଲୋଚନା ହେଉଥିଲା। ହେଲେ ତାହା ହୋଇ ନ ଥିଲା। ତାଙ୍କ ବୋହୂଙ୍କୁ ଝାଡ଼ଖଣ୍ଡର ଜାମଶେଦପୁର ଇଷ୍ଟ ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ କରିଥିଲା। ହେଲେ ଝାଡ଼ଖଣ୍ଡ ନିର୍ବାଚନ ପରେ ଅଚାନକ ସେ ଇସ୍ତଫା ଦେବା ଘଟଣାକୁ ନେଇ ଭାଜପା ନେତାମାନେ ପ୍ରତିକ୍ରିୟା ଦେବା ଆରମ୍ଭ କରିଛନ୍ତି। ତେବେ ରଘୁବରଙ୍କୁ କେନ୍ଦ୍ରରେ କିଛି ବଡ଼ ଦାୟିତ୍ୱ ମିଳିପାରେ ବୋଲି କୁହାଯାଉଛି। ରଘୁବର ତାଙ୍କ ପରିବାର ସହ ବୁଧବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନକରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ସଲାମ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ହୋଇଥିବାରୁ ଓଡ଼ିଶାରେ ବିକାଶ ହେଉଛି। ତାଙ୍କ ଦାୟିତ୍ୱ କ'ଣ ରହିବ ସେନେଇ ଦଳ ନିଷ୍ପତ୍ତି ନେବ। ଦଳ ଯାହା ଦାୟିତ୍ୱ ଦେବ ତାହା ନିର୍ବାହ କରିବେ ବୋଲି ରଘୁବର କହିଛନ୍ତି। ଏହାକୁ ନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, କେନ୍ଦ୍ରୀୟ ସ୍ତରରେ ଚର୍ଚ୍ଚା ଆଲୋଚନା ପରେ ଇସ୍ତଫା ସମ୍ପର୍କିତ ନିଷ୍ପତ୍ତି ନେଇଥାଇପାରନ୍ତି। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ ଦାୟିତ୍ୱ ନେବେ କେନ୍ଦ୍ର ସ୍ତରରେ ଚିନ୍ତନ ହୋଇଥିବ। ଏହା ଉପରେ ଟିପ୍ପଣୀ ଦେବା ଠିକ୍ ହେବ ନାହିଁ। ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ବିବାଦ ଥିବା କଥାର ମୂଲ୍ୟ ନାହିଁ। ଏହା ମନଗଢ଼ା, କପୋଳକଳ୍ପିତ କାହାଣୀ ଓ କେବଳ ଆଲୋଚନା ଏବଂ ଚର୍ଚ୍ଚା ବୋଲି ମନମୋହନ କହିଛନ୍ତି। ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଏମିତି କିଛି ଚର୍ଚ୍ଚା ହୋଇନାହିଁ, ଏହା ସମ୍ପୂର୍ଣ୍ଣ ତାଙ୍କ ନିର୍ଣ୍ଣୟ। ରାଜନୀତିକୁ ଆସିବା ଲାଗି ରଘୁବରଙ୍କ ଇଚ୍ଛା ରହିଛି। ତାଙ୍କୁ ଦଳରେ କେଉଁ ଦାୟିତ୍ୱ ମିଳିବ ତାହା ରାଷ୍ଟ୍ରୀୟ ଅଧ୍ୟକ୍ଷ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

# ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି ଉକ୍ତି ଭାଜପା ଶାସନରେ ପ୍ରହସନ ହୋଇଛି: ବିଜେଡି

ଭୁବନେଶ୍ୱର, ୨୫।୧୨ (ଅନିଲ ଦାସ)

ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ ଆଇନରୁ ଉର୍ଦ୍ଧ୍ୱରେ କେହି ନୁହନ୍ତି। ଆଇନର ବ୍ୟାପକତାକୁ ନେଇ ଏହି ଉକ୍ତି ଭାଜପା ଶାସନ କାଳରେ କେବଳ କଥାରେ ସୀମିତ ବୋଲି ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି। ଏଥିସହ ସେ କହିଛନ୍ତି, ରଘୁବର ଦାସ ଅପ୍ରତ୍ୟାଶିତ ଭାବେ ରାଜ୍ୟପାଳ ପଦବୀରୁ ଅପସରି ଯାଇଛନ୍ତି । କିନ୍ତୁ ତାଙ୍କ ପୁଅ ଦ୍ୱାରା ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଅକଥନୀୟ ଅତ୍ୟାଚାରର ବିବାଦ ରହିଯାଇଛି। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଥିଲା। ବିଜେଡି ସମେତ ରାଜ୍ୟର ଅନ୍ୟ ରାଜନୈତିକ ଦଳଗୁଡ଼ିକ ଅଭିଯୁକ୍ତଙ୍କ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବିଧାନସଭାକୁ ଅଚଳ କରିଥିଲେ। ରାଜ୍ୟ ସରକାର ଏହି ଘଟଣାରେ ପୁରୀ ଜିଲାପାଳ ତଦନ୍ତ କରି ୧୫ ଦିନରେ ରିପୋର୍ଟ ଦେବେ ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନାହିଁ। କେନ୍ଦ୍ର ସରକାର ଓଡ଼ିଶାର ରାଜ୍ୟପାଳ ପଦରୁ ରଘୁବର ଦାସଙ୍କୁ ହଟାଇ ଦେଇଛନ୍ତି। କିନ୍ତୁ ତାଙ୍କ ପୁଅ ବିରୋଧରେ ଆସିଥିବା ଅଭିଯୋଗ ମାମଲାରେ ଆଇନ ତା' ବାଟରେ ଯିବ କି ନାହିଁ, ଏହି ପ୍ରଶ୍ନ ଅସମାହିତ ହୋଇ ରହିଯାଇଛି। ରଘୁବର ରାଜ୍ୟପାଳ ଥିବା ସମୟରେ ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାହସ ଜୁଟାଇ ପାରୁ ନ ଥିବା ରାଜ୍ୟ ସରକାର ଏବେ ଏଏସ୍‌ଓଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଉଦ୍ୟମ କରିବେ କି ବୋଲି ଲେନିନ୍ ପ୍ରଶ୍ନ କରିଛନ୍ତି।

# ଖୁବ୍‌ଶୀଘ୍ର ଭାଜପା ସରକାର ଭାଙ୍ଗିଯିବ: ଜୟଦେବ

ଛେନାପଦି, ୨୫।୧୨ (ନିରାକାର ପରିଡା)

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ୍ ମଣ୍ଡଳୀର ଶଙ୍ଖଣାଠାରେ ବନ୍ଧୁମିଳନ ନାମରେ କଂଗ୍ରେସର କର୍ମୀ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ଜେନାଙ୍କ ସଂଯୋଜନାରେ ସମାବେଶରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ଶାସନାଧୀନ ଭାଜପା ସରକାର ଖୁବ୍‌ଶୀଘ୍ର ଭାଙ୍ଗିଯିବ। ୨୦୨୫-୨୬ରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଠନ ହେବ ବୋଲି ଜୟଦେବ କହିଛନ୍ତି।


**SAMBALPUR MUNICIPAL CORPORATION**
Notice No. 11790/SMC Date: 21.12.2024

**RFP FOR SELECTION OF SUITABLE AGENCY FOR DISPOSAL OF "RECYCLABLES" FROM MRF CENTRE WITHIN SMC AREA**

No. C-1328:- Sealed tender are hereby invited by SMC from suitable Agency for disposal of "recyclables" from our 09 nos. of Material recovery Facility centre (Wealth Center) within Sambalpur Municipal Corporation area as per the rate approved by the Authority for a period of 02 (Two) years.
The details of the bidding process are as follows:

| Sl. No. | Bidding Schedule | Dateline |
|---|---|---|
| 01 | Date of Issue | 21.12.2024 |
| 02 | Bid due date and time | 30.12.2024 upto 4.30 pm |
| 03 | Opening of Bid date and time | 30.12.2024 upto 5.30 pm |

The details tender document can be downloaded from this office website www.smcsambalpur.nic.
The Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner, Sambalpur Municipal Corporation
OIPR-13122/11/0057/2425

**PANCHAYAT SAMITI, R.UDAYAGIRI**
DIST-GAJAPATI (ODISHA) PIN - 761017
Adv. No. : 04/2024-25 Dt:

**Tender Call Notice**

No.i-386 : Sealed tenders (Percentage rate) are invited for 01 no of works from the interested "D"/"C"/"B" Class Contractors registered with the Govt. for execution of civil works under Panchayat Samiti, R.Udayagiri, Dist - Gajapati. The details notification is available at official website http://Gajapati.odisha.gov.in. Interested bidders fulfilling the eligibility criteria may submit their proposal(s) to the Panchayat Samiti, R.Udayagiri, Gajapati. Proposal(s) complete in all respect should reach the undersigned on or before 3.00 P.M. of 06.01.2025 through Regd/Speed post and the same will be opened on 11.00 A.M. of 07.01.2025. The undersigned reserves the right to reject any or all the tender(s) without assigning any reason thereof.

Sd./- Block Development Officer, R.Udayagiri, Gajapati
OIPR-19255/11/0004/2425

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul
No. 2627 Date: 21.12.2024

**TENDER CALL NOTICE**

No. E-620:- Sealed tenders are invited from eligible Individual/Partnership Firm/Company for supply of Office Stationary Items & Misc. Stationary Items in Angul district. Details of eligibility criteria, terms & conditions and formats for submission of tender may be downloaded from the district website www.angul.odisha.gov.in. Tender should reach the office of the undersigned by 16.01.2025 till 5 P.M. through Registered Post/Speed Post/Courier only and will be opened on by 17.01.2025 at 12 Noon. The undersigned reserves every right to accept or reject any or all the tender without assigning any reason thereof.

Sd./- Chief District Medical & Public Health Officer, Angul
OIPR-10142/11/0007/2425

**Government of Odisha "e" Procurement Notice**
**WORKS DEPARTMENT**
Bid Identification No. CCEKC - 32/2024-25
No.B-799
e-mail : ccekeonjharpwdcircle@gmail.com/sekcpwd_keonjhar@yahoo.com
Letter No. 6077 dt. 20.12.2024

| | | | |
|---|---|---|---|
| 1 | No. of the work | : | 4 number Building Works |
| 2 | Estimated cost | : | Rs. 111.71 Lakhs to Rs. 289.94 Lakhs |
| 3 | Class of Contractor | : | "B" Class & "A" Class |
| 4 | Period of completion | : | 06 (Six) Calendar Months to 12 (Twelve) Calendar Months |
| 5 | Date and Time of availability of Bid document in the portal | : | From 11.00 Hours of 02.01.2025 to 16.00 Hours of 16.01.2025 |
| 6 | Last date / Time for receipt of bids in the portal | : | 16.00 Hours of 16.01.2025 |
| 7 | Date of opening of Bid from Portal | : | 11.30 Hours on 17.01.2025 |
| 8 | Name and address of the officer inviting Bid | : | Chief Construction Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in".

Sd./- Chief Construction Engineer Keonjhar (R&B) Circle, Keonjhar
OIPR-34004/11/0016/2425

**ପୌର ପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି**
**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**
Ph. No.: 06815-222052, e-Mail: parala.mply@gmail.com
Letter No. 4799 Dated: 23.12.2024

**NOTICE**

No.C-1331:- The e-procurement notice vide Bid Identification No. 03/PKDM-2024-25, Dtd. 13.12.2024 is hereby cancelled due to unavoidable circumstance.

Sd./- Executive Officer, Paralakhemundi Municipality
OIPR-13145/11/0010/2425

**OFFICE OF THE DEPUTY DIRECTOR OF TEXTILES, SONEPUR**
At- Thanapatipada, Po- Sonepur/Dist.- Subarnapur, Pin- 767017
Email- ddtsnp@gmail.com
Letter. No. 3589 Date: 24.12.24

**Invitation of Tender for selection of manpower service provider for hiring outsourcing staff for O/o Deputy Director of Textiles, Sonepur**

No. PP-42:- Sealed tenders are invited from reputed Manpower Agencies/Service Providers to provide 01 (One) No. of Weaving Supervisor, 05 (Five) Nos. of Inspector of Textiles and 03 (Three) Nos. of Technical Assistant post in the O/o Deputy Director of Textiles, Sonepur for a period of one year on contract basis. The engagement of Manpower Agencies/Service provider Firm shall be made through two bid system i.e. Technical Bid and Financial Bid separately . The Technically qualified Man Power Agencies/Service Provider Firm can only participate in the Financial Bid. The undersigned reserves the right to accept or reject any or all applications without assigning any reason(s) thereof. For details please visit the website subarnapur.odisha.gov.in

- Date of available of Tender Paper/Documents in website: 26.12.2024
- Last date for submission of Tender Paper/Document: 15.01.2025 by 05:30 PM
- Opening of Tender Paper/ Document in presence of service provider: 17.01.2025 at 11:00 AM
- Opening of Financial Bid: 17.01.2025 at 04:00 PM

OIPR-31016/11/0004/2425 Sd./- Deputy Director of Textiles (I/c), Sonepur

**GOVERNMENT OF ODISHA** No.O-1003
**OFFICE OF THE SUPERINTENDING ENGINEER RURAL WORKS DIVISION : KORAPUT**
PHONE - OFF : (06852)251263 email : eerwkoraput@yahoo.com
No. 4131 Dated : 20.12.2024

**1st CORRIGENDUM TO e-TENDER CALL NOTICE 06/2024-25**

1. Due to Technical Issue the tender could not published. The SL. No.-1 to 6 (6 nos. of Road works) the online tender No. 06/2024-25 of Rural Works Division, Koraput and tender here extended.
2. The online tender No. 06/2024-25 of Rural Works Division, Koraput, the sale of tender paper is hereby changed to 26.12.2024 to 06.01.2025 instead of 20.12.2024 to 30.12.2024 & the new date of opening on 07.01.2025.

Sd./- Additional Chief Engineer R.W.Division, Koraput
OIPR-25088/11/0007/2425

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul
No. 2625 Date: 21.12.2024

**TENDER CALL NOTICE**

No. E-619:- Sealed tenders are invited from eligible Individual/ Partnership Firm/Company for supply of Office Furniture & fixtures in Angul district. Details of eligibility criteria, terms & conditions and formats for submission of tender may be downloaded from the district website www.angul.odisha.gov.in. Tender should reach the office of the undersigned by 16.01.2025 till 5 P.M. through Registered Post/ Speed Post/Courier only and will be opened on by 17.01.2025 at 12 Noon. The undersigned reserves every right to accept or reject any or all the tender without assigning any reason thereof.

Sd./- Chief District Medical & Public Health Officer, Angul
OIPR-10142/11/0008/2425

**ଓଡ଼ିଶା ସରକାର, ଖଣି ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**
ଇ-ମେଲ୍: mo.dhenkanal@gov.in
ସଂଖ୍ୟା- ୧୨୨୫ ତା: ୨୧.୧୨.୨୦୨୪

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No.G-35:- ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ୍ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୩ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି । ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଅଛି । ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି । କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟ ସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ https://www.mstcecommerce.com ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ । ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ । ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ପାଇବେ । ମଡେଲ୍ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ୍ ବ୍ଲକ୍ ସାରାଂଶ ଉପରୋକ୍ତ ୱେବସାଇଟ୍‌ରେ ମାଗଣାରେ ଉପଲବ୍ଧ । ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଫର୍ମ-Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ । 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ ।
**ସମୟ ସାରଣୀ:** ● ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟସାରଣୀ ଉପଲବ୍ଧ ଅଛି । ● ଟେଣ୍ଡର ଆବେଦନର ଶେଷ ତାରିଖ: ୦୫.୦୨.୨୦୨୫ । ● ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୦.୦୨.୨୦୨୫ । ● ନିଲାମ ତାରିଖ: ୧୭.୦୨.୨୦୨୫ରୁ ୨୫.୦୨.୨୦୨୫ ।

**କ୍ୱାରିଗୁଡ଼ିକର ତାଲିକା:-**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per M³ (in Rs.) | MGQ per year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ୍ ନଂ. | କିସମ | କ୍ଷେତ୍ରଫଳ | | | |
| ୧ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | ଗିରିଧାରୀପ୍ରସାଦ କଳାପଥର ଖଣି ନଂ.-୦୧ | କଳାପଥର | ଗିରିଧାରୀପ୍ରସାଦ | ୨୯୭ | ୧୪୭ | ପଥରବଣି | ୨.୪୨୮ | ୭୭୪୩୬ | ୧୯୫ | ୨୦୦୨୫ ଘନ ମିଟର |
| | | | | | | | | ୧୪୯ | | ୦.୬୩୯ | | | |
| | | | | | | | | ମୋଟ | | ୩.୦୬୭ | | | |
| ୨ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | ଗିରିଧାରୀପ୍ରସାଦ କଳାପଥର ଖଣି ନଂ.-୦୨ | କଳାପଥର | ଗିରିଧାରୀପ୍ରସାଦ | ୨୯୭ | ୧୭୮ | ପଥରବଣି | ୧.୫୪୯ | ୧୧୧୭୭୭ | ୧୯୫ | ୨୦୦୨୩ ଘନ ମିଟର |
| | | | | | | | | ୧୮୨ | | ୧.୧୧୨ | | | |
| | | | | | | | | ୧୯୦ | | ୦.୨୫ | | | |
| | | | | | | | | ମୋଟ | | ୨.୯୧୧ | | | |
| ୩ | ତାଳଚେର | ଢେଙ୍କାନାଳ | ହିନ୍ଦୋଳ | କାରନ୍ଧା କଳାପଥର ଖଣି ନଂ.-୦୫ | କଳାପଥର | କାରନ୍ଧା | ୮୩୮ | ୧୪୯୪ | ପଥରବଣି | ୩.୩୮୭ | ୨୫୪୭୪୩ | ୧୫୫ | ୨୦୦୦୦ ଘନ ମିଟର |

OIPR-30051/11/0003/2425 ସ୍ୱା./- ଖଣି ଅଧିକାରୀ, ଢେଙ୍କାନାଳ

**कार्यालय मुख्य चिकित्सा एवं स्वास्थ्य अधिकारी, जिला : सक्ती (छ.ग.)**
Email - cmhosakti@rediffmail.com, cmhosakti@gmail.com, Ph. No. 07757-299225

क्रमांक / 3029 / मु.चि.स्वा.अ. / निविदा CG/SKT/CMHO/2024-25/03/2024 सक्ती, दिनांक 19.12.2024
//निविदा आमंत्रण सूचना //

वित्तीय वर्ष 2024-25 में डी.एम.एफ. एवं सी.एस.आर. मद अंतर्गत स्वीकृत एवं प्रस्तावित कार्य जिला स्वास्थ्य समिति जिला सक्ती अंतर्गत स्विकृत एवं प्रस्तावित कार्य जिला स्वास्थ्य समिति जिला सक्ती अंतर्गत सामुदायिक स्वास्थ्य केन्द्रों, प्राथमिक स्वास्थ्य केन्दों एवं उपस्वास्थ्य केन्द्रों हेतु फुड ट्रॉली मशीन (हॉट एण्ड कोल्ड) सप्लाई कार्य एवं 90 उपस्वास्थ्य केन्द्रों में स्टेंलेस स्टील पानी टंकी आर. ओ. एवं रनिंग वाटर पाईपलाईन सेटअप कार्य हेतु निविदा आमंत्रित की जाती है। निविदा हेतु प्रस्तावित कार्य विवरण, निविदा प्रपत्र एवं निविदा शर्ते अधोहस्ताक्षरकर्ता के कार्यालय में आवेदन प्रस्तुत कर प्रति आवेदन 1000.00 रुपये के मान से नगद भुगतान / मुख्य चिकित्सा एवं स्वास्थ्य अधिकारी, जिला सक्ती के नाम से डि.डि. / बी.डी. / टी.डी.आर. प्रस्तुत कर कार्यालय दिवस में प्राप्त किया जा सकेगा। समय सारणी का विवरण निम्नानुसार है :

01. निविदा प्रपत्र प्राप्त करने हेतु आवेदन करने की आतिम तिथि : 17.01.2025 समय 05:30 P.M. बजे।
02. निविदा प्रपत्र कार्यालय से निविदाकार द्वारा प्राप्त करने की अंतिम तिथि : 17.01.2025 समय 05:30 P.M. बजे।
03. निविदा पत्रक पंजीकृत डाक/स्पीड पोस्ट/कोरियर के माध्यम से निविदा पत्रक जमा करने की अंतिम तिथि : 21.01.2025, समय 03:00 P.M. बजे तक।
04. निविदा पत्रक खोलने कि तिथि : 21.01.2025, समय 04:00 P.M. बजे।

टिप : सूची, नियम एवं शर्ते कार्यालयिन समय में कार्यालय मुख्य चिकित्सा एवं स्वास्थ्य अधिकारी, जिला सक्ती (छ0ग0) में देखा जा सकता है।

स्वा./- मुख्य चिकित्सा एवं स्वास्थ्य अधिकारी जिला - सक्ती (छ.ग.)
G-242504812/1

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍ଥିକ ଅଭିବୃଦ୍ଧିରେ ଷ୍ଟାର୍ଟଅପ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା

**ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)**

ଭାରତ ବୈଶ୍ୱିକସ୍ତରରେ ସବୁଠାରୁ ଷ୍ଟାର୍ଟଅପ ଇକୋସିଷ୍ଟମ ଭାବରେ ଉଭା ହୋଇଛି। ଏହା ତୃତୀୟ ବୃହତ୍ତମ ଷ୍ଟାର୍ଟଅପ ହବ ଭାବରେ ନିଜର ସ୍ଥାନ ସୃଷ୍ଟି କରିଛି। ୧୦୦ ରୁ ଅଧିକ ୟୁନିକର୍ନ ସହିତ ଭାରତରେ ୭୩,୦୦୦ରୁ ଅଧିକ ଏପରି ଷ୍ଟାର୍ଟଅପ ରହିଛି ଯେଉଁଥିରେ ଅତି କମରେ ଜଣେ ମହିଳା ନିବେଶକ ଅଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧,୫୭,୦୬୬ ଷ୍ଟାର୍ଟଅପ୍‌ର ପ୍ରାୟ ଅର୍ଦ୍ଧେକ ଷ୍ଟାର୍ଟଅପରେ ମହିଳା ନିବେଶକଙ୍କ ଯୋଗଦାନ ରହୁଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ ଏବଂ ଦିଲ୍ଲୀ-ଏନସିଆର ଭଳି ସହରଗୁଡ଼ିକ ନୂତନତ୍ୱର କେନ୍ଦ୍ର ପାଲଟିଛି। ସୁଲଭ ଇଣ୍ଟରନେଟର ବ୍ୟାପକ ଉପଲବ୍ଧତା, ତଥା ଯୁବପିଢ଼ିଙ୍କ ଭୂମିକା ଏବଂ ଫିଣ୍ଟେକ, ଏଡେଟେକ, ସ୍ୱାସ୍ଥ୍ୟ-ବୈଷୟିକ ଜ୍ଞାନକୌଶଳ ଏବଂ ଇ-ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ଷ୍ଟାର୍ଟଅପର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଛି। ଷ୍ଟାର୍ଟଅପ ଇଣ୍ଡିଆର ଇଣ୍ଡିଆନ ଷ୍ଟାର୍ଟଅପ ଇକୋସିଷ୍ଟମ ରିପୋର୍ଟ ଅନୁଯାୟୀ, ସ୍ଥାନୀୟ ତଥା ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ପାଇଁ ଭାରତର ଷ୍ଟାର୍ଟଅପ କୃତ୍ରିମ ବୁଦ୍ଧିମତା, ବ୍ଲକ ଚେନ ଏବଂ ଆଇଓଟି ଭଳି ଉଦୀୟମାନ ପ୍ରଯୁକ୍ତିକୁ ବ୍ୟବହାର କରିଛି। ଇନକ୍ୟୁବେଟର ଏବଂ ଶକ୍ତିଶାଳୀ ମେଣ୍ଟରିଂ ନେଟୱାର୍କ ଦ୍ୱାରା ସମର୍ଥିତ ଏହି ଅଭିନବ ସଂସ୍କୃତି ଏକ ନିଆରା ଇକୋସିଷ୍ଟମ ସୃଷ୍ଟି କରିଛି । ସୂଚନା ଥାଉକି, ୨୦୧୬ରେ ଆରମ୍ଭ ହୋଇଥିବା ଫ୍ଲାଗସିପ ଷ୍ଟାର୍ଟଅପ ଇଣ୍ଡିଆ କାର୍ଯ୍ୟକ୍ରମ ଏହି ପ୍ରୟାସର ମୂଳଦୁଆ ପାଲଟିଛି । ୨୦୨୫ ଡିସେମ୍ବର ସୁଦ୍ଧା, ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ଦ୍ୱାରା ୧,୫୭,୦୬୬ ଷ୍ଟାର୍ଟଅପ ମାନ୍ୟତା ପାଇଛି ଏବଂ ପୋର୍ଟାଲରେ ୭,୫୯,୩୦୩ ଉପଭୋକ୍ତା ପଞ୍ଜିକୃତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଯୋଜନା ଅଧୀନରେ ପଞ୍ଜୀକୃତ ଷ୍ଟାର୍ଟଅପଗୁଡ଼ିକ କ୍ରମାଗତ ୩ ଆର୍ଥିକ ବର୍ଷ ପାଇଁ ଟିକସ ଛାଡ ପାଆନ୍ତି। ଷ୍ଟାର୍ଟଅପ୍ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟ ଆର୍ଥିକ ବୃଦ୍ଧି ପାଇଁ ଫଣ୍ଡ ଅଫ ଫଣ୍ଡସ୍ ପଦକ୍ଷେପ ସହ ୧୦,୦୦୦ କୋଟି ଆବଣ୍ଟନ କରିଛି। ସେହିପରି ବାୟୋଟେକ୍ନୋଲୋଜି, କୃଷି ଏବଂ ଅକ୍ଷୟ ଶକ୍ତି ପରି ଶିଳ୍ପଗୁଡିକ ପାଇଁ ପ୍ରସ୍ତୁତ ନୀତିଗୁଡିକ ଆଞ୍ଚଳିକ ଅଭିବୃଦ୍ଧିକୁ ଉତ୍ସାହିତ କରିଛି। ଇଣ୍ଡିଆ ଷ୍ଟାର୍ଟଅପ ନଲେଜ ଆକ୍ସେସ ରେଜିଷ୍ଟ୍ରି ଦ୍ୱାରା ଷ୍ଟାର୍ଟଅପ, ନିବେଶକ, ମେଣ୍ଟର, ସେବା ପ୍ରଦାନକାରୀ ଏବଂ ସରକାରୀ ସଂସ୍ଥା ସମେତ ଉଦ୍ୟୋଗୀ ଇକୋସିଷ୍ଟମ ମଧ୍ୟରେ ପ୍ରମୁଖ ହିତାଧିକାରୀଙ୍କ ମଧ୍ୟରେ ସହଯୋଗକୁ କେନ୍ଦ୍ରୀକରଣ ପାଇଁ ଡିଜାଇନ କରାଯାଇଛି। ୨୦୨୧ ରେ ଆରମ୍ଭ ହୋଇଥିବା ପ୍ରଡକ୍ଟ ଇନୋଭେସନ, ଡେଭଲପମେଣ୍ଟ ଏବଂ ଗ୍ରୋଥ ସ୍କିମ ଦ୍ୱାରା ୪ ବର୍ଷ ମଧ୍ୟରେ ୯୯ କୋଟି ଖର୍ଚ୍ଚ ସହିତ ୩୦୦ ସଫ୍ଟୱେୟାର୍ ଉତ୍ପାଦ ଷ୍ଟାର୍ଟଅପକୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛ। ଭାରତର ଆର୍ଥିକ ଅଭିବୃଦ୍ଧି ପାଇଁ ଷ୍ଟାର୍ଟଅପ ଗୁରୁତ୍ୱପୂର୍ଣ୍ଣ ହୋଇପାରିଛି । ଷ୍ଟାର୍ଟଅପ ସାରା ଦେଶରେ ୧୬ ଲକ୍ଷରୁ ଅଧିକ ଚାକିରି ସୃଷ୍ଟି କରିଛି । ବିଶ୍ୱ ଉଦ୍ୟୋଗ ପୁଞ୍ଜି (ଭିସି) ଏବଂ ଘରୋଇ ଇକ୍ୱିଟି ବିନିଯୋଗ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।




# ଓଲା ଇଲେକ୍ଟ୍ରିକ୍ ନେଟ୍‌ୱର୍କ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୨୫।୧୨**

ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ ନିର୍ମାତା ତଥା ଇଲେକ୍ଟ୍ରିକ୍ ଭେହିକିଲ (ଇଭି) କମ୍ପାନୀ 'ଓଲା ଇଲେକ୍ଟ୍ରିକ୍'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ନେଟ୍‌ୱର୍କ ସମ୍ପ୍ରସାରଣ' ସମ୍ପର୍କରେ ଘୋଷଣା କରିଛି। ଏପରିକି କମ୍ପାନୀ ବୁଧବାର ସାରା ଦେଶରେ ଏକ ବଡ଼ ଧରଣର ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ସର୍ବଭାରତୀୟ ସ୍ତରରେ କରିଛି। ଫଳରେ କମ୍ପାନୀ ଦେଶବ୍ୟାପୀ ୪୦୦୦ ଷ୍ଟୋରକୁ ଏକ ସାଙ୍ଗରେ ଶୁଭାରମ୍ଭ କରାଯାଇଛି। ଏହି ବିସ୍ତାର ସହ ବର୍ତ୍ତମାନ କମ୍ପାନୀ ନେଟ୍‌ୱର୍କରେ ୪ ଗୁଣ ଷ୍ଟୋର ବୃଦ୍ଧି ହୋଇଛି। ସେହିଭଳି ସର୍ଭିସ୍ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ୩୨୦୦ରୁ ଅଧିକ ନୂଆ ଷ୍ଟୋରର ଶୁଭାରମ୍ଭ ସହ କମ୍ପାନୀ ମେଟ୍ରୋ, ଟିୟର ୧ ଓ ଟିୟର ୨ ସହରଗୁଡିକ ବାହାରେ ଭାରତର ପ୍ରାୟ ପ୍ରତ୍ୟେକ ଟାଉନ ଓ ତହସିଲରେ ବ୍ୟାପକ ପ୍ରବେଶୀକରଣକୁ ସକ୍ଷମକରି ବୃହତ୍ ସ୍ତରର ଇଭି ଗ୍ରହଣୀୟତାକୁ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ ରହିଛି। ଏହି ସମ୍ପ୍ରସାରଣ ଯୋଜନା ଅଧୀନରେ ଓଲା ଇଲେକ୍ଟ୍ରିକ୍ ପକ୍ଷରୁ ଭୁବନେଶ୍ୱରର କେସୁରାଠାରେ ଏକ ନୂତନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଓଲା ଇଲେକ୍ଟ୍ରିକ୍ ଆର୍‌ଏସ୍‌ଏମ୍ ନବୀନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କମ୍ପାନୀ ଓ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଓଲା ଇଲେକ୍ଟ୍ରିକ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ଭାବିଷ ଅଗ୍ରୱାଲ କହିଛନ୍ତି, ଆମେ ଆମର ନେଟ୍‌ୱର୍କକୁ ସମ୍ପ୍ରସାରଣକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଦେଶର ପ୍ରତ୍ୟେକ ସହର, ଟାଉନ ଓ ତହସିଲକୁ ନେଟ୍‌ୱର୍କର ବିସ୍ତାର କରିଛୁ। ସେହିଭଳି ସର୍ଭିସ୍ ସେଣ୍ଟରଗୁଡିକ ସହ ମିଳିତ ଭାବେ ଅବସ୍ଥାପିତ ଆମର ନୂଆକରି ଶୁଭାରମ୍ଭ ହୋଇଥିବା ଷ୍ଟୋରଗୁଡିକ ସହ ଆମେ ଇଭି କ୍ରୟ ଓ ମାଲିକାନା ଅନୁଭୂତିକୁ ସମ୍ପୂର୍ଣ୍ଣ ରୂପେ ପୁନଃ ପରିଭାଷିତ କରିଛୁ। ଅପରପକ୍ଷରେ ଆମର ହାସ୍‌ଟ୍ୟାଗ୍ ସେଭିଂସ୍ ୱାଲା ସ୍କୁଟର କ୍ୟାମ୍ପେନ ସହ ନୂଆ ବେଞ୍ଚମାର୍କ ସ୍ଥିର କରିଛୁ। ଏହି ସମ୍ପ୍ରସାରଣ ଜାରି ରଖିଥିବାରୁ ଆମେ ଉଦ୍ଭାବନର ସୀମାକୁ ଆଗକୁ ବଢ଼ାଇବା ଏବଂ ହାସ୍‌ଟ୍ୟାଗ୍ ଆଣ୍ଡ୍ ଆଇସିଇଏକ୍ ଦିଗରେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏହି ବିଶାଳ ନେଟ୍‌ୱର୍କ ସମ୍ପ୍ରସାରଣକୁ ଚିହ୍ନିତକରିବା ପାଇଁ ପ୍ରକୃତ ୨୪-କ୍ୟାରେଟ ଗୋଲ୍ଡ ପ୍ଲେଟେଡ୍ ଏଲିମେଣ୍ଟଗୁଡିକ ସହ ଓଲା ଏସ୍୧ ପ୍ରୋ ସୋନାକୁ ଶୁଭାରମ୍ଭ କରାଯାଇଛି। ନେଟ୍‌ୱର୍କର ବିଶାଳ ସମ୍ପ୍ରସାରଣକୁ ଚିହ୍ନିତକରି ଓଲା ଇଲେକ୍ଟ୍ରିକ୍ ଏହାର ଏସ୍୧ ପୋର୍ଟଫୋଲିଓ ଉପରେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତର ଲାଭ ସହ ଆକର୍ଷଣୀୟ ଅଫରର ଶୁଭାରମ୍ଭ କରିଛି। ଯାହା ସ୍ୱତନ୍ତ୍ର ଭାବେ ୨୦୨୪ ଡିସେମ୍ବର ୨୫ରେ ଉପଲବ୍ଧ ରହିବ। ଗ୍ରାହକମାନେ ନିକଟରେ ଶୁଭାରମ୍ଭ ହୋଇଥିବା ନିଜର ନିକଟସ୍ଥ ଓଲା ଷ୍ଟୋରଗୁଡିକୁ ପରିଦର୍ଶନ କରିପାରିବେ।


## ୧୯ତମ ଜନ୍ମବାର୍ଷିକୀ



**ରୁଦ୍ରନାରାୟଣ ସାହୁ**
ଯୋରନ୍ଦା, ମହିମାଗାଦି, ଢେଙ୍କାନାଳ
ତୋର ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା - ପରିବାରବର୍ଗ
D-2388


# ବବି ଜନ୍ ସହ ଡା. ଅର୍ଥୋର ବୁଝାମଣା

**ନୂଆଦିଲ୍ଲୀ,୨୫।୧୨**

ଦେଶର ଅଗ୍ରଣୀ ଆୟୁର୍ବେଦିକ କମ୍ପାନୀ ତଥା ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ଡ. ଅର୍ଥୋ ଏବଂ ବଲିଉଡ୍ ଫିଲ୍ମ 'ବବି ଜନ୍' ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଏପରିକି ଏହି ଆକ୍ସନ ଥ୍ରିଲର ଚଳଚ୍ଚିତ୍ର ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ କାଲିସଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ବରୁଣ ଧାୱନଙ୍କ ଅଭିନୀତ 'ବବି ଜନ୍'ର ପ୍ରଚାର ଓ ପ୍ରସାର ସହ ବ୍ରାଣ୍ଡର ପ୍ରଚାର ଏହା ଜରିଆରେ ହୋଇପାରିବ ବୋଲି କୁହାଯାଇଛି। ବିଶେଷକରି ଚଳଚ୍ଚିତ୍ରର ମୁଖ୍ୟ ନାୟକ ତଥା ଡିସିପି ସତ୍ୟ ବର୍ମା କିଭଳି ରାଜନୀତିର ପଶାପାଲିରେ ଛନ୍ଦି ହୋଇ ସଂଘର୍ଷ କରୁଛନ୍ତି ଏବଂ ପଲିଟିସିଆନ ବବର ଶେର ସହ ଲଢେଇ କରି ସଫଳ ହେଉଛନ୍ତି।

ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ତଥା ଉଦ୍ୟୋଗୀ ଓ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଆମେ ବଲିଉଡ୍ ଫିଲ୍ମ ବବି ଜନ ସହ ସାମିଲ ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ବବି ଜନର ସଫଳତା ପାଇଁ ମଧ୍ୟ ଶୁଭେଚ୍ଛା ଜଣାଉଛୁ। ସେହିଭଳି କିଭଳି ଜଣେ କର୍ତ୍ତବ୍ୟବାନ ପୋଲିସ ଅଫିସର ତା'ର ପରିବାର ସୁରକ୍ଷା ଓ ପରିବାର ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ଲଢେଇ କରି ପରିଶେଷରେ ସଫଳ ହେଉଛି। ସେ ବିଷୟରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତା ଓ ଏହାର ସମସ୍ତ ଟିମ ମେମ୍ବରଙ୍କ କଠିନ ପରିଶ୍ରମକୁ ପରିପ୍ରକାଶ କରୁଛି। ସେହିପରି ବ୍ରାଣ୍ଡ ଅର୍ଥୋର ଷ୍ଟ୍ରଙ୍ଗ ଅଏଲର ଗୁଣବତ୍ତା ଓ କଠିନ ପରିଶ୍ରମକାରୀଙ୍କ ଲାଗି ଯେଉଁ ଉପକାରିତା ପ୍ରଦାନ କରୁଛି ସେ ବିଷୟରେ ମଧ୍ୟ ଏହି ଚଳଚ୍ଚିତ୍ରର ଅଭିନେତାମାପେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଦୀର୍ଘ ଦିନ ହେବ ଲୋକଙ୍କ ହିତରେ ଏବଂ ଗ୍ରାହକଙ୍କ ସେବାରେ ରହିଛି। ଏପରିକି କମ୍ପାନୀର ଅନେକ ପ୍ରକାରର ବ୍ରାଣ୍ଡ ଦୀର୍ଘଦିନ ହେବ ଗ୍ରାହକଙ୍କ ସେବାର ଉର୍ତ୍ସଗୀକୃତ ହୋଇ ରହିଛି।




# ବଜାଜ୍ ଫିନ୍‌ସର୍ଭର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୫।୧୨**

ବଜାଜ୍ ଫିନ୍‌ସର୍ଭ ଏଏମ୍‌ସି (ବଜାଜ୍ ଫିନସର୍ଭ)ର ନୂତନ ଉତ୍ପାଦ 'ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ଲିଙ୍କ୍‌ଡ ସେଭିଂ ସ୍କିମ୍ ହୋଇଥିଲାବେଳେ ୩ ବର୍ଷର ଲକ୍-ଇନ୍ ଅବଧି ଓ ଟିକସ ଲାଭ ସହିତ ବଜାଜ୍ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ୍ ଆରମ୍ଭ ହୋଇଛି। ଏହି ଫଣ୍ଡର ସବ୍‌ସ୍କ୍ରିପଶନ ଆରମ୍ଭ ହୋଇଯାଇଥିଲାବେଳେ ଏହାର ଅବଧି ୨୦୨୫ ଜାନୁଆରୀ ୨୨ରେ ଶେଷ ହେବ। ଏ ସମ୍ପର୍କରେ ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଇଓ ଗଣେଶ ମୋହନ କହିଛନ୍ତି, ଆମେ ଲୋକମାନଙ୍କୁ ସେମାନଙ୍କର ଦୀର୍ଘାବଧି ଲକ୍ଷ୍ୟ ସହ ମେଳ ଖାଉଥିବା ସ୍ମାର୍ଟ ଫାଇନାନ୍ସିଆଲ ସଲ୍ୟୁଶନ ପ୍ରଦାନକରି ସଶକ୍ତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଇଏଲ୍‌ଏସ୍‌ଏସ ଟିକସ ସଞ୍ଚୟ, ଇକ୍ୱିଟି ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଓ ସର୍ବନିମ୍ନ ଲକ୍-ଇନ୍ ଅବଧି ଭଳି ୩ଟି ଲାଭ ସହିତ ନିବେଶକଙ୍କୁ ନିଜର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିପାରିବ।

ସେହିଭଳି ବଜାଜ୍ ଫିନ୍‌ସର୍ଭ ଏଏମ୍‌ସିର ସିଆଇଓ ନିମେଶ ଚନ୍ଦନ କହିଛନ୍ତି, ଏହି ଫଣ୍ଡ୍ ଏକ ଦୀର୍ଘ ଅବଧିଭିତ୍ତିକ ଷ୍ଟକ୍ ଚୟନ ପ୍ରକ୍ରିୟା ଅନୁସରଣ କରୁଛି, ଯେଉଁଥିରେ ବିସ୍ତୃତ ମୌଳିକ ବିଶ୍ଳେଷଣ ମାଧ୍ୟମରେ ଗୁଣାତ୍ମକ ବ୍ୟବସାୟଗୁଡିକୁ ଚିହ୍ନଟକରିବା ଓ ସେଥିରେ ନିବେଶ ସାମିଲ ରହିଛି। ଏହା ମଜଭୁତ, ଅଭିବୃଦ୍ଧି-ଆଧାରିତ ବ୍ୟବସାୟ ମଡେଲ, ଉତ୍ତମ ପରିଚାଳନା ଥିବା ଓ ଯୁକ୍ତିଯୁକ୍ତ ମୂଲ୍ୟାୟନରେ ଉପଲବ୍ଧ କମ୍ପାନୀଗୁଡ଼ିକୁ ଚୟନ କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ଆମର ନିଜସ୍ୱ ଇନ୍‌କ୍ୟୁବି ନିବେଶ ଦର୍ଶନ ଉପରେ ନିର୍ମିତ ହୋଇଛି। ସେହିପରି ଏହା ରେଗୁଲାର ଓ ଡାଇରେକ୍ଟ ପ୍ଲାନ୍ ଅଧୀନରେ ଗ୍ରୋଥ୍ ଓ ଆଇଡିସିଡବ୍ଲ୍ୟୁ ବିକଳ୍ପରେ ଉପଲବ୍ଧ ହେଉଛି। ସର୍ବନିମ୍ନ ୫୦୦ଟଙ୍କାର ଯୋଗଦାନ ସହ ଏକ ଲମ୍ପ୍ ସମ୍ କିମ୍ବା ଏସ୍‌ଆଇପି ମାଧ୍ୟମରେ ଏହି ସ୍କିମ୍‌ରେ ନିବେଶ କରାଯାଇପାରିବ। ଏପରିକି ବଜାଜ୍ ଫିନ୍‌ସର୍ଭ ଇଏଲ୍‌ଏସ୍‌ଏସ୍ ଟ୍ୟାକ୍ସ ସେଭର ଫଣ୍ଡ୍ ଇକ୍ୱିଟିରେ ନିବେଶକରି ଦୀର୍ଘାବଧି ଟିକସ ଲାଭ ଓ ସମ୍ପତ୍ତି ସୃଷ୍ଟିର ଦ୍ୱୈତ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।


# Classified Everyday

**0674-2580101, 9692975378**


REAL ESTATE

**SALE**

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048.** D-2386

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-2387

**ଅରଡ଼ରେ ଘରବାରି ପ୍ଲଟ୍ ମିଳୁଛି। ତ୍ରିନାଥ ବଜାରଠାରୁ 5Km. ଦୂରତାରେ ସୁଲଭ Priceରେ ପ୍ଲଟ୍ ମିଳେ- 7205626277.** D-2385




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

**AFFIDAVIT**

I, Ritarani Bhoi, aged about 33yrs., Wife of Balaram Bhoi, Resident of Village Palatpur, P.O.- Bhuinpur, P.S.- Dhusuri, in the Dist. of Bhadrak, Odisha, Pin- 756138 do hereby declare that, by virtue of this affidavit, from today I shall be known as Ritarani Bhoi instead of Mitarani Bhoi in all official and non-official purposes. D-2389

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Dillip Kumar Ojha (51 yrs.), S/o- Late Kalandi Charan Ojha, Vill./P.O. - Sundarpur, P.S.- Dhusuri, Dist.- Bhadrak declare that my wife has an LIC Policy bearing No. 588872623. Where in her name mentioned Anima Ojha. But her actual name is Annapurna Ojha. Further I declare that Anima Ojha and Annapurna Ojha, W/o Dillip Kumar Ojha same and one person. D-2369

ମୁଁ ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ, ୬୨ ବର୍ଷ, ପିତା- ସୂର୍ଯ୍ୟନାରାୟଣ ପଟ୍ଟନାୟକ, ପ୍ଲଟ୍ ନଂ. ୭୨(ପି), ଏକାମ୍ର ରୋଡ୍, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର ନୋଟାରୀ ପବ୍ଲିକ୍, ଭୁବନେଶ୍ୱରଙ୍କ ନିକଟରେ ନ୍ୟାୟିକ ମୋହର ସଂଖ୍ୟା ୭୩ ଏଏ ୮୩୦୭୪୦, ତା ୧୭।୧୨।୨୦୨୪ରିଖରେ କରିଥିବା ଶପଥପାଠ ଅନୁଯାୟୀ ଜଣାଉଅଛି କି ମୋର ପ୍ରକୃତ ଏବଂ ନିର୍ଭୁଲ ନାମ ଆଧାର କାର୍ଡ ନଂ. XXXX XXXX ୩୨୪୬ ଏବଂ ପାନ୍ କାର୍ଡ ଏଜି ପିପିପି ୬୮୯୧ ଏଚ୍ ଅନୁସାରେ ମିନାକ୍ଷୀ ପଟ୍ଟନାୟକ ଅଟେ। କିନ୍ତୁ ଭୁଲ୍‌ବଶତଃ ମୋର ନାମ ପାସ୍‌ପୋର୍ଟ ବହି ନଂ. ଏଲ୍ ୮୩୩୭୫୯୧ରେ ମିନାକ୍ଷୀ କୁମାରୀ ପଟ୍ଟନାୟକ ରହିଯାଇଅଛି। ଅଦ୍ୟଠାରୁ ଏହି ଶପଥପାଠ ମାଧ୍ୟମରେ ମୁଁ ଘୋଷଣା କରୁଅଛି କି ମିନାକ୍ଷୀ ପଟ୍ଟନାୟକ ଏବଂ ମିନାକ୍ଷୀ କୁମାରୀ ପଟ୍ଟନାୟକ ଉଭୟ ନାମ ଏକକ ବ୍ୟକ୍ତିଙ୍କର ଅଟେ, ଯାହା ସର୍ବତ୍ର ବ୍ୟବହୃତ ହୋଇପାରିବ। ଧ-୨୩୯୦


# ବଜାରରେ ହୋଣ୍ଡାର ଏସ୍‌ପି୧୬୦

**ନୂଆଦିଲ୍ଲୀ,୨୫।୧୨ (ଅଭୟ ଦାଶ)**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଏସ୍‌ପି୧୬୦ (ନ୍ୟୁ ୨୦୨୫ ଏସ୍‌ପି୧୬୦)ର ଅନାବରଣ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି,ସଭାପତି ତଥା ସିଇଓ ସୁଟୁସୁମୁ ଓଟାନୀ କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଓବିଡି୨ବି ନିୟାମକ ନୂତନ ଏସ୍‌ପି୧୬୦କୁ ଅନାବରଣ ସହ ବଜାର କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ୧ବର୍ଷ ମଧ୍ୟରେ ଏହି ଏସ୍‌ପି୧୬୦ ଗ୍ରାହକଙ୍କ ମଧ୍ୟରେ ଲୋକପ୍ରିୟତାର ଚରମସୀମାରେ ପହଞ୍ଚିଛି। ବର୍ତ୍ତମାନ ଓବିଡି ୨ବି ଅନୁରୂପ ଇଞ୍ଜିନ ତଥା ଅତ୍ୟାଧୁନିକ ବିଶେଷତ୍ୱ ସହିତ ଏହି ମଡେଲ ବଜାରରେ ଉପଲବ୍ଧ ହେଉଛି। ଏଥିରେ (ଏସ୍‌ପି୧୬୦)ରେ ଟିଏଫ୍‌ଟି ଡିସ୍‌ପ୍ଲେ ସହିତ ହୋଣ୍ଡା ରୋଡସିଙ୍କ୍ ଆପ୍ ମାଧ୍ୟମରେ ବ୍ଲୁ ଟୁଥ୍ ସଂଯୋଗୀକରଣ ଭଳି ସୁବିଧା ସାମିଲ ରହିଛି। ଏହାଦ୍ୱାରା ଆମ ଗ୍ରାହକମାନେ ଏସ୍‌ପି୧୬୦ରେ ପ୍ରସ୍ତୁତ ହୋଇ ରହିଥିବା ବୃଦ୍ଧିପ୍ରାପ୍ତ ଅଭିଜ୍ଞତାକୁ ଚାଳନା କରିବା ସମୟରେ ଏହାକୁ ପାଇପାରିବେ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଥିଲେ, ଏସ୍‌ପି୧୬୦ ସବୁବେଳେ ଉଚ୍ଚାଭିଳାଷୀ ତଥା ଉତ୍ସାହୀ ଯୁବ ଚାଳକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛି। ଏପରିକି ଯେଉଁମାନେ ଜୀବନରେ ସାହସୀ ହେବାକୁ ଇଚ୍ଛା କରିଥାନ୍ତି।

ସେହିପରି ଆଧୁନିକ ଶୈଳୀ ସହ ଅତ୍ୟାଧୁନିକ ବୈଶିଷ୍ଟ୍ୟର ପରିପୂର୍ଣ୍ଣ ଏବଂ ଜ୍ଞାନକୌଶଳ ଓ ଅସାଧାରଣ ମୂଲ୍ୟକୁ ନେଇ ନୂତନ ଏସ୍‌ପି୧୬୦ ଗ୍ରାହକମାନଙ୍କୁ ଆକୃଷ୍ଟ କରିପାରିଛି। ଯେଉଁମାନେ କି ଉଭୟ ଶୈଳୀ ଏବଂ କାର୍ଯ୍ୟକାରିତାର ଆବଶ୍ୟକତା କରିଥାନ୍ତି। ଆମର ବିଶ୍ୱାସ ଏହି ଅଧୁନାତମ ଏସ୍‌ପି୧୬୦ର ଶୁଭାରମ୍ଭ ୧୬୦ସିସି କମ୍ୟୁଟର ସେଗ୍‌ମେଣ୍ଟରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ।

ଉଲ୍ଲେଖଯୋଗ୍ୟ, ଏସ୍‌ପି୧୬୦ରେ ଆକର୍ଷଣୀୟ ଏଲ୍‌ଇଡି (ସମ୍ମୁଖ ଭାଗ ଲ୍ୟାମ୍ପ) ସହ ଏକ ଉନ୍ନତମାନର ଅଗ୍ରଣୀ ଟାଙ୍କି ରହିଛି। ଏହି ମଡେଲ ଦୁଇଟି ଆକାରରେ 'ସିଙ୍ଗଲ ଡିସ୍କ ଏବଂ ଡବଲ ଡିସ୍କ'ରେ ଉପଲବ୍ଧ ରହିଛି, ଯେଉଁଥିରେ ୪ଟି ରଙ୍ଗର ବିକଳ୍ପ ରାଡିଆଣ୍ଟ ରେଡ୍ ମେଟାଲିକ୍, ପର୍ଲ ଇଗ୍ନିୟସ୍ ବ୍ଲାକ୍, ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ଏବଂ ଆଥ୍‌ଲେଟିକ୍ ବ୍ଲୁ ମେଟାଲିକ୍ କଲର ରହିଛି। ଏପରିକି ଏହି ନୂତନ ମଡେଲ (ନ୍ୟୁ ୨୦୨୫ ହୋଣ୍ଡା ଏସପି୧୬୦)ର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ଦିଲ୍ଲୀ) ୧,୨୧,୯୫୧ ଟଙ୍କାରୁ ଆରମ୍ଭ ହେଉଛି।



# ୪ଦିନିଆ ଜୟପୁର ଜୁଏଲେରି ଶୋ' ଉଦ୍‌ଯାପିତ

**ନୂଆଦିଲ୍ଲୀ,୨୫।୧୨**

ଦେଶର ଅଗ୍ରଣୀ ଜୁଏଲେରି ପ୍ରଦର୍ଶନୀ 'ଜୟପୁର ଜୁଏଲେରି ଶୋ(ଜେଜେଏସ୍)ର ଗ୍ରାଣ୍ଡ ଫିନାଲେ ଓ ଉଦ୍‌ଯାପନୀ ସନ୍ଧ୍ୟା ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ଏହି ୪ଦିନିଆ 'ଦ ଡିସେମ୍ବର ଶୋ-ଜୟପୁର ଜୁଏଲେରି ଶୋ ନିକଟରେ ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଜେଇସିସିଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ପ୍ରାୟ ୫୦,୦୦୦ ପରିଦର୍ଶକ ଓ ଟ୍ରେଡର ଅଂଶଗ୍ରହଣ କରିଥିଲେ।

ଚଳିତ ବର୍ଷ ମଧ୍ୟ ଉଭୟ ଆୟୋଜକ ଓ ପ୍ରଦର୍ଶକମାନେ ଲୋକଙ୍କଠାରୁ ଗ୍ରହଣ କରିଥିବା ଉତ୍ସାହଜନକ ଓ ସକାରାତ୍ମକ ପ୍ରତିକ୍ରିୟାରେ ସନ୍ତୁଷ୍ଟ ହୋଇଥିଲେ। ଯାହା ଏହି ଶୋ'ର ଆଉ ଏକ ସଫଳ ସଂସ୍କରଣକୁ ଚିହ୍ନିତ କରିଛି। ଏହି ଶୋ' ଏକ ବିଦାୟକାଳୀନ ଅଧିବେଶନ ସହ ଶେଷ ହୋଇଥିଲା ଯାହା ଏହାର ଉଲ୍ଲେଖନୀୟ ସଫଳତାକୁ ପାଳନ କରୁଛି।

ଏ ସମ୍ପର୍କରେ ଜେଜେଏସ୍‌ର ଅଧ୍ୟକ୍ଷ ବିମଳ ଚାନ୍ଦ ସୁରାନା କହିଛନ୍ତି, ସର୍ବାଧିକ ସଂଖ୍ୟକ ବୁଥ୍ ଓ ରେକର୍ଡ ସଂଖ୍ୟକ ଗ୍ରାହକଙ୍କ ସହ ଜେଜେଏସ୍ ଚଳିତ ବର୍ଷ ବାସ୍ତବରେ ଏକ ନୂଆ ଉଚ୍ଚତାରେ ପହଞ୍ଚିଛି। ଏପରିକି ଏହା ଏକ ଉଲ୍ଲେଖନୀୟ ପ୍ଲାଟ୍‌ଫର୍ମରେ ପରିଣତ ହେବା ପାଇଁ ଉଦ୍ୟମ ଜାରି ରଖିଛି। ଏହା ସମସ୍ତଙ୍କ ପାଇଁ ସର୍ବୋତ୍ତମ ବ୍ୟବସାୟର ସୁଯୋଗକୁ ସୁନିଶ୍ଚିତ କରୁଛି। ଏପରିକି ଜେଜେଏସ୍‌ର ଆଗାମୀ ସଂସ୍କରଣ ୨୦୨୫ ଡିସେମ୍ବର ୧୯ ରୁ ୨୨ ମଧ୍ୟରେ ଆୟୋଜନ ହେବ।

ଜେଜେଏସ୍‌ର ସଚିବ ରାଜୀବ ଜୈନ କହିଛନ୍ତି, ଜେଜେଏସ୍ ଚଳିତ ବର୍ଷ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। କେବଳ ୪ଦିନରେ ପ୍ରାୟ ୫୦,୦୦୦ ପରିଦର୍ଶକଙ୍କ ଆଗମନ ସହ ୭,୯୧୫ ଆଉଟ ଷ୍ଟେଶନ ରେଜିଷ୍ଟ୍ରେଶନ ଏବଂ ୫୯୩ ଜଣ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ଉପସ୍ଥିତିର ସାକ୍ଷୀ ହୋଇଥିଲା। ଜେଜେଏସ୍ ସମ୍ମାନ ଉତ୍ସବରେ ବାଣୀ କପୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ନନ୍ଦିନୀ ଗୁପ୍ତା ନେଟ୍‌ୱର୍କିଂ ଡିନରରେ ଯୋଗଦେଇଥିଲେ। ଏପରିକି ସ୍ୱରାଗ ବ୍ୟାଣ୍ଡର ଦମ୍‌ଦାର ପରିବେଷଣ ଉଦ୍‌ଯାପନୀ ସନ୍ଧ୍ୟାକୁ ଏକ ଆନନ୍ଦଦାୟକ ସ୍ପର୍ଶ ଦେଇଥିଲା। ଜେଜେଏସ୍‌ର ପ୍ରବକ୍ତା ଅଜୟ କାଲା ବିଦାୟକାଳୀନ ସମାରୋହକୁ ପରିଚାଳନା କରି କହିଥିଲେ, ଚଳିତ ଥର ଜେଜେଏସ୍ ବ୍ୟବସାୟ ଓ ପରିଚାଳନା ଦୃଷ୍ଟିରୁ ସର୍ବୋତ୍ତମ ଶୋ'ରେ ପରିଣତ ହୋଇଛି। ଏହା ବ୍ୟବସାୟ ଦୃଷ୍ଟିରୁ ସବୁଠାରୁ ବିସ୍ତୃତ ଓ ଉପଯୋଗୀ ଶୋ' ଥିଲା। ସେ ଏହି ଶୋ'ର ସଫଳତା ପାଇଁ ସମସ୍ତ ପ୍ରଦର୍ଶନକାରୀ, ସେଲର ଓ ପରିଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପର୍ଲ ଏକାଡେମୀ ଶ୍ରେଷ୍ଠ ଅନୁଷ୍ଠାନର ପୁରସ୍କାର ଜିତିଛି। ଅନ୍ୟ ପୁରସ୍କାରଗୁଡ଼ିକରେ ଶ୍ରେଷ୍ଠ ବୁଥ୍ ଓ ଶ୍ରେଷ୍ଠ ୟଙ୍ଗ୍ ଓମେନ ଆଚିଭର ମଧ୍ୟ ସାମିଲ ରହିଛି। ଏହା ବ୍ୟତୀତ ରୁବି ରିଡିଫାଇନ୍‌ଡ ଏକ ନିଆରା ଡିଜାଇନ୍ ପ୍ରତିଯୋଗିତା ଆୟୋଜନ କରିଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନଙ୍କୁ ଅସ୍ୱାଭାବିକ କଟ୍ କିମ୍ବା ଟ୍ରେଣ୍ଡି ଏବଂ ଭବିଷ୍ୟତ ଶୈଳୀରେ ଫର୍ମ ସହ ରୁବି ଜେମ୍‌ଷ୍ଟୋନ୍ ବ୍ୟବହାରକରି ଅଳଙ୍କାର ତିଆରି କରିବାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିରେ ମାନବୀ ଗୁପ୍ତା ପ୍ରଥମ, ସୋନାଲ ଲଖେରା ଦ୍ୱିତୀୟ, ହାପି ଶ୍ୟାମସୁଖା ଓ କାର୍ତ୍ତିଖୋବ୍ୟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଦାୟକାଳୀନ ସମାରୋହରେ କାର୍ଯ୍ୟକ୍ରମ ସହ ଜଡ଼ିତ ଭେଣ୍ଡରମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ସ୍ମାରକପତ୍ର ଦିଆଯାଇଥିଲା।

## ଘରସଂସାର କଲେ ସୋନାକ୍ଷୀ


ସୋନାକ୍ଷୀ

ଚଳିତ ବର୍ଷ ବଲିଉଡ୍‌ର ଦୁଇ ଜଣ ପ୍ରମୁଖ ଅଭିନେତ୍ରୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ଦୁହେଁ ହେଲେ ସୋନାକ୍ଷୀ ସିହ୍ନା ଏବଂ ରକୁଲ୍ ପ୍ରୀତ୍ ସିଂ । ଶତ୍ରୁଘ୍ନ ତନୟା ସୋନାକ୍ଷୀ ଚଳିତ ବର୍ଷ ନିଜ ପ୍ରେମ କାହାଣୀକୁ ଦ ଏଣ୍ଡ କରି ପ୍ରେମିକ ଜାହିର ଇକବଲ୍‌ଙ୍କ ସହ ଘରସଂସାର କରିଛନ୍ତି। ଦୁହେଁ ପାଖାପାଖି ୭ ବର୍ଷ ଡେଟିଂରେ ଥିଲେ। ଏହି ବିବାହ ଉତ୍ସବରେ ଉଭୟ ପରିବାରର ସଦସ୍ୟ, ନିକଟ ସମ୍ପର୍କୀୟ ଏବଂ ବଲିଉଡ୍‌ର ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ। ୨୦୨୨ରେ ସୋନାକ୍ଷୀ ଏବଂ ଜାହିର ଏକ ଭିଡିଓ ଆଲବମ୍ 'ବ୍ଲକବଷ୍ଟର'ରେ ପ୍ରଥମ ଥର ପାଇଁ ଏକତ୍ର ଅଭିନୟ କରିଥିଲେ। ଅନ୍ୟପକ୍ଷରେ ଏ ବର୍ଷ ହିନ୍ଦୀ ସିନେମାର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ଭାସୁ ଭଗନାନୀଙ୍କ ପୁଅ ଜ୍ୟାକିଙ୍କୁ ରକୁଲ ପତି ରୂପରେ ଗ୍ରହଣ କରିଛନ୍ତି।



## ରିଶବ ଶ୍ରେଷ୍ଠ ଅଭିନେତା

ଚଳିତ ବର୍ଷ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। 'କନ୍ତରା' ଚଳଚ୍ଚିତ୍ର ପାଇଁ ରିଶବ ସେଟ୍ଟି ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଛନ୍ତି। ଆନନ୍ଦ ଏକାର୍ଷୀଙ୍କ ନିର୍ଦ୍ଦେଶିତ ମାଲୟାଲମ ଚଳଚ୍ଚିତ୍ର 'ଆଟ୍ଟମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଅନ୍ୟପକ୍ଷରେ ଏଥର ଦୁଇ ଜଣଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି। ସେ ଦୁହେଁ ହେଲେ ନିତ୍ୟା ମେନନ (ଥିରୁଚିତ୍ରମ୍ବଲମ୍) ଏବଂ ମାନସୀ ପାରେଖ (କୁଚ୍ ଏକ୍ସପ୍ରେସ)। 'ଉଞ୍ଚାଇ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ପାଇଁ ବିଶିଷ୍ଟ ନିର୍ଦ୍ଦେଶକ ସୁରଜ ବରଜ୍ୟାତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ, ନୀନା ଗୁପ୍ତା ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଏବଂ ପବନ ମାଲହୋତ୍ରାଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଫୌଜି) ପୁରସ୍କାର ମିଳିଛି।

## ବିବାହ ବନ୍ଧନ

'ଇସ୍କ ତୁ ହି ତୁ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିବା ଏଲିନା ସାମନ୍ତରାୟ ଚଳିତବର୍ଷ ଘର ସଂସାର କରିଛନ୍ତି। ଇଣ୍ଡୋନେସିଆର ବାଲିଠାରେ ସେ ଅନୁରାଗ ପଣ୍ଡାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅଭିନେତ୍ରୀ ତମନ୍ନା ଏ ବର୍ଷ ହାତକୁ ଦି' ହାତ ହୋଇଛନ୍ତି। ସେ ପ୍ରଯୋଜକ ସୀତାରାମ ଅଗ୍ରୱାଲ ଏବଂ ଗାୟିକା ନମିତା ଅଗ୍ରୱାଲଙ୍କ ପୁତ୍ର ସିଦ୍ଧାର୍ଥଙ୍କୁ ବିବାହ କରିଛନ୍ତି। ଅନ୍ୟପକ୍ଷରେ ଅଭିନେତ୍ରୀ ମମତା ନନ୍ଦ ଏ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅଭିନେତା ମନୋଜ ମିଶ୍ରଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହୋଇଛି।

# ପରଦା

ନୂଆ ବର୍ଷ ଆଗତପ୍ରାୟ । ଚଳିତବର୍ଷ ମନୋରଞ୍ଜନ ଦୁନିଆରେ ଅନେକ ସ୍ମରଣୀୟ ଘଟଣା ଘଟିଯାଇଛି । ଅନ୍ୟପକ୍ଷରେ ତାମିଲ ଫିଲ୍ମ 'ପୁଷ୍ପା-୨' ରିଲିଜ ହେବାର ମାତ୍ର ଦିନ କେଇଟା ମଧ୍ୟରେ ରେକର୍ଡ ସୃଷ୍ଟି କରି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି । ଚଳିତ ବର୍ଷ ଓଲିଉଡ୍, ବଲିଉଡ୍ ଏବଂ ହଲିଉଡ୍‌ରେ ଘଟିଥିବା ପ୍ରମୁଖ ଘଟଣାବଳୀ ସମ୍ପର୍କରେ ସୂଚନା...

### ନିର୍ଦ୍ଦେଶକ ସାଜିଲେ ବ୍ରଜ

ବିଶିଷ୍ଟ ହାସ୍ୟାଭିନେତା ବ୍ରଜ ସିଂ ଚଳିତ ବର୍ଷ ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ଭାବରେ ମଇଦାନକୁ ଓହ୍ଲାଇଥିଲେ। ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମାଟି ଥିଲା 'ସମୟ କହିବ କିଏ କାହାର'।


ମିଥୁନ ଚକ୍ରବର୍ତ୍ତୀ

### ମିଥୁନଙ୍କୁ ଦାଦା ସାହେବ ଫାଲ୍‌କେ

ବଲିଉଡ୍‌ର ବିଶିଷ୍ଟ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି। ଏହାପୂର୍ବରୁ ମିଥୁନ ତିନି ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି।


ବ୍ରଜ ସିଂ


ବାବୁସାନ୍

### ଶାହରୁଖଙ୍କୁ ଲାଇଫ ଟାଇମ ପୁରସ୍କାର

ଶାହରୁଖ ଖାନ୍‌ଙ୍କୁ ଲୋକାର୍ନୋ ଫିଲ୍ମ ଫେଷ୍ଟିଭାଲର ୭୭ତମ ସଂସ୍କରଣରେ ଲାଇଫ ଟାଇମ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଭଳି ସମ୍ମାନ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ଅଭିନେତା।

### 'ଦମନ'କୁ ଜାତୀୟ ପୁରସ୍କାର

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର ତଥା ବାବୁସାନଙ୍କ ଅଭିନୀତ 'ଦମନ' ଜାତୀୟ ସ୍ତରରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ୨୦୨୨ ପାଇଁ ଏହା ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବରେ ପୁରସ୍କୃତ ହୋଇଛି।


ଶାହରୁଖ ଖାନ୍

## ଅଲ୍ଲୁ ଗିରଫ, ପରେ ଜାମିନ

ଅନ୍ୟତମ ଲୋକପ୍ରିୟ ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ପାଇଁ ଚଳିତ ବର୍ଷ ଯେତିକି ଖୁସିମୟ ଥିଲା ସେତିକି ଦୁଃଖମୟ। ତାଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ପୁଷ୍ପା-୨' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ଏପରିକି ମାତ୍ର ଅଳ୍ପ ଦିନ ମଧ୍ୟରେ ଏହି ଫିଲ୍ମଟି ୧୦୦୦କୋଟି କ୍ଲବରେ ପ୍ରବେଶ କରିଛି। କିନ୍ତୁ ମୁକ୍ତିଲାଭ ଦିନ ଏକ ସିନେମା ହଲ୍‌ରେ ଅଲ୍ଲୁ ହଠାତ୍ ପହଞ୍ଚି ଯାଇଥିଲେ ଏବଂ ତାଙ୍କୁ ଦେଖିବାକୁ ଠେଲାପେଲା ଭିତରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଘଟଣା ପାଇଁ ଅଲ୍ଲୁଙ୍କୁ ଗିରଫ କରାଯାଇ ପରେ ଜାମିନରେ ଛାଡ଼ି ଦିଆଯାଇଛି।


ଅଲ୍ଲୁ ଅର୍ଜୁନ

## ଓସ୍କାର ପୁରସ୍କାର

ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ସମ୍ମାନଜନକ ଓସ୍କାର ପୁରସ୍କାରର ୯୬ତମ ସଂସ୍କରଣରେ ଏଥର 'ଓପେନହେଇମର'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କୃତ କରାଯାଇଛି। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ସିଲିଆନ୍ ମର୍ଫିଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ଏବଂ 'ପୁଅର ଥିଙ୍ଗସ' ପାଇଁ ଇମା ଷ୍ଟୋନ୍‌ଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଫିଲ୍ମ ଏବଂ ଶ୍ରେଷ୍ଠ ଅଭିନେତା ବ୍ୟତୀତ ଆହୁରି ୫ଟି ପୁରସ୍କାର ମିଳିଛି।

### ଗ୍ରାମୀ ଆୱାର୍ଡରେ ଭାରତୀୟ ସଙ୍ଗୀତକୁ ସଫଳତା

ଚଳିତ ବର୍ଷ ଲସ୍ ଏଞ୍ଜେଲ୍‌ସରେ ଅନୁଷ୍ଠିତ ଗ୍ରାମୀ ଆୱାର୍ଡ-୨୦୨୪ରେ ଭାରତୀୟ ସଙ୍ଗୀତକୁ ବଡ଼ ସଫଳତା ମିଳିଛି। ଏଥିରେ ପରଲୋକଗତ ତବଲା ଉସ୍ତାଦ ଜାକିର ହୁସେନ୍, ବଂଶୀବାଦକ ରାକେଶ ଚୌରାସିଆ, ଗାୟକ ଶଙ୍କର ମହାଦେବନ, ଭାଓଲିନ୍ ବାଦକ ଗଣେଶ ରାଜଗୋପାଳନ ଏବଂ ଡ୍ରମ ବାଦକ ସେଲ୍‌ଭା ଗଣେଶଙ୍କୁ ପୁରସ୍କୃତ କରାଯାଇଛି। ଏଥର ହୁସେନ୍‌ଙ୍କୁ ସର୍ବାଧିକ ୩ଟି ଏବଂ ରାକେଶଙ୍କୁ ଦୁଇଟି ଗ୍ରାମୀ ପୁରସ୍କାର ମିଳିଛି।

## ପରଲୋକରେ

ଚଳିତବର୍ଷ ବିଶିଷ୍ଟ ଅପେରା ନିର୍ଦ୍ଦେଶକ 'ଶାଗୁଣା ବସିଛି ଡେଣା ମେଲେଇ' ଫେମ୍ ସଚ୍ଚି ଦାସ ଏବଂ ଅଭିନେତା ଚକ୍ରଧର ଜେନା , ଯୁବ ଗାୟିକା ଲିଟିଲ କର, ଥିଏଟର ନାଟ୍ୟକାର ତଥା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଦାସ,ପ୍ରଡକ୍ସନ ଡିଜାଇନର ହରି ବିଶ୍ୱାଳ ଏବଂ ଓଡ଼ିଆ ଚଳଚ୍ଚିତ୍ର 'ପରଝିଅ ଘର ଭାଙ୍ଗେନା', 'ବତାସୀ ଝଡ଼' ଏବଂ 'ଜୟ ମା ମଙ୍ଗଳା'ର ସହଯୋଗୀ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ନାୟକଙ୍କର ପରଲୋକ ଘଟିଛି। ଅନ୍ୟପକ୍ଷରେ ବଲିଉଡ୍‌ରେ ବିଶିଷ୍ଟ ନିର୍ଦ୍ଦେଶକ ଶ୍ୟାମ ବେନେଗଲ, ଶିଶୁ କଳାକାର ସୁହାନି ଭଟ୍ଟନାଗର ଏବଂ ପ୍ରଚ୍ଛଦପଟ ଗାୟକ ପଙ୍କଜ ଉଦାସଙ୍କର ଦେହାନ୍ତ ହୋଇଛି।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

**ଚଳିତ ବର୍ଷ ଏକାଥରେ ତିନି ବର୍ଷ- ୨୦୨୦, ୨୦୨୧ ଏବଂ ୨୦୨୨ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି।**

**୨୦୨୦**

୨୦୨୦ ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ଆନନ୍ଦ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏ ବର୍ଷର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ବିବେଚିତ ହୋଇଛି ଡା. ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜିତ 'ସହିଦ ରଘୁ ସର୍ଦ୍ଦାର'। ଏହି ଫିଲ୍ମ ପାଇଁ ଦେବାଶିଷ ପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଏବଂ ଏହାର ନାୟିକା କାବ୍ୟା କିରଣଙ୍କୁ ଶ୍ରେଷ୍ଠଭାବରେ ପୁରସ୍କୃତ କରାଯାଇଛି। ଅନ୍ୟପକ୍ଷରେ 'ରୋମିଓ ରାଜା' ଫିଲ୍ମ ପାଇଁ ରାକେଶ ସାମଲ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଅମ୍ଲାନ ଦାସଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି। ଏହି ଫିଲ୍ମ ପାଇଁ ବୈଦ୍ୟନାଥ ଦାଶଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପୁରସ୍କାର ମିଳିଛି।

**୨୦୨୧**

୨୦୨୧ ମସିହା ପାଇଁ ବିଶିଷ୍ଟ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଷ ପାଇଁ ଅନୁପମ ପଟ୍ଟନାୟକଙ୍କ ପ୍ରଯୋଜିତ 'ପ୍ରତୀକ୍ଷା' ଏବଂ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ 'ଡାଲଚିନି'କୁ ମିଳିତ ଭାବରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। 'ଭୋକ' ଫିଲ୍ମ ପାଇଁ ଅଙ୍କିତ କୁମାର ଏବଂ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପନ୍ୱିତ ମହାପାତ୍ରଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି।'ଡାଲଚିନି' ପାଇଁ ସୂର୍ଯ୍ୟମୟୀ ମହାପାତ୍ର ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି।

**୨୦୨୨**

୨୦୨୨ ମସିହା ପାଇଁ ସମ୍ମାନଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀ ପୁରସ୍କାର ବିଶିଷ୍ଟ ହାସ୍ୟାଭିନେତା ଜୟୀରାମ ସାମଲଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ଦୀପେନ୍ଦ୍ର ସାମଲଙ୍କ ପ୍ରଯୋଜିତ 'ଦମନ' କୁ ପୁରସ୍କୃତ କରାଯାଇଛି। ଏହି ଫିଲ୍ମ ପାଇଁ ବାବୁସାନ ମହାନ୍ତିଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ଦିଆଯାଇଛି। ଲୋପାମୁଦ୍ରା ମିଶ୍ର ଶେଷ୍ଠ ଅଭିନେତ୍ରୀ (ବୋଉର ହାତବାକ୍ସ), ସୁଧାଂଶୁ ମୋହନ ସାହୁ ଶ୍ରେଷ୍ଠ ନିର୍ଦ୍ଦେଶକ (ମାୟାବୀ) ଏବଂ ପଙ୍କଜ ଜାଲ୍‌ଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଖରା) ଭାବରେ ପୁରସ୍କୃତ ହୋଇଛନ୍ତି।

## କେବଳ ସଂଖ୍ୟାରେ ସୀମିତ

ଚଳିତ ବର୍ଷ ମଧ୍ୟ ୩୦ରୁ ଅଧିକ ସିନେମା ପରଦା ଉପରକୁ ଆସିଛି। ହେଲେ ସଫଳତାକୁ ବିଚାରକୁ ନେଲେ ମାତ୍ର ହାତଗଣତି କେତୋଟି ଏହି ବର୍ଷ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମୋଟ ୩୭ଟି ସିନେମା ମୁକ୍ତିଲାଭ କରିଛି। ସେଗୁଡିକ ହେଲା-'ସମୟ କହିବ କିଏ କାହାର'(ଓମ୍, ଅମ୍ଲାନ, ସୋନମ), 'ଡିୟର ପୁରୁଷ' (ସିଦ୍ଧାନ୍ତ ମହାପାତ୍ର), 'ଦଶମ' (ଶୈଳେନ୍ଦ୍ର ସାମନ୍ତରାୟ, ନୀଳାକ୍ଷୀ ପାତ୍ର), 'ଶାନ୍ତି ଆପାର୍ଟମେଣ୍ଟ' (ଦ୍ୱିପାନୀତ ମହାପାତ୍ର, ରାଗିଣୀ), 'କେମିତି ଏ ସମ୍ପର୍କ' (ଆକାଶ ଦାସନାୟକ, ଏଲିନା ସାମନ୍ତରାୟ). 'ମୋ କାହାଣୀରେ ତୋରି ନାଁ' (ଲୁବୁନ୍, ଅଙ୍କିତା ଦାଶ), 'ଆସିକ ସରେଣ୍ଡର ହେଲା' (ସମ୍ଭବ, ଜୟା ବିଶ୍ୱାସ), 'ଆକାଶବାଣୀ' (ରୋହନ, ପୂଜା), 'ଭୋଟ' (ସୁଶାନ୍ତ, ଶ୍ରେୟା), 'ବସ୍' (ବର୍ଷା ପ୍ରିୟଦର୍ଶିନୀ), ' ତ୍ରିକନ୍ୟା' ( ମନୋଜ ମିଶ୍ର, ବର୍ଷା ପଟ୍ଟନାୟକ), 'ଅପରେଶନ ୧୨/୧୭' (ପଙ୍କଜ ମହାନ୍ତି, ଭୂମିକା ଦାଶ), 'ଯେତେ ଗୋରୀ ସେତେ ଷ୍ଟୋରି', (ସବ୍ୟସାଚୀ, ରାଧିକା ପ୍ରୀତି), 'ବିଗୁଲ' ( ଅନୁଭବ, ଦେବାନନ୍ଦ, ସୁପ୍ରିୟା ନାୟକ), 'ସିନ୍ଦୂରା' (ଅଭିଷେକ ଗିରି, ସୁପ୍ରିୟା ନାୟକ), 'ତେଜସ୍ୱିନୀ' (ପଲ୍ଲବୀ ପ୍ରିୟଦର୍ଶିନୀ, ଜୀବନ ପଣ୍ଡା), 'ପାବାର' (ବାବୁସାନ୍,ଏଲିନା ସାମନ୍ତରାୟ), 'ଚନ୍ଦ୍ରବଂଶୀ' (ଆକାଶ, ପୁନମ ମିଶ୍ର), 'କୁହୁଡି' (ଅନୁଭବ, ସୁପ୍ରିୟା ନାୟକ), 'ସୀତା' (ଦେବଯାନୀ, ସମରେଶ), 'ସଲାମ ଭୁବନେଶ୍ୱର' (ରାଜବୀର), 'ଭଗିଆ ଭାରିଯା' (ହରିହର ମହାପାତ୍ର, ଦେବଯାନୀ), 'ବାବାଜୀକା ଠୁଲୁ' (ଦେବରାଜ, ଶ୍ୱେତା), 'ଅପରାହ୍ନର ସୂର୍ଯ୍ୟ' (କଳିଙ୍ଗ ଦାସ, ଜୟା ସ୍ୱାମୀ), 'ସମୀକ୍ଷା' (ଧୀର ମଲ୍ଲିକ, ଧରିତ୍ରୀ ଖଣ୍ଡୁଆଳ), 'ଆଇ ଲଭ୍ ୟୁ-୨' (ଆଦିତ୍ୟ, ଅପସରା ରାଣୀ), 'ଆଶ୍ରମ' (ମହାଶ୍ୱେତା ରାୟ, ଅଭିଷେକ ଗିରି, ସୂର୍ଯ୍ୟମୟୀ), 'ଆଭା' (ଅନୁ ଚୌଧୁରୀ, ସୋନା ମଲ୍ଲିକ), 'କର୍ମ' (ଅନୁଭବ, ସୂର୍ଯ୍ୟମୟୀ, ଦିବ୍ୟାଦିଶା), 'ଭିଲେନ୍' (ଅର୍ଦ୍ଧେନ୍ଦୁ ସାହୁ, ତମନ୍ନା), 'ଖୋକା ଭାଇ ତୁମରି ପାଇଁ' (ସ୍ୱରାଜ, ଲକିମନୀଷା), 'ଦୁର୍ଗା' (ରାଜ ରାଜେଶ, ପୁନମ ମିଶ୍ର), 'ହାଫ ଗାର୍ଲଫ୍ରେଣ୍ଡ' (ସୁନୀଲ କୁମାର, କୁକିଜ ସ୍ୱାଇଁ), 'ପ୍ରେମୀ ଆୱାରା' (ଓମ୍‌କାର, ଅଙ୍କିତା), 'ତୁ ମୋ କମଜୋରୀ' (ରାକେଶ, ଲିପିକା,ଅନୁଭା), 'ପରବ' (ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ) ଏବଂ 'ଅକ୍ସିଜେନ୍' (ସମ୍ବିତ, ତମନ୍ନା)। ନୂଆ ସିନେମା ନିର୍ମାଣ ଧାରା ଜାରି ରହୁ- ଏଥିରେ କାହାର ଦ୍ୱିମତ ନାହିଁ, ହେଲେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସିନେମା ନିର୍ମାଣ ହେଲେ ତାହା ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ।


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ-ପୁନମ


'ଆଶ୍ରମ' ଫିଲ୍ମରେ ସୂର୍ଯ୍ୟମୟୀ


'ଆସିକ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା ବିଶ୍ୱାସ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୬/୨୦୨୪ Bhubaneswar, Thursday, December 26/ 2024

## ଓଡ଼ିଶା ଆଜି ପଶ୍ଚିମବଙ୍ଗକୁ ଭେଟିବ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ):** ହାଇଦ୍ରାବାଦର ଡେକାନ ଆରେନାରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ ରାଉଣ୍ଡର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ମୁକାବିଲା ହେବ। ଏହି ଦିନ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ମଣିପୁର ଓ ଦିଲ୍ଲୀ ମଧ୍ୟରେ ମୁକାବିଲା ହେବ। ୨୭ ତାରିଖରେ କେରଳ-ଜମ୍ମୁ କଶ୍ମୀର ଏବଂ ମେଘାଳୟ-ସର୍ଭିସେସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଗ୍ରୁପ୍ 'ଏ' ଶୀର୍ଷ ସ୍ଥାନରେ ରହି ଓଡ଼ିଶା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ଏଥିରେ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଗତ ୧୫ ତାରିଖରେ ଦିଲ୍ଲୀ ନିକଟରୁ ୦-୨ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗୋଆକୁ ୨-୦ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖି ନ ପାରି ଦଳ ତୃତୀୟ ମ୍ୟାଚରେ କେରଳଠାରୁ ୦-୨ ଗୋଲରେ ହାରି ଯାଇଥିଲା। ତେବେ ୪ର୍ଥ ମ୍ୟାଚକୁ ତାମିଲନାଡୁ ବିପକ୍ଷରେ ୧-୧ ଏବଂ ୫ମ ତଥା ଅନ୍ତିମ ମ୍ୟାଚକୁ ମେଘାଳୟ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ରୋହିତଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର

**ମେଲବୋର୍ନ, ୨୫।୧୨ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଏହି ଟେଷ୍ଟରେ ଫର୍ମରେ ନ ଥିବା ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟିଂ ପୋଜିଶନ ଉପରେ ନଜର ରହିବ। ରୋହିତ କ୍ରିସମସ ଅବସରରେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ତେଣୁ ସେ ଟପ୍ ଅର୍ଡରରେ ଲୋକେଶ ରାହୁଲଙ୍କ ସ୍ଥାନରେ ଇନିଂସ ଓପନ କରିପାରନ୍ତି ବୋଲି ଆଲୋଚନା ହେଉଛି। ଯଦି ଏହା ହୁଏ ତେବେ

**ଆଜିଠୁ ବକ୍ସିଂ ଡେ ଟେଷ୍ଟ**

ରାହୁଲ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ଶୁବମନ ଗିଲ୍ ମିଡିଲ ଅର୍ଡରରେ ଖେଳିବେ ନଚେତ ଧ୍ରୁବ ଜୁରେଲ ପ୍ଲେଇଂ ଇଲେଭେନ୍‌ରେ ସ୍ଥାନ ପାଇବେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଏହା ଚତୁର୍ଥ ଟେଷ୍ଟ ହୋଇଥିବାବେଳେ ଉଭୟ ଦଳର ସ୍ଥିତି ବର୍ତ୍ତମାନ ୧-୧ ରହିଛି। ପର୍ଥରେ ଭାରତ ୨୯୫ ରନରେ ବିଜୟୀ ହୋଇଥିବାବେଳେ ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ ହୋଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ବ୍ରିସବେନ୍ ଟେଷ୍ଟ ଡ୍ର ରହିଥିଲା। ତେଣୁ ସିରିଜରେ ଅଗ୍ରଣୀ ନେବା ପାଇଁ ଉଭୟ ଦଳ ମେଲବୋର୍ନରେ ଚେଷ୍ଟା କରିବେ।



ବ୍ୟାଟିଂ ଅଭ୍ୟାସ ଅବସରରେ ରୋହିତ ଶର୍ମା।

ରୋହିତ ୨୦୧୯ରୁ ମିଡିଲ ଅର୍ଡର ପରିବର୍ତ୍ତେ ଓପନିଂ ସ୍ଥାନରେ ବ୍ୟାଟିଂ କରି ଆସୁଥିଲେ। ମାତ୍ର ଚଳିତ ସିରିଜରେ ରାହୁଲ ଫର୍ମରେ ଥିବାରୁ ତାଙ୍କୁ ଆଡିଲେଡ୍ ଓ ବ୍ରିସବେନ୍‌ରେ ଓପନିଂ ସୁଯୋଗ ମିଳିଥିଲା। ଆଗାମୀ ଟେଷ୍ଟରେ ଯଦି ରୋହିତ ଓପନ କରନ୍ତି ତେବେ ଗିଲ୍ ୫ ନମ୍ବରରେ ବ୍ୟାଟିଂ କରୁଛନ୍ତି ନା ଡ୍ରପ୍ ହେଉଛନ୍ତି ତାହା ଦେଖିବାର ଅଛି। ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଅଧିନାୟକ ରୋହିତ ବ୍ୟାଟିଂ ପୋଜିଶନକୁ ନେଇ ସେପରି କିଛି ସ୍ପଷ୍ଟ କରି ନାହାନ୍ତି। ଆମେ ଆଲୋଚନା କରି ନିଷ୍ପତ୍ତି ନେବୁ ବୋଲି କହିଛନ୍ତି। ଆଡିଲେଡ୍‌ରେ ପିଙ୍କବଲ୍ ଟେଷ୍ଟରେ ବିପର୍ଯ୍ୟୟ ପରେ ଗାବାରେ ମ୍ୟାଚ ଡ୍ର ଭାରତକୁ ଆଶ୍ୱସ୍ତ କରିଛି।

ମେଲବୋର୍ନ ହେଉଛି ଭାରତର ଫେଭରାଇଟ ଅଷ୍ଟ୍ରେଲିଆନ ଭେନ୍ୟୁ। ଏଠାରେ ୨୦୧୪ ସିରିଜଠାରୁ ଭାରତ ଅପରାଜେୟ ରହିଛି। ଶେଷ ୩ଟି ସିରିଜ ମଧ୍ୟରୁ ଭାରତ ୨ଟିରେ ୨୦୧୮-୧୯ ଓ ୨୦୨୦-୨୧ରେ ବିଜୟୀ ହୋଇଛି। ୨୦୧୪-୧୫ ସିଜନର ଟେଷ୍ଟ ଡ୍ର ରହିଥିଲା। ବର୍ତ୍ତମାନ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ୩ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ ଓ ଶୁବମନ ଗିଲ୍, ଜଣେ ଆତ୍ମବିଶ୍ୱାସୀ ଓପନର ଲୋକେଶ ରାହୁଲ ଏବଂ ୨ ଜଣ ଅଭିଜ୍ଞ ବିରାଟ କୋହଲି ଓ ରୋହିତ ଶର୍ମା ଥିଲେ ମଧ୍ୟ କାହାର ପୋଜିଶନ ପକ୍କା ନୁହେଁ। ସ୍ଥାନ ବଜାୟ ରଖିବାକୁ ହେଲେ ସେମାନଙ୍କୁ ଘରୋଇ ଦଳ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କ୍ରିକେଟର ଭବିଷ୍ୟତଭାବେ ବିବେଚିତ ହେଉଥିବା ସାମ୍ କୋନ୍‌ଷ୍ଟାସ ଆଗାମୀ ଟେଷ୍ଟ ପାଇଁ ଦଳରେ ସାମିଲ ହୋଇଛନ୍ତି। ଆକ୍ରମଣାତ୍ମକ ଖେଳ ପାଇଁ ବିଶେଷ ପରିଚିତ କୋନଷ୍ଟାସ ଅନ୍ୟତମ ଓପନର ମ୍ୟାକସ୍ୱିନୀଙ୍କ ସ୍ଥାନ ନେଇଛନ୍ତି। ଅଷ୍ଟ୍ରେଲିଆ ପାଇଁ ଆଉଏକ ଭଲ ଖବର ହେଲା ଟ୍ରାଭିସ ହେଡ୍ ସମ୍ପୂର୍ଣ୍ଣ ଫିଟ୍ ହୋଇଛନ୍ତି। ସେ ନେଟ୍ସରେ ଅନେକ ସମୟ ବିତାଇଛନ୍ତି। ଚଳିତ ସିରିଜରେ ସେ ୮୯, ୧୪୦ ଓ ୧୫୨ ରନ ସ୍କୋର କରି ସାରିଥିବାରୁ ତାଙ୍କ ଉପରେ ଅଙ୍କୁଶ ଲଗାଇବାକୁ ହେଲେ ଭାରତୀୟ ବୋଲରଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ତାପମାତ୍ରା ୪୦ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଟେଷ୍ଟର ଦ୍ୱିତୀୟ ଦିବସରେ ମଧ୍ୟ ସମାନ ତାପମାତ୍ରା ରହିବ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇବା ସମ୍ପର୍କରେ ଗମ୍ଭୀରଭାବେ ଚିନ୍ତା କରିପାରେ। ଗତ କିଛିବର୍ଷ ଧରି ଏମସିଜି ପିଚ୍‌ରେ ଅଧିକ ଫାଟ ରହୁ ନ ଥିଲେ ମଧ୍ୟ ବାଉନ୍ସରେ ବିବିଧତାରୁ ନାଥାନ ଲିୟନ ଫାଇଦା ଉଠାଇବାରେ ସକ୍ଷମ ହୋଇଛନ୍ତି। ପିଚ୍‌କୁ ଦୃଷ୍ଟିରେ ରଖି ରୋହିତଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। ୱାଶିଂଟନ ସୁନ୍ଦର ଫିଟ୍ ଅଛନ୍ତି କି ନାହିଁ ତାହା ଅସ୍ପଷ୍ଟ। ନୀତୀଶ ରେଡ୍ଡୀଙ୍କୁ ଡ୍ରପ୍ କରିବା ମଧ୍ୟ ବୁଦ୍ଧିମାନର କାର୍ଯ୍ୟ ହେବନାହିଁ। କଣ୍ଡିଶନକୁ ଦୃଷ୍ଟିରେ ରଖି ଆକାଶ ଦୀପଙ୍କୁ ନିଆଯିବ ନା ଅନ୍ୟ ଜଣେ ଦ୍ରୁତ ବୋଲରଙ୍କୁ ସୁଯୋଗ ଦିଆଯିବ ଏପରି ଅନେକ ପ୍ରଶ୍ନ ରହିଛି।

ଅଷ୍ଟ୍ରେଲିଆ ଇତିମଧ୍ୟରେ ପ୍ଲେଇଂ ଇଲେଭେନ ଘୋଷଣା କରିସାରିଛି। ଦଳରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସମେତ ଉସମାନ ଖ୍ୱାଜା, ସାମ୍ କୋନ୍‌ଷ୍ଟାସ, ମାର୍ନସ ଲାବୁସେନ, ଷ୍ଟିଭ୍ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କାରେ, ମିଚେଲ ଷ୍ଟାର୍କ ଓ ସ୍କଟ ବୋଲାଣ୍ଡ ସ୍ଥାନ ପାଇଛନ୍ତି।

## ଓଡ଼ିଶା ଦଳ ଘୋଷିତ



ଗଙ୍ଗୋତ୍ରୀ ବେହେରା ଓ ସ୍ୱାଗତିକା ରଥ ଓଡ଼ିଶା ଦଳ ଘୋଷଣା କରୁଛନ୍ତି।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨୦୨୪-୨୫ ସିଜନ ଅନ୍ତର୍ଗତ ୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ବେଙ୍ଗାଲୁରୁଠାରେ ଜାନୁଆରୀ ୪ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପାଇଁ ଓସିଏ ମହିଳା ଚୟନ କମିଟି ଅଧ୍ୟକ୍ଷ ଗଙ୍ଗୋତ୍ରୀ ବେହେରା ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ବୁଧବାର ୧୬ ଜଣିଆ ଦଳ ଘୋଷଣା କରିଛନ୍ତି। ପୂଜା ଯାଦବଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶା ଜାନୁଆରୀ ୪ରେ ବିହାର ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୬ରେ ମେଘାଳୟ,

**୧୯ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ**

୮ରେ ଉତ୍ତରାଖଣ୍ଡ, ୧୦ରେ ମୁମ୍ବାଇ ଓ ୧୨ରେ ବେଙ୍ଗଲକୁ ଭେଟିବ। ଓଡ଼ିଶା ଦଳ: ପୂଜା ଯାଦବ (ଅଧିନାୟିକା), ପ୍ରାର୍ଥନା ପ୍ରତିଶ୍ରୁତି, ପ୍ରିୟଙ୍କରି ମୁଦୁଲି, ଅନନ୍ୟା ମିଶ୍ର, ଅର୍ଚନା ରାଉତ, ମିତାଲି ଶର୍ମା, ଆଞ୍ଜେଲ ରାଜ, ଶ୍ରେୟା ପ୍ରୀୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂ, ଏସ.ବି. ଲରେନ୍ସ, ଏମ.ଏସ. ଶୁଭଶ୍ରୀ ପ୍ରମାଣିକ, ବିଜୟଲକ୍ଷ୍ମୀ ବେହେରା, ଗାୟତ୍ରୀ ଖୁଣ୍ଟିଆ, ଅନନ୍ୟା ରାଉତ, ସ୍ୱତିକା ବେହେରା, ଇଶିତା ପାଣି।

## ଜାତୀୟ ଜୁନିୟର ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଖେଳାଳି।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଚଣ୍ଡିଗଡ଼ର ପଞ୍ଜାବ ୟୁନିଭର୍ସିଟି ପରିସରରେ ୧୯ଶ ଜାତୀୟ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଶିବ ବିରୁଆ ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱାଧୀନ ସାମଲ, ସାଇ ପ୍ରୀତମ ମହାନ୍ତି, ଆର୍ଯ୍ୟ କୁମାର ପ୍ରଥମେଶ, ନିରୋବାସ ଆସେମ, କୁନାଲ ନାଓରବାମ, ବୁଲିଆନ ଲାଇଶ୍ରମ, ଲୋଉକ୍ରାମପାମ ଥାୟାଙ୍ଗବା ମାଙ୍ଗାଗ୍ ଖେଳାଳିଭାବେ ସ୍ଥାନ ପାଇଛନ୍ତି। କୋଚ୍ ମହମ୍ମଦ ଅନସାରୁଲ ହକ୍ ଦଳସହ ଚଣ୍ଡିଗଡ଼ ଯାତ୍ରା କରିଛନ୍ତି। ଭୁବନେଶ୍ୱର ଛାଡ଼ିବା ପୂର୍ବରୁ ଓଡ଼ିଶା ଦଳକୁ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ, ସ୍ୱାମୀ ସତ୍ୟ କୁମାର ନନ୍ଦ ସରସ୍ୱତୀ, ଜୟଚନ୍ଦ୍ର ନାୟକ ଓ ଅଶୋକ କୁମାର ରାଉତରାୟ ପ୍ରମୁଖ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉପସଭାପତି ଦିଲୀପ କୁମାର ମହାନ୍ତି, ରୁଦ୍ର ନାରାୟଣ ବେହେରା, ଟିଟନ ସାହୁ, ନିର୍ଭୟ କୁମାର ସାମନ୍ତରାୟ ଓ ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଓଡ଼ିଶା ୬୭ ରନରେ ବିଜୟୀ



ବିନାୟକ ସାହୁ

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ରାୟପୁରର ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୨୩ ବର୍ଷରୁ କମ୍ କ୍ରିକେଟ ମ୍ୟାଚରେ ଓଡ଼ିଶା ୬୭ ରନରେ ଗୋଆକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୪୭.୩ ଓଭରରେ ୨୧୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ସର୍ବାଧିକ ୪୯ ଓ ସାଓ୍ୱନ ପହାରିଆ ୪୫ ରନ କରିଥିଲେ। ବିପକ୍ଷ ଦଳର ଏସ. ପଲକର ଓ ଶାଦବ ଖାଁ ୩ଟି ଲେଖାଏ ଉଇକେଟ ନେଇଥିଲେ।

**୨୩ ବର୍ଷରୁ କମ୍ କ୍ରିକେଟ**

୨୧୯ ରନ ବିଜୟ ଲକ୍ଷ୍ୟରେ ଗୋଆ ୪୨ ଓଭରରେ ୧୫୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୟଶ କାଶଭାଙ୍କର ସର୍ବାଧିକ ୬୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବିନାୟକ ସାହୁ ଚମତ୍କାର ବୋଲିଂ କରି ୧୦ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୨୭ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ବାଦଲଙ୍କୁ ୨ଟି ଉଇକେଟ ମିଳିଥିଲା।

## ରାଜ୍ୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପଦକ ବିଜୟୀ ପାରା ଆଥଲେଟ୍।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ସମ୍ମାନୀୟ ଅତିଥି ଓଏସ୍‌ଡି ସୋନାଲି ଚାନ୍ଦ ଓ ହରେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପଦକ ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

## ଅଶ୍ୱିନଙ୍କ ରେକର୍ଡ ସହ ବୁମ୍‌ରା ସମକକ୍ଷ

**ଦୁବାଇ, ୨୫।୧୨ (ପି.ଟି.)**

ଭାରତ-ଅଷ୍ଟ୍ରେଲିଆ ୪ର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ସ୍ପିଡଷ୍ଟର ଯଶପ୍ରୀତ୍ ବୁମ୍‌ରା ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସର୍ବାଧିକ ରେଟିଂ ପଏଣ୍ଟ ପାଇବାରେ ପୂର୍ବତନ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି। ଏଥିସହ ଆଇସିସି ର୍‍ୟାଙ୍କିଙ୍ଗ୍‌ର ବୋଲର ତାଲିକାରେ ସେ ଶୀର୍ଷସ୍ଥାନ ମଧ୍ୟ ହାସଲ କରିଛନ୍ତି। ବ୍ରିସବେନ୍‌ରେ ଡ୍ର ଟେଷ୍ଟରେ ୯୪ ରନ ବିନିମୟରେ ୯ ଉଇକେଟ ହାସଲ ଯୋଗୁ ବୁମ୍‌ରା ୧୪ ରେଟିଂ ପଏଣ୍ଟ ପାଇଥିଲେ। ଫଳରେ ସେ ଅଶ୍ୱିନଙ୍କ ସମକକ୍ଷ ୯୦୪ ପଏଣ୍ଟ ପାଇବାରେ ସକ୍ଷମ ହୋଇଥିଲେ। ଅଶ୍ୱିନ ୨୦୧୬ରେ ଏହି ସଫଳତା ପାଇଥିଲେ। ଗୁରୁବାରଠାରୁ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହେବାକୁ ଯାଉଥିବାରୁ ବୁମ୍‌ରାଙ୍କ କ୍ଷେତ୍ରରେ ଅଶ୍ୱିନଙ୍କ ରେଟିଂ ପଏଣ୍ଟକୁ ଅତିକ୍ରମ କରିବା ସୁଯୋଗ ରହିଛି।

## ମାର୍ଟିନାଙ୍କୁ ରୌପ୍ୟ

**ଦୋହା, ୨୫।୧୨ (ପି.ଟି.):** ଏସିଆନ ଜୁନିୟର ଭାରୋତ୍ତୋଳନରେ ଭାରତର ମାର୍ଟିନା ଦେବୀ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଜୁନିୟର ୮୭+କେଜି ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ୧୮ ବର୍ଷୀୟା ମଣିପୁରର ମାର୍ଟିନା ମୋଟ ୨୨୫ (ସ୍ନାଚ୍ ୯୬, କ୍ଲିନ୍ ଆଣ୍ଡ ଜର୍କ ୧୨୯) କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ସେ କ୍ଲିନ୍ ଆଣ୍ଡ ଜର୍କରେ ରୌପ୍ୟ ଓ ସ୍ନାଚ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ତେବେ ଏଠାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହାନ୍ତି ମାର୍ଟିନା। ଚଳିତ ବର୍ଷ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଅବସରରେ ସେ ସ୍ନାଚ୍‌ରେ ୧୦୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୬ କେଜି ଉତ୍ତୋଳନ କରି ଜାତୀୟ ଜୁନିୟର ରେକର୍ଡର ଅଧିକାରୀ ହୋଇଥିଲେ। ମହାଦେଶୀୟ, ବିଶ୍ୱକପ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ବିଭାଗରେ ପଦକ ପ୍ରଦାନ କରାଯାଇଥାଏ।

## ସେମିରେ ବିହାରର ମା' କାମାକ୍ଷା

**ଆନନ୍ଦପୁର, ୨୫।୧୨**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ଖେଳପଡ଼ିଆରେ ବୁଧବାର ୨୫ତମ ମା' ତାରିଣୀ କପ୍ ଦ୍ୱିତୀୟ ଲିଗ ପର୍ଯ୍ୟାୟର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବିହାର ଓ ଜଗା ୟୁନାଇଟେଡ୍ ଭୁବନେଶ୍ୱର

**ମା' ତାରିଣୀ କପ୍ ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ନାମେଣ୍ଟ**

ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୧ ଗୋଲରେ ଅମିମାଂସିତ ଭାବେ ଖେଳ ଶେଷ ହେବା ପରେ ରେଫେରି ଟାଇବ୍ରେକରର ସହାୟତା ଲୋଡ଼ିଥିଲେ। ଏଥିରେ ବିହାର ୩-୨ ଗୋଲ ବ୍ୟବଧାନରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ପରାସ୍ତ କରି ସେମିଫାଇନାଲ ରାଉଣ୍ଡକୁ ପ୍ରବେଶ କରିଛି। ମୁଖ୍ୟ ରେଫେରୀ ରତ୍ନାକର ବାରିକଙ୍କ ସହ ପ୍ରସନ୍ନ ନାୟକ, ମାନସ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାବେଶ ହୋଇଥିଲା। ତରତରା ମା' ତାରିଣୀ ଫୁଟବଲ୍ କ୍ଲବ୍ ପକ୍ଷରୁ ସତ୍ୟବ୍ରତ ନାଇକ, ପ୍ରିୟବ୍ରତ ନାଇକ, ରାକେଶ ସାମଲ, ସୁଶୀଲ ସାମଲ, ସୁନୀଲ ସାମଲ, ଆକାଶ ନାଇକ, ଜଗନ୍ନାଥ ସାମଲ, ସୁରନ୍ଦର ନାଇକ, ରଶ୍ମୀରଞ୍ଜନ ନାଇକ, ଶୁଭମ ସାମଲ, ବିଭୁ ସାମଲ, ଅମୃତ ସାଗର ପାତ୍ର, ସ୍ମୃତି ନାଇକ, ସ୍ପନ୍ଦନ ନାଇକ, ସ୍ୱସ୍ତିକ ସାହୁ, ସୁଶାନ୍ତ ସାମଲ, ମନ୍ଦର ଜେନା, ଜିତେନ୍ଦ୍ର ସାମଲ, ସୁବ୍ରତ ସାମଲ ପ୍ରମୁଖଙ୍କ ସମେତ ସମସ୍ତ ସସସ୍ୟମାନେ ଖେଳକୁ ପରିଚାଳନାରେ ସହଯୋଗ କରିଥିଲେ।



ମା' ତାରିଣୀ କପ୍ ଫୁଟବଲର ଦ୍ୱିତୀୟ ଦିବସ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ଓଡ଼ିଶା ମହିଳା ଫୁଟ୍‌ବଲ ଦଳକୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଓଡ଼ିଶା ମହିଳା ଫୁଟବଲ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା।

**ଭୁବନେଶ୍ୱର, ୨୫।୧୨ (ତପନ ସ୍ୱାଇଁ)**

ଛତିଶଗଡ଼ର ନାରାୟଣପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପଡ଼ିଆରେ ରାଜମାତା ଜିଜାବାଇ ଟ୍ରଫି ପାଇଁ ଅନୁଷ୍ଠିତ ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ରନରଅପ୍ ହୋଇ ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା ଦଳକୁ ଭବ୍ୟ ସ୍ୱାଗତ କରାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ଅଧିକାରୀ ଏବଂ ଅନେକ ଫୁଟବଲ ପ୍ରେମୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ଗତ କିଛିବର୍ଷ ଧରି ଉନ୍ନତ ମାନର ପ୍ରଶିକ୍ଷଣ ଯୋଗୁ ଫୁଟବଲ ଦଳର ପ୍ରଦର୍ଶନ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ମହିଳା ଫୁଟବଲରେ ଓଡ଼ିଶା ଦଳ ଏଥର ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲା। ତାରକା ଖଚିତ ମଣିପୁର ଦଳଠାରୁ ଓଡ଼ିଶା ମାତ୍ର ଗୋଟିଏ ଗୋଲରେ ହାରି ରନରଅପ୍ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ୫୫ତମ ମିନିଟରେ ଅସେମ ରୋଜା ଦେବୀଙ୍କ ଏକମାତ୍ର ଗୋଲ ଦେଇ ମଣିପୁରକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଗତବର୍ଷ ଅର୍ଥାତ୍ ୨୦୨୩ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟବଲ ଦଳ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲା। ୨୦୦୭ ଓ ୨୦୧୧ ପରେ ଓଡ଼ିଶା ତୃତୀୟ ଥରପାଇଁ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହା ବ୍ୟତୀତ ୨୦୧୫ ଓ ୨୦୨୨ରେ ୨ ଥର ରୌପ୍ୟ ଏବଂ ୨୦୦୨ରେ ବ୍ରୋଞ୍ଜ ପଦକ ହାସଲ କରିବାର ରେକର୍ଡ ମଧ୍ୟ ବହନ କରୁଛି ଓଡ଼ିଶା ଦଳ। ପ୍ରକାଶ ଯୋଗ୍ୟ ଯେ, ସମ୍ମାନଜନକ ସନ୍ତୋଷ ଟ୍ରଫିରେ ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଆଶା ଉଜ୍ଜୀବିତ ରଖିଛି।

୧୯୯୧-୯୨ରୁ ଆରମ୍ଭ ହୋଇଥିବା ଜାତୀୟ ମହିଳା ଫୁଟବଲ ପ୍ରତିଯୋଗିତା ଇତିହାସରେ ଓଡ଼ିଶା ୭ ଥର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଥରେମାତ୍ର ଚାମ୍ପିୟନ ହୋଇଛି। ୨୦୧୦-୧୧ରେ ପ୍ରତିଯୋଗିତାର ୧୯ଶ ସଂସ୍କରଣରେ ଭିଲାଇଠାରେ ଫାଇନାଲରେ ପଶ୍ଚିମବଙ୍ଗକୁ ୫-୦ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା ଓଡ଼ିଶା। ଅନ୍ୟ ୬ ଥର ଫାଇନାଲରେ ମଣିପୁରଠାରୁ ୨୦୦୧-୦୨ରେ ସିଲିଗୁଡ଼ିଠାରେ ୦-୩, ୨୦୦୭-୦୮ରେ ହଳଦିଆଠାରେ ୧-୪, ୨୦୦୯-୧୦ରେ ଇମ୍ଫାଲଠାରେ ୦-୧, ୨୦୧୩-୧୪ରେ ଗୋଲାଘାଟଠାରେ ୧-୩, ୨୦୧୮-୧୯ରେ କଟକଠାରେ ୧-୨ ଓ ଏବେ ନାରାୟଣପୁରରେ ୦-୧ ଗୋଲରେ ପରାସ୍ତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ